
# पथिक पथाग्र

ସହଦେବ ସାହୁ



# ସଲିଳ ସମାଧି
# ଓ
# ଅନ୍ୟାନ୍ୟ ଗଳ୍ପ

ସହଦେବ ସାହୁ

ଜ୍ଞାନଯୁଗ ପବ୍ଲିକେଶନ
ଭୁବନେଶ୍ୱର

ସଲିଳ ସମାଧି ଓ ଅନ୍ୟାନ୍ୟ ଗଳ୍ପ

ଶ୍ରୀ ସହଦେବ ସାହୁ
କୁଳପତି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ISBN : 81 87781 - 61 - 0

ପ୍ରକାଶକ:
ଜ୍ଞାନଯୁଗ ପବ୍ଲିକେଶନ
ଏନ୍-୬/୪୨୮, ଆଇ.ଆର.ସି.ଭିଲେଜ
ନୂଆପଲ୍ଲୀ, ଭୁବନେଶ୍ୱର - ୧୫
ଫୋନ୍ - ୦୬୭୪-୨୫୫୨୦୯୧

ମୁଦ୍ରଣ :
କ୍ରିଏଟିଭ ଅଫସେଟ୍
ଏନ୍-୬/୪୨୮, ଆଇ.ଆର.ସି.ଭିଲେଜ
ନୂଆପଲ୍ଲୀ, ଭୁବନେଶ୍ୱର - ୧୫

ଡି.ଟି.ପି :
ଶ୍ରୀ ଗଙ୍ଗାଧର ମହାରଣା, ଷ୍ଟାମ୍ପସ୍ ଆଣ୍ଡ ଷ୍ଟାମ୍ପସ୍,
ଡି - ୩, ବକ୍ସି ଜଗବନ୍ଧୁ ନଗର,
ଭୁବନେଶ୍ୱର - ୭୫୧ ୦୧୪

ପ୍ରଥମ ପ୍ରକାଶ : ୨୦୦୩

ମୂଲ୍ୟ : ଟ.୭୨ ଙ୍କା

---

Published by Smt. Susama Bisoi on behalf of Gyanajuga Publication, N-6/428, IRC Village, Nayapalli, Bhubaneswar-751015, Orissa. Ph: (0674)-2552091.

ଯେଉଁମାନେ ବଞ୍ଚିବାର ନୂଆ ସ୍ୱାଦ ଯୋଗାଇଛନ୍ତି ସେହି

ସିଦ୍ଧାନ୍ତ, ଶ୍ରଦ୍ଧା ଓ ଅହନ୍

ଉଦ୍ଦେଶ୍ୟରେ

## ଲେଖକଙ୍କ ସୃଷ୍ଟି:

ଏ ଦିଗ ସେ ଦିଗ, ଆକାଶ କଇଁଆ, ଖଜୁରି ଗଛର ଶେଷ ପାହାଚ,·କଣ୍ଟାବାଡ, ସଲିଳ ସମାଧି, ଆଦି ଗଳ୍ପ ପୁସ୍ତକ;

ସମସ୍ୟା ଆଜି ଓ କାଲିର, ଅନ୍ୟର ଆଇନାରେ, ଭିନ୍ନ ଦେଶ ଭିନ୍ନ ଦୃଷ୍ଟି, ପ୍ରଶାନ୍ତ ଓ ଆଟ୍‌ଲାଣ୍ଟିକ୍ ମଝିରେ, ଆଦି ପ୍ରବନ୍ଧ ପୁସ୍ତକ;

ତାରକା ଯୁଦ୍ଧ ଓ ଅନ୍ୟାନ୍ୟ ପ୍ରବନ୍ଧ, ସୃଷ୍ଟିର ଜାତକ ଓ ଜୀବନ ଘଡି, ବିଜ୍ଞାନ ବୋଧ (୧ମ ଓ ୨ୟ ଖଣ୍ଡ), ଚଳନ୍ତି ବିଜ୍ଞାନ, ଆଖିର ଲୁଚକାଳି, ବିଜ୍ଞାନ ଓ ସମାଜ: ପ୍ରଭାବ ଓ ପ୍ରତିକ୍ରିୟା, ଯନ୍ତ୍ରପାତିର କାହାଣୀ, ଇଣ୍ଟରନେଟ୍‌ର କାହାଣୀ: ଅ ରୁ ହ ଯାଏ, ଆଦି ଲୋକ ବିଜ୍ଞାନ ପୁସ୍ତକ;

ସରଗର ଚାନ୍ଦ, ଦଇବୀ ପକ୍ଷୀ, ବୁଦ୍ଧି ହିଁ ବଳ, ବୁଦ୍ଧି ପରୀକ୍ଷା, ଯେତେ ଦୂର ସେତେ ପାଖ, ଆଖିର ଲୁଚକାଳି, ଅଦ୍ଭୁତ ପ୍ରାଣୀ ଜଗତ, ଗଛ ଗଛ ଗଛ, ବିଜ୍ଞାନ ରହସ୍ୟ,·ଏମିତି ବି ଉଦ୍ଭାବନ ହେଉଛି, ଆଦି ପିଲାଙ୍କ ଗଳ୍ପ ଓ ବିଜ୍ଞାନ ପୁସ୍ତକ

ନାସ୍‌ନାଲ ବୁକ୍‌ଟ୍ରଷ୍ଟ ପ୍ରକାଶିତ ପୁସ୍ତକ: ଆମେ ଅକାଳକୁ ଡାକି ଆଣୁଛୁ (ମୂଳଲେଖା), ପାଗଳା ଆମ୍ବ, ମିର୍ ଷ୍ଟେସ୍ ଷ୍ଟେସନ୍, (ଅନୁବାଦ):

ବରଗଛ ଓ ବସ୍ତି, ଭଜି କବିତା ପୁସ୍ତକ;

ଏ ଗାଇଡ୍ ଟୁ ଷ୍ଟାମ୍ପ କଲେକ୍ଟିଂ, ରେସ୍‌ପନ୍‌ସିଭ୍ ଆଡ୍‌ମିନିଷ୍ଟ୍ରେସନ୍, ଆୱାର ନାସ୍‌ନାଲ ସିମ୍ବଲ୍‌ସ, ଫକ୍ ଟେଲ୍‌ସ ଅଫ୍ ଓଡିଶା,·ଟେଲ୍‌ସ ଫ୍ରମ୍ ରାମାୟଣ, ଓଡିଶା ଏ ଟୁ ଜେଡ୍: ଆନ୍ ଆନୁଆଲ୍, ଆଦି ଇଂରାଜୀ ପୁସ୍ତକ

ଆକାଶ କୁସୁମ, ସୃଷ୍ଟିକୀ ଜନ୍ମପତ୍ରୀ, ଆଦି ହିନ୍ଦୀ ପୁସ୍ତକ

ଷ୍ଟାମ୍ପସ୍ ଆଣ୍ଡ୍ ଷ୍ଟାମ୍ପସ୍, ସିଗ୍‌ନେଟ୍, ଆଦି ପତ୍ରିକା ସମ୍ପାଦନା ।

ସ୍ତମ୍ଭକାର ଭାବେ ବିଭିନ୍ନ ପତ୍ର ପତ୍ରିକାରେ ନିୟମିତ ଲେଖା ତଥା ବେତାର ଓ ଦୂରଦର୍ଶନରେ କଥନ ।

ସାହିତ୍ୟ ପୁରସ୍କାର: ପଠାଣି ସାମନ୍ତ ପ୍ରତିଭା ପୁରସ୍କାର, ଉତ୍କଳ ସାହିତ୍ୟ ସମାଜ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ପୁରସ୍କାର, ସାରଳା ସମ୍ମାନ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଆଦି କୋଡିଏରୁ ଅଧିକ ।

ଉପାଧି: ସଜ୍ଜନ, ବିଦ୍ୟାରତ୍ନ ।

ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ଅନରାରୀ କର୍ଣ୍ଣେଲ୍ କମାଣ୍ଡାଣ୍ଟ ।

ଯୁକ୍ତରାଷ୍ଟ୍ର ଆମେରିକା, ବିଲାତ, ସ୍ୱିଡେନ, ଫ୍ରାନ୍‌ସ, ଜର୍ମାନୀ, ବେଲ୍‌ଜିୟମ୍, ହଲାଣ୍ଡ, ଡେନ୍‌ମାର୍କ, ଲଗ୍‌ଜେମ୍ବର୍ଗ, ଚୀନ୍, ଥାଇଲାଣ୍ଡ, ନେପାଳ ଭ୍ରମଣ ।

ଓଡିଶାର ବହୁତ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନର ଉପଦେଷ୍ଟା ବା ଅଧ୍ୟକ୍ଷ ।

ଭାରତୀୟ ଫିଲାଟେଲିକ୍ କଂଗ୍ରେସ୍‌ର ଅଧ୍ୟକ୍ଷ, ଜାତୀୟ ସ୍ତରର ଡାକଟିକଟ ପ୍ରଦର୍ଶନୀମାନଙ୍କରେ ବିଚାରପତି, ଭାରତ ସରକାରଙ୍କ ଫିଲାଟେଲିକ୍ ଆଡ୍‌ଭାଇଜରୀ କମିଟିର ସଦସ୍ୟ । ୨୦୦୦ ଓ ୨୦୦୨ରେ ଭୁବନେଶ୍ୱରରେ ଦୁଇଟି ଜାତୀୟ ଫିଲାଟେଲିକ୍ ଏଗ୍‌ଜିବିସନ୍ କରିବାର କୃତିତ୍ୱ ।

ଆଗ୍ରହ ବା ସଉକ: ଡାକଟିକଟ ସଂଗ୍ରହ, ମୁଦ୍ରା ସଂଗ୍ରହ, ମଲ୍‌ଟିମେଡିଆ କାର୍ଯ୍ୟ, ଲେଖାଲେଖି, ପଢାପଢି ।

୧୯୫୭ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓ ୧୯୫୯ ରେଭେନ୍‌ସା କଲେଜରୁ ଇଣ୍ଟରମିଡିଏଟ୍ ସାଇନ୍‌ସ ପରୀକ୍ଷାରେ ରାଜ୍ୟରେ ପ୍ରଥମ, ୧୯୬୧ ରେଭେନ୍‌ସା କଲେଜରୁ ଉତ୍କଳ ବିଶ୍ୱବିଦ୍ୟାଳୟରେ ବି.ଏ. ଅନର୍ସ (ରାଜନୀତି ବିଜ୍ଞାନ)ରେ ପ୍ରଥମ ଶ୍ରେଣୀ ଡିଷ୍ଟିଙ୍କସନ୍, ୧୯୬୩ ଆଲ୍‌ହାବାଦ ବିଶ୍ୱବିଦ୍ୟାଳୟରେ ଏମ୍.ଏ. (ରାଜନୀତି ବିଜ୍ଞାନ)ରେ ପ୍ରଥମ ଶ୍ରେଣୀରେ ପ୍ରଥମ ।

ବାରାଣସୀ ହିନ୍ଦୁ ବିଶ୍ୱବିଦ୍ୟାଳୟର ଇଣ୍ଟରନାସନାଲ ଆଫେୟାର୍ସ ରେ ଅଧ୍ୟାପକ, ବିଶ୍ୱଭାରତୀ ଶାନ୍ତିନିକେତନରେ ପବ୍ଲିକ୍ ଆଡମିନିଷ୍ଟ୍ରେସନରେ ପ୍ରାଧ୍ୟାପକ ।

ଭାରତୀୟ ପ୍ରଶାସନ ସେବାରେ ଯୋଗଦାନ ଜୁଲାଇ ୫, ୧୯୬୪ ।

ଏସ୍‌ଡିଓ ଉଦଳା ଠାରୁ ଆରମ୍ଭ କରି ଚିଫ୍ ସେକ୍ରେଟାରୀ ଯାଏ ରାଜ୍ୟ ସରକାରଙ୍କ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ । ଶେଷରେ ଭାଇସ୍‌ଚାନ୍‌ସେଲର ଓଡିଶା ୟୁନିଭର୍ସିଟି ଅଫ୍ ଆଗ୍ରିକଲଚର୍ ଆଣ୍ଡ ଟେକ୍ନୋଲଜି ।

ଠିକଣା: ଡି-୩, ବକ୍ସି ଜଗବନ୍ଧୁ ନଗର, ଭୁବନେଶ୍ୱର ୭୫୧୦୧୪ ।

# ସୂଚୀପତ୍ର


| | ବିଷୟ | ପୃଷ୍ଠା |
|---|---|---|
| ୧. | ଝିଅ ବଦଳି | ୧ |
| ୨. | ଧୃତରାଷ୍ଟ୍ର ସିନ୍‌ଡ୍ରୋମ୍ | ୭ |
| ୩. | ମଜୁରି ପୌରୁଷର | ୧୪ |
| ୪. | ଆତ୍ମହତ୍ୟା ସମ୍ମାନର | ୨୧ |
| ୫. | ସଳିତା | ୨୫ |
| ୬. | ସଲିଳ ସମାଧି | ୩୨ |
| ୭. | ନିତ୍ୟାନନ୍ଦର କଲିକତା | ୩୯ |
| ୮. | ରିସର୍ଚ୍ଚ | ୪୫ |
| ୯. | ସକଳ ତୀର୍ଥ ତୋ ଚରଣେ | ୫୨ |
| ୧୦. | ଘାସ କଟା ବରଂ ବେଶି ସମୟ ନିଏ | ୫୭ |
| ୧୧. | ମନ୍ତ୍ର ଶକ୍ତି | ୬୨ |
| ୧୨. | ବନ୍‌ସାଇ | ୭୧ |
| ୧୩. | ସରକାର ଝଡ଼ିପଡ଼ିଲା | ୭୫ |
| ୧୪. | ହସ୍ତରେଖା | ୮୧ |
| ୧୫. | ବିକଳ୍ପ ଅଦାଲତ | ୮୭ |
| ୧୬. | ପଲିବସ୍ତ୍ର | ୯୩ |
| ୧୭. | ଅନ୍ଧପୁତୁଳି | ୯୮ |
| ୧୮. | ଫୁଲରୀର ବଗିଚା | ୯୯ |
| ୧୯. | ବିଶ୍ୱାସେ ମିଳଇ ହରି | ୧୦୫ |

# ଝିଅ ବଦଳି

ସେ ଦିନ ଆମ ଶିକ୍ଷକ ଗୋଷ୍ଠୀ ଭିତରେ କେତେ ଆଲୋଚନା ହୋଇଗଲା । ନୂଆ ପ୍ରଧାନ ମନ୍ତ୍ରୀ ଟୋକା ଲୋକ । ନୂଆ ନୂଆ ଦିଗ୍‌ଦର୍ଶନ ଦେବେ ନାହିଁ ତ ଦେବ କିଏ ? ସୁତପା କହିଥିଲା, ତୁମେ ସବୁ ଭୁଲ ବୁଝିଛ । ଏହା ଭିତରେ ଗହୀରିଆ ଚାଷ ଅଛି । ପାଠପଢା ଉପରେ ନିର୍ଭର ନ କରି ଲୋକେ ଚାକିରି ପାଇବେ । ତା' ମାନେ କ'ଣ ? ନେତାମାନଙ୍କ ପିଲାଏ ହିଁ ଚାକିରି ପାଇବେ । ସେହିମାନଙ୍କ ଭିତରେ ହିଁ ଧରାଧରିରେ ପ୍ରତିଯୋଗିତା ହେବ ।

କାହିଁକି ? ଏବେ କ'ଣ ସେମିତି ହେଉ ନାହିଁ କି ? ପାଠ ପଢା ସାର୍ଟିଫିକେଟ୍ କି ଡିଗ୍ରୀ ଉପରେ ନିର୍ଭର କରି କୌଣସି ଚାକିରି ମିଳୁଛି କି? ଚାକିରି ପାଇଁ ତ ଆଉ ଥରେ ପରୀକ୍ଷା ଦେବାକୁ ପଡୁଛି । ତା' ଉପରେ ପୁଣି ମୌଖିକ ପରୀକ୍ଷା । ସେ'ଟା ଗୋଟିଏ ଫାର୍ସ । ନୁହେଁ ? ମୌଖିକ ପରୀକ୍ଷାରେ କିଏ ବେଶି ନମ୍ବର ପାଏ ? କେବଳ ସୁପାରିଶ ଆଣିଥିବା ପିଲାଏ, ମନ୍ତ୍ରୀ ବା ବଡ ବଡ ଅଫିସରଙ୍କ ପିଲାମାନେ କିମ୍ବା ଦେଇ ପାରିବା ଲୋକଙ୍କ ପିଲାଏ ।

ଯେତେ ଯାହା କଲେ ବି ଦୁନିଆରେ ପ୍ରିୟାପ୍ରୀତି ରହିବ । ମଣିଷ ହୋଇ ରକ୍ତ ସମ୍ପର୍କକୁ ଭୁଲିବ ବା କିଏ ? କିନ୍ତୁ ତୁମେ ସବୁ କ'ଣ ଭାବୁଛ ମେରିଟ୍‌ରେ କେହି ପିଲା ପାଉ ନାହାନ୍ତି ? ମୋର ଏ ଯୁକ୍ତିକୁ ସେଦିନ ମୋ ସାଙ୍ଗମାନେ କାଟି ଦେଇଥିଲେ ।

ମୁଁ ବେଶି ଯୁକ୍ତି କଲି ନାହିଁ । ମନ ଭିତରେ ଯୁକ୍ତିଟିଏ ରହିଗଲା : ସତେ ତ ! ଯଦି ସବୁ ସ୍ତରରେ ପ୍ରିୟାପ୍ରୀତି ଚାଲିଥାଆନ୍ତା ଗରିବ ପରିବାରରୁ ଆସିଥିବା, କୌଣସି ବଡ ଲୋକଙ୍କ ଆତ୍ମୀୟ ହୋଇ ପାରିନଥିବା, ମୋ ଭଳି ମଣିଷ କେମିତି ଚାକିରି ପାଇଥାନ୍ତା ? ତଥାପି ଅନେକ ଲୋକ କାହିଁକି ସବୁବେଳେ କହିହେଉଛନ୍ତି, ଖାଲି ମନ୍ତ୍ରୀ ଆଉ ଅଫିସରଙ୍କ ପିଲାମାନେ କିମ୍ବା ପଇସା ପୁଳାଏ ଦେଇପାରୁଥିବା ଲୋକଙ୍କ ପିଲାଏ ଆଜିକାଲି ଚାକିରି ପାଉଛନ୍ତି ?

ସେ ଦିନ ମୁଁ ଦେଖିଥିଲି ଶ୍ରୀମତୀ ସୋହାଗିନୀ ଦେବୀଙ୍କ ଆଖିରେ ଆଖିଏ ଲୁହ । ହଠାତ୍ ଏତେ ଲୁହ! ସୋହାଗିନୀର ମୁହଁ ଦୁଃଖର ଛବି ହୋଇଗଲା । ମନେ ମନେ କାରଣ ଖୋଜିଲି । କିଛି ଭାବି ନ ପାରି ସୋହାଗିନୀକୁ ପଚାରିଲି । କିନ୍ତୁ ସଙ୍ଗୀତା ଉତ୍ତର ଦେଲା : ଏ କଥାର ପରୀକ୍ଷା ନିରୀକ୍ଷା କରିବା ପାଇଁ ଭଗବାନ ତାକୁ ସୁବିଧା ଦେଇ ନାହାନ୍ତି ବୋଲି ତାର ଦୁଃଖ, । ମୁଁ ବୁଝିଲି, ନିସନ୍ତାନ ମାଆମାନେ ପିଲାପିଲି କଥା ପଡିଲେ ସେମାନଙ୍କ ଆଖିରୁ ଏମିତି ଲୁହ ଝରାନ୍ତି ।

ସୋହାଗିନୀର କାହାଣୀ ଶୁଣିଲେ କେତେ ଲୋକ ଚୁଁ ଚୁଁ କରି ସାନ୍ତ୍ୱନା ଦିଅନ୍ତି ।

କେତେକ ଖଳ ପ୍ରକୃତିର ତ ଥାଆନ୍ତି ! ସେମାନେ ଫୁସ୍‌ଫୁସ୍ ହୁଅନ୍ତି : ଏମିତି ନାଁ ଟା କାହିଁକି ତା ବାପା ମା ଦେଲେ ? ଏବେ ଲୋକେ କ'ଣ କହୁଛନ୍ତି, ଯଦି ବାପା ମାଆ ତା ନାମକରଣ ବେଳେ ଭାବି ପାରି ଥାନ୍ତେ ! ବିବାହର ଅଳ୍ପ ଦିନରେ ସେ ବିଧବା । ଯିଏ ଯେଉଁ କଥାକୁ ଡରେ, ତା'କୁ ସେ କଥା ବେଶି ଶୁଭେ । ପିଲାଛୁଆ କଥା ଆଲୋଚନା ହେଲେ ସୋହାଗିନୀ ଭାବେ ଲୋକେ ଜାଣିଶୁଣି ତାର ନିଃସନ୍ତାନତ୍ୱକୁ ହେଜାଇ ଦେବା ଲାଗି ଏ କଥା ଉଠାଉଛନ୍ତି ।

ଶିକ୍ଷା ମନ୍ତ୍ରୀଙ୍କ ବାରଣ୍ଡାରେ ବସି ବସି ଥକି ଯାଇଥିବା ବେଳେ ମୁଁ ଏମିତି କେତେ କଥା ଭାବୁଥିଲି । ଗୋଟିକ ପରେ ଗୋଟିଏ ବିଦା ହେଉଥାନ୍ତି; ନୂଆ ଲୋକଙ୍କ ପାଳି ପଡୁଥାଏ । କେତେ ବେଳେ ମୋର ପାଳି ପଡିବ କେଜାଣି !

ଚାକିରି କରି ବଦଳିକୁ ଡରିବି, ଏକଥା ମୁଁ କେବେ ଭାବି ନାହିଁ । କିନ୍ତୁ ମନଇଛା ବଦଳି କାହିଁକି କରା ଯାଉଛି ତାହାର ପ୍ରତିକାର ମୁଁ ଚାହେଁ । ବଦଳି ହେବାଟା କ'ଣ କେବଳ ମୋ'ରି ଭାଗ୍ୟରେ ପଡିଛି ? କେତେ ପ୍ରଧାନ ଶିକ୍ଷୟିତ୍ରୀ ତ ଗୋଟିଏ ଜାଗାରେ ସାତ ଆଠ ବର୍ଷ ଧରି ଅଛନ୍ତି, କାହିଁ ସେମାନଙ୍କର ତ ବଦଳି ହେଉନାହିଁ ? ବାପା ଠିକ୍ କହୁଥିଲେ, ଆଜିକାଲି ଉପରେ ବନ୍ଧୁ ବାନ୍ଧବ କି ଚିହ୍ନାପରଚ କେହି ନଥିଲେ, ମନ୍ତ୍ରୀଙ୍କ କଣ୍ଢେଇ ହୋଇ ନାଚିବା ସାର ହେବ ! ସେଦିନ ସାଙ୍ଗମାନେ ବୋଧହୁଏ ସତ କହୁଥିଲେ ।

ଯାହାହେଉ ଆଜି ମୁଁ ଶେଷ ଚେଷ୍ଟା କରିବି । ଯଦି ମନ୍ତ୍ରୀ କିଛି ନ କଲେ ଆଉ ଆସିବି ନାହିଁ କି କାହାରିକୁ ଧରାଧରି କରିବି ନାହିଁ । ଏମିତି ଅଭିମାନ କରିବା ନିସହାୟର ସହାୟ ବୋଲି ତୁମେ କହିପାର, କିନ୍ତୁ ମୁଁ ସ୍ଥିର କରିନେଇଛି ।

ପୁଣି ପୁରୁଣା କଥା ସବୁ ଆସ୍ତେ ଆସ୍ତେ ମୁଣ୍ଡରେ ପଶିଲା । ଗତ ଥର ମନ୍ତ୍ରୀଙ୍କ ସ୍ତ୍ରୀ ନିଜେ ଡକାଇ ପଠାଇଥିଲେ । ମୋ କଥା ତାଙ୍କ ମନକୁ ପାଇଲା ଭଳି ତ ଜଣାଗଲା । କିନ୍ତୁ କିଛି ତ ହେଲା ନାହିଁ । ବଦଳିଟା ରଦ୍ଦ ହେବ ବୋଲି ଆଶ୍ୱାସନା ଦେଇଥିଲେ । ଆଜି ବୋଧହୁଏ ସେ ଏ ପର୍ଯ୍ୟନ୍ତ ଜାଣି ନାହାନ୍ତି ଯେ ମୁଁ ଆସିଛି । ପିଅନଟା କାଗଜ ଦେଇ ନାହିଁ କି କଣ !

ମନ୍ତ୍ରୀ ତାଙ୍କ ଘରେ ବିଭାଗ ବଣ୍ଟନ କରି ଦେଇଛନ୍ତି ବୋଲି ସେଦିନ ଶ୍ରୀମତୀ ମନ୍ତ୍ରୀ କହୁ ଥିଲେ । କେତେକ ଦୁଶ୍ଚରିତ୍ରା ତ ଅଛନ୍ତି, ସେମାନଙ୍କୁ ପାରି ହେବ ନାହିଁ । ଚାହୁଁ ଚାହୁଁ ତିନି ଚାରୋଟି ମନ୍ତ୍ରୀଙ୍କୁ ବଦନାମ କରି ଦେଲେଣି । ମହାରାଷ୍ଟ୍ରରେ ତ ଜଣେ ଉପ ମୁଖ୍ୟମନ୍ତ୍ରୀ ଗଲେ । ତେଣୁ ଆମ ବାବୁ ଠିକ୍ କରିଛନ୍ତି ସ୍ତ୍ରୀଲୋକମାନେ ମୋ ପାଖକୁ ଆସିବେ, ତାଙ୍କ ପାଖକୁ ଯିବେ ନାହିଁ ।

ହଁ ଲୋ ଝୁଅ ! କେତେ ଲୋକ କେତେ ପ୍ରକାରେ କାମ ଆଦାୟ କରି ନେବାକୁ ଚାହାନ୍ତି । ଯେଉଁମାନଙ୍କର କିଛି ନ କଲ, ସେମାନେ ବଦନାମ କରିଦେବେ ପରା ? ବାବୁ କହୁଥିଲେ ବ୍ଲାକ୍‌ମେଲ କରିବେ ପରା ! ବୁଝିଲୁ ଝୁଅ । ତୁ ମାତ୍ର ପାଞ୍ଚଶହ ଦେଇଯା'। ତୋ'ର ବଦଳି ହୋଇଗଲେ ମତେ ଗୋଟେ ସମ୍ବଲପୁରୀ ଦେଇଯିବୁ ।

ମନ୍ତ୍ରିଣୀଙ୍କ ଏକଥା ଶୁଣି ମୁଁ ଆଚମ୍ଭିତ ହୋଇ ଯାଇଥିଲି । ସତେ, ଯୁଗ କ'ଣ ହେଲାଣି ? ମୁଁ ଭାବିଥିଲି, ଜଣେ ସ୍ତ୍ରୀଲୋକ ପ୍ରତି ଆଉ ଜଣେ ସ୍ତ୍ରୀଲୋକ ସମବେଦନା ଜଣାଇବ, ମୋ ଦୁଃଖ ସେ ବେଶ୍ ବୁଝିପାରିବ । ଘରଦ୍ୱାର ଛାଡ଼ି ଏକୁଟିଆ ସ୍ତ୍ରୀଲୋକଟିଏ ଏତେ ଦୂର ଆସି ଅପେକ୍ଷା କରି କରି କି କଷ୍ଟ ପାଉଥିବ ସେ ବୁଝିବ, ଅପନ୍ତରା ଜାଗାରୁ ବଦଳି କରି ସହରକୁ ଆଣିବ ।

ମୁଁ ଭୁଲ ବୁଝିଲି । ଏ ସାଧାରଣ ସ୍ତ୍ରୀଲୋକ ନୁହେଁ । ଯେଉଁଠି ଟଙ୍କା ପଇସାର କାରବାର, ସେଠି ସମବେଦନାର ବି ମୂଲ୍ୟ ଅଛି । ତା ଦେବାକୁ ପଡ଼ିବ ।

ଆଗ ଥର ମୁଁ ପାଞ୍ଚଶହ ଖର୍ଚ୍ଚ କରିଥିଲି । ମନ୍ତ୍ରୀ ନେଲେ କି ନାହିଁ ଜାଣେ ନା । ସେତକ ନ ଦେଲେ ତ ହେବ ନାହିଁ, ଚାମଚା ଜଣେ କହିଥିଲା । ସେ ତ ଚାରି ବର୍ଷ ତଳର କଥା । ଏବେ ମନ୍ତ୍ରୀଙ୍କ ଘରେ ସିଧା ସଲଖ କାରବାର ହେଉଛି । ଅବଶ୍ୟ ସେଥର ମୋର ବଦଳି ହୋଇଥିଲା, ସହର ଭିତରକୁ ନୁହେଁ, ଉପକଣ୍ଠରେ ବାହାଦୁଲାପୁର ଏମ୍.ଇ. ସ୍କୁଲକୁ ।

ଏବେ ପୁଣି ଚଡ଼କ ପଡ଼ିଛି । ସେ ଗାଁ ପଞ୍ଚାୟତର ସରପଞ୍ଚ, ସମିତିର ଚେୟାରମେନ ନିର୍ବାଚନରେ ଜିତିଗଲେ । ପଞ୍ଚାୟତ ସମିତିର ଚେୟାରମେନ ଏମ୍.ଇ. ସ୍କୁଲର ପରିଚାଳନା କମିଟିର ବି ଚେୟାରମେନ । ତାଙ୍କୁ ଯେଭଳି ସମ୍ମାନ ଦେଖାଇବା କଥା, ମୁଁ ସେଥିରେ ହେଳା କରିନି । ଗଣେଶ ପୂଜା କରିବା ପାଇଁ ପିଲାଏ ଚାନ୍ଦାଭେଦା ଉଠାଇଲେ । ସଂଗୃହୀତ ହୋଇଥିବା ଅଢ଼େଇଶହ ଟଙ୍କା ମୋ ଜିମା ରଖିଲେ । ମୁଁ ସେଦିନ ଟେବୁଲ ଡ୍ରୟର ଖୋଲିଲା ବେଳକୁ ଟଙ୍କା ନାହିଁ । କେହି ମାନିଲେ ନାହିଁ । ପୋଲିସ୍‌କୁ ଖବର ଦେଲି । ପିଅନର କହିବା ଅନୁଯାୟୀ ଯେଉଁମାନେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ରୁମକୁ ଆସିଥିଲେ, ସେମାନଙ୍କୁ ପୋଲିସ ଜେରା କଲା । ପିଅନ୍‌ର ତାଲିକାରେ ଚେୟାରମେନ୍‌ଙ୍କ ଝିଅ ଥିଲା । ଆଉ ମୁଁ ଯାଏ କୁଆଡ଼େ ?

ସପ୍ତମ ଶ୍ରେଣୀ ଝିଅଟା, ଛୁଆଟିଏ ହେଇଛି, ଚୋରି କରିବ ? ଏଡ଼େ ବହପ ଏ ପ୍ରଧାନ ଶିକ୍ଷୟିତ୍ରୀର ?

ଚେୟାରମେନ୍‌ଙ୍କ ମୁହଁରୁ କେବଳ ଏତିକି ଶୁଣିଲି ନାହିଁ, ତାଙ୍କ ଧମକ ବି ଶୁଭିଥିଲା, ଦେଖୁଛି ତତେ କିଏ ଏଠି ରଖୁଛି ?

ଦଶଦିନ ଭିତରେ ଆସିଲା ମୋର ବଦଳି ଆଦେଶ । କୟାଁଗୋଲାର ନଇ ବଢ଼ିଆ ଅଞ୍ଚଳକୁ - ଦି' ତିନିଟା ନଇ ପାର ହୋଇ ଗୋଟିଏ କିଲୋମିଟର ରାସ୍ତା ଚାଲି ଚାଲି ଯିବାକୁ ପଡ଼ିବ । ଟାଉନ୍‌ରେ ଘର ଦ୍ୱାର ବାପା ମାଆଙ୍କୁ ଛାଡ଼ି ମୁଁ ଯିବି ଏତେ ବାଟ । ବସ୍ ରାସ୍ତା ତ ନାହିଁ, ବର୍ଷା ଦିନେ ଶଗଡ଼ ବି ଯାଇପାରେ ନାହିଁ । ସ୍କୁଲ ଇନ୍‌ସପେକଟ୍‌ରଙ୍କୁ ଦେଖା କଲି । ସେ କହିଲେ ଏମ୍.ଏଲ.ଏ. ତୁମ ପଛରେ ଲାଗିଛନ୍ତି । ବଦଳି ବନ୍ଦ ହୋଇ ପାରିବ ନାହିଁ ।

ସେଠାରୁ ଆସିଥିଲି ଭୁବନେଶ୍ୱର, ମନ୍ତ୍ରୀଙ୍କ ବସାକୁ । ପାଞ୍ଚ ହଜାର ନ ହେଲେ

ବଦଳି ବଦଳିବ ନାହିଁ । ରୋକ୍‌ଠୋକ୍ ବ୍ୟବସାୟ । କାନମୁଣ୍ଡ ଆଉଁସି ପକାଇଲି; ଏତେ ଟଙ୍କା କେଉଁଠୁ ଆଣିବି ?

ମୋ ମୁହଁରୁ ଏମିତି ଗୋଟିଏ ପ୍ରଶ୍ନ ବାହାରି ପଡିଲା, ୪ବର୍ଷ ତଳେ ପାଞ୍ଚଶହ ଦେଇ ପାର ହୋଇ ଯାଇଥିଲି, ୟା ଭିତରେ ଏତେ ବଢିଗଲାଣି ? ଏମ୍.ଇ.ସ୍କୁଲର ସାମାନ୍ୟ ହେଡ୍‌ମାଷ୍ଟ୍ରାଣୀ; କେତେ ଦରମା ପାଉଛି କଣ ମନ୍ତ୍ରୀଙ୍କ ସ୍ତ୍ରୀ ଜାଣି ନ ଥିବେ ? ପୁଣି ଭାବିଲି, ଯେଉଁଠି ମନ୍ତ୍ରୀ ପଇସାଖୋର୍ ସେଠି କିଛି ନଦେବି କହିଲେ କାମ କେମିତି ହେବ ?

ମୁଁ କହିଲି, ମାଉସୀ ପାଞ୍ଚଶହ ଦେଇ ପାରିବି । କିନ୍ତୁ, ମୁଣ୍ଡ ନୁଆଇଁ କହିଲି, ଆପଣଙ୍କ ଗୋଡ ତଳେ ପଡୁଛି, ମୋତେ ଟିକେ ଟାଉନ୍, ନ ହେଲେ ଟାଉନ୍ ପାଖ ସ୍କୁଲକୁ ବଦଳାଇ ଦିଅନ୍ତୁ । ଇନସ୍ପେକ୍‌ଟରଙ୍କୁ ଫୋନ୍ କରିଦେଲେ ସେ କରିଦେବେ । ଆପଣଙ୍କ କଥା ନିଶ୍ଚୟ ରଖିବେ ।

ମୁଁ କ'ଣ ହାତରୁ ଦେଇ ତୋ ଟ୍ରାନ୍‌ସଫର୍ ବନ୍ଦ କରିବି ? ଫୋନ୍ କରି କହିଲେ କ'ଣ କେହି ଶୁଣିବେ ? ଥରେ ଯାଜପୁର ଯାଇ ଆସିଲେ ପାଞ୍ଚଶହ ଟଙ୍କା ଖର୍ଚ୍ଚ । ସେଠି ବସି ରହି କାମ କରେଇବାକୁ ପଡିବ ।

ମୁଁ ଜାଣିଲି, ବେଶି ନେବା ପାଇଁ ସେ ହିସାବ ବଢାଉଛନ୍ତି । କହିଲି, ଆପଣ ବଡ ଲୋକ । ଏ ଗରିବ ଶିକ୍ଷୟିତ୍ରୀ ପ୍ରତି ଟିକେ ଦୟା କଲେ ବଦଳି ବନ୍ଦ ହୋଇଯିବ ।

ଗରିବ, ବଡଲୋକ କ'ଣ ମ ? ଏସବୁ ପଇସା କଣ ମୁଁ ଖୁସିରେ ନେଉଛି ? ମନ୍ତ୍ରୀ ତ ଗୋଟିଏ ଗୋଟିଏ ଇଲେକ୍‌ସନ୍ ଲଢି ସର୍ବସ୍ୱାନ୍ତ ହୋଇଯାଉଛନ୍ତି । ସେ ସବୁ ପଇସା ଆସିବ କୁଆଡୁ ? ଯଦି ଗରିବ, ଯୋଉଠିକି ହୋଇଛି, ସେଇଠିକି ଯାଉ ନୁ ? ପଇସା ବଞ୍ଚିବ, ଶସ୍ତାରେ ବି ଚଳି ପାରିବୁ ।

ସେଦିନ ଏମିତି ଶୁଣି ମୁଁ ଆଉ ଯୁକ୍ତି କରି ନଥିଲି । ଟଙ୍କା ତ ମୁହଁ ବଙ୍କା କରିଦେଇଛି । ସଳଖ କରି ଚାହୁଁଛନ୍ତି କେଉଁଠି ?

ଦର ବଢିଥିବ ଜାଣି ଆଜି ମୁଁ ପରା ତିନି ହଜାର ଧରି ଆସିଛି । ଚାଷଧାନ କିଛି ବିକି, ସାଙ୍ଗଠାରୁ କିଛି ଧାର, ଆଉ ମା'ବାପାଙ୍କଠାରୁ କିଛି ।

ମନ୍ତ୍ରୀଙ୍କ ବାରଣ୍ଡାରେ ଲୋକ ଭିଡ କିଛି ବେଶି । ଯୁବକମାନେ ବେଶି ହାଉ ଯାଉ । ସ୍ତ୍ରୀଲୋକ ଜଣେ ଦି'ଜଣ । ଗେଟ୍ ଭିତରକୁ ଗାଡି ଆସୁଛି । ଗେଟ୍ ବାହାରକୁ ଗାଡି ଯାଉଛି । ଯେତିକି ଲୋକ କାମ ସାରୁଛନ୍ତି, ତା'ଠୁ ବେଶି ଆସୁଛନ୍ତି । ଆଗରେ କୃଷ୍ଣଚୂଡା ଗଛଟା ବହୁତ ଅପେକ୍ଷାର୍ଥୀଙ୍କୁ ଛାଇ ଦେଉଛି । ମନ୍ତ୍ରୀଙ୍କ ଘରେ ଲୋକ ଭିଡ ଦେଖି ସେ ବି ଖୁବ୍ ଖୁସି ଜଣା ପଡୁଛି । ଲାଲ୍ ଟହ ଟହ ଫୁଲରେ ପୁରି ଉଠିଛି । ନଇଁ ପଡୁଥିବା ଡାଳରୁ ଜଣେ ଦି'ଜଣ ଯୁବକ ପେନ୍ଥାଏ କୃଷ୍ଣଚୂଡା ଛିଡାଇ ନେଉଛନ୍ତି । କିଏ ସାଇକେଲ ହାଣ୍ଡେଲ୍‌ରେ ଖୋସି ଦେଉଛି ତ ଆଉ କିଏ ସାଙ୍ଗ ସହ ଥଟ୍ଟା କରି ପିଠି ଆଡେ ସାର୍ଟ ଭିତରେ ଗଳାଇ ଦେଉଛି,

ଆଉ କିଏ ବାଳ ଉପରକୁ ଫୁଲ ଡେରି ଦେଇ କହୁଛି, ତୁ ବେଶ୍ ଆଦିବାସୀ ଝିଅଟିଏ ଭଳି ଦିଶୁଛୁ ।

ତୁମକୁ ମା ଡାକୁଛନ୍ତି ? ମୁଁ କୃଷ୍ଣଚୂଡା ଗଛରୁ ଦୃଷ୍ଟି ଫେରାଇ ଦେଖେ, ମନ୍ତ୍ରୀଙ୍କ ପିଅନ ମତେ ଲକ୍ଷ୍ୟ କରି କହୁଛି ।

ଭିତରକୁ ଗଲି । ମନ୍ତ୍ରୀଙ୍କ ସ୍ତ୍ରୀ ଶ୍ରୀମତୀ ମହାନ୍ତି ସୋଫା ଉପରେ ବସିଛନ୍ତି । ଆଉ କେହି ନାହିଁ । ମନେ ହେଲା ସେ ସମସ୍ତଙ୍କୁ ତଡି ଦେଇଛନ୍ତି । ନ ତଡିବେ କାହିଁକି ? ଏକଥା ଅନ୍ୟମାନେ ଦେଖିଲେ ଅପବାଦ ହେବନି ? କାଳ ବିଳମ୍ବ ନ କରି ମୁଁ ହାତ ଥଳିରୁ ତିନି ହଜାର କାଢି ସୋଫା ଉପରେ ରଖିଦେଲି ।

ଆଖି ପିଛୁଳାକେ ତାହା ଶ୍ରୀମତୀ ମହାନ୍ତିଙ୍କ ହାତ ଥଳି ଭିତରେ ଲୁଚିଗଲା । ସୋଫାଟା ଉପରକୁ ମୋତେ ଡାକିଲେ, ପାଖରେ ବସାଇଲେ । ପିଠି ଆଉଁସି ଗେହ୍ଲେଇ ଗେହ୍ଲେଇ କହିଲେ, ମୋ ଝିଅଟା କେଡେ ହଇରାଣ ହେଲାଣି ! ତୁ ଜମା ବ୍ୟସ୍ତ ହ'ନା । ଆର ଗୁରୁବାରକୁ ତୋର ବଦଳି ବନ୍ଦ ଅର୍ଡର ମିଳିଯିବ ।

'ନା, ମାଉସୀ, ଏତେ ଡେରି କରନ୍ତୁ ନାହିଁ ? ସେଠି ତ ଏମ୍.ଏଲ୍.ଏ. ମୋ ପଛରେ ଲାଗିଛନ୍ତି, ଇନସ୍ପେକ୍ଟର ମୋତେ କହୁଥିଲେ । ଆଉ କେତେ ଦିନ ସେ ସ୍କୁଲରେ ରହିପାରିବି ? ମୋତେ ଟାଉନ୍‌ର ଅନ୍ୟ ଯେ କୌଣସି ଏମ୍. ଇ. ସ୍କୁଲକୁ ନେଇ ଆସନ୍ତୁ ।

ଆଚ୍ଛା, ସେଇୟା କରିବି । ଗୁରୁବାର ହୋଇ ନ ପାରିଲେ, ସୋମବାରକୁ ହୋଇ ଯାଇଥିବ । ତୁ ଆଉ ଚିନ୍ତା କର ନା । ମନ ଖୁସିରେ ଘରକୁ ଯା' । ଝିଅଟାର କାମ କରିବି ନାହିଁ ତ ଆଉ କାହାର କରିବି ?

ଏତେ ବଡ ଆଶ୍ୱାସନା ପାଇ ମୁଁ ସାତଦିନ କାହିଁକି ଦଶଦିନ ଅପେକ୍ଷା କଲି । ଇନ୍‌ସ୍ପେକ୍ଟରଙ୍କ ଅଫିସ୍‌ରେ ବୁଝିଲି - କୌଣସି ଆଦେଶ ବାହାରି ନାହିଁ । ପୁଣି ଦଉଡିଲି ମନ୍ତ୍ରୀଙ୍କ ବସାକୁ ।

ଶ୍ରୀମତୀ ମହାନ୍ତି ମୋତେ ବହୁତ ବୁଝାଇଲେ । କହିଲେ, ଟିକେ ଅସୁବିଧା ହୋଇଗଲା । ତୁମକୁ ଟାଉନ୍ ଭିତରକୁ ଆଣିଲେ ଯାହାଙ୍କୁ ବଦଳି କରାଯିବ ସେ ସବୁ କୌଣସି ନା କୌଣସି ଏମ୍.ଏଲ୍.ଏ.ଙ୍କୁ ଧରି ରଖିଛନ୍ତି । ଇନ୍‌ସପେକ୍ଟର ପ୍ରତ୍ୟେକଙ୍କ ବିଷୟରେ କା'ର କେତେ ଦୂର ଚେର ଖୋଳି ଦେଖୁଛନ୍ତି । ଦିନେ ଦି' ଦିନ ଭିତରେ ହୋଇଯିବ ।

ମଇଧରପୁର ମ.ଇ. ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଦଶ ବର୍ଷ କାଳ ସେଠି ଅଛି, ତା'କୁ ବଦଳି କରି ମୋ ଜାଗାକୁ ଦେଉ ନାହାନ୍ତି, ମୁଁ ପରାମର୍ଶ ଦେଲି ।

ଶ୍ରୀମତୀ ମହାନ୍ତି ଇନ୍‌ସ୍ପେକ୍ଟରଙ୍କୁ ଫୋନ୍ ଲଗାଇବାକୁ ଜଣେ ଲୋକକୁ କହିଲେ । ସମ୍ଭବତଃ ଷ୍ଟେନୋ ବା ପାଖଲୋକ । ମୁଁ ଭାବୁଥିଲି କହି ଦେବି କି ସେ ଦିନ ଫୋନ୍ ଦ୍ୱାରା ନୁହେଁ ନିଜେ ଯାଇ ବଦଳି ଆଦେଶ କରାଇ ନେବେ ବୋଲି କହୁ ଥିଲେ ପରା !

ଅଳ୍ପ ସମୟରେ କଲ୍ ଆସିଗଲା । ମୁଁ ମନ୍ତ୍ରୀଙ୍କ ଘରୁ କହୁଛି, ଶ୍ରୀମତୀ ମହାନ୍ତି କହୁଛି । ବାହାଦଲାପୁର ସ୍କୁଲର ଯୋଉଁ ସୋହାଗିନୀ କଥା କହିଥିଲି ତା'କୁ ମଇଧରପୁର ଦେଇ ଦିଅନ୍ତୁ, ଆଜି ଅର୍ଡର କାଢନ୍ତୁ ।

ଅପର ପକ୍ଷରୁ ହଁ ଶୁଭିଲା । ସମସ୍ତେ ଜାଣନ୍ତି, ମନ୍ତ୍ରୀଙ୍କ ସ୍ତ୍ରୀ ଯାହା କହିବେ, ସର୍କଲ୍ ଇନ୍‌ସପେକ୍ଟର ପରମାନନ୍ଦ ପଟ୍ଟନାୟକ ତା' କରିବେ। ନହେଲେ ସେ ବର୍ତ୍ତମାନ ସ୍ଥାନରେ ରହିପାରିବେ ନାହିଁ ।

ବୁଝିଲୁ ଝିଅ । ତୋ'ର ମଇଧରପୁର ହୋଇଗଲା । ତୁ ଯା । ବାଟରେ ଇନ୍‌ସ୍ପେକ୍ଟର ଅଫିସ୍‌ରୁ ଅର୍ଡରଟା ନେଇଯିବୁ ।

ଏ ଥର ମୋ ଖୁସିର ସୀମା ରହିଲା ନାହିଁ । ବାଟରେ ଇନ୍‌ସ୍ପେକ୍ଟରଙ୍କ ଅଫିସ୍‌ରୁ ମୋ ଅର୍ଡର ପାଇଲି । ତିନି ହଜାର ଯୋଗାଡ କରିବାର କଷ୍ଟ, ଚାରି ଚାରି ଥର ମନ୍ତ୍ରୀଙ୍କ ବସାକୁ, ଇନ୍‌ସପେକ୍ଟର ଅଫିସ୍‌କୁ ଦଉଡିବାର କଷ୍ଟ ଉଭେଇଗଲା ।

ଅଫିସ୍‌ରୁ ବାହାରି ଆସିବା ବେଳେ ରାସ୍ତା ଉପରେ ମାମୁଁଙ୍କୁ ଭେଟିଲି । ମାମୁଁ ଡାକିଲେ, ମନା କରି ପାରିଲି ନାହିଁ । ଦୁଇ ଦିନ ରହିବାକୁ ବାଧ୍ୟ କଲେ । ସେ କହିଲେ, ବ୍ୟସ୍ତ କାହିଁକି ? ପଇସା ଦେଇ ଅର୍ଡର ଆଣିଛୁ, କିଏ ଛଡାଇ ନେବ ? ଏଠୁ ସିଧା ସ୍କୁଲ ଯାଇ ଜଏନ୍ କରିବୁ ।

ମାମୁଁ ମାଇଁଙ୍କ ଠାରୁ ବିଦାୟ ନେଇ ମୁଁ ଭଲ ଖବରଟା ବାପା ମାଆଙ୍କୁ ଜଣାଇବା ଲାଗି ଘରକୁ ଚାଲିଆସିଲି । ମଝିରେ ରବିବାର ପଡିଗଲା । ପର ଦିନ ମଇଧରପୁର ମ. ଇ. ସ୍କୁଲରେ ପହଞ୍ଚି ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ଦେବୀଙ୍କୁ ସର୍କଲ୍ ଇନସ୍ପେକ୍ଟରଙ୍କ ଅର୍ଡର ଦେଖାଇଲି ।

ଲବଙ୍ଗଲତା ମୋ କାଗଜଟା ମୋ ପାପୁଲି ଭିତରେ ଓଲଟା ଗେଞ୍ଜି ଦେଇ ଠୋ ଠୋ ହସିଦେଲା । ମୁଁ ତାହାର ଏଭଳି ବ୍ୟବହାରରେ ଆଶ୍ଚର୍ଯ୍ୟ ହେଉଥିବା ବେଳେ ସେ ଆଉ ଖଣ୍ଡିଏ କାଗଜ ଦେଖାଇ କହିଲା, ପଢ କଣ ଲେଖା ହୋଇଛି ।

ମଇଧରପୁର ମ. ଇ. ସ୍କୁଲକୁ ମୋର ବଦଳି ଆଦେଶର ଦୁଇ ଦିନ ପରେ ସର୍କଲ୍ ଇନସ୍ପେକ୍ଟର ତାକୁ ବାତିଲ୍ କରିଥିବାର ଆଦେଶ ଲବଙ୍ଗଲତାର ହାତରେ ।

ମନରେ ଯୋଉ ଧୋକା ସବୁବେଳେ ଉଙ୍କି ମାରୁଥିଲା ତାହା ଫିଟି ଗଲା, ତିନି ହଜାରରୁ ଅଧିକ ଟଙ୍କା ଆଉ ସମ୍ବଲପୁରୀଠାରୁ ବଳି ବନାରସୀ ଭଳି ଶାଢୀ ଦେଇ ଲବଙ୍ଗଲତା ଶ୍ରୀମତୀ ମହାନ୍ତିଙ୍କ ଝିଅ ହୋଇ ଯାଇଥିବ ।

*****

# ଧୃତରାଷ୍ଟ୍ର ସିନ୍‌ଡ୍ରୋମ୍

ଦିନେ ମ୍ୟାନେଜିଂ ଡିରେକ୍‌ଟର ଟମ ଟମ ହୋଇ ଅଫିସ୍ ଭିତରକୁ ପଶି ଆସିଲେ । ପର୍ସନାଲ ମ୍ୟାନେଜରଙ୍କୁ ଡାକି କହିଲେ, ଦେଖ, ମୁଁ ଚାହେଁ ନାହିଁ ଯେ ତୁମେ ମୋର ଚିହ୍ନା ପରିଚିତ କାହାରିକୁ ଅନୁଗ୍ରହ ଦେଖାଇବ । ସାଙ୍ଗରେ ଆଣିଥିବା ବାଇଶି ତେଇଶି ବର୍ଷର ଗୋଟିଏ ପିଲାକୁ ଦେଖାଇ କହିଲେ, ଏ ତୁମ ପାଖରେ ଶିକ୍ଷାନବିସ ହୋଇ ରହିବ । ମୋର ପୁଅ ବୋଲି ତାକୁ ବେଶି ଅନୁଗ୍ରହ ଦେଖାଇବ ନାହିଁ । ଅନ୍ୟ କର୍ମଚାରୀମାନଙ୍କୁ ଯେମିତି ଦେଖାଇଛ, ତାଠାରୁ ବେଶି ଦେଖାଇବା ଦରକାର ନାହିଁ ।

ଏ ହେଉଛି ଧୃତରାଷ୍ଟ୍ର ସିନ୍‌ଡ୍ରୋମ୍ । ଧୃତରାଷ୍ଟ୍ରଙ୍କ ଭଳି ପୁଅର ଇଚ୍ଛା ପୂରଣ କରିବାରେ ଯେଉଁ ବାପାମାନେ ଅନ୍ଧ ହୋଇ ପଡନ୍ତି, ସେମାନଙ୍କଠାରେ ଏହି ରୋଗ ଦେଖାଦିଏ । ଏତକ କହି ଫଣି ବାବୁ ଫେଁ ଫେଁ କରି ହସି ପକାଇଲେ । ଅରୁଣବାବୁ ଏ କଥା ପ୍ରତି ଧ୍ୟାନ ଦେଇ ନଥିଲେ । ଫଣିବାବୁ ଯେ ନିଜ କଥାରେ ହସି ପକାଇଲେ । ତାର ମର୍ମ ବୁଝିବା ପାଇଁ ଅରୁଣ ବାବୁ କଥା ଉଠାଇଲେ, କଣ କହିଲ ? ମୁଁ ବୁଝି ପାରିଲି ନାହିଁ ।

ଫଣିବାବୁ ତାଙ୍କର ସ୍ୱଭାବ ସୁଲଭ ପରିହାସମୂଳକ ଆଳାପରେ କହିଲେ, ମୁଁ କଣ କହିଲି କି, ଆଜିକାଲି ଚାରିଆଡେ ପୁଅମାନଙ୍କର ଯୁଗ । ସେମାନେ ପାରଙ୍ଗମ ବାପାଙ୍କ ପୁଅ । ବାପାଙ୍କ ପାରଙ୍ଗମ ପଣିଆର କିଛି କିଛି ଛିଟିକା ନିଶ୍ଚୟ ପୁଅ ଉପରେ ପଡିବ, ଯଦି ଆପଣ କହିବେ, ବାପ ପୁଅ ପ୍ରତି ପକ୍ଷପାତ କରୁଛି, ଏହା ଆପଣଙ୍କର ଭୁଲ ହେବ, ବାପାର ନୁହେଁ । ଧୃତରାଷ୍ଟ୍ର ଜାଣିଥିଲେ କୌରବ ପାଣ୍ଡବମାନଙ୍କ ମଧ୍ୟରେ ଅଧର୍ମ-ଧର୍ମ ଯୁଦ୍ଧ ହେଉଛି । ସାଧାରଣ ଜନତାକୁ ସେ ଖୋଲାଖୋଲି କହୁଥିଲେ ଯେ ସେ ଧର୍ମର ସପକ୍ଷରେ । କିନ୍ତୁ ସେ ଯେ ଦୁର୍ଯ୍ୟୋଧନର ବାପା ! ବାପାର ତ ପୁଣି କର୍ତ୍ତବ୍ୟ ଅଛି । କର୍ତ୍ତବ୍ୟ ତ ଧର୍ମ । ତେଣୁ ଦୁର୍ଯ୍ୟୋଧନର ଆଶା ଓ ଆକାଂକ୍ଷାକୁ ସମର୍ଥନ କରି ସେ ବା କି ଅଧର୍ମ କଲେ ? ଆଜିକାଲି ସବୁ ଥିଲାବାଲା ଲୋକେ ଏହି ଧୃତରାଷ୍ଟ୍ର-ସିନ୍‌ଡ୍ରୋମ ରୋଗରେ ପୀଡିତ । ଫଳରେ ଧନୀ ବେଶି ଧନୀ ହେଉଛି ଓ ଗରିବ ବେଶି ଗରିବ ହେଉଛି ।

ଅରୁଣ ବାବୁ କହିଲେ, ଗରିବ କ'ଣ ତା ପୁଅ ପ୍ରତି ଦରଦ ଦେଖାଏ ନାହିଁ ?

ଫଣି ବାବୁ ଉତ୍ତର ଦେଲେ, ନିଶ୍ଚୟ । କିନ୍ତୁ ତା ପାଖରେ ଅଛି କ'ଣ ? ଦାରିଦ୍ର୍ୟ । ସେ ଦାରିଦ୍ର୍ୟକୁ ହିଁ ବାଣ୍ଟିପାରେ । ଗରିବର ପୁଅ ବେଶି ଗରିବ ହେବ ନାହିଁ ତ ଆଉ ହେବ କ'ଣ ?

ଅରୁଣ ବାବୁଙ୍କ ପେଷା ଓକିଲାତି । ତାଙ୍କର ପରାମର୍ଶ କୋଠରିକୁ ବହୁତ ମହକିଲ

ଆସନ୍ତି । କେତେକ ମହକିଲ ପରେ ପରେ ଦୋସ୍ତ ହୋଇ ଯାଆନ୍ତି । ଦୋସ୍ତି ଖାତିରରେ ବି ଅନେକ ଆସନ୍ତି, ମହକିଲ ଫାଇଦା ଉଠାନ୍ତି । ଫଣିବାବୁ ଏମାନଙ୍କ ଭିତରୁ ଜଣେ । ପ୍ରଭେଦ ଏତିକି ଯେ ଫଣି ବାବୁ ଅରୁଣ ବାବୁଙ୍କର ପାଖ ଲୋକ ହୋଇ ପଡିଛନ୍ତି, କିନ୍ତୁ ପାଖ ଲୋକ ଯେଭଳି ଫାଇଦା ଉଠାଏ ସେ ଉଠାନ୍ତି ନାହିଁ । ତାଙ୍କର ସବୁଠୁ ଭଲ ଗୁଣ ହେଲା ଯେ ସେ ଲୋକ ଚରିତ୍ରକୁ ଖୁବ୍ ବିଶ୍ଳେଷଣ କରନ୍ତି । ଲୋକ ଚରିତ୍ର ସହିତ ଯେ ତାଙ୍କର ଅନ୍ତରଙ୍ଗତା ରହିଛି ଏହି ବିଶ୍ଳେଷଣରୁ ଜଣାପଡେ । ଏହା ହିଁ ଅରୁଣ ବାବୁଙ୍କୁ ଫଣି ବାବୁଙ୍କ ନିକଟତର କରି ଦେଇଛି । ଅଦାଲତରେ ଯୁକ୍ତି କଲାବେଳେ ଅରୁଣ ବାବୁ ଫଣି ବାବୁଙ୍କ ବିଶ୍ଳେଷଣର କେତେକ ଉଦ୍ଧୃତି ତାଙ୍କର ଯୁକ୍ତି ତର୍କରେ ଯୋଡି ଦିଅନ୍ତି । ଅଦାଲତରେ ତାଙ୍କର ଯୁକ୍ତି ଓ ତର୍କ ଖୁବ୍ ସରସ ବୋଲି ଅରୁଣ ବାବୁ କେବଳ ତାଙ୍କର ସାଙ୍ଗସାଥିମାନଙ୍କଠାରୁ ଶୁଣନ୍ତି ତା ନୁହେଁ, ଅଦାଲତର ବିଚାରପତି ମଧ୍ୟ କହିଛନ୍ତି । ଏଥିପାଇଁ ଅରୁଣ ବାବୁ ଫଣି ବାବୁଙ୍କଠାରେ କିଛିଟା ଋଣୀ ।

ସାଧାରଣ ଦିନମାନଙ୍କ ଭଳି ସେଦିନ ଅରୁଣ ବାବୁ ସେସନ୍ସ ଅଦାଲତକୁ ଯଥା ସମୟରେ ଗଲେ । କିନ୍ତୁ ତାଙ୍କ ଯିବାଟା ଅନ୍ୟ ଦିନ ଭଳି ନ ଥିଲା । ନକ୍ସଲପନ୍ଥୀ ଭାବରେ ଅଭିହିତ ଆସାମୀଟିର ଅକୁଣ୍ଠ ବର୍ଣ୍ଣନାରେ ସେ ଏତେ ବିହ୍ୱଳ ହୋଇ ପଡିଥିଲେ ଯେ ଯୁବକଟିକୁ ମୃତ୍ୟୁଦଣ୍ଡରୁ ରକ୍ଷା କରିବା ପାଇଁ ମନେ ମନେ ପ୍ରତିଜ୍ଞାବଦ୍ଧ ହୋଇ ଯାଇଥିଲେ ।

ରମେନ୍ ବର୍ତ୍ତମାନ ଜଣେ କୁଖ୍ୟାତ ନକ୍ସଲପନ୍ଥୀ ଭାବରେ ପରିଚିତ । କେବଳ ନକସଲପନ୍ଥୀ ନୁହେଁ, ଗୋଟିଏ ଚରମ ପନ୍ଥୀ ଶାଖାର ପରିଚାଳକ ଭାବରେ ସେ ଜଣେ ସନ୍ତ୍ରାସବାଦୀ ବୋଲି ସରକାରୀ କାଗଜରେ ରହିଯାଇଛି । ତେଣୁ ପୋଲିସ୍ ତାଲିକାରେ ସେ ସର୍ବାଦୌ ଧର୍ତ୍ତବ୍ୟ । ତା ମୁଣ୍ଡରେ ୫୦,୦୦୦ ଟଙ୍କା ପୁରସ୍କାର ଘୋଷିତ ।

ରମେନ କାହିଁକି ଚରମପନ୍ଥୀ ନକସଲ୍‌ଙ୍କ ସହିତ ମିଶିଲା, ସେ ଖୋଲାଖୋଲି ଅରୁଣ ବାବୁଙ୍କୁ କହିଛି ।

ପିଲାଟିବେଳୁ ସେ ବାପ ଛେଉଣ୍ଡ । ମା ମାଗି ଯାଚି, ଯା ତା ଘରେ କଂସାବାସନ ମାଜି, ଘରଦ୍ୱାର ପୋଛା ପୋଛି କରି ଯାହା କିଛି ଦୁଇ ପଇସା କମାଉଥିଲା ତାକୁ ସେ ରମେନ ପଛରେ ଖର୍ଚ୍ଚ କରିଛି ।

କିନ୍ତୁ ରମେନ ବିଶୃଙ୍ଖଳ ହୋଇ ପଡି ନାହିଁ । ମାଆର ଦୁଃଖକଷ୍ଟ ତାର ପ୍ରେରଣାର ଉତ୍ସ ହୋଇ ପଡିଥିଲା । ନିମ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମଧ୍ୟ ଇଂରାଜୀ ଓ ମାଧ୍ୟମିକ ସ୍ତରରେ ପ୍ରଥମ କିମ୍ବା ଦ୍ୱିତୀୟ ଭାବରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତି ପାଇ ଆଗେଇ ଚାଲିଥିଲା ।

ସେ କହେ, ଶିକ୍ଷା କ୍ଷେତ୍ରରେ ଯାହାକିଛି ନିରପେକ୍ଷତା, ଯାହାକିଛି ସାଧୁତା, ସେସବୁ ମେଟ୍ରିକ୍ ସ୍ତର ପରେ ସରିଗଲା । ଏବେ ସେ ଜାଣିବାକୁ ପାଇଲାଣି ଯେ ନିମ୍ନ ସ୍ତରରେ ମଧ୍ୟ ଭାଇ-ବିରାଦରି, ଟଙ୍କାପଇସା ନୂଆ ନିୟମ ତିଆରି କରିଲାଣି ।

କିନ୍ତୁ ତାର ଅଙ୍ଗେ ଲିଭାଇଥିବା ଦୁଃଖ ଆରମ୍ଭ ହେଲା ଇଣ୍ଟରମିଡିଏଟ୍ ବିଜ୍ଞାନ ଶ୍ରେଣୀରୁ । ପଇସା ଅଭାବରୁ ବହୁତ ବହି ପଢ଼ିବା କିମ୍ବା କଲେଜର ଲାଇବ୍ରେରିଆନ୍‌କୁ ଖୁଆଇ ପିଆଇ ଭଲ ବହି ପାଇବା ତା ପକ୍ଷରେ ସମ୍ଭବ ନ ଥିଲା । ଅଧିକନ୍ତୁ ସେ କୌଣସି ଅଧ୍ୟାପକଙ୍କର ନିଜ ଲୋକ ତ ନୁହେଁ ଯେ ତା ପାଇଁ କେହି ବହି ଆଣି ବର୍ଷ ବର୍ଷ ରଖିନେବ ! ସେ ସୁଯୋଗ ବି ନଥିଲା । ତା ସତ୍ତ୍ୱେ ସେ ଖୁବ୍ ଭଲ କରୁଥିଲା । ଭଲ କରୁଥିଲା ବୋଲି କେତେକ ଅଧ୍ୟାପକ ଯେ ତା ପ୍ରତି ସନ୍ତୁଷ୍ଟ ଥିଲେ ଏହା କହିବା ବାହୁଲ୍ୟ ମାତ୍ର । କିନ୍ତୁ ଯେଉଁ ଅଧ୍ୟାପକମାନେ ପରୀକ୍ଷା ଖାତାରେ ନମ୍ବର ବଢ଼ାଇବା ଏବଂ କମାଇବାରେ ଧୁରନ୍ଧର ସେମାନେ ରମେନକୁ ପଚାରୁ ନ ଥିଲେ । ରମେନଠାରୁ ବା ସେମାନେ କ'ଣ ପାଇବେ ?

ରମେନ ଯେତେ ଭଲ କରିଥିଲେ ବି ରାଜ୍ୟରେ ତାର ର୍‍ୟାଙ୍କ୍ ୧୬ ତଳକୁ ଖସିଗଲା । ପ୍ରଥମ ୧୦ଜଣଙ୍କ ଭିତରେ ତା ନାଁ ରହିଲା ନାହିଁ । କାରଣ ଖୋଜିବା ଲାଗି ସେ ବେଶି ଦୂର ଗଲା ନାହିଁ । ମାର୍କଲିଷ୍ଟରୁ ଜଣାଗଲା ଯେ ସେ ଦୁଇଟି ଅସୂୟାର ଶିକାର ହୋଇଛି । ସେ ଲାବରେଟୋରି ଆସିଷ୍ଟାଣ୍ଟ ଓ ପିଅନମାନଙ୍କୁ ପଇସା ଦେଇ ପାରି ନାହିଁ । ତେଣୁ ତାର ଇଲେକ୍ଟ୍ରୋନିକ୍ସ ପ୍ରାକ୍ଟିକାଲ୍‌ରେ ଖରାପ ଡାୟୋଡ୍‌ଥିବା ଯନ୍ତ୍ରଟିଏ ଦିଆଯାଇଥିଲା । କେମିଷ୍ଟ୍ରି ପ୍ରାକ୍ଟିକାଲ୍‌ରେ ଶୁଦ୍ଧ ନ ହୋଇ ମିଶା ହୋଇ ଯାଇଥିବା କେମିକାଲ୍ ଥିଲା ଏବଂ ଫିଜିକ୍ସ ପ୍ରାକ୍ଟିକାଲ୍‌ରେ କଣ୍ଟା ଖରାପ ଥିବା ତରାଜୁଟିଏ ଦିଆଯାଇଥିଲା ।

ତାର ସୌଭାଗ୍ୟ ଯେ ସେ ଫେଲ୍ ହୋଇ ନାହିଁ । ବିଜ୍ଞାନ ପରୀକ୍ଷାର ନିୟମ ଯେ କୌଣସି ଗୋଟିଏ ପ୍ରାକ୍ଟିକାଲ୍‌ରେ ଗୋଟିଏ ନମ୍ବର ପାଇଁ ବି ଫେଲ୍ ହେଲେ, ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପୂରାପୂରି ଫେଲ୍ ।

ମନେ ମନେ କାନମୁଣ୍ଡ ଆଉଁସି ଭଗବାନଙ୍କୁ ଧନ୍ୟବାଦ ଦେଲା ଯେ ତାର ଫାଷ୍ଟ ଡିଭିଜନକୁ କେହି ଛଡ଼ାଇ ନେଇନାହିଁ । ଷୋହଳ ସ୍ଥାନ ପାଇଲା ବୋଲି ଖବର କାଗଜରେ ନାମ ବାହାରିଲା ନାହିଁ, ସେଥିପାଇଁ ଦୁଃଖିତ ନୁହେଁ ।

ବିଜ୍ଞାନ ପାଠର ଏଭଳି ଅଘଟନରୁ ଦୂରେଇଯିବା ପାଇଁ ସେ କଳାକୁ ବଦଳିଲା । ବି.ଏ.ରେ ଆଡ୍‌ମିସନ୍ ହେଲା । ଅନର୍ସ ବିଷୟରେ ଖୁବ୍ ମନ ଦେଇ ପଢ଼ିଲା । ଶ୍ରେଣୀ ପରୀକ୍ଷାରୁ ସମସ୍ତେ ଜାଣିଲେ ଯେ ସେ ପ୍ରଥମ ହୋଇପାରେ । କିନ୍ତୁ ଆଶାରେ ଚଡ଼କ ପଡ଼ିଲା । ମେଟ୍ରିକ୍ ପରୀକ୍ଷାରେ ଯେଉଁ ଝିଅଟି ତାଠାରୁ ୬୦/୭୦ ମାର୍କ କମ୍ ରଖିଥିଲା, ତାର ବାପା ହେଡ୍ ଅଫ୍ ଡିପାର୍ଟମେଣ୍ଟ । ବିଶ୍ୱବିଦ୍ୟାଳୟର ଶେଷ ପରୀକ୍ଷାରେ ସେ ଝିଅଟି ପ୍ରଥମ ହେଲା । ରମେନ ଖୁବ୍ ଅଳପରେ ତାର ପ୍ରଥମ ଶ୍ରେଣୀ ରକ୍ଷା କରି ଦ୍ୱିତୀୟ ହେଲା । ପ୍ରଥମ ସ୍ଥାନ ପାଇଁ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିକଟରେ ଆପତ୍ତି କଲା । ନିଜର ପିଲାଛୁଆ ପରୀକ୍ଷାର୍ଥୀ ଥିଲେ ସେ ବିଭାଗ ଦାୟିତ୍ୱରେ ଥିବା ପିତା ବା ମାତା ପରୀକ୍ଷାରୁ ଦୂରେଇ ରହିବା ଉଚିତ୍, ଏଭଳି ନ୍ୟାୟ ବିଚାର ଶିକ୍ଷାକ୍ଷେତ୍ରରେ ନାହିଁ ବୋଲି ଶୁଣିଲା । ପରୋକ୍ଷ ହେଉ ବା

ପ୍ରତ୍ୟକ୍ଷ ହେଉ ନିଜର ସ୍ୱାର୍ଥ ଥିଲେ କୌଣସି ବ୍ୟକ୍ତି ବିଚାରକ ମଣ୍ଡଳୀରେ ରହିବା ଉଚିତ୍ ନୁହେଁ, ଏହା ଗୋଟିଏ ସାଧାରଣ ସତ୍ୟ ବୋଲି ରମେନ ଭାବିଥିଲା । ପରୋକ୍ଷରେ ଧରାଧରି କରିପାରୁଥିବା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତାକୁ ସମସ୍ତଙ୍କ ସାମନାରେ ସାଧାରଣ ମୂଲ୍ୟାୟନ କଲେ ମଧ୍ୟ କୋଉ ନିରପେକ୍ଷ ବିଚାର ମିଳିବ ? ଏହି ଚିନ୍ତା ରମେନ୍‌ର ମୁଣ୍ଡକୁ ବିଗାଡି ଦେଲା ।

ଯେତେବେଳେ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ନିରାଶ ହେଲା, ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେଲା । ଦୁନିଆଟା ଯେ ଖରାପ ଲୋକରେ ଭର୍ତ୍ତି ତା ଠିକ୍ ନୁହେଁ ବୋଲି ରମେନ ଦରଖାସ୍ତ କଲାବେଳେ ଭାବିଥିଲା । ଦୁଇଜଣ ଉଦାର ଓକିଲ ବାବୁ ତାକୁ ଏ କେସ୍ ଲଢିବାରେ ସାହାଯ୍ୟ କଲେ, କିନ୍ତୁ ନ୍ୟାୟାଳୟରୁ ନ୍ୟାୟ ମିଳିଲା ନାହିଁ । ଉଚ୍ଚ ନ୍ୟାୟାଳୟ ତାର ଉତ୍ତର ଖାତା ଗୁଡିକୁ ସେହି ବିଶ୍ୱବିଦ୍ୟାଳୟର ଆଉ ଜଣେ ଅଧ୍ୟାପକଙ୍କୁ ପରୀକ୍ଷା କରିବାକୁ ଦେଲେ । ଜଣେ ଅଧ୍ୟାପକ ତାଙ୍କ ମୁଖ୍ୟଙ୍କ ବିରୁଦ୍ଧରେ କିପରି ବା ଯାଆନ୍ତେ ? ଝିଅଟିର ଖାତାଗୁଡିକୁ ଆଉ ଥରେ ନ ଦେଖି କେବଳ ତାର ଖାତାଗୁଡିକୁ ଦେଖା ଗଲା । ଝିଅଟିର ମାର୍କସ କମିବାର ଅବସର ମିଳିଲା ନାହିଁ କି ତାର ମାର୍କସ ବଢିବାର ଚେଷ୍ଟା କରାଗଲା ନାହିଁ ।

ତଥାପି ରମେନ ଧୈର୍ଯ୍ୟ ହରାଇଲା ନାହିଁ, ଭାବିଲା ପ୍ରଥମ ଶ୍ରେଣୀ ତ ପାଇଛି, ଯେକୌଣସି ଚାକିରି ପାଇଁ ଯୋଗ୍ୟ ବିବେଚିତ ହେବ । ଘରେ ପଇସା ଅଭାବରୁ ସେ ଏମ୍.ଏ. ନ କରି ବି.ଏ. ପରେ ଚାକିରି କରିବା ପାଇଁ ଚେଷ୍ଟା କଲା । ଅଧ୍ୟାପନାରେ ପଶିବ ନାହିଁ ବୋଲି ସେ ଠିକ୍ କରି ନେଇଥିଲା । ଯୋଗ୍ୟତା ବି ତାର ଅନ୍ତରାୟ । କଲେଜ ସ୍ତରରେ ଅଧ୍ୟାପକ ହେବାକୁ ମାଷ୍ଟର ଡିଗ୍ରୀ ଦରକାର । ସ୍କୁଲମାନଙ୍କରେ ବି ଖାଲି ବି.ଏ. ଯଥେଷ୍ଟ ନୁହେଁ । ସେଥିରେ ଟ୍ରେନିଂ ଲୋଡା । ପ୍ରଥମ ଶ୍ରେଣୀ ହେଲେ କ'ଣ ହେଲା ? ତୃତୀୟ ଶ୍ରେଣୀ ହେଲେ ଯେପରି ତାଲିମ୍ ଦରକାର, ତା ଭଳି ପ୍ରଥମ ଶ୍ରେଣୀର ଛାତ୍ର ପାଇଁ ସେପରି ତାଲିମ୍ ଦରକାର, ସେ ତାଲିମ୍ ତ ନାହିଁ ? ଶିକ୍ଷକ ହେବା ତା ପକ୍ଷେ ଅସମ୍ଭବ । ତାକୁ ବଡ ଆଶ୍ଚର୍ଯ୍ୟ ଲାଗିଲା । ବାରମ୍ବାର ଫେଲ୍ ହୋଇଥିବା ବା କଦାଚିତ୍ ପାଶ୍ କରିଥିବା ପିଲା କୌଣସି ମତେ ଟ୍ରେନିଂ ପାଇଗଲେ ସେ ଶିକ୍ଷକ ହେବ । ଅଥଚ ପ୍ରଥମ ଶ୍ରେଣୀ ପିଲା ହୋଇପାରିବ ନାହିଁ ? ଏଥିରେ ଶିକ୍ଷାର ଗତି କେଉଁ ଆଡକୁ ଯାଉଛି ସେ ଖାଲି ଚିନ୍ତା କରୁଥିଲା । ରମେନର ମନେ ହେଲା ସତେ ଯେପରି ଦୁନିଆଟା ଖାଲି ଧରାଧରିରେ ଚାଲିଛି ।

ସେ ପ୍ରଶାସନିକ କ୍ଷେତ୍ରରେ ପଶିବ ବୋଲି ଯେତେ ଯେଉଁଠି ବିଜ୍ଞାପନ ବାହାରିଲା ପରୀକ୍ଷା ଦେଲା । ଦୁନିଆ ପ୍ରତି ସେ ଏତେ ବିତୃଷ୍ଣ ହୋଇ ପଡିଥିଲା ଯେ କୌଣସି ପରୀକ୍ଷାର ମୌଖିକ ପ୍ରଶ୍ନର ଉତ୍ତରରେ ଉପସ୍ଥିତ ଦୁନିଆକୁ ଭାଙ୍ଗି ଗୋଟିଏ ନୂଆ ଦୁନିଆ ଗଢିବାର ସୁରାକ ଦେଉ ଥିଲା । ଲିଖିତ ପରୀକ୍ଷାରେ ଯାହା କିଛି ନମ୍ବର ପାଉଥିଲା, ବିପ୍ଳବୀ ମନୋଭାବ

ଯୋଗୁଁ ମୌଖିକ ପରୀକ୍ଷାରେ ତହିଁରୁ ଅଧିକ ହରାଉଥିଲା ।

ଦୁନିଆ ଉପରେ ସେ ଏତେ ବିରକ୍ତ ହୋଇଗଲା ଯେ ଶେଷ କେତୋଟି ପରୀକ୍ଷାରେ ମୌଖିକ ପରୀକ୍ଷା କରାଉଥିବା ପରୀକ୍ଷକଙ୍କ ଉପରେ ଗାଳି ଗୁଲଜ କଲା ।

ତାର ପାଟି ଓ ଗାଳିଗୁଲଜ ତାକୁ ଦୁଇ ତିନି ଥର ପୋଲିସ ହାଜତକୁ ନେଇ ଯାଇଛି । ପୋଲିସ ଆଖିରେ ସେ ଜଣେ ବିପ୍ଳବୀ ଓ ଚରମ ପନ୍ଥୀ କମ୍ୟୁନିଷ୍ଟ । ତାର ମନୋଭାବ ଜଣେ ଅପରାଧପ୍ରବଣ କମ୍ୟୁନିଷ୍ଟର । ସେହି କାରଣରୁ ବୋଧହୁଏ ସେ ବନ୍ଧା ହେଉନାହିଁ, ପବ୍ଲିକ୍ ସର୍ଭିସ୍ କମିଶନ୍ ପରୀକ୍ଷାରେ ଫଳ ଯାହା ହେଉ ନା କାହିଁକି ।

ଶେଷରେ ରମେନ ଠିକ୍ କରିଥିଲା ଯଦି ଗେଜେଟେଡ୍ ଚାକିରି ନ ମିଳେ ଛୋଟ ଚାକିରି ବି କରିବ । ବହୁତ ବିଭାଗର ଭିନ୍ନ ଭିନ୍ନ ଇନିସ୍ପେକ୍ଟରର ଚାକିରି ପାଇଁ ସେ ଦରଖାସ୍ତ କରିଛି । ଲିଖିତ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମୌଖିକକୁ ଡକାଯାଇଛି । କିନ୍ତୁ ଚାକିରି କାହିଁ ?

ରମେନର ମାଆକୁ ସମସ୍ତେ ବୁଝାଇଲେ, ରମେନ ପାଗଳାମି ଛାଡୁ । ଧିର, ଶାନ୍ତ ଶିଷ୍ଟ ପିଲା ଭଳି ପରୀକ୍ଷା ଦେଉ । ବିଭାଗୀୟ ମନ୍ତ୍ରୀଙ୍କୁ ଦଶ ପନ୍ଦର ହଜାର ଟଙ୍କା ଧରାଇ ଦେଲେ ଚାକିରି ନିଶ୍ଚୟ ହୋଇଯିବ ।

ସେଥର ସପ୍ଲାଇ ଇନସ୍‌ପେକ୍ଟରର ଚାକିରି ପାଇଁ ଲିଖିତ ପରୀକ୍ଷାରେ ସେ ସଫଳ ହେଲା । ମୌଖିକ ପରୀକ୍ଷାକୁ ଯିବା ପୂର୍ବରୁ ତା ମା ବହୁତ ପୂଜାପାଠ କଲା । ଚାକିରିଟିଏ ପାଇଲେ ଦୁଃଖକଷ୍ଟ ଉଭେଇ ଯିବ, ଏହି ଆଶା ବାନ୍ଧି ରମେନର ମାଆ ପୈତୃକ ବାଡି ଖଣ୍ଡିକ ବିକି ଦେଇ ପନ୍ଦର ହଜାର ଟଙ୍କା ପୈଠ କଲା । ମନ୍ତ୍ରୀଙ୍କ ପାଖ ଲୋକ ବୋଲାଉଥିବା ଲୋକଟି ପଇସାତକ ହାତ କରିନେଲା । ପୁଅର ଦୁଃଖକଷ୍ଟକୁ ଲାଘବ କରିବା ପାଇଁ ବିକଳ ହେଉଥିବା ମାଆର ସରଳ ହୃଦୟ ଭାସି ଯାଉଥିବା କୁଟାଖିଅକୁ ଧରି ପକାଇଲା । ଫଳ ବାହାରିଲା, କିନ୍ତୁ ରମେନ ତାଲିକାରେ ନାହିଁ ।

ରମେନ ଶୁଣିଲା କେବଳ ପଇସା ଦେଲେ ହେବ ନାହିଁ । ପଇସା ଫେରାଇ ନେବା ଜୋର ଯଦି ନାହିଁ ତେବେ ମନ୍ତ୍ରୀ ବା ମନ୍ତ୍ରୀଙ୍କ ଲୋକ ତାକୁ ଡରିବ କାହିଁକି ? ତେଣୁ ଚାକିରି ତ ମିଳିବ ନାହିଁ, ପଇସା ବି ଯିବ ।

ଜଗତଟା ରମେନକୁ ଅସହ୍ୟ ଲାଗିଲା । ସେ ଭାବିଲା ସଭ୍ୟତାର ରୂପ ବଦଳାଇବ । ତା ପରେ ରମେନ ଆଉ ଆଧୁନିକ ଜଗତରେ ନ ଥିଲା । ମାଳ ଅଞ୍ଚଳର ଜଙ୍ଗଲରେ ନକ୍ସଲପନ୍ଥୀଙ୍କ ସହିତ ହାତ ମିଳାଇଲା ।

ତଥାକଥିତ ସଭ୍ୟ ଜଗତରେ ନ୍ୟାୟ ନାହିଁ । ବିଚାର ସବୁବେଳେ ଥିଲାବାଲାଙ୍କ ସପକ୍ଷରେ । ରମେନ ତିଆରି କଲା ଲୋକ ଅଦାଲତ । ଇଂରାଜୀରେ ନାମ ଦେଲା ପିପୁଲ୍‌ସ କୋର୍ଟ । କେହି ଗରିବ, ବୁଭୁକ୍ଷୁ ବା ନିର୍ଯ୍ୟାତିତ ଆସି ତା ପାଖରେ ଅଭିଯୋଗ କଲେ ସେ ତତ୍‌କ୍ଷଣାତ୍ ନ୍ୟାୟ ଦେବା ପାଇଁ ତତ୍ପର ହୋଇ ଉଠିଲା ।

ଅତ୍ୟଧିକ ସୁଧରେ ମହାଜନୀ କରୁଥିବା ଜଣେ କୁମୁଟି, ସରଜମିନ କାମରୁ କାଟି ଆତ୍ମସାତ୍ କରୁଥିବା ଜଣେ ଠିକାଦାର, ଗରିବ ପ୍ରଜାମାନଙ୍କଠାରୁ ଅନ୍ୟାୟରେ ପାଉଣା ଆଦାୟ କରୁଥିବା ଜଣେ ସରକାରୀ କର୍ମଚାରୀ, ଛାତ୍ରଙ୍କୁ କମ୍ ମାର୍କ ଦେଉଥିବା ଜଣେ ଅଧ୍ୟାପକ, ସମାଜକୁ ଶୋଷଣ କରୁଥିବା କେତେକ ଅତ୍ୟାଚାରୀ ଜମିଦାରଙ୍କୁ ସେ ସଙ୍ଗେସଙ୍ଗେ ଦଣ୍ଡ ଦେଇଛି । ତାର କର୍ମୀମାନେ ଲୋକ ଅଦାଲତର ରାୟ ଅନୁଯାୟୀ ଅଭିଯୁକ୍ତଙ୍କ ଉପରେ ସିଧା ସଳଖ ଗୁଳି ଚଳାଇଛନ୍ତି ।

ବର୍ତ୍ତମାନ ରମେନ ବିଭିନ୍ନ ଅପରାଧରେ ଅଭିଯୁକ୍ତ । ଜାଣିଶୁଣି ନିରୀହ ଲୋକଙ୍କୁ ହତ୍ୟା କରିବା ଏବଂ ସରକାରଙ୍କୁ ତାଚ୍ଛଲ୍ୟ କରି ତାର ନିଜ ବିଚାର ପଦ୍ଧତିକୁ ଲୋକ ଅଦାଲତ ନାମ ଦେବା ।

ରମେନ ଯୁକ୍ତି କରେ ଯେ, ସେ ଯାହାକୁ ଦଣ୍ଡ ଦେଇଛି, ଯାହାକୁ ଫାଶୀ ଦେଇଛି, ସେମାନେ ସେଭଳି ଦଣ୍ଡ ପାଇଁ ଉପଯୁକ୍ତ । ସାଧାରଣ ଅପରାଧୀଙ୍କଠାରୁ ସେମାନେ ଜଘନ୍ୟ । ସାଧାରଣ ଅପରାଧୀ ପେଟପାଟଣାକୁ ସମ୍ଭାଳିବାକୁ ଅପରାଧ କରେ । ଏମାନେ ଅପରାଧକୁ ବ୍ୟବସାୟ କରିଛନ୍ତି । ସରକାରୀ ଅଦାଲତରେ ସେମାନେ ସାକ୍ଷୀମାନଙ୍କୁ ହାତ କରି ନିର୍ଦ୍ଦୋଷ ପ୍ରମାଣିତ ହୋଇଥାନ୍ତି । କିନ୍ତୁ ସେ ? ପ୍ରକୃତ ନ୍ୟାୟ ବିଚାର କରି ସମାଜକୁ ଅନୀତି ଓ ଅନ୍ୟାୟରୁ ମୁକ୍ତି କରିବାକୁ ଚାହୁଁଛି । ତେଣୁ ବିଚାରପତି ହିସାବରେ ସେ ତାର କାର୍ଯ୍ୟ କରିଛି । ବିଚାରପତି ହେବା ପାଇଁ କଣ ସରକାରୀ ନିଯୁକ୍ତି ଓ ସରକାରୀ ଶପଥ ଦରକାର ? ଗୋଟିଏ ଉଚିତ୍ ସଂଗଠନର ନିଯୁକ୍ତି ଓ ତାର ଶପଥ କଣ ଯଥେଷ୍ଟ ନୁହେଁ ?

ସେ କହେ ସରକାରଙ୍କ ଲୋକ ଅଦାଲତ ମାତ୍ର ତିନି ଚାରି ବର୍ଷ ତଳର । କିନ୍ତୁ ନକ୍ସଲମାନଙ୍କର ଲୋକ ଅଦାଲତ ବହୁତ ଦିନର । ସରକାର ନକସଲମାନଙ୍କର ସଂଜ୍ଞାକୁ ଗ୍ରହଣ କରି ନେଇଛି । ସେ ସରକାରୀ ସଂଜ୍ଞାକୁ ଅନୁସରଣ କରି ନାହିଁ । ତେଣୁ ଶବ୍ଦଚୋରୀ ଦଣ୍ଡରେ ସରକାର ଦଣ୍ଡିତ ହେବା କଥା । ଦ୍ୱିତୀୟତଃ ତା ଲୋକ ଅଦାଲତରେ ବିଚାରପତି ପ୍ରକୃତରେ ଲୋକମାନଙ୍କ ଭିତରୁ ଆସୁଛନ୍ତି । ସରକାରୀ ଲୋକ ଅଦାଲତରେ ବିଚାରପତି ମାନେ ଧୋବ ଧାବଳିଆ, ଗାଁଗହଳିରୁ ଦୂରରେ ଥିବା, ସାଧାରଣ ଲୋକମାନଙ୍କର ସମ୍ପର୍କ ହରାଇଥିବା, ଲୋକମାନେ ବିଚାରପତି ହୁଅନ୍ତି ।

ରମେନର ଯୁକ୍ତି: ଯେଉଁ ଅଭିଯୋଗରେସେ ବର୍ତ୍ତମାନ ଅଭିଯୁକ୍ତ, ସେହି ଅଭିଯୋଗ- ଗୁଡିକ ସରକାର ଓ ସମ୍ପୃକ୍ତ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ହେବା କଥା ।

ଅରୁଣ ବାବୁ ନିଜ ପ୍ରକୋଷ୍ଠରେ ରମେନର ଯୁକ୍ତିଗୁଡିକୁ ମନେ ମନେ ତଉଲୁଥିବା ବେଳେ ଭାବନ୍ତି ରମେନ ଠିକ୍ କହୁଛି । ଯେତେବେଳେ ସେ କଳା ପୋଷାକ ପିନ୍ଧନ୍ତି, ତାଙ୍କ ଭିତରେ କିଛି ଗୋଟିଏ ପରିବର୍ତ୍ତନ ଘଟେ । ଅଦାଲତ ସାମନାରେ ଠିଆ ହୋଇଗଲେ ଏବଂ ତା ଉପରେ ସରକାରୀ ଓକିଲଙ୍କ ଯୁକ୍ତି ଶୁଣିଗଲେ ତାଙ୍କ ମନରେ ପାରମ୍ପରିକ ଯୁକ୍ତି,

ଆଧୁନିକ ଧାରଣା, ଭଙ୍ଗିମାରେ । ସେ ଭାବନ୍ତି, ରମେନ ଦଣ୍ଡନୀୟ ।

ଆଜି ଫଣିବାବୁଙ୍କ କଥାଗୁଡାକ ତାଙ୍କ ମନରେ ନୂଆ ରେଖାପାତ କରିଛି । ସେ ଆଜି ପୂରା ଦମ୍‌ରେ ଯୁକ୍ତି କରିବେ, ରମେନ ନିର୍ଦ୍ଦୋଷ । ବର୍ତ୍ତମାନର ସମାଜ ଓ ସାମାଜିକ ରୀତି ହିଁ ଦୋଷୀ । ଏହି ଦୋଷକୁ ସରକାରୀ ନୀତି ନିୟମମାନ ଓ ବିଭିନ୍ନ ପଦାଧିକାରୀଙ୍କ ନ୍ୟସ୍ତସ୍ୱାର୍ଥ ମନୋଭାବ ଦୃଢୀଭୂତ କରିଛି ।

ସେ ଦିନର ସେସନ୍‌ସ ଅଦାଲତରେ ଅରୁଣ ବାବୁଙ୍କ ଯୁକ୍ତି ଉପସ୍ଥିତ ଭଦ୍ରବ୍ୟକ୍ତି ମାନଙ୍କ ମନକୁ ପାଇଥିଲା । ମନେ ହେଲା, ରମେନ ମୃତ୍ୟୁଦଣ୍ଡରୁ ରକ୍ଷା ପାଇପାରେ । ରମେନର ମନୋଭାବ ମୂଳରେ ଥିବା ବଳିଷ୍ଠ ଯୁକ୍ତି ତାହାର ସ୍ୱଚ୍ଛ ମନୋଭାବର ପରିଚୟ ଦେଉଛି, ଅନ୍ତତଃ ଜଜ୍ ତାହା ବୁଝିବେ ଓ ଦଣ୍ଡକୁ କୋହଳ କରିଦେବେ । ଅତି ବେଶିରେ ଜେଲ ଦଣ୍ଡ ମିଳିପାରେ, ଫାଶୀ ନିଶ୍ଚୟ ନୁହେଁ ।

ଶ୍ରୋତା ଓ ଦର୍ଶକମାନଙ୍କ ଏ ଧାରଣାକୁ ଧୂଳିସାତ୍ କରି ସେସନ୍‌ସ ଜଜ୍ ରାୟ ପ୍ରକାଶ କଲେ : ରମେନକୁ ମୃତ୍ୟୁଦଣ୍ଡ ।

ଅରୁଣବାବୁ ଅଦାଲତରୁ ଫେରିବା ବାଟରେ ଫଣି ବାବୁ ଦଉଡି ଆସି ପଚାରିଲେ, କ'ଣ ହେଲା ? ଧୃତରାଷ୍ଟ୍ର ଜିତିଲେ ନା ବାପଛେଉଣ୍ଡ ପାଣ୍ଡବମାନେ ?

ଅରୁଣ ବାବୁ ବେଶି କିଛି କହିବାକୁ ଚାହିଁଲେ ନାହିଁ । ତାଙ୍କ ମୁହଁରୁ ଜବରଦସ୍ତ କେତୋଟି ଶବ୍ଦ ବାହାରି ପଡିଲା, ସେସନ୍‌ସ୍ ରାୟ ଯେପରି ହାଇକୋର୍ଟରେ କାଏମ୍ ନହୁଏ, ସେଥିଲାଗି ଲଢିବାକୁ ପଡିବ ।

*****

# ମଜୁରୀ ପୌରୁଷର

ସବୁଦିନ ଭଳି ଆଜି ବି ମଣିଷ ହାଟ ବସିଛି । ରାଣୀହାଟ ପୋଲର ମହାନଦୀ ପାଖ କାନ୍ଥ ସବୁଦିନେ ଆଠଟା ସୁଦ୍ଧା ଭର୍ତ୍ତି ହୋଇଯାଏ । ଲୋକେ ଖୁନ୍ଦିଖାନ୍ଦି ହୋଇ ବସିଯାନ୍ତି । ଯେପରି ଖରା ଦିନେ ଛାଇ ଗଡି ଆସିଲା ବେଳକୁ କୁଆମାନେ ମହାନଦୀ ଉପରେ ଯାଇଥିବା ବିଜୁଳି ତାରରେ ଧାଡି ହୋଇ ବସିଥାନ୍ତି । ପ୍ରଭେଦ ଏତିକି ଯେ କୁଆମାନେ ଦିନକର ଧନ୍ଦା ସାରି ଏକାଠି ଦୁଃଖ ସୁଖ ହୁଅନ୍ତି, ଏ ମଣିଷମାନେ ଦିନକର ଧନ୍ଦା ଆରମ୍ଭ କରିବା ଆଶାରେ ରୁଣ୍ଡ ହୋଇଛନ୍ତି ।

ଦିନ ଥିଲା ଯେତେବେଳେ ଖରିଦ୍‌ଦାରମାନେ ଜିନିଷ ବାଛି ନେଉଥିଲେ । କି ଭଳି କାମକୁ କି ଭଳି ମୂଲିଆ ଦରକାର ମାଲିକ ବାଛି ପାରୁଥିଲା । ତେଣୁ କ୍ୟୁ କରିବା ଦରକାର ନ ଥିଲା; ଧାଡି ହୋଇ ବସିଥିଲେ ବି ବଛାବଛି ହୋଇ ମଣିଷ କାମ ପାଉଥିଲା, ମାଲିକର ମର୍ଜି ଉପରେ । ସେତେବେଳେ ରାମୁଲୁ ଭଳି ଭେଣ୍ଡିଆମାନେ ଆଗ କାମ ପାଉଥିଲେ । ବୋଝ ବୋହିବା କାମକୁ ସ୍ତ୍ରୀମାନେ ଯାଉଥିଲେ - ହାଲୁକା କାମ, କମ୍ ମଜୁରୀ ।

ଦିନ ସବୁ ବଦଳି ଯାଉଛି; କେତେ ଶୀଘ୍ର ଶୀଘ୍ର !

ସେଦିନ ଗୋଟିଏ ନେତା ଆସି ଦାଦାପଣିଆ ଦେଖାଇଲା । ସମସ୍ତଙ୍କୁ ଏକାଠି ହେବାକୁ ପଡିବ । କେତେଦିନ ଠିକାଦାରମାନଙ୍କ ମର୍ଜି ଉପରେ ନିର୍ଭର କରିବ ? ମଜଦୁର ଆଡାରେ ୟୁନିଅନ କର । ଯିଏ ଆଗ ଆସିବ, ପୋଲବାଡାରେ ମୁଣ୍ଡମାଡି ବସିବ । ତା'ପରେ ଯିଏ ଆସିବ ସେ ତା ପାଖକୁ ବସିବ । ଶେଷରେ ଯିଏ ଆସିଲା ବାଡା ଶେଷରେ ରହିବ । ଯିଏ ୟୁନିଅନର ଲୋକ ହୋଇ ନଥିବ, ସେ ଏଠି ବସି ପାରିବ ନାହିଁ । ତାକୁ ମାରି ଖେଦି ଦିଆଯିବ ।

ବେଶି ଭାଗ ବୁଢା ଆଉ ତିରିଲା । ଏତେ ଝଗଡାକୁ କିଏ ଯାଉଛି - ୟୁନିଅନ ଭଲ । ଧାଡି ଧାଡି ବସିବା ଝଞ୍ଝଟ ନାହିଁ । ନେତା ବୁଝାଇ ଦେଲେ ଆମ ଦେଶ ସ୍ୱାଧୀନ ହୋଇଛି କାହିଁକି ? ଗଣତନ୍ତ୍ର ଆସିଛି କାହିଁକି ? ସମସ୍ତେ ସମାନ ବୋଲି । ଜୋର ଜବରଦସ୍ତି ନାହିଁ । ଧାଡିରେ ଯିଏ ଆଗ ରହିଲା, ସିଏ ଆଗ କାମ ପାଇବ । ଆଗରେ ବସିଥିବା ଲୋକକୁ ଠିକାଦାର ଆଗେ ନେବ ।

ରାମୁଲୁ ଆଜି ଭାବୁଛି, ଏ ନିୟମ ସବୁ ଦୁର୍ବଳିଆ, ତିରିଲା ବୁଢାହଡାଙ୍କ ପାଇଁ । ସେହିମାନଙ୍କ ସଂଖ୍ୟା ତ ଦୁନିଆରେ ବେଶି । ଆଜି ଯଦି ଏ ନିୟମ ଭାଙ୍ଗିଯା'ନ୍ତା, ସେ ଲକ୍ଷ୍ମୀର ଇଚ୍ଛା ନିଶ୍ଚେ ପୂରଣ କରି ପାରନ୍ତା ।

ଆଜି ରାମୁ ଡେରିରେ ପହଞ୍ଚିଛି । ପୋଲକାନ୍ଥ ଶେଷରେ ସିନେମା ଘର ଆଡକୁ ତା'ର ଜାଗା । ମନରେ ଡର । ଦିନେ ଦିନେ ବେଶି କାମ ମିଳେ ନାହିଁ । କେତେ ଲୋକ ସେଇମିତି ବସି ବସି ଦଶଟା ବେଳକୁ ପଳାନ୍ତି । ଆଜି ତା ଭାଗ୍ୟରେ ଏମିତି ଘଟିବ ନାହିଁ ତ ?

ସମସ୍ତଙ୍କ ପଛରେ ପହଞ୍ଚିଛି ତ' ଦୋଷ ତାର । କାନ୍ଥ ଶେଷ ମୁଣ୍ଡିଆରେ ଗୋଡ ଦି'ଟାକୁ ଟେକି ନେଇ ରାମୁଲୁ ବସି ପଡିଲା । ଗାମୁଛାକୁ ଜାକିଜୁକି ଦେଲା ।

ଆଗ ମୁଣ୍ଡରୁ ଘାସିଆ ଦଉଡି ଆସିଲା, କିରେ ଆଜି କ'ଣ ସମସ୍ତଙ୍କଠୁ ଡେରି ?

ଘାସିଆ ରାମୁଲୁର ଜିଗର ଦୋସ୍ତ । ସମବୟସ୍କ । ବୟସ ହୋଇ ଯାଇଛି, ପୁଣି ଅଭିଆଡା । ଦିହିଁଙ୍କ ଭିତରେ ରସାଳ ଗପ ବେଶ୍ ହୁଏ । କାମ ବାହାରେ ଯେମିତି ଗପ, କାମବେଳେ ବି ସେମିତି ଗପ । ମାତ୍ର କାମରେ ଖିଲାପ ନାହିଁ ।

ଘାସିଆ କିମିତି ତା ଦାଦା ଝିଅ ଭାରତୀ ସାଙ୍ଗେ ନସର-ପସର ହୁଏ, ରାମୁଲୁ ଜାଣେ । ରାମୁଲୁ କେମିତି ଲକ୍ଷ୍ମୀକୁ ଦିନେ ନ ଦେଖିଲେ ପାଗଳ ହୁଏ, ଘାସିଆ ସେମିତି ଜାଣେ ।

ନିଜ ଜାଗାରେ ଗାମୁଛାଟା ପକାଇ ଦେଇ ଘାସିଆ ଆସିଛି ରାମୁଲୁର ଡେରି ହେବାର କାରଣ ବୁଝିବାକୁ । ଗାମୁଛାଟା ଘାସିଆର ସନ୍ତକ; ଧାଡିରେ ତା' ଆସ୍ଥାନର ଚିହ୍ନ ।

ମୁଁ ଯେତେଥର ଉଠୁଥାଏ, ସେ ତ ହାତଟାକୁ ଟାଣି ଧରୁଥାଏ । ଆଉ ଟିକେ ରହନା ! ଯେତେ ଥର ଆସିବ, ସବୁବେଳେ ଡର ଡର । ନା, ମୁଁ ଛାଡିବିନି । ଏମିତି କହି ଲକ୍ଷ୍ମୀ ଜାବୁଡି ଧରେ । ଆସ୍ତେ ଆସ୍ତେ ଖସିବାକୁ ଚେଷ୍ଟା କରି ମୁଁ ତା' ଉପରେ ଲଦି ହୋଇ ପଡେ ।

ରାମୁଲୁର ଗଦଗଦ କଥା ଶୁଣି ଘାସିଆ ଖୁସି, ସତେ ଯେମିତି ସେ ସେହି ଘଟଣାର ଭାଗୀଦାର, ସେହି ଖୁସିର ଭୁକ୍ତଭୋଗୀ । ସବୁଦିନେ ତ ଆଗରୁ ଆସିଯାଉ, ଏକ, ଦୁଇ, ତିନି ଭିତରେ ବସିଯାଉ । ଆଜି କ'ଣ ପହିଲିବାର୍ ଲକ୍ଷ୍ମୀ ଘରକୁ ଗଲୁ କି ? ଘାସିଆ ପ୍ରଶ୍ନ କଲା ।

ତା' ମା'ର ଦେହ ଖରାପ । ତାଟି ସେପାଖରେ ଶୋଇଛି । ଏଣେ ବାପ ଚାଲି ଗଲାଣି ରିକ୍ସା ଧରି । ଆଗରୁ କ'ଣ ବରାଦ ପାଇଛି ।

ଏବେ ବୁଝିଲି, ଘାସିଆ ମୁରୁକି ହସି କହିଲା । ବଡ ମୌକାଟିଏ ପାଇଲୁ । ଏମିତି ମୌକା କିଏ ସହଜରେ ଛାଡନ୍ତା ଯେ !

ହଁ ମ, ଦିନେ ଅଧେ ହେଲେ ମନ ପୂରୁ ନାହିଁ । ପୁଣି ଡେରି ହେଲେ କାମ ମିଳିବ ଯେ ତା ଲାଗି ଚଣା ଆଣିବି !

କଥାରେ ବାଧା ଦେଇ ଘାସିଆ ପଚାରିଲା, ଚଣା କ'ଣ ?

ତା'ର ଇଚ୍ଛା ସେ କାଲି ପରେଡ ଦେଖିବାକୁ ଯିବ । ନାକଫୋଡା ହେଲା ଦିନଠାରୁ ନାକଟା ଫାଙ୍କା ଅଛି ତ; ଗୋଟିଏ ନାକଚଣା ଆଣିଦେଲେ ସେ ଲଗାନ୍ତା ।

ଆଉ ତୁ ହଁ କରିଦେଲୁ ? ଘାସିଆ ପଚାରିଲା ।

ହଁ ନ କରି ଚାରା ଅଛି ? ତୁ ବି ସେମିତିଆ ଥିଲେ ହଁ କରିଥା'ନ୍ତୁ । ଦି ହାତରେ ବେଢି ଧରି ଥିବ, ମୁହଁ ପାଖରେ ମୁହଁ ଲଗେଇଥିବ, ଦେହକୁ ଜାବୁଡି ଧରି ଥିବ, ଆଉ ତୁ ମନା କରିବୁ ?

ହଁ, ହଁ । ତୁ କ'ଣ ? ବ୍ରହ୍ମା ବିଷ୍ଣୁ ତ ମନା କରି ପାରିବେ ନାହିଁ । କିନ୍ତୁ ତୁ ତ କହି ପାରିଥା'ନ୍ତୁ, ଠାକୁରାଣୀ, ମତେ ଛାଡିଲେ ତ ମୁଁ ମଜୁରୀ ପାଇବି, ମଜୁରୀ ପାଇଲେ ତ ନାକ ଚଣା କିଣିବି ।

ମୁଁ କ'ଣ କହି ନାହିଁ ? କହିଛି । କାହିଁକି କେଜାଣି ମୁଁ ଜୋର କରିପାରୁ ନଥାଏ ।

ଏତକ କହୁଥିବା ବେଳେ ରାମୁଲୁ ଆଗରେ ଭାସି ଆସୁଥାଏ ଲକ୍ଷ୍ମୀର ଛବି । ତା'ର ଦେହଟା ଯାକ କେଡେ ସୁନ୍ଦର; କେଡେ ମୁଲାୟମ । ବେଶି ଦିଶୁଥାଏ ତାର ଠିଆ ଠିଆ ନାକଟା । ନାକଚଣାଟା ପିନ୍ଧିଲେ କେଡେ ସୁନ୍ଦର ନ ଦିଶିବ ! ଦି'ଘଣ୍ଟା କିମିତି କଟିଗଲା ଜାଣିହେଲା ନାହିଁ । ତା ପାଖରେ ଥିଲେ ଦିନ ରାତି ଜାଣି ହେବ ନାହିଁ । ବେଳ ତ ଜମା ସରେ ନାହିଁ ।

ରାମୁଲୁର ଏମିତି ଭାବନାର ସୁଅକୁ ଛିନ୍ନଛତ୍ର କରି ଘାସିଆ ପରାମର୍ଶ ଦେଲା, ତୁ ଲକ୍ଷ୍ମୀକୁ ବାହା ହୋଇ ପଡୁନୁ ?

ମାଆ ବାପା ରାଜି ହେଉ ନାହାନ୍ତି । ଭଉଣୀ'ଟା ତ କହୁଛି ଲକ୍ଷ୍ମୀ ଆମଠୁ ଛୋଟ ଜାତି । ରୋଜଗାର ବଢିଯାଉ, ପଟ୍ଟାପୋଲ ପାଖରେ ଖଣ୍ଡିଏ ଜାଗା ଦେଖିଛି, ସେଠି ପଟିଆ ପକାଇ ଦେବି । ସେତେବେଳେ କେହି ଅଟକାଇ ପାରିବ ନାହିଁ ।

ସେ ତ ବହୁ ଦୂରର କଥା । ଆଜି ଯେ ଏତେ ଡେରିରେ ଆସିଲୁ, କାମ ପାଇବୁ ତ ? ଘାସିଆର ଏହି ପ୍ରଶ୍ନ ରାମଲୁକୁ କଳ୍ପନା ଦୁନିଆରୁ କାମଦାମର ଦୁନିଆକୁ ଓହ୍ଲାଇ ଆଣିଲା ।

ରାମୁଲୁର ଚିନ୍ତା ବଢିବା ଦେଖି ଘାସିଆ ପ୍ରସ୍ତାବ ଦେଲା, ତୁ ମୋ ଜାଗାକୁ ଚାଲିଯା, ମୁଁ ତୋ ଜାଗାରେ ବସୁଛି ।

କେହି ପାଟି କରିବେ ନାହିଁ ? ରାମୁଲୁ କାନ ପାଖରେ ପଚାରିଲା ।

ସେମାନଙ୍କର କ'ଣ ଯାଏ ଆସେ ? ମୁଁ ତୋ ଜାଗାକୁ ଯାଉଛି, ତୁ ମୋ ଜାଗାକୁ ଆସୁଛୁ । ସେମାନଙ୍କର ତ କ୍ଷତି ହେଉନି ?

ରାମୁଲୁ କହିଲା, ସେଦିନ କେମିତି ପାଟିତୁଣ୍ଡ ହେଲା । ନଈକ୍ଷଣା ଗୋଟିଏ ବାହାର ଲୋକକୁ ଜାଗା ଦେଲା ବୋଲି ।

ଘାସିଆ ବୁଝାଇଲା, ନଇକ୍ଷଣା ଗୋଟିଏ ବାହାର ଲୋକକୁ ନିଜ ଜାଗାରେ ବସାଇ ଦେଲା, ଲୋକଟା ଧାଡିରେ ନଥିଲା । ନଇକ୍ଷଣା ନିଜ ଆସ୍ଥାନ ଛାଡି ପଳାଇଲା । ଅନ୍ୟମାନେ ଭାବି ଦେଲେ ସେ ଦିହିଙ୍କ ଭିତରେ କିଛି ଗୋଟେ ସଲାସୁତରା ହୋଇଛି । ଆଜି ତୋର ମୋର ଭିତରେ ଅଦଳ-ବଦଳ । କେହି ବାହାର ଲୋକ ହଠାତ୍ ଆସି ଧାଡିରେ ପଶିଯାଉ ନାହିଁ ଯେ ଏମାନେ ଅଡି ବସିବେ ।

ଆଉ ତୁ କ'ଣ କରିବୁ ? ଯଦି ବେଶି କାମ ନ ମିଳିଲା, ତୁ ମୋ ପାଇଁ କାହିଁକି ବେରୋଜଗାର ହେବୁ ?

ରାମୁଲୁ ଏମିତି ଗୋଟିଏ ପ୍ରଶ୍ନ କରିବ ବୋଲି ଘାସିଆ ଭାବିଥିଲା । ଚଟ୍‌କିନା ଉତ୍ତର ଦେଲା, ସିନେମା ହଲ୍ ଥିବା ପର୍ଯ୍ୟନ୍ତ, ନୂଆ ଛବି ଆସୁଥିବା ପର୍ଯ୍ୟନ୍ତ ରୋଜଗାର ଥିବ । ଏଠୁ ପଳାଇ ସେଠି ଧାଡି ବାନ୍ଧିବି । ତୁ'ତ ମେଞ୍ଚଡ ଟୋକାଟେ । କିଛି ଜାଣିନୁ । ଆଜି ନୂଆ ପିକ୍‌ଚର ପଡିଛି । ଦି' ପଇସା କରି ହେବ ।

କେମିତି ତୁ ପଇସା କରୁ ମତେ ବତେଇ ଦଉନୁ ? କୋଉ ସିନେମା ହଲ୍‌କୁ ଯିବି ? କଣ କଣ କରିବି ତୋ'ଠୁ ଶିଖିନେଲେ ଭଲ । ତୁ କାହିଁକି ମୋ ପାଇଁ ଆଜି ତୋ ଦାନା ଛାଡିଦେବୁ ?

ଘାସିଆ କହିଲା, ତୁ ପାରିବୁ ନାହିଁ । ଏ ଧନ୍ଦାରେ ସମସ୍ତେ କରି ପାରିବେ ନାହିଁ । ତୁ ତ ସାଙ୍ଗେ ସାଙ୍ଗେ ପୋଲିସ୍ ହାତରେ ଧରା ପଡିଯିବୁ । କଳା ବଜାର ଧନ୍ଦା । ପୋଲିସ୍ ହାଜତକୁ ଗଲେ ନା ବାହାରିଲା ବେଳକୁ ଅଗଷ୍ଟ ପନ୍ଦର ପାର ହୋଇ ଯାଇଥିବ । ଆଉ ମୋ ଲକ୍ଷ୍ମୀ ଭାଉଜ ନାକଚଣା ପାଇବ ନା ପରେଡ୍ ଦେଖିବାକୁ ତୟାର ହେବ ?

ଏମିତି କଥା ହେଉ ହେଉ ମଜଦୁରମାନଙ୍କ ମେଳରେ ହୈ ଚୈ ଶୁଭିଲା । ଠିକାଦାର କିଏ ଆସିଗଲା ବୋଧହୁଏ ।

ଘାସିଆ ସିନେମା ଟିକଟରେ କଳାବଜାରିଠାରୁ ଏ କାମକୁ ବେଶି ପସନ୍ଦ କରେ । ଝଞ୍ଜଟ ନାହିଁ । ଖାଲି ଧାଡିରେ ଆଗରୁ ପହଞ୍ଚିଲେ ହେଲା । ବାର ଦୁଆର ତେର ଘର ହୋଇ ବୁଲିବା ଦରକାର ନାହିଁ । ପୁଣି ଯେତେଇ ହେଲେ କମ୍ ମଜୁରୀ । ଏଠି ଧାଡିରୁ ଆଗ ଲୋକ ଆଗେ ଯିବ । ରିକ୍ସା ଷ୍ଟାଣ୍ଡରେ ଯେମିତି ଯାତ୍ରୀ କୋଉ ରିକ୍‌ସାରେ ଯିବ ବାଛି ପାରିବ ନାହିଁ । ଆଗ ରିକ୍‌ସାରେ ଯିବାକୁ ବାଧ୍ୟ । ଠିକାଦାରମାନେ ଏଠି ମୂଲିଆ ମୂଲିଆଣୀ ବାଛି ପାରିବେ ନାହିଁ । ଆଗ ଲୋକ କାମ ନ ପାଇବା ପର୍ଯ୍ୟନ୍ତ ପଛବାଲାଙ୍କୁ କେହି ନେଇ ପାରିବ ନାହିଁ ।

ଘାସିଆ କଥାର ଖିଅକୁ ଅଧାରେ ଛିଡାଇ ଦଉଡି ଗଲା ବୁଝିବାକୁ କୋଉ କାମ୍ ପାଇଁ ଠିକାଦାର ଲୋକ ଚାହୁଁଛି ।

ଫେରିଆସି କହିଲା, ରାମୁଲୁ ତୋ'ର ପ'ବାର ତେର । ଛାତ ପଡିବା କାମ ଜୁଟିଛି । ବହୁତ ଲୋକ ତ ଦରକାର, ପୁଣି ବେଶି ମଜୁରି ମିଳିବ । ତୁ ମୋ ଜାଗାକୁ

ଚାଲିଆ । ମୁଁ ତୋ ଜାଗାରେ ବସୁଛି ।

ଏତେ ଖୁସି ହେଉଛୁ କ'ଣ ? ଦିନେ ଦିନେ ଛାତକାମ ରାତି ପର୍ଯ୍ୟନ୍ତ ଚାଲିଥାଏ । ବହୁତ ଖଟଣି ବି ।

ଘାସିଆ କହିଲା, ବୋକାଟାଏ ନା କ'ଣ ? ଦିନକରେ ଦି'ଦିନର ମଜୁରୀ ମିଳିବ ଯେ । ରୂପା ନାକଚଣାଟାଏ ଅତି କମ୍‌ରେ ବାର ଟଙ୍କା ପଡିବ । ମୁଁ ପରା ସେଦିନ ନେଇଥିଲି । ତୋ କପାଳକୁ ଶିକା ଛିଣ୍ଡିଲା । ନାକଚଣାଟିଏ କିଣି ଆହୁରି ପଇସା ବଳିବ । ସବୁ ପଇସା ସାରି ଦେଲୁ ବୋଲି ତ ବାପା ମା' କି ଭଉଣୀ କହି ପାରିବେ ନାହିଁ ।

ଏଭଳି ଯୋଜନାରେ ରାମୁଲୁ ଯେତେ ଖୁସି ହେଲା ତାକୁ କଥାରେ ପ୍ରକାଶ କରି ନ ପାରି ପ୍ରକାଶ କରିଥିଲା ଘାସିଆକୁ କୁଣ୍ଢାଇ ପକାଇ ଛାତି ଉପରକୁ ଟେକି ଧରିବାରେ ।

କ'ଣ ହେଲା କ'ଣ ହେଲା ବୋଲି ପାଟି କରି ଚାରି ପାଞ୍ଚ ଜଣ ମଜଦୁର ଦଉଡି ଆସିଲେ । ଘାସିଆ ଓ ରାମୁଲୁ ମଧ୍ୟରେ ଅଦଳ ବଦଳ ପ୍ରସ୍ତାବ ଶୁଣି ସେମାନେ ଅଳ୍ପ ବହୁତ ଆପତ୍ତି କରିଥିଲେ, କିନ୍ତୁ ଅନ୍ୟ ମଜଦୁରମାନେ ନିଷ୍ପତ୍ତି କଲେ ଯେ ମେମ୍ବରଙ୍କ ଭିତରେ ଅଦଳ ବଦଳରେ ବାଧା ଦେବା ଉଚିତ୍ ହେବ ନାହିଁ । ଆଜି ରାମୁଲୁର ଅସୁବିଧା ଅଛି । କାଲି ତୋର ଅସୁବିଧା ଆସିବ । ସେତେବେଳେ ଜଣେ ମେମ୍ବର ଯଦି ଆଉ ଜଣେ ମେମ୍ବର ପାଇଁ ଜାଗା ଛାଡି ନ ଦେଲା ତା ହେଲେ ଆମେ ୟୁନିଅନ କଲେ କାହିଁକି ?

ରାମୁଲୁ କାମରେ ଗଲାବେଳେ ଘାସିଆ ଶୁଣେଇ କହିଲା, ଶୁଆନାକୀ ଭାଉଜକୁ କହିବୁଟି ମତେ ଥରେ ମାଂସ ଭାତ ପରଶିବ । ହଁ, ଚଣାଟା ଯେମିତି ପିନ୍ଧିବାକୁ ଭୁଲିବନି !

ରାମୁଲୁର ଖୁସି କହିଲେ ନ ସରେ । ଛାତ ପଡିବା କାମ ବଡ ବଢିଆ । କାମ ସୁରୁ ହେବା ଲାଗି ଭୋଗରାଗ ହେଲା । ମାଲିକ ସାମନାରେ ନଡିଆ ଫଟା ହେଲା । ମୂଲିଆମାନେ ସମସ୍ତେ ଭୋଗ ଖାଇଲେ । ଭୋଗ କେତେ ହେବ ମାଲିକ ସାଙ୍ଗରେ ଯୁକ୍ତି ତର୍କରେ ବେଶ୍ କିଛି ସମୟ ବିତି ଗଲା । ଚାରିଟା ସୁଦ୍ଧା କାମ ସରନ୍ତା କେମିତି ? ଠିକଦାର ସମସ୍ତଙ୍କୁ ଖାଇବାକୁ ଦେଲା । ଛାତ ପୂରା ଢଳେଇ ସରିବା ପର୍ଯ୍ୟନ୍ତ କାମ ହେବ, ସମସ୍ତେ ଦୁଇ ଦୁଇଟା ମଜୁରୀ ପାଇବେ । ଏ କଥା ଶୁଣିଲା ବେଳେ ରାମୁଲୁର ଛାତି ଯେତେ ଫୁଲି ନଥିଲା, ୫୦ ଟଙ୍କା ପାଇଲାବେଳେ ତା'ଠୁ ବେଶି ଫୁଲିଗଲା ।

ଗହଣା ଦୋକାନ ସବୁ ଆଠଟାରେ ବନ୍ଦ ହୋଇଯାଏ । ରାମୁଲୁ ସହଳ ସହଳ ବାହାରିଗଲା । ସେଇମିତି ଅସନା ଦେହଟାକୁ ଘର ତିଆରି କୁଣ୍ଡର ପାଣିରେ ଧୁଆଧୁଇ କରି ବେଗି ବେଗି ଚାଲିଲା, କବାଟ ବନ୍ଦ ହେବା ପୂର୍ବରୁ ଦୋକାନରେ ପହଞ୍ଚିବାକୁ ।

ମୁକୁତା ଥୋପ ଥିବା ତାରକସି ଚଣାଟିଏ କିଣିଲା । ପନ୍ଦର ଟଙ୍କା । ଯାହାହେଉ ପଇଁତିରିଶି ଟଙ୍କା ବଳିଗଲା । ମାଆକୁ ଧରାଇ ଦେବ ।

ଲକ୍ଷ୍ମୀକୁ ଆଜି ଚଣାଟା ଦେଇଦେବ । କାଲି ଆଉ ବେଳ ମିଳିବ ନାହିଁ । ସମସ୍ତଙ୍କ

ଆଗରେ ତ ସାଙ୍ଗ ହୋଇ ଯାଇ ହେବ ନି । ଆଜିଠୁ ଚଣାଟା ପାଇଗଲେ, ଲକ୍ଷ୍ମୀର ଚିନ୍ତା ରହିବ ନାହିଁ । ଆଜିଠୁ ବି କହି ଦେବ କୋଉ ଗେଟ୍ ବାଟେ ସେ ଷ୍ଟାଡିଅମ୍‌ରେ ପଶିବ । କୋଉଠି ଠିଆ ହୋଇ ପରେଡ ଦେଖିବ ।

ସାଙ୍ଗରେ ଗଲେ ଭଉଣୀଟା ମାଆକୁ କହିଦେବ । ଠିକ୍ କଲା ସେ ଦୂରରେ ଥାଇ ପଛେ ପଛେ ଯିବ । ସକାଳୁ ସକାଳୁ ଯିବା ସୁବିଧା ହେବ ନାହିଁ । ଚାରିଆଡେ ଛୁଟି । ବାପ ବି ଥାଇପାରେ । ଯଦି ସକାଳୁ ସକାଳୁ ରିକ୍ସା ଚଲାଇବାକୁ ନ ଯାଏ !

ପ୍ରତ୍ୟେକ ଚିନ୍ତାର ଏଦିଗ ସେଦିଗ ତଉଲା ତଉଲି କରି ରାମୁଲୁ ଠିକ୍ କଲା ରାତାରାତି ଚଣାଟା ଲକ୍ଷ୍ମୀକୁ ଧରାଇ ଦେଇ ଆସିବ । ମାଉସୀର ଦେହ କିମିତି ଅଛି ବୋଲି ପଚାରିବାର ବାହାନା କରି ।

ଘରେ ପହଞ୍ଚି ଦେହଟାକୁ ଆଉ ଥରେ ଧୋଇ ନେଲା । ପିଏଚ୍‌ଡି ବାଲାଙ୍କୁ ଧନ୍ୟବାଦ ଦେଲା ଯେ ଏତେ ରାତିରେ ବି କଳ ବନ୍ଦ ହୋଇ ନାହିଁ । ଗାଧୋଇ ପଡିବାରୁ ଦେହଟା ବେଶ୍ ହାଲୁକା ଲାଗିଲା । ସବୁଯାକ ମଳିଧୂଳି ଯେପରି ସଫା ହୋଇ ଯାଇଛି । ଭଉଣୀର ପାଉଡର ଡିବାରୁ କିଛି ଲଗାଇ ଦେହଟାକୁ ବାସନା କଲା । ବାଛି ବାଛି ସଫା ପେଣ୍ଟ ସାର୍ଟ ପିନ୍ଧି ବାହାରି ପଡିଲା । ପେଣ୍ଟ ପକେଟରେ ନାକଚଣାଟା ଅଛି କି ନାହିଁ ଆଶ୍ୱସ୍ତ ହେବା ପାଇଁ ତାର ହାତ ସବୁବେଳେ ପକେଟ୍ ଭିତରେ ପଶିଯାଉଥାଏ ।

ରାତି ନିଛାଟିଆ ହୋଇ ଗଲାଣି । ରାସ୍ତାରେ ଲୋକବାକ ଦେଖାଯାଉ ନାହାନ୍ତି । ସେଆଡେ ରାମୁଲୁର ଚିନ୍ତା ନାହିଁ । ତାଳଦଣ୍ଡା କେନାଲ କୂଳେ କୂଳେ ତଳମୁହାଁ ହୋଇ ରାମୁଲୁ ଚାଲିଛି । ଦଶ ବାର ମିନିଟ୍‌ର ବାଟ ।

ଆଗରେ ତିନିଟା ଟୋକା ହୁଇସିଲ୍ ବଜାଉଥିବାର ଶୁଭିଲା । କିଏ ସେଆଡକୁ ମୁଣ୍ଡ ଟେକୁଛି ! ତାର ଗୋଟିଏ ଚିନ୍ତା ଲକ୍ଷ୍ମୀକୁ କେମିତି ଭେଟିଟା ଦେବ । ଅନ୍ୟ କିଛି ତା ମୁଣ୍ଡରେ ପଶୁ ନାହିଁ । ରାମୁଲୁ ଚାଲିଛି ।

ହଠାତ୍ ଗୋଟିଏ ଟର୍ଚ୍ଚ ତା ଆଖିରେ ପଡିଲା ! ସେ କିଛି ଦେଖି ପାରିଲା ନାହିଁ । ଆଖି ବୁଜିହୋଇଗଲା ବେଳକୁ ଜଣେ ପଚାରିଲା, କି ବେ ? ପକେଟରେ କ'ଣ ରଖିଛୁ କି ?

ରାମୁଲୁ ମନ ଯେମିତି ଲକ୍ଷ୍ମୀ ପାଖରେ, ହାତ ସେମିତି ପକେଟ ଭିତରେ । ରାମୁଲୁ କିଛି ନ କହି ନାକଚଣାଟାକୁ ଜୋରରେ ମୁଠାଇ ଧରିଲା ।

ହାତ କାଢ୍ ବେ ? ଜଣେ ପାଟି କଲା ।

ରାମୁଲୁ ବେଶି ଚାପି ଧରିଲା । ଗୋଟିଏ ଛୁରୀର ମୁନ ତା ହାତ ଭିତରେ ଫୋଡି ହୋଇଗଲା ।

ମୋତେ ମାରି ପକାଇଲେ, ମୋତେ ମାରି ପକାଇଲେ, ବୋଲି ଚିତ୍କାର କରି ରାମୁଲୁ ବାଁ ହାତରେ ଗୋଟିଏ ଟୋକାକୁ ଠେଲି ଦେଲାବେଳକୁ ତା' କଳିଜା ପାଖରେ କିଏ

ଗୋଟିଏ ଛୁରୀ ଭୁଷିଦେଲା ।

ଚାରିଆଡେ ଅନ୍ଧାର ହୋଇଗଲା । ରାମୁଲୁ ପଡିଗଲା । ଏତକ ତାର ମନେ ଅଛି । ଆଖି ଖୋଲି ଚାରିଆଡକୁ ଚାହିଁ ଉଠିବାକୁ ଚେଷ୍ଟା କଲା ବେଳକୁ ରାମୁଲୁ ଛାତି ଭିତରେ ଅଜସ୍ର ଯନ୍ତ୍ରଣା ଅନୁଭବ କଲା । ଛାତିରେ ପଟି ବନ୍ଧା ହୋଇଛି । ତା ଦେହରେ ସାର୍ଟ ପେଣ୍ଟ ନାହିଁ । ଚାଦର ତଳେ ଦେହ ହାତ ଲଙ୍ଗଳା ଲାଗୁଛି ।

ସେ ଚିତ୍କାର କଲା ମୋ ପେଣ୍ଟ୍ ଗଲା କୁଆଡେ ?

ଗୋଟିଏ ଚିତ୍କାରରେ ଯେମିତି ତା'ର ସବୁ ଜୋର୍ ସରିଗଲା ।

ନାକ ଉପରେ ଆଖି ବୁଲେଇ ଆଣିଲା, ନାକଟା ସଲସଲ ହେଉଛି କାହିଁକି ? ଓଃ ! ନାକ ଭିତରେ ଗୋଟିଏ ରବର ନଳୀ ।

ରାମୁଲୁକୁ ଦେଖାଗଲା, ଚାରିଆଡେ ଲୋକ ଆଉ ଲୋକ ! ପରେଡ୍ ଆରମ୍ଭ ହୋଇଗଲା କି ? ନାଁ ତ ! କେତେକ ଖଟରେ ଶୋଇଛନ୍ତି ତ ଆଉ କେତେକ ତଳେ । ସବୁ ଝାପ୍‌ସା ଝାପ୍‌ସା ଦିଶୁଛି ।

ହେଇ ତ ! ଝିଅଟି ଆସୁଛି । ଭଲ କରି ଦେଖି ହେଉନି । ଆଖିରେ ଆଖିଏ ନିଦ ।

ନାଁ ! ଏ ତ ଲକ୍ଷ୍ମୀ ନୁହେଁ !

ରାମୁଲୁକୁ ଜଣାଗଲା, ଝିଅଟି ତା ହାତକୁ ଚିପି ଧରିଛି । କଣ ପିମ୍ପୁଡିଟାଏ କାମୁଡି ଦେଲା ବୋଧହୁଏ ।

ପୁଣି ଅନ୍ଧାର ମାଡି ଆସିଲା ।

ରାମୁଲୁ ପୁଣି ନିଶ୍ଚେତ୍ ହୋଇଗଲା ।

*****

# ଆତ୍ମହତ୍ୟା ସମ୍ମାନର

କାଶୁଗାଇ ଗାଁର ପ୍ରାୟ ଅଧେ ଲୋକ ଜମି ଯାଇଛନ୍ତି । ଏ କ'ଣ କଲା ରାଜା ? ରାଧାର ନିବିଡ ସାଙ୍ଗ ପଚାରିଲା । ଜାପାନୀ ଭାଷାରେ ରାଧିକାର ନାମ ରାଧା ନ ହୋଇ ରାଜା ହୋଇ ଯାଇଛି । ଉଚ୍ଚାରଣ ସେମିତି ।

ରାଧାର ମୁହଁରୁ କଥା ବାହାରୁ ନାହିଁ । ଆତ୍ମହତ୍ୟା ଭଳି ଉଦ୍ୟମରୁ ବଞ୍ଚିଯିବା ଭଳି ଅପମାନଜନକ କାମ ଆଉ ନାହିଁ । ମରି ଯାଇ ଥିଲେ କେତେ ଶାନ୍ତିରେ ଚାଲି ଯାଇ ଥାନ୍ତି । ଏତେ ଶୁଣିବାକୁ ପଡି ନ ଥାନ୍ତା । ରାଧା ଅବାକ୍, କିନ୍ତୁ ରାଧାର ମନ କଥା କହୁଥାଏ । ମନ ଭିତରେ କେତେ ଭାବନା ଖେଳି ଯାଉ ଥାଏ ।

ପିଲାଛୁଆଙ୍କ ପ୍ରତି ତୋର କର୍ତ୍ତବ୍ୟ ଅଛି । ତାକାହାସୀ କହି ଚାଲିଲା । କନ୍‌ଫୁସିଅସ୍ କ'ଣ କହିଛନ୍ତି, ଭୁଲି ଗଲୁକି ? ପିଲାମାନେ ପରା ତୋର ଗୋଟିଏ ଗୋଟିଏ ଅଙ୍ଗ । ହାତ ଗୋଡ ଯେମିତି ଶରୀରର, ପିଲାଛୁଆ ସେମିତି ବାପାମାଆଙ୍କର । ଛୁଆଦି'ଟାକୁ ଛାଡି ତୁ କିମିତି ଚାଲି ଯିବାକୁ ଚାହୁଁଛୁ ?

ମନମୋହନ ଦୁର୍ଘଟଣାରେ ପ୍ରାଣ ହରାଇବା ପରଠାରୁ ରାଧା ବଡ ହଇରାଣରେ ଚଳୁଛି, ବିଧବା ଜୀବନ ବଡ ଅସହ୍ୟ । କାଶୁଗାଇ ଗ୍ରାମର ସମବାୟ ସମିତିରୁ ସେ ୩ ଲକ୍ଷ ୟେନ ଧାର କରିଥିଲା । ଖୁବ୍ ବେଶି ନୁହେଁ, ଭାରତରେ ଥିଲେ ମାତ୍ର ୧୨,୦୦୦ ଟଙ୍କା ହୋଇ ଥାନ୍ତା । ବସି ଖାଇଲେ ନଇ ବାଲି ସରେ । ଏତକ ୟେନ୍ କେତେ ଦିନ ଯାଆନ୍ତା । ତିନିଟା ବର୍ଷ ବଡ କଷ୍ଟରେ ଚଳିଗଲା । ଭାରତ ଫେରି ହେବ ନାହିଁ । ହାତରେ ଅର୍ଥ ନାହିଁ । ଓଡିଶାର ଗାଁ ଗହଳିରେ ମନମୋହନର ଘରବାଡି ସବୁ ବିକ୍ରି ହୋଇ ସାରିଛି । ଭାଇମାନେ ତ ଭଗାରୀ । ତିନିବର୍ଷ ଦୁଃଖରେ କଟିଲାଣି, ଥରେ ହେଲେ ସାନ୍ତ୍ୱନା ଦେଇ ଚିଠିଟିଏ ଲେଖି ନାହାନ୍ତି । ସେଠି ବୋଧହୁଏ ଭିକ ମାଗିବାକୁ ପଡିବ । ଛୁଆ ଦି'ଟାଙ୍କ ଜନ୍ମ ଜାପାନୀ ମାଟିରେ, ପଢା ଜାପାନୀ ସ୍କୁଲରେ । ଫେରିଗଲେ ଗାଁରେ ମିଶି ପାରିବେ କି ? ପୁଣି ସେମାନେ ବି ଯିବାକୁ ଅନିଚ୍ଛୁକ ।

ଏମିତି ଦ୍ୱନ୍ଦରେ ରାଧା ଦେଖିଥିଲା ଗୋଟିଏ ସମାଧାନ - ଆତ୍ମହତ୍ୟା । କିନ୍ତୁ ସେ ଶେଷ ନିଶ୍ୱାସ ତ୍ୟାଗ କରିବା ପୂର୍ବରୁ ପଡିଶାମାନେ ଗଳାରୁ ଦଉଡି ଫିଟାଇ ଦେଇଛନ୍ତି ।

ବାର ବର୍ଷ ତଳେ ସେ ଯେତେବେଳେ ସ୍ୱାମୀଙ୍କ ସହିତ ଜାପାନ ଆସିଥିଲା, କେତେ ଖୁସିରେ ଆସିଥିଲା । ବିଦେଶରେ ରହିବ, କେତେ ଜାଗା ବୁଲିବ । ବାଣିଜ୍ୟିକ ଜାହାଜରେ

ତାଙ୍କ ଚାକିରି । ମର୍ଚ୍ଚାଣ୍ଟ୍ ମାରିନ୍ । କେତେ ଦେଶ ବ୍ୟବସାୟ ବାଣିଜ୍ୟରେ ସେ ବୁଲୁଛନ୍ତି - ଏବେ ଜାପାନୀ ସିପିଙ୍ଗ୍ କମ୍ପାନୀରେ ଚାକିରି । ସ୍ଥାୟୀ ହୋଇ ଯାଇଛି । କାଶୁଗାଇ ଗାଁଆରେ ସେ ଜମିବାଡି କିଣି ସାରିଛନ୍ତି - କେବଳ ରାଧାକୁ ନେଇ ଗଲେ ତାର ପରିବାର ପୂର୍ଣ୍ଣ ହୋଇଯିବ । ସ୍ୱାମୀଙ୍କର ଏହି ଆଶାକୁ ସଫଳ କରି ଯେଉଁ ରାଧା କାଶୁଗାଇ ଗାଁରେ ପାଦ ଦେଇଥିଲା, ସେ ଭାବି ନଥିଲା ଯେ ଦି ଦି'ଟା ପିଲାର ବୋଝ ଛାଡି ମନମୋହନ ଏ ଦୁନିଆରୁ ପାର ହୋଇଯିବେ; ଯେଉଁ ସମୁଦ୍ର ପାଣିରେ ସେ ନିତିଦିନ ଘୁରି ବୁଲୁଥିଲେ, ସେଇଠି ସବୁଦିନ ପାଇଁ ଲୁଚି ଯିବେ ।

ଜାପାନରେ ରହିବା ରାଧାକୁ ଖରାପ ଲାଗି ନ ଥିଲା । ଓଡିଶା ଗାଁ ଭଳି, ସେଠି ବି ବଡ ବଡ ପରିବାର । ଜେଜେଠାରୁ ଆରମ୍ଭ କରି ନାତିନାତୁଣୀ ପର୍ଯ୍ୟନ୍ତ ତିନି ଚାରି ପୁରୁଷ ଗୋଟିଏ ପରିବାରରେ ଥାଆନ୍ତି । ଗୋଟିଏ ଚୁଲିରେ ରୋଷାଇ, କେହି ଅଭାବରେ ବା ଦୁଃଖରେ ନ ଥାଏ । ଜଣଙ୍କର ଦୁଃଖ ସମସ୍ତେ ଭାଗ କରି ନିଅନ୍ତି; ଜଣେ ବା ଦିଜଣଙ୍କର ରୋଜଗାର ସମସ୍ତଙ୍କୁ ଚଳାଇ ନିଏ । ଓଡିଶା ଭଳି । ଯଦି ଜଣେ କେହି ବେଶ୍ ରୋଜଗାର କଲା, ତା ଉପରେ ପରିବାରର ସମସ୍ତଙ୍କ ଆଖି । ତା'ର ମାଂସକୁ ସମସ୍ତେ ଝୁଣି ଖାଇ ଯାଆନ୍ତି ସତେ ! ତା'ର ସବୁ ରୋଜଗାର ଯୌଥ ପାଣ୍ଠିରେ ପୈଠ କରିବାକୁ ସେ ବାଧ୍ୟ ହେଉଥିଲା । ପରିବାରର ଓ ସମାଜର ଚାପ ପ୍ରବଳ ଥିଲା ।

ଗତ ବାର ବର୍ଷ ଭିତରେ କେତେ ପରିବର୍ତ୍ତନ ! ଜାପାନ ଖୁବ୍ ଶୀଘ୍ର ଏକକ ପରିବାର ଆଡେ ଆଗେଇଛି । ରାଧାର ଆଖି ଆଗରେ । ଏଇ କେତେ ବର୍ଷ ଭିତରେ ଜାପାନୀ ଗାଁଗଣ୍ଡାରେ ମଧ୍ୟ ଛୋଟ ପରିବାର ବଢି ଚାଲିଛି । ଚାକିରି କରି ଲୋକ ବାହାରକୁ ଚାଲି ଯାଉଛି । ନିଜର ସ୍ତ୍ରୀ ପିଲାଙ୍କୁ ଧରି ବାହାରେ ରହି ଯାଉଛି । ସତେ ଯେମିତି ବାପା ମାଆ ଭାଇ ଭଉଣୀଙ୍କ ଠାରୁ ସେ ଭିନ୍ନ । ଜାପାନୀ ସାମନ୍ତବାଦୀ ସମାଜ ଓ ଯୌଥ ପରିବାର ଆସ୍ତେ ଆସ୍ତେ ଭୁଶୁଡି ପଡୁଛି ।

ତଥାପି ଗାଁ ଗହଳିରେ ପୁରୁଣା କନ୍‌ଫୁସିଆନ୍ ଅମଳର ଧାରଣା ବୁଢିଆଣୀ ଜାଲ ଭଳି ଘେରି ରହିଛି । ଦୂରରୁ ଦିଶୁ ନାହିଁ । କିନ୍ତୁ ସୂକ୍ଷ୍ମ ଭାବରେ ପ୍ରତ୍ୟେକ ଖିଅକୁ ବାନ୍ଧି ରଖିଛି । ବାର ବର୍ଷ ତଳେ ପହଞ୍ଚି ରାଧା ଜାପାନୀ ଖବର କାଗଜରୁ ଏମିତି ଖବର ପଢି ଥଟ୍ଟା କରୁଥିଲା ।

ଦେଖିଲ ! କି ପାଗଳ ଏମାନେ ! ବାପା ମରିବା ପୂର୍ବରୁ ଛୁଆମାନଙ୍କୁ ଆଉ ମା'କୁ ମାରି ଦେଉଛି । ରାଧା ମନମୋହନକୁ ଗୋଟିଏ ଗୋଟିଏ ଖବର ପଢି ତା'ର ତର୍ଜମା କରୁଥିଲା ।

ଖବରର ବାକି ଅଂଶ । ପିଲାଟା ୬ ବର୍ଷର । ଗୋଟିଏ ଚିଠି ଲେଖି ଯାଇଛି - ନକୋୟା ହୋଟେଲରେ ସମସ୍ତଙ୍କ ଶବ ମିଳିଛି । ଛୁଆଟା ଲେଖିଛି - ମା' ଆମେ ଆଜି ଚିଡିଆଖାନା ଯାଇଥିଲୁ । ବାପାଙ୍କ ସାଙ୍ଗରେ । ବଡ ମଜା ହେଲା । ବିଦାୟ...

ତା' ଭାଇ ୧୧ ବର୍ଷ, ଭଉଣୀ ୪ ବର୍ଷ, ଏମାନଙ୍କ ଶବ ସହିତ ବାପା ୟୋସିଫୁମି ବାବା - ୩୭ ବର୍ଷ - ତା'ର ଶବ ମଧ୍ୟ ମିଳିଛି । ୟୋସିଫୁମି ଜଣେ ଟ୍ରକ୍ ଡ୍ରାଇଭର । ବାଧ୍ୟ ହୋଇ ପିଲାଙ୍କୁ ମାରି, ଆତ୍ମହତ୍ୟା କରୁଛି, ଏଥିପାଇଁ ଅନ୍ୟ କେହି ଦାୟୀ ନୁହେଁ । ଏମିତି ଚିଠିଟିଏ ୟୋସିଫୁମି ଲେଖିଯାଇଛି ।

ରାଧାର ତର୍ଜମା ଶୁଣି ମନମୋହନ ତା'ର ଦର୍ଶନ ଶୁଣାଇଥିଲା । ତୁ ଜାଣିନାହୁଁ । ଜାପାନୀ ସମାଜରେ ଆତ୍ମହତ୍ୟା ଗୋଟିଏ ରୋଗ । ଆତ୍ମହତ୍ୟାକୁ ଏମାନେ ଜିସାତ୍ସୁ କହନ୍ତି । ଏଟା କେତେ ରକମର ହୋଇପାରେ । ଜିସାତ୍ସୁକୁ ସେମାନେ ଗୋଟିଏ କଳାରେ ପରିଣତ କରି ପକାଇଛନ୍ତି । କେତେ ଆତ୍ମହତ୍ୟା, ପୁଣି କେତେ ରକମର । ଓୟାକୋସିଞ୍ଜୁ ଜିସାତ୍ସୁ- ଏମିତି ଗୋଟିଏ । ଦି'ବର୍ଷ ତଳେ ଗୋଟିଏ ସ୍ତ୍ରୀଲୋକ ଦୁଇଥର ଆତ୍ମହତ୍ୟା ଉଦ୍ୟମ କରିଥିଲା । ପ୍ରଥମ ଥର ପିଲାମାନଙ୍କୁ ଛାଡି ଦେଇଥିଲା । ପଡିଶାର ଘରଣୀମାନେ ଏକଥା ଯେମିତି ଶୁଣିଲେ, ତାକୁ ଯା'ଛା ତା' ଗାଳି ଦେଲେ । ତୁ ଗୋଟିଏ ଅସୁରୁଣୀ । ଛୁଆ ଗୁଡାକୁ ପଦାରେ ପକାଇ ଦେଇ ମରିବାକୁ ଯାଉଛୁ ? ଛି, ତତେ ଧରମ ସହିବ ? ଏମିତି କେତେ ଗାଳିଗୁଲଜ କଲେ । ଏକ ରକମର ବାସନ୍ଦ ବି କଲେ । ତେଣୁ ଦ୍ୱିତୀୟଥର ଆତ୍ମହତ୍ୟା ଉଦ୍ୟମ କରିବା ପୂର୍ବରୁ ପିଲାମାନଙ୍କୁ ମାରି ଦେଇଥିଲା । ପିଲା ମରିଗଲେ, ତାକୁ ଲୋକେ ବଞ୍ଚାଇ ଦେଲେ ।

ଖବରଟା ପଢୁ ପଢୁ ମନମୋହନ କହିଲା, 'ଦେଖୁନ, କ'ଣ ଲେଖିଛି । ବାବାର ସ୍ତ୍ରୀ ଖାଉଟି-ଋଣ କମ୍ପାନୀଠାରୁ ୫ ହଜାର ୟେନ୍ ଋଣ ନେଇଥିଲା । କିଛି ଦିନ ପରେ ଘରଛାଡି ପଳାଇଗଲା । ବାବା ଭାବିଲା, ଋଣ ସୁଝି ନ ପାରିଲେ ଲୋକେ ତାକୁ କ'ଣ କହିବେ ? ତା ପିଲାଙ୍କୁ କ'ଣ କହିବେ ? ମୁହଁ ଦେଖାଇ ହେବ ନାହିଁ । ପୁଣି ପିଲାମାନଙ୍କ ଉପରେ ତା ବୋଝ କାହିଁକି ଲଦିବ ? ତେଣୁ ନୈତିକ ସମାଧାନ ବାଛି ନେଲା । ପିଲାମାନଙ୍କୁ ମାରି ନିଜେ ମଲା - ଜାପାନୀ ସମାଜରେ ସେ ଗୋଟିଏ ଶହୀଦ ହୋଇଗଲା ।

ଦେଖୁନ ତଳେ କିପରି ମନ୍ତବ୍ୟ ଦେଇଛି ସମ୍ବାଦଦାତାଟା - ମନମୋହନ ପଢୁ ପଢୁ କହିଲା । ଓୟାକୋସିଞ୍ଜୁ କରି କେବଳ ଯେ ବାବା ନିସ୍ତାର ପାଇଗଲା ତା' ନୁହେଁ, ତାର ବନ୍ଧୁ ବାନ୍ଧବମାନେ ମଧ୍ୟ ବଦନାମରୁ ରକ୍ଷା ପାଇଗଲେ । ଏବେ ଲୋକଙ୍କର ସମାଲୋଚନାର ପାତ୍ର ହେବେ ଋଣ କମ୍ପାନୀମାନେ । ଏହି ଋଣ କମ୍ପାନୀଗୁଡାକ ଲୋକଙ୍କୁ ଆତ୍ମହତ୍ୟା କରିବାକୁ ବାଧ୍ୟ କରୁଛନ୍ତି ।

କ'ଣ ହେଉଛି କି, ଆଗକାଳରେ ଲୋକେ ଜଏଣ୍ଟ ଫାମିଲିରେ ଥିଲେ । ଅସୁବିଧାରେ କେହି ପଡିଲେ, ବଡ ପରିବାରର ସୁବିଧାରେ ଥିବା ଅନ୍ୟମାନେ ସମ୍ଭାଳି ନେଉଥିଲେ । ଏବେ ଶତକଡା ୬୦ ଜାପାନୀ ଦମ୍ପତି ଆଉ ଯୌଥ ପରିବାରରେ ରହୁ ନାହାନ୍ତି । ପାଶ୍ଚାତ୍ୟ ସଭ୍ୟତାର ନ୍ୟୁକ୍ଲିର ଫାମିଲି । ବାପା, ମାଆ ଓ ଛୁଆ - ଏତିକି ନୂଆ ଦୁନିଆ । ନୂଆ ଜାଗାରେ ଦରାଣ୍ଡି ଦରାଣ୍ଡି ଚଳୁଛନ୍ତି । ଅଥଚ ଆମ ଭାରତୀୟଙ୍କ ଭଳି ଏଠାରେ ସ୍ତ୍ରୀ ହିଁ

ଘର ସମ୍ଭାଳିବ । ଘରର ହିସାବ କିତାବ  ରଖିବ, ଛୁଆ ପାଳିବ । ଏସବୁ ତାକୁ ଏକୁଟିଆ କରିବାକୁ ପଡୁଛି  । ଶାଶୁ ନଣନ୍ଦ ବା ଅନ୍ୟ କେହି ନାହିଁ - ସେମାନଙ୍କ ସାହାଯ୍ୟ ପାଇବ କେଉଁଠୁ ? ତେଣୁ ପରିବାରର ଋଣ ବଢିଲେ ବା ପିଲାଟା  ପରୀକ୍ଷାରେ ଖରାପ  କଲେ - ଦମ୍ପତିର ମନରେ ଅସୀମ ଦୁଃଖ, ଅସହ୍ୟ ଲଜ୍ଜା, ଏକ ନିଃସଙ୍ଗ ଭାବ । ଏପରି ହତାଶ ଭାବ, ଅସହାୟ ପ୍ରବଣତା ଆସିଗଲେ ବାପା ମା ଛୁଆମାନଙ୍କୁ ସାଙ୍ଗରେ  ଧରି ଆତ୍ମହତ୍ୟା କାହିଁକି ନ କରିବେ ? ଏତକ କହି ମନମୋହନ ସେ ଦିନ ଗୋଟିଏ ଦର୍ଶନ ଅଧ୍ୟାପକର ସନ୍ତୋଷ ଲାଭ କରିଥିଲା ।

ରାଧାର ମନରେ ଥିଲା, ଏସବୁ କାମ ବାପାମାନେ କରିବା କଥା । କିନ୍ତୁ ମନମୋହନ ତ ଆଗରୁ ବାଟ କାଟି ଦେଲାଣି, ତା'ର ବା ଦୋଷ କ'ଣ ? ସିଏ ତ ନିଜ ପାଇଁ ଋଣ କରି ନ ଥିଲା ?  ବର୍ତ୍ତମାନ ମାଆର ପାଳି ! ଜୀବନ ଛଡାଇବାକୁ ହେଲେ ସେ ହିଁ ଆଗଭର ହେବ । ସେ ବି ଜାଣେ ଏବେ ନୂଆ ଜାପାନୀ ଆଇନ ହୋଇଛି । ଆତ୍ମହତ୍ୟା ଉଦ୍ୟମ କଲେ ୫ ବର୍ଷ ଜେଲ । ବ୍ୟର୍ଥ ହେଲେ ସିନା ଏ ଜେଲ । ଦୁନିଆରେ ଥିଲେ ତ ଜେଲ ମିଳିବ  ।

କିନ୍ତୁ କ'ଣ କରିବ ? ସେ ଯେ ବଞ୍ଚିଗଲା ! ପଡିଶାଗୁଡା ତାକୁ ମରିବାକୁ ଦେଲେ ନାହିଁ । ଧିକ୍ ଏ ଜୀବନ ! ବଞ୍ଚି ଲାଭ କ'ଣ, ପିଲାଗୁଡା ବଞ୍ଚିଥିଲେ, ସେମାନଙ୍କ ଭାଗ୍ୟ ସେମାନେ ଦେଖନ୍ତେ । ସାଇ ପଡିଶା ବାଲାଏ ତା' ବି କରି ଦେବେନି !

ପରଦିନ ସକାଳେ ତାକାହାସୀ ବୁଲି ଆସିଲା । ଦେଖିବ, ରାଜା କିପରି ଅଛି  । ସାନ୍ତ୍ୱନା  ଦେବ । କଷ୍ଟ କଲେ ବୁଦ୍ଧ ବି ଦୟା କରିବେ । ପିଲାଏ ଶିକ୍ଷିତ ହେବେ !

ରାଧାର କବାଟରେ ହାତ ଦେଲାକ୍ଷଣି ଖୋଲିଗଲା । ଏ କ'ଣ ଦେଖୁଛି ? ତାକାହସୀ ବିଶ୍ୱାସ କରି ପାରିଲା ନାହିଁ ।

ତା'ର ପିଲା ଦୁଇଟା ପାଖରେ ରାଧା ଶୋଇଛି । ପାଖରେ ଚିଠିଟିଏ । ପଢିଲା । ତା'କୁ ହିଁ ଲେଖା ହୋଇଛି ।

ପ୍ରିୟ ତାକାହାସୀ,

ତୁମରି ଉପଦେଶ ଅନୁଯାୟୀ ଓୟାକୋସିଞ୍ଜୁ କରିଛି । ଏଥି ପାଇଁ ଅନ୍ୟ କାହାରି ଦୋଷ ନାହିଁ । ଦୋଷ ସବୁ ମୋ'ର । ବୁଦ୍ଧ ତୁମକୁ ଭଲରେ ରଖନ୍ତୁ ।

ତାକାହାସୀର ଆଖିରୁ ଦୁଇ ବୁନ୍ଦା ଲୁହ ଝରି ପଡିଲା ।  ଚିଠିରେ ଲାଗି  ଚରିତ୍ରାଳ ବୁଦ୍ଧ ଶବ୍ଦଟି ଜାଲଜାଲୁଆ ହୋଇଗଲା  ।

*****

# ସଳିତା

ସତେ ଯେପରି ବିଜୁଳିବାଲାଏ ତାଙ୍କର ମନୋଭାବ ଜାଣିଗଲେ । ହଠାତ୍ ବିଜୁଳି ଚାଲିଗଲା । ଚାରିଆଡେ ଅନ୍ଧାର ଆଉ ଅନ୍ଧାର । ସନ୍ଧ୍ୟାଦେବୀଙ୍କ ମନେ ହେଲା ସେ ତଳକୁ ତଳକୁ ଖସି ଯାଉଛନ୍ତି । ପାଦ କେଉଁଠି ଲାଗୁନାହିଁ । କଣ କରିବେ ଭାବି ପାରୁ ନାହାନ୍ତି । ତୁହାକୁ ତୁହା କୋହ ଆସୁଛି । କୁଆଡକୁ ଅନାଇଲାବେଳକୁ ଆଖି ବୁଜି ହୋଇ ଯାଉଛି । ଅନ୍ଧାର ବୋଲି ନୁହେଁ, ଗଛଲତା ଫଳଫୁଲ ତାଙ୍କୁ ଲକ୍ଷ୍ୟ କରୁଛନ୍ତି ବୋଲି। ଡାଳ ପତ୍ର ଗୁଡାକ ଭାରାକ୍ରାନ୍ତ । ପତ୍ରଗୁଡା ଥରେ ଥରେ ଦୋହଲି ଯାଉଛି : ସେମାନେ ଯୁକ୍ତିତର୍କରେ ବ୍ୟସ୍ତ । ମଣିଷ ନିଜକୁ ବିଚାରବନ୍ତ, ରେସନାଲ୍ ଆନିମାଲ୍ କହୁଛି । କୋଉଠି ସେ ବିଚାର, କୋଉଠି ସେ ରେସନାଲିଟି ? ଗୋଟିଏ ଡାଳ ଆଉ ଗୋଟିଏ ଡାଳକୁ ପ୍ରଶ୍ନ କରି କରି ଉତ୍ତର ଲାଗି ଦେହ ଘଷି ହେଉଛି । ଛୋଟ ଗଛଲତା ପୂରା ନଇଁ ଆସୁଛନ୍ତି, ଟପ୍ ଟପ୍ ବୁନ୍ଦା ବୁନ୍ଦା ଲୁହ ବି ଢାଳୁଛନ୍ତି ।

ଯଦି ବାଡିର ଗଛଲତା ଏତେ ଦରଦ ଦେଖାଉଛନ୍ତି, ସନ୍ଧ୍ୟାଦେବୀ ଭାବିଲେ, ନିଜ ଘରର ଲୋକ କାହିଁକି ଏତେ କୃତଘ୍ନ ? ସେ କାହିଁକି ଭାବି ପାରୁ ନାହାଁନ୍ତି ଯେ ମୁଁ କେମିତି ଜଳି ପୋଡି ହେଉଛି ।

ସନ୍ଧ୍ୟା ଦେବୀ ଜୋର୍ କରି ଆଖି ଦୁଇଟିକୁ ଘୂରାଇ ଆଣିଲେ । ସବୁ ନିର୍ବାକ୍ । ସ୍ୱାମୀ ବୋଲି କହୁଥିବା ସେହି କୃତଘ୍ନ ପୁରୁଷଟିକୁ ସେ କଣ କହି ଡାକିବେ ? ତାଙ୍କ ପ୍ରତି ଯାହା କିଛି ସମ୍ମାନ ଫେରି ଆସିଥିଲା, ଏବେ ସେ ସବୁ ପୁଣି ଉଭେଇ ଯାଉଛି । ବାରମ୍ବାର ବିଶ୍ୱାସ ହରାଇଲେ ମୁଁ କେତେ ସମ୍ଭାଳିବି ? ମୋର ତ ପୁଣି ଗୋଟିଏ ଛାତି ଅଛି ! ସହିବାର ତ ଗୋଟିଏ ସୀମା ଅଛି !

ସନ୍ଧ୍ୟାଙ୍କ ମନ ଭିତରେ ରାତ୍ରିର ଅନ୍ଧକାରଗୁଡାକ ବରଫ ପାଲଟିଗଲା ।

ବିବାହ ସମୟର ଘଟଣାମାନ ଗୋଟି ଗୋଟି ହୋଇ ମନେ ପଡିଲା ।

ବାପା ଦାଦା ଗାଁ ଲୋକେ କେତେ ଖୁସି । ସମସ୍ତଙ୍କ ପାଖରେ ଫୁସଫାସ୍ କଥାବାର୍ତ୍ତା । ଆଇ ଏ ଏସ୍ ଜୋଇଁ ମିଳିଗଲା । ଝିଅଟାର କେତେ ଭାଗ୍ୟ ? ସେମାନେ ବା ଖୁସି ନ ହେବେ କାହିଁକି ? ଏ ତିନିଟା ଅକ୍ଷରର ଭିତିରି କଥା ଜାଣି ତ ନାହାନ୍ତି । ଏ ତିନିଟା ଅକ୍ଷର ଯେ ଗୋଟିଏ ଗୋଟିଏ ଗୋଟିଏ ଜନ୍ତୁକୁ ଘୋଡାଇ ରଖିଛି, ସେମାନେ ବା କାହିଁକି ଜାଣନ୍ତେ ? ଏତେ ଶୀଘ୍ର ଏ ଅମଣିଷ ହେବେ ମୋର ଏ ଧରଣା ନ ଥିଲା । ଚାକିରି ବାକିରିର ସର୍ତ୍ତ

ଯୋଗୁଁ ନୁହେଁ । ନେତା ଫେତାଙ୍କ ଚାମଚାଗିରି ଯୋଗୁଁ ନୁହେଁ । ଅନ୍ୟମାନଙ୍କର ଦୁର୍ବଳତାରୁ ଲାଭ ଉଠାଉଥିବାରୁ । ଆଉ ସୁଧାରିବା ନାଁ ରେ ଆତ୍ମାକୁ ନଷ୍ଟ କରୁଥିବାରୁ ।

କେତେଟା ଲୋକ ଆତ୍ମାର ଧାର ଧାରୁଛନ୍ତି ? ଶରୀରକୁ ବଞ୍ଚାଇବାର ଇଚ୍ଛା ଯାହାର ପ୍ରବଳ ସେ ବା କାହିଁକି ଆତ୍ମାକୁ ଚିହ୍ନିବ ?

ତା ବୋଲି ଏ ନିଜକୁ ଏତେ ନୀଚ କରି ଦେବେ ? ନିଜ ସ୍ୱାମୀ ବି ଏହି ସ୍ପେସିଜ୍‌ର, ଏହି ଜାତିର ଗୋଟିଏ ନମୁନା ହୋଇ ପଡିଛି ।

ସନ୍ଧ୍ୟାଦେବୀଙ୍କର ମନ ପରଦାରେ କେତେ ଛବି ଉଙ୍କି ମାରିଲା । ଗୋଟିଏ ପରେ ଗୋଟିଏ ଦୃଶ୍ୟ ଭାସିଗଲା ଓ ତାଙ୍କ ଅନ୍ତର୍ଦୃଷ୍ଟିରେ ଅତୀତ ଓ ବର୍ତ୍ତମାନର ତୁଳନା ଚାଲିଲା । ତାଙ୍କ ବିବାହିତ ଜୀବନର ଅତୀତକୁ ସେ ସନ୍ଦେହ କରିବା ଆରମ୍ଭ କଲେ । ଛି, ଛି, କେତେ ଅସ୍ୱସ୍ତିକର ଅତୀତ । ଦିନ ଗୁଡାକ କେମିତି କଟି ଆସିଛି ମ ?

କଣ୍ଟ୍ରାକ୍ଟର ତା କାମ ଆଦାୟ କରିବା ଲାଗି କେତେ କଣ ଉପାୟ କରିବ । ତା ବୋଲି ତୁମେ ସେଥିର ଶିକାର ହୋଇ ପଡିବ ? ତୁମ ପାଠ ସବୁ ଗଲା କୁଆଡେ ? ଦେଶର କ୍ରିମ୍ ପରା ? ବେଙ୍ଗା ହୋଇ ଗଲ କିପରି ? ଛି, ଏତେ ଛୋଟ କାମ କଲାବେଳେ ଟିକେ ଭାବିଲ ନାହିଁ ? ସେଦିନ ସନ୍ଧ୍ୟାଦେବୀ ରମେଶକୁ ଏମିତି ଭର୍ତ୍ସନା କଲାବେଳେ ରମେଶ କାମାକ୍ଷା ଦେବୀଙ୍କ ମେଣ୍ଢା ଭଳି ନୀରବ ରହିଗଲା । ଦେହରୁ ତାହାର ଅଧେ ରକ୍ତ ଶୁଖିଯାଇଥିଲା । ହୁଁ କି ଚୁଁ କିଛି ତାର ମୁହଁରୁ ବାହାରିଲା ନାହିଁ ।

କିନ୍ତୁ କଥାଟା ସଫା ହୋଇ ଯିବାକୁ ବେଶି ସମୟ ଲାଗିଲା ନାହିଁ । ଲାଞ୍ଚଫାଞ୍ଚରେ ରମେଶକୁ ହାତ କରି ନ ପାରି ବିମଳ ରାଉତ ନୂଆ ଉପାୟ କାଢିଲା । ରମେଶ ସବୁବେଳେ କହିଲା, ନିୟମରେ ପଡିଲେ ସେ ସବୁ କରିଦେବେ । କିନ୍ତୁ ବିମଳ ଯେ କୌଣସି ଉପାୟରେ କଣ୍ଟ୍ରାକ୍ଟଟାକୁ ନେବାକୁ ବଦ୍ଧ ପରିକର । ପଇସାରେ ତ ସମସ୍ତେ କିଣି ହେବେ ନାହିଁ, ତା'ଛଡା ପଇସା ବା କେତେ ଦେଇ ହେବ ? ଏ ସବୁର ସାର୍ବଜନୀନ ଅସ୍ତ୍ର ସେ ପ୍ରୟୋଗ କଲା । ଚାପ ଆଗରେ ସଚ୍ଚୋଟପଣିଆ ଦେଖାଉଥିବା ଲୋକ ଖାପଚରେ ପଡିଲେ ବେନିୟମ କାମ କରିବ । ଅଫିସରଙ୍କ ଦୁର୍ବଳତା ଓ ଦୁର୍ବଳ ମୁହୂର୍ତ୍ତ ପ୍ରତି ଲକ୍ଷ୍ୟ କରିବାକୁ ହେବ । ବିମଳ ରାଉତ ମନସ୍ତତ୍ତ୍ୱର ପ୍ରଯୁକ୍ତି ବିଦ୍ୟାକୁ ହାତ କରି ନେଇଛି ।

ବିମଳ ରାଉତର ଷଡଯନ୍ତ୍ର ହୋଇପାରେ । କିନ୍ତୁ ତୁମେ କିପରି ତା ପାଲରେ ପଡିଲ ? ଟିକିଏ ଭାବିଲ ନାହିଁ ଯେ ଦିନେ ନା ଦିନେ ଏ କଥା ପ୍ରଘଟ ହୋଇଯିବ । ସନ୍ଧ୍ୟା ଦେବୀଙ୍କ ତାସଲ୍ୟ ରମେଶର ଶରୀରରେ ଫୋଡି ହୋଇଗଲା । ଆଜି ସେ ତିରସ୍କାରର ଶରଶଯ୍ୟାରେ ନୀରବ ।

ପୁଣି ସନ୍ଧ୍ୟା ଦେବୀଙ୍କ ତାସଲ୍ୟ । କଥାଟା କେଉଁଠି ଅଛପା ଅଛପା ରହିଲା କି ? ଗୋଟିଏ କାଗଜ ତ ବାହାର କଲା 'ଆଇ ଏ ଏସ୍ ଅଫିସରଙ୍କ ବ୍ୟବହାର କିସ ଗାଇବା',

ଆଉ ଗୋଟିଏ କାଗଜ ତ ପୂରାପୂରି ଖୋଲି ଦେଲା 'ସିନିଅର ଅଫିସର୍ସ ସେକ୍ସୁଆଲ ଆଡଭେଞ୍ଚର୍ସ'। କେବଳ ବାକି ରହିଗଲା ନାଁ । ନାଁ ପ୍ରକାଶ ନ କଲେ ମଧ୍ୟ ସେମାନେ ଲୋକଙ୍କ ଭିତରେ ତ ଗୁଞ୍ଜରଣ ସୃଷ୍ଟି କରିଦେଲେ । ଯେଉଁମାନେ ଜାଣିବାକୁ ଆଗ୍ରହୀ ସେମାନେ କଣ ନାଁଟା ଜାଣି ପାରି ନ ଥିବେ ? ସମସ୍ତଙ୍କ ଜିଭ ଉପରେ ଥିବ, ଏ ହେଉଛି ରମେଶ ଚନ୍ଦ୍ର ନାୟକ ।

ଯେତେବେଳେ ଏ କାମ କଲ, କଣ ଭାବି ପାରିଲ ନାହିଁ ଦିନେ ନା ଦିନେ ଏ କଥା ପ୍ରଘଟ ହୋଇଯିବ ? ସନ୍ଧ୍ୟାଦେବୀ ବାରମ୍ବାର ସେହି କଥା କହି ରମେଶକୁ ଚିଆଁ ଦେଉଥାନ୍ତି ।

ସନ୍ଧ୍ୟା ଦେବୀ ଅନର୍ଗଳ କହି ଚାଲିଥିଲେ । ସ୍ତ୍ରୀ ଲୋକଟିଏ କାହିଁକି ଏମିତି ଉପରେ ପଡୁଛି, ତାର କାରଣ ଖୋଜିଲ ନାହିଁ ? ବୁଝୁଛ ? ମୋର ତୁମ ପ୍ରତି ଖାଲି ଘୃଣା ଆଉ ଘୃଣା । ମୁଁ ତ ବାହା ହୋଇ ଭୁଲ କରିଛି । କହିବି କାହାକୁ ?

ସ୍ୱାମୀ ପ୍ରତି କଟୂକ୍ତି ଓ ତିରସ୍କାର, ନିଜ ପ୍ରତି ଆତ୍ମଧିକ୍କାର । ମଝିରେ ମଝିରେ ରମେଶ ବୁଝାଉ ଥାଏ । ପ୍ରଥମେ ପ୍ରଥମେ ବିମଳ ମହିଳାଟିକୁ ଧରି ଆସୁଥିଲା । ଫାଇଲଟି କେତେବେଳେ କେଉଁଠି ଅଛି, କଣ କଣ ଲେଖା ହୋଇଛି, ସେ ବିଷୟରେ ଖବର ନେଇ ସେ ଆସେ । ପରେ ମହିଳାଟି ସବୁ କଥା ବୁଝିବ ବୋଲି ସେ ଚିହ୍ନାଇ ଦେଇ ଯାଏ । ବିମଳ ଏମିତି ବ୍ଲାକ୍‌ମେଲ କରିବ ବୋଲି ସେ ଭାବି ନଥିଲା । ସରକାରୀ ନିୟମକୁ ଭାଙ୍ଗିବାକୁ ଡରୁଥିବା ରମେଶ ନିଜର ଘରୋଇ ନିୟମ ଭାଙ୍ଗିଦେଲା ।

ନିଜକୁ ସମ୍ଭାଳି ପାରିଲ ନାହିଁ, ନୁହେଁ ? ଭବିଷ୍ୟତରେ ଯେ ସମ୍ଭାଳି ପାରିବ, ଏ ଗ୍ୟାରେଣ୍ଟି କିମିତି ଦେବ ? ସନ୍ଧ୍ୟାଦେବୀ ପୁଣି ଛୁରୀ ଭୁସିଲେ । ଏତେ ରାଗରେ ବି ସେ ସ୍ୱାମୀକୁ ତୁ ସମ୍ବୋଧନ କରୁ ନ ଥିଲେ । ଗାଳି ଦେଲା ବେଳେ ତୁ ସମ୍ବୋଧନସୂଚକ ବାକ୍ୟ ତାଙ୍କ ପାଟିରୁ ବାହାରୁ ଥିଲେ ବି ସେ ବାକ୍ୟର କର୍ତ୍ତାକୁ ତୁମେ ରଖିଥିଲେ ।

ସନ୍ଧ୍ୟା ଦେବୀଙ୍କ ବାରମ୍ବାର ପ୍ରଶ୍ନ : ସେ କଣ ଦେଖିବାକୁ ମୋଠାରୁ ସୁନ୍ଦର ? ମୁଁ କଣ ତୁମର ଅଯୋଗ୍ୟା ? ସନ୍ଧ୍ୟା ଦେବୀଙ୍କ କଣ୍ଠ ବାଷ୍ପାକୁଳ । ଏ ଦେହ ଧରି ରହିବାକୁ ମୋର ଆଦୌ ଇଚ୍ଛା ନାହିଁ । ଆଜି ଏଇକ୍ଷଣି ଆତ୍ମହତ୍ୟା କରି ପକାନ୍ତି । କିନ୍ତୁ ପିଲାଟି ପାଇଁ ବଞ୍ଚି ରହୁଛି । ମୁଁ ଚାଲିଗଲେ ତୁମେ ତ ଆଉ ଜଣଙ୍କୁ ବିବାହ କରି ପକାଇବ । କିନ୍ତୁ ପିଲାଟିକୁ ମଣିଷ କରିବ କିଏ ? ସେ ଟିକେ ତା ଗୋଡରେ ଠିଆ ହେଉ, ମୁଁ ଚାଲିଯିବି । ମୋର ଟିକେ ହେଲେ ବଞ୍ଚି ରହିବାର ଇଚ୍ଛା ନାହିଁ ।

ରମେଶର ବହୁତ ଅନୁନୟ ବିନୟ । ସେ ଆଉ ଏମିତି କରିବ ନାହିଁ । ପ୍ରତିଜ୍ଞା ବି କଲା ।

ସନ୍ଧ୍ୟା ଦେବୀଙ୍କ ମନରେ ପ୍ରକାଣ୍ଡ ବାଦଲଟାଏ ଖେଳୁଛି । ସ୍ୱାମୀର ମୁଖାକୁ ଖୋଲି ଦେବେ କି ? ପରିବାରର ଅପମାନ ତ ନିଜର ଅପମାନ । ବଂଶର ମାନ ମହତ ତ ଜଗିବାକୁ

ହେବ । କିଛି ଗୋଟାଏ ଅଘଟଣ କରି ବସିଲେ, କେବଳ ରମେଶର ଚରିତ୍ର ପଦାରେ ପଡିବ ନାହିଁ ସେ ଘୃଣା ବି ପିଲାଟାକୁ ଘାରିବ ।

ସବୁ କୋହ ଚାପି ରଖି ସେଦିନ ସେ ନିଜକୁ ଶାନ୍ତ ରଖିଥିଲେ । ବାଧ୍ୟ ସ୍ତ୍ରୀ ଭଳି ନିତିଦିନିଆ କାମ କରି ଯାଉଥିଲେ ।

କିନ୍ତୁ ଏ ତ ଦ୍ୱିତୀୟ ଘଟଣା । ଆଜି ପ୍ରଥମ ଘଟଣାଟି ବି ମନ ପରଦା ଉପରକୁ ଭାସି ଆସୁଛି ।

ସେତେବେଳେ ରମେଶ ମ୍ୟୁନିସିପାଲ୍ କର୍ପୋରେସନର ଏଗ୍‌ଜେକ୍ୟୁଟିଭ୍ ଅଫିସର । କର୍ପୋରେସନରେ ରିକ୍ରୁଟ୍‌ମେଣ୍ଟ ଡ୍ରାଇଭ୍ ଚାଲିଥାଏ । ସହରକୁ ନୂଆ କରି ସୁନ୍ଦର ଓ ପରିଷ୍କାର କରି ରଖିବାକୁ ହେବ । ନୂଆ ସରକାରଙ୍କ ସୌନ୍ଦର୍ଯ୍ୟ ପ୍ରେମ । ରାଜ୍ୟର ଅର୍ଦ୍ଧାଧିକ ଲୋକ ଦାରିଦ୍ର୍ୟ ସୀମା ରେଖା ତଳେ ଥିଲେ କଣ ହେଲା, ବାହାରର ପର୍ଯ୍ୟଟକମାନଙ୍କୁ, ଯେଉଁମାନେ ଥରେ ଆଖି ବୁଲାଇ ଆଣିଲେ ସରକାରଙ୍କ ପାରଦର୍ଶିତାର ସମୀକ୍ଷା କରି ନେବେ ସେମାନଙ୍କୁ, କିଛି ଗୋଟାଏ ଆଖିଦୃଶିଆ କାମ ଦେଖାଇବା ଦରକାର । ତେଣୁ ସୁଇପର, ସ୍କାଭେଜିଙ୍ଗ୍ ଇନ୍‌ସିପେକ୍ଟର ଆଦି ପୋଷ୍ଟର ବିଜ୍ଞାପନ ବାହାରିଛି । ସବୁବେଳେ ଘର ଆଗରେ ଯୁବକ ଯୁବତୀମାନଙ୍କ ଭିଡ । ଏହି ପ୍ରକ୍ରିୟାରେ ଘରେ ବି ଗୁଡାଏ ଲୋକ ଖଟୁଛନ୍ତି । ବାଡିରେ ତିନିଜଣ ମାଳି ତ, ପାଇଖାନା ପାଇଁ ତିନିଜଣ ମେହେନ୍ତରାଣୀ । ଗେଟ୍ ଆଗରେ ଦିନରେ ତିନିତିନିଟା ଜଗୁଆଳୀ ।

ସନ୍ଧ୍ୟାଦେବୀଙ୍କ ମନରେ ଏସବୁ ପ୍ରତି ଉଦାସ ଭାବ । ନୂଆ ନୂଆ ବିବାହ । ଦୁଇ ବର୍ଷପୂରି ନଥାଏ । ତାଙ୍କ କଥା ବଡ ରୋକଠୋକ୍ । ତୁମେ ଏ ସବୁ କାମ ଅଫିସ୍‌ରେ ସାର । ଘର ଆଗରେ ଏତେ ଗୁଡାଏ ଯବାନ ଝିଅଙ୍କ ଭିଡ କର ନା । ସ୍ୱାମୀଙ୍କ ପ୍ରତି ଅଗାଧ ଅନୁରକ୍ତି । ରମେଶ ମଧ୍ୟ ସ୍ତ୍ରୀ-ଅନୁରକ୍ତିରେ ଉଣା କଲା ଭଳି ମନେ ହେଉ ନଥାଏ । ଅନୁରକ୍ତିର ଗୋରା ଚେହେରାରେ ଗୋଟିଏ ହେଲେ କଳା ତିଳ ବି ନ ଥିଲା ।

ଦାଣ୍ଡରେ, ପିଣ୍ଡାରେ ସବୁବେଳେ ଲୋକ ହାଉଯାଉ । କୋଉ ସମ୍ପର୍କର ସମ୍ପର୍କ ଯୋଡି ଲୋକେ ବି ଆସୁଥାନ୍ତି, ରମେଶଆଡୁ ତ ସନ୍ଧ୍ୟାଦେବୀଙ୍କ ଆଡୁ । ବାହାରେ ପ୍ରାର୍ଥୀ-ପ୍ରାର୍ଥିନୀମାନଙ୍କ ଯେତିକି ଭିଡ, ଘର ଭିତରେ ସେମାନଙ୍କ ସମ୍ପର୍କୀୟମାନଙ୍କ ତା'ଠାରୁ ବେଶି ଭିଡ । ଘର ସମ୍ଭାଳିବାରେ ଅଯଥା ଖର୍ଚ୍ଚ ସାଙ୍ଗକୁ ବିଛଣାପତ୍ରର ହଇରାଣ ।

ସେ ଦିନ ସନ୍ଧ୍ୟା କଥା । ଏବେ ବି ଜଳ ଜଳ ଦିଶୁଛି । ସନ୍ଧ୍ୟା ଆଳତି ଦେଖିବାକୁ, ପୂଜାଟିଏ ଦେବାକୁ ସେ ମନ୍ଦିରକୁ ଯାଇଛନ୍ତି । କେତେ ବା ସମୟ । ଘଣ୍ଟାଏ ଦେଢ ଘଣ୍ଟାରୁ ବେଶି ହେବ ନାହି । ସେତିକିରେ କେଡେ କାଣ୍ଡ ।

ଫେରିବା ବେଳକୁ ଘର ବନ୍ଦ । ସେ ତ ଏଇଠି ଥିଲେ । ସାକ୍ଷାତ କରିବାକୁ ଚାରି-ପାଞ୍ଚ ବି ଥିଲେ । ସେଇ ଚାକିରି ଆଶାରେ । କୁଆଡେ ଗଲେ ?

ସନ୍ଧ୍ୟା ଦେବୀ ଅଫିସ କୋଠରୀ ଆଡକୁ ଗଲେ । କବାଟଟା ଭିତରୁ ବନ୍ଦ । ତା ହେଲେ ତ ସେ ଭିତରେ ଥିବେ ? ସେ ତ ଏମିତି କବାଟ ବନ୍ଦ କରି ରହନ୍ତି ନାହିଁ ।

ସେ କବାଟରେ  ଖଟ୍ ଖଟ୍ କଲେ । କିଛି ସମୟ ଅପେକ୍ଷା  । ପୁଣି ଖଟ୍ ଖଟ୍ କଲେ । କିଛି ସମୟ ପୁଣି ଅପେକ୍ଷା । ତୃତୀୟଥର ଖଟ୍ ଖଟ୍ । ସନ୍ଧ୍ୟାଦେବୀ ବ୍ୟସ୍ତ ହେଲେ ନାହିଁ। ସମ୍ଭବତଃ ପାଇଖାନା ବା ବାଥ୍ରୁମ୍ ଯାଇଥିବେ । ପାଞ୍ଚଦଶ ମିନିଟ୍ କଟିଗଲା । କବାଟ ଖୋଲିଲା।

ଟିକେ ଅପ୍ରତିଭ ହୋଇଗଲା ଭଳି ଜଣାଗଲା ରମେଶ । ତୁମେ ଫେରି ଆସିଲଣି ? ଧଁ ସଁ ଅବସ୍ଥାକୁ ଆୟତ୍ତ କରି ରମେଶ କହୁଥାଏ । ସନ୍ଧ୍ୟା ଦେବୀ କୋଠରୀ ଭିତରକୁ ପଶିଗଲେ । ସବୁ ଅଡୁଆ  ଅଡୁଆ ଲାଗିଲା । ବେଞ୍ଚ ଚେୟାର ସବୁ ଏପାଖ  ସେପାଖ । ରମେଶ କହୁଥାଏ, ଘର ଖୋଲା ଅଛି, ଚାଲ । ରମେଶ ଅଙ୍ଗୁଳି ଦେଖାଉଥାଏ ମୁଖ୍ୟ ଦ୍ୱାର ଆଡକୁ ।

ପାଖ ପରଦାଟା ଟିକେ ହଲିଗଲା । ତା ପଛରେ କିଏ ଅଛି କି ? ସନ୍ଧ୍ୟା ଦେବୀ ଟିକିଏ ଆଗେଇବାରେ ରମେଶ କହୁଥାଏ, ସେଆଡେ କାହିଁକି ଯାଉଛ ? ଏଆଡେ ଆସ ।

ସେଦିନ ସେହି ମୁହୂର୍ତ୍ତରେ ସେ ମୋତେ ଆଉଡ କଲା ଭଳି ଜଣାଗଲେ । ମୋର ସନ୍ଦେହ ବଢିଗଲା । ପରଦାଟା ହଟାଇଦେଲି । ସନ୍ଧ୍ୟା ଦେବୀ ସବୁ କଥା ମନେ ପକାଇଲେ ।

ତୁ ଚାକିରି ପାଇଁ ଆସିଥିଲୁ ନା ? ସନ୍ଧ୍ୟା ଦେବୀ ଯୁବତୀଟିକୁ ଦେଖି ପଚାରିଦେଲେ ।

ଗଛ ଭାଙ୍ଗି ପଡିଲା ଭଳି ଯୁବତୀଟି ଗୋଟାପୁଣି ଗୋଡ ତଳେ ପଡିଗଲା । ତେଣେ ରମେଶର ଚେହେରାକୁ ଦେଖି ହେଲା ନାହିଁ । ପୂରାପୂରି ଝାଉଁଳି ପଡିଥିଲା ।

ସେଦିନ ରମେଶର କେତେ ବିନୟ ଅନୁନୟ । ଏମିତି ଆଉ ଦିନେ ହେବ ନାହିଁ ।

ତଥାପି ବିମଳ ରାଉତର ଖାପଚ କାମ କଲା । ଥରେ ଅଧେ ଗୋଡ ଖସିଗଲା । ତାକୁ ମନେ କଲେ, ସଂସାର ଚଳିବ ? ଏହି ଧାରଣା ନେଇ ସନ୍ଧ୍ୟା ଦେବୀ ପ୍ରଥମ ବ୍ୟତିକ୍ରମଟିକୁ  ଭୁଲିବାର  ଚେଷ୍ଟା କରିଥିଲେ । କିନ୍ତୁ ହେଲା କଣ ? ଥରେ ନୁହେଁ, ଦୁଇଥର ନୁହେଁ, ଆଜି ପୁଣି ତୃତୀୟଥର ଆବିଷ୍କାର ।

ସନ୍ଧ୍ୟା ଦେବୀ କଣ କରିବେ, କଣ ନ କରିବେ ଏହି ଦ୍ୱନ୍ଦ୍ୱରେ ଜଳି ଯାଉଥିଲେ । ପିଲାଟା ଜାଣିଲେ କଣ ଭାବିବ ? ବାହାର ଲୋକେ ଜାଣିଲେ କଣ କହିବେ ? ମୁଁ ମୁଣ୍ଡ ଟେକି ପାରିବି ତ ?

କାର୍ ଆସିବାର ଶବ୍ଦ ଶୁଭିଲା । ପୁଣି ଗେଟ୍ ଖୋଲିବାର ଶବ୍ଦ । ରମେଶ ତ ଆସିଯିବ । 'କଣ କହିବି, କଣ ନ କହିବି' – ଏହି ଚିନ୍ତାରେ ସନ୍ଧ୍ୟା ଦେବୀଙ୍କର ଚେତା ହଜିଯିବା ଭଳି ବୋଧ ହେଲା । ସେ କେତେଥର ଭାବିଛନ୍ତି, ଦୁନିଆରୁ ଚାଲିଗଲେ ସବୁ ଅନ୍ଧାର ହୋଇଯାନ୍ତା । ନିଜେ ତ ଦେଖି ପାରନ୍ତେ ନାହିଁ ।  ଅନ୍ୟ କିଏ ଦେଖିଲେ ବା ନ ଦେଖିଲେ

ସେଥିରେ ଯାଏ ଆସେ କେତେ ? ଆଖି ଖୋଲାଥାଇ ବି ସେ ଅନ୍ୟ କିଛି ଦେଖି ପାରୁ ନ ଥିଲେ, ତନ ମନ ଧ୍ୟାନ ସବୁ ସେଇ ଗୋଟିଏ କଥାରେ ଲାଖି ରହି ଥାଏ ।

କାନ୍ଧ ହଲିଗଲା, ଚେତା ଫେରି ଆସିଲା । ରମେଶର ହାତ ତାଙ୍କ କାନ୍ଧ ଉପରେ । ପଚାରୁଛନ୍ତି : ଏମିତି କାହିଁକି ବସିଛ ? ଏ ଅନ୍ଧାରଟାରେ?

ସନ୍ଧ୍ୟା ଦେବୀ ପୁଣି ରକ୍ତମାଂସର ଦୁନିଆକୁ ଫେରି ଆସିଲେ । ଆଖିପତାର ବନ୍ଧ ନ ମାନି ଲୁହ ସବୁ ଓଜାଡି ହୋଇ ପଡିଲା । ମନେ ହେଲା, ଆଲୁମିନିଅମ୍ ଗାର୍ଡେନ୍ ଚେଆରଟା ମାଟିରେ ଲୋଟିଯାଉଛି ।

ତା ପରେ ରମେଶର ଆଖି ଆଗରେ ଯେମିତି ବିଜୁଳି ଚାଲିଗଲା ।

ଗୋଟିଏ ଦମ୍‌ରେ ସନ୍ଧ୍ୟା ଦେବୀ କିପରି ଏତେ ଗୁଡିଏ ପାଦ ପକେଇ ଚାଲିଗଲେ କେଜାଣି, ସିଧାସଳଖ ବେଡ୍‌ରୁମ୍‌ରେ ପଶିଗଲେ। ଦଲ୍ କରି ଶେଯରେ ପଡିଗଲେ । ତକିଆ ଭିତରେ ମୁହଁଟା ଢାକି ଧରି ରହିଗଲେ । ବୋହିଯାଉଥିବା ଝଡଝଞ୍ଜାକୁ ଅନୁଭବ ନ କରିବା ଲାଗି ଓଟପକ୍ଷୀ ଯେପରି ବାଲି ଭିତରେ ଥଣ୍ଟଟା ଲୁଚାଇ ଦିଏ ।

ରମେଶ ସନ୍ଧ୍ୟାର ଏ ବିଜୁଳି ବେଗ, ଏତେ କ୍ଷୀପ୍ରଗତି କେବେ ଦେଖି ନ ଥିଲା । କିଛି ଗୋଟାଏ ଅଘଟଣ ଘଟିଛି ନିଶ୍ଚୟ । ଅଧିକନ୍ତୁ, ନିଜେ ନିଶ୍ଚୟ ଅଘଟଣର ଅଭିନେତା ହୋଇଥିବ । ଆଉ କାହା ଉପରେ ରାଗ ହେଲେ ସନ୍ଧ୍ୟା ଏତେ ଅଭିମାନ କରନ୍ତା ନାହିଁ ।

ରମେଶର ମୁଣ୍ଡଟା ଗୋଳମାଳ ହୋଇଗଲା । ତାର ନିଜ କର୍ମ ତାକୁ ଜାବୁଡି ଧରିଲା । ମନକୁ ବୁଝେଇ ସୁଝେଇ ମନେଇ ନେଲା । ଦୁନିଆରେ କେତେ କଣ ଘଟିଯାଉଛି । ସବୁ କଥା କଣ ସମସ୍ତେ ଜାଣୁଛନ୍ତି ? ସନ୍ଧ୍ୟା ବିଷୟରେ ସେ ସନ୍ଦେହ କରେ ନାହିଁ, ତେବେ ସନ୍ଧ୍ୟା କାହିଁକି ତା ବିଷୟରେ ସନ୍ଦେହ କରିବ ? ଅତୀତର ସନ୍ଦେହ ଯଦି ଲିଭିଯାଇଛି , ବର୍ତ୍ତମାନ ତିଆରି କରୁଥିବା ଇତିହାସ ମଧ୍ୟ ଅଜଣା ରହୁଥିବ ।

ଏମିତି ଗୁଡାଏ ଚିନ୍ତା କରୁଥିବାବେଳେ ରମେଶ ଦେଖିଲା, ସନ୍ଧ୍ୟା ସ୍ଥାଣୁ ହୋଇଯାଇଛି । ଏଁ । ସେ ଯେ ବେହୋସ୍ ।

ସାଙ୍ଗେ ସାଙ୍ଗେ ଗାଡିରେ ସନ୍ଧ୍ୟାକୁ ବସାଇ ରମେଶ ଚାଲିଲା, ହସ୍‌ପିଟାଲ । ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍‌କୁ ।

ବିଶେଷଜ୍ଞ ଡାକ୍ତରଙ୍କ ମତରେ ସନ୍ଧ୍ୟା ବିପଦମୁକ୍ତ; କିନ୍ତୁ କିଛି ଦିନ ଆଇସିୟୁରେ ରହିବ । ହୃଦ୍‌ରୋଗ ବିଶେଷଜ୍ଞ ଜଣେ ପରିଚିତ ଡାକ୍ତର । ତେଣୁ ସତ କହୁଥିବେ । ରମେଶ ଶାନ୍ତ ହେଲା ।

ସନ୍ଧ୍ୟା ନିଶ୍ଚେତନ ଔଷଧର ପ୍ରଭାବରେ ନିଦ୍ରିତା । ଶାନ୍ତ ବଦନ । ରାଗ, ଅଭିମାନର ଲେଶ ମାତ୍ର ଚିହ୍ନ ନାହିଁ ।

ବସାରେ ପିଲାଟା ଏକଲା । ରାତ୍ରି ପାଇଁ ରୋଷେଇ ବାସ । ରମେଶ ଫେରି

ଆସିଲା । ଅଳ୍ପ ସମୟ ପରେ ସେ ପୁଣି ହସ୍‌ପିଟାଲ ଯିବ ।

ବେଡ୍‌ରୁମ୍‌ର ବିଛଣା ଉପରେ ଖଣ୍ଡିଏ ଚିଠି ପଡିଛି । ରମେଶ କୌତୁହଳ ହୋଇ ଦେଖିଲା । ଠିକଣାରୁ ଜଣାଗଲା । ସେ ଝିଅଟାର ଲେଖା।

ବଦମାସୀଟା ଚିଠିରେ ଲେଖି ଦେଇଛି ସେ ଦିନର ଘଟଣା । ଜୀବନକୁ ଉପଭୋଗ କରିବାର ଯେଉଁ ଅବସର ସେ ଦିନ ରାତିରେ ରମେଶ ସହିତ ସର୍କିଟ୍ ହାଉସ୍‌ରେ ପାଇଥିଲା, ତାହାର ନଗ୍ନ ବର୍ଣ୍ଣନାରେ ଚିଠିଟି ଭର୍ତ୍ତି । ବାମ କଡରେ ସନ୍ଧ୍ୟାର କଲମ ଗାର । ଲେଖା ହୋଇଛି: ତୃତୀୟବାର ପୁନରାବୃତ୍ତି ।

ଚିଠିର ଶେଷରେ ସନ୍ଧ୍ୟାର ଅସ୍ପଷ୍ଟ ଲେଖା : ମୁଁ କଣ ପରିବାରର ମହତ ରଖିବା ଲାଗି ସଳିତା ଭଳି ଜଳି ଯାଉଥିବି । ଦିନେ ତ ପାଉଁଶ ହୋଇଯିବି ।

*****

# ସଲିଳ ସମାଧି

ପ୍ରମିଳା ଦେବୀ ଦୁଇ ଦୁଇ ଥର ଡାକି ଗଲେଣି ତାଙ୍କୁ ଶୁଭୁନାହିଁ । ରମାକାନ୍ତ ବାବୁ ଏକ ଲୟରେ ସେହି ବାଦାମ ଗଛଟାକୁ ଚାହିଛନ୍ତି । ସନ୍ଧ୍ୟା ଧୂପ ଦିଆ ସରିଲାଣି, ଜଳଖିଆ ଟିକେ କରିଦେଲେ ସେ ପ୍ରମିଳା ଦେବୀଙ୍କୁ ମୁକ୍ତ କରିଦେବେ ଅନ୍ୟ ଘର ପାଇଟି କରିବା ପାଇଁ । ଏ ଗଛଟାକୁ କାଟିବାକୁ ପଡିବ । ନ ହେଲେ ବାଡିର ପାଚେରି ଯାଇ ପାରିବ ନାହିଁ । ବାବୁ ରମାକାନ୍ତ ଚିନ୍ତାରେ ପଡିଛନ୍ତି ।

ଗଛଟାର ଉପକାର ଭୁଲି ହେବ ନାହିଁ । ମହାନଦୀ ପଠାଟା ଖରାଦିନେ ପୂରା ଶୁଖିଲା ହୋଇଗଲେ ଯୋଉ ଗରମ ହୁଏ, ତାକୁ ସମ୍ଭାଳିବାକୁ ଏଭଳି ବଡ ଗଛର ଛାଇ ଦରକାର । ନଦୀ ସେ ପାଖର କାଗଜ କଳ ଧୂଆଁକୁ କିଛିଟା ଅଟକାଇବା ପାଇଁ ଏଭଳି ଝଙ୍କାଳିଆ ଗଛ ଦରକାର । ଉତ୍ତରା ପବନ ବହିଲେ ନଦୀକୂଳର ଝାଡାଗନ୍ଧ ସାଙ୍ଗକୁ ଗନ୍ଧକାମ୍ଳ ବାଷ୍ପର ଗନ୍ଧ ମିଶି ବଡ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରେ । ତା ଛଡା ତ ପୁଣି ଚଢେଇ ଫଢେଇଙ୍କ ବସବାସ ପାଇଁ ଏମିତି ଗୋଟାଏ ବଡ ଝଙ୍କାଳିଆ ଗଛ ଦରକାର !

ଇଞ୍ଜିନିୟରଙ୍କ କହିବା କଥା ଯେ ଏ ଗଛଟା କଟା ନ ହେଲେ ବାଡିର ପାଚେରି ହୋଇ ପାରିବ ନାହିଁ । ଆପଣ ଠିକ୍ କରନ୍ତୁ କଣ କରିବେ: ପାଚେରି ହେବ ନା ଗଛଟା ରହିବ ?

ବାଡବତାକୁ ଲୋକେ ମାନୁ ନାହାନ୍ତି । ଭୋରୁ ଭୋରୁ ପାଇଖାନାକଲାବାଲା ଭଙ୍ଗା ବାଡ ଡେଇଁ ହତା ଭିତରେ ପ୍ରାତଃକାମ ସାରିବାକୁ ସୁଖକର ମନେ କରୁଛି । ଏଠି ଝଞ୍ଜଟ ନାହିଁ, ଘରଲୋକେ ତ ଆଠଟା ନ ବାଜିଲେ ଉଠୁ ନାହାନ୍ତି । ଘଉଡାଇବାକୁ ଅଛି କିଏ ? ଅଫିସରିଆ ଆଦବ-କାଇଦାରେ ରମାକାନ୍ତ ବାବୁ ଇଛା କଲେ ବି ଶୀଘ୍ର ଉଠି ପାରୁ ନାହାନ୍ତି । ଫୁଲ ଫଳଟିଏ ଲଗାଇ ହେଉନାହିଁ । ଯାହା ହେଉଛି, ଉଭେଇ ଯାଉଛି ।

ଏକମାତ୍ର ସମାଧାନ ହେଉଛି ହତାର ପାଚେରି ଗଢିଦେବା । ପାଚେରି ଚଢି କେହି ଯେପରି ବଦମାସି କରି ନ ପାରେ ସେଥିଲାଗି କାନ୍ଥ ଉପରେ ଭଙ୍ଗା କାଚଖଣ୍ଡମାନ ଦେବାକୁ ତାଙ୍କର ପ୍ରସ୍ତାବ ହେଲା, ଉଡନ୍ତା ପକ୍ଷୀମାନେ ତ ସେମାନଙ୍କ ପାଦ ଏଠାରେ ରଖି ପାରିବେ ନାହିଁ, ଆଉ ଏ ଗଡଗଡିଆ ଘାଟର ଭକ୍ତମାନେ ମୋ ବାଡିକୁ ମାଗଣା ଶୌଚାଳୟ ଭାବିବେ ନାହିଁ ।

ରମାକାନ୍ତ ବାବୁ ପାଚେରି ତୋଳିବାକୁ ହଁ କରି ଦେବେ ବୋଲି ଠିକ୍ କଲେ ।

ଜାଲଜାଲୁଆ ଅନ୍ଧାର ଘୋଟିଗଲାଣି । ବାଡିପଟ ଗେଟ୍ ବନ୍ଦ କରିବାକୁ ସେ ପିଅନକୁ ଡାକି ଦେବା ଉଚିତ୍ ମନେ କଲେ । କିନ୍ତୁ ପାଟି ଫିଟାଇବା ପୂର୍ବରୁ ଦୁଇଜଣ କିଏ ଗେଟ୍ ଖୋଲିବାର ଦେଖି ପାରିଲେ ।

ବଗିଚାଚେଆରରୁ ଉଠୁ ଉଠୁ ରମାକାନ୍ତ ବାବୁ ବସି ପଡିଲେ । ଅପେକ୍ଷା କଲେ ଜାଣିବାକୁ କିଏ, ଆଉ ସେମାନେ କାହିଁକି ଏଆଡେ ଆସୁଛନ୍ତି ।

ଭଦ୍ରଘରର ପିଲାଯୋଡିଏ ଭଳି ସେମାନେ ଦେଖା ଯାଉଛନ୍ତି । କଥା କଣ ଜାଣିବା ପାଇଁ ସେ ଉତ୍ସୁକ ହୋଇ ବସି ରହିଲେ ।

ରମାକାନ୍ତ ବୋଷ ଦୁଇ ପୁରୁଷ ହେଲା ଓଡିଶାର ଲୋକ ହୋଇ ପଡିଛନ୍ତି । ବାପା କୃଷି ବିଜ୍ଞାନୀ ହିସାବରେ ଓଡିଶା ସରକାରଙ୍କ ଚାକିରି ପାଇଥିଲେ । ରମାକାନ୍ତ ବାବୁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ପଦସ୍ଥ ପ୍ରଥମ ଶ୍ରେଣୀ କର୍ମଚାରୀ । ମହାନଦୀକୁ ମୁହଁ କରି ଗୋଟିଏ ସିନିଅର୍ ଅଫିସର୍ସ କ୍ୱାଟର୍ସ ତାଙ୍କୁ ମିଳିଛି । ସନ୍ଧ୍ୟାବେଳେ ବେଶ୍ ଉପଭୋଗ୍ୟ ଏ ଗୃହଟି । କେବଳ କାଗଜ କଳର ଧୂଆଁ ଯଦି ରୋକା ଯାଇ ପାରନ୍ତା ! ଏତକ ତ ତାଙ୍କ ହାତରେ ନାହିଁ । ତେଣୁ ରମାକାନ୍ତ ବାବୁ ପାଚେରି ଉଠାଇବାର ବନ୍ଦୋବସ୍ତ କରୁଛନ୍ତି ।

ଯୁବକଟି ରମାକାନ୍ତ ବାବୁଙ୍କ ପାଦ ଛୁଇଁ, ଛୁଇଁଥିବା ଅଙ୍ଗୁଳିଗୁଡାକ ନେଇ ମୁଣ୍ଡରେ ମାରିଲା । ତା'ର ଇଙ୍ଗିତରେ ଯୁବତୀଟି ମଧ୍ୟ ତଦ୍ରୂପ ସମ୍ମାନ ଜଣାଇଲା ।

ଆରେ ବାବୁ ତୁମେ ଦୁହେଁ କିଏ ? ମୁଁ ତ ଜାଣି ନାହିଁ । ତୁମର ପ୍ରଣାମ ଗ୍ରହଣ କରିବି କିପରି ?

ସତେ ଯେପରି ସେମାନେ ରମାକାନ୍ତ ବାବୁଙ୍କ ପ୍ରଶ୍ନ ଆଶା କରୁଥିଲେ । ତାଙ୍କ ମୁହଁରୁ ପ୍ରଶ୍ନ ବାହାରୁ ଥିବାବେଳେ ହିଁ ଯୁବକଟି ଖାଣ୍ଟି ବଙ୍ଗଳାରେ କହି ପକାଇଲା ।

ରମାକାନ୍ତବାବୁ ହିସାବରେ ତା'ର ଅଜା ହେବେ । ବାଙ୍କୁଡାର ଦତ୍ତ ପରିବାରର ଶ୍ୟାମଳେନ୍ଦୁ, ସାଙ୍ଗରେ ତାର ବୋହୂ । ରମାକାନ୍ତବାବୁ ପୁରୁଣା କଥା ସବୁ ମନେ ପକାଇଲେ । ବହୁତ ଦିନ ହେଲା ସେ ବାଙ୍କୁଡା ଯାଇ ନାହାନ୍ତି । ଦତ୍ତ ପରିବାର ତାଙ୍କର ପଡୋଶୀ । ସେ ଏବେ ବାଙ୍କୁଡା ଯିବାକୁ ମନ ବଳାଉ ନାହାନ୍ତି । ତାଙ୍କ ଅଂଶର ପୈତୃକ ସମ୍ପତ୍ତି ଭାଇମାନେ ଭୋଗ କରୁଛନ୍ତି । ସେଥିରୁ ଭାଗ ନେବାର ଉଦ୍ଦେଶ୍ୟ ବି ତାଙ୍କର ନାହିଁ

କଟକ ଭୁବନେଶ୍ୱରରେ ଜମିବାଡି କରି ନେଲା ପରେ ସେ ବା କାହିଁକି ଏତେ ଦୂର ବାଙ୍କୁଡାକୁ ଯିବା ଆସିବା କରି ଅଯଥା ଖର୍ଚ୍ଚାନ୍ତ ହୁଅନ୍ତେ ?

ବର୍ତ୍ତମାନ କଣ କରୁଛ ?

କଲିକତାରେ ଟିଉସନ କରି ଚଳେ ।

ଏଆଡେ କେମିତି ଗଡି ଆସିଲ ?

ଆପଣଙ୍କ ପାଖରେ କିଛି ଦିନ ରହିବାକୁ ଇଚ୍ଛା କରି ଚାଲି ଆସିଲି । ଶ୍ୟାମଳେନ୍ଦୁ ବଡ ସହଜରେ କହିଦେଲା ସତ, ଭିତରେ ଖୁବ୍ ଘାଣ୍ଟି ହେଉଥିଲା । କଥାଟା କିପରି କହିଲେ ଅଜା ସହଜରେ ଗ୍ରହଣ କରି ନେବେ ତାହା ହିଁ ଥିଲା ବଡ ସମସ୍ୟା ।

ଦିନେ ଦୁଇଦିନ ରହିବାକୁ ମନା ନାହିଁ । କୁଆଡେ ଯଦି ବୁଲାବୁଲି କରିବାକୁ ଇଚ୍ଛା ଅଛି ତେବେ ଏହି ଜାଗାଟିକୁ କେନ୍ଦ୍ର ଭଳି ବ୍ୟବହାର କରି ପାର । ରମାକାନ୍ତ ବାବୁ ଏତକ କହିଲାବେଳେ ଝିଅଟିର ମଥାରେ ଏକ ଅଧୁଲୀ ମୁଦ୍ରା ଆକାରର ସଦ୍ୟ ସିନ୍ଦୁର ଟୋପା ଦ୍ୱାରା ପ୍ରଭାବିତ ହୋଇ ପଡିଥିଲେ । ସେ ଭାବିନେଲେ ଏମାନେ ବୋଧହୁଏ ସଦ୍ୟ ବିବାହିତ। ହନିମୁନ୍ କରିବା ପାଇଁ ଏଆଡେ ଆସି ଯାଇଥିବେ । ସେ ବି ତ ନୂଆ ବାହା ହୋଇ ପୁରୀ କୂଳରେ କେତୋଟି ରାତି କଟାଇ ଥିଲେ।

ତେଣୁ ସେ କଥା ମୋଡି ଦେଇ କହିଲେ, ଯଦି ପୁରୀ ଯିବ, କିଛି ଦିନ ରହି ଯାଅ । ମୋର ବଦଳି ହେବାର ଅଛି । ଯେତେବେଳେ ମୋର ଉତ୍ତରାଧିକାରୀ ଜିନିଷ ପତ୍ର ଧରି ଆସି ଯିବେ, ମୋତେ ଏ ଘର ଛାଡି ଦେବାକୁ ହେବ । ଯାହାହେଉ ତୁମେ ଠିକ୍ ସମୟରେ ଆସିଛ । ଆଉ କିଛିଦିନ ଡେରି କରିଥିଲେ, ଏ ଠିକଣାରେ ମୋତେ ପାଇ ନ ଥାନ୍ତ ।

ମନେ ମନେ ଶ୍ୟାମଳେନ୍ଦୁ ଭଗବାନଙ୍କୁ ଅଶେଷ କୃତଜ୍ଞତା ଜଣାଇଲା । ଏଭଳି ଛୋଟ ଛୋଟ କରୁଣା ନ ମିଳିଥିଲେ ସେ ଏତେବେଳେ କୋଉ ଜେଲଖାନାରେ ଥାଆନ୍ତା । ଭଗବାନଙ୍କ ଦୟା ପ୍ରତି ମନେ ମନେ କୃତଜ୍ଞତା ତାକୁ କିଛି ସମୟ ମୂକ କରି ଦେଇଥିଲା ।

ଅକାରଣେ ଚୁପ୍ ଦେଖି ରମାକାନ୍ତ ବାବୁ ପଚାରିଲେ, ଶ୍ୟାମଳେନ୍ଦୁ ଚୁପ୍ ରହିଲ ଯେ ! ତୁମକୁ ମିଛ କହୁନାହିଁ, ଦିନେ ଦୁଇଦିନ ରହିଗଲା ପରେ ତୁମେ ନିଜେ ଜାଣି ପାରିବ ଯେ, ଅଜା ମିଛ କହୁଛି କି ସତ କହୁଛି ।

ନାହିଁ ଅଜା, ମୁଁ ସେ ବିଷୟ ଚିନ୍ତା କରୁନାହିଁ ।

ତାହାହେଲେ ଭାବୁଛ ଆଉ କଣ ?

ଅଜାଙ୍କ ଏ ପ୍ରଶ୍ନ ସତେ ଯେପରି ଶ୍ୟାମଳେନ୍ଦୁର ପୁଞ୍ଜିଭୂତ ଦୁଃଖର ବୋମାରେ ଥିବା ନିରାପତ୍ତା ଛିଟିକିଣିକୁ କାଢିଦେଲା । ବୋମା ଫାଟି ପଡିଲା ପରି ଶ୍ୟାମଳେନ୍ଦୁର ଦୁଃଖଗୁଡିକ ଛିନ୍ନଛତ୍ର ହୋଇ ବାହାରି ଆସିଲା । ରମାକାନ୍ତ ବାବୁଙ୍କୁ ଫୋଡି ପକାଇଲା ।

ରମାକାନ୍ତ ବାବୁ ଜାଣିଲେ, ବାପାମାଆଙ୍କ ଅଜାଣତରେ ଶ୍ୟାମଳେନ୍ଦୁ ଲତିକାକୁ ବିବାହ କରିଛି । ଶ୍ୟାମଳେନ୍ଦୁ ଲତିକାର ଘରୋଇ ଶିକ୍ଷକ । ଟିଉସନ ମାଷ୍ଟର ଓ ଛାତ୍ରୀ ମଧ୍ୟରେ ଏପରି ଘଟିବା କିଛି ନୂଆ କଥା ନୁହେଁ । ନୂଆ କଥା ଏତିକି ଯେ ଲତିକାର ବାପା ପୋଲିସ୍‌ରେ ଏତଲା ଦେଇଛନ୍ତି । ଲତିକା ଅପ୍ରାପ୍ତ ବୟସ୍କା, ଅଠରରୁ କମ୍ ହୋଇଥିବା ହେତୁ ଶ୍ୟାମଳେନ୍ଦୁ ନାବାଳିକା ଝିଅ ଅପହରଣ ଅପରାଧରେ ଦୋଷୀ ।

ତା'ହେଲେ କଣ ତୁମେ ଦୁହେଁ ଲୁଚି ଲୁଚି ବୁଲୁଛ ? ରମାକାନ୍ତ ବାବୁ କାହିଁକି ଯେ କୌଣସି ବ୍ୟକ୍ତିର ଏ ହେବ ସ୍ୱାଭାବିକ ପ୍ରଶ୍ନ ।

ଆମେ ପଳାଇ ଆସି ପୁରୀରେ ଥିଲୁ । ଭାବିଥିଲୁ ଲତିକାର ବାପା ମାଆ ଏସବୁ ଜାଣି ପାରିବେ ଏବଂ ଜାଣିଶୁଣି ଚୁପ ରହିଯିବେ । କିନ୍ତୁ ବାଙ୍କୁଡା ଥାନାର ପୋଲିସ୍ ଆସି ଆମେ ଥିବା ହୋଟେଲରେ ହାଜର ।

ତା'ହେଲେ ତୁମେ ଏଠି ପହଞ୍ଚିଲ କିପରି ? ରମାକାନ୍ତ ବାବୁ ଘଟଣାଟା ପୂରା ଜାଣିବା ପାଇଁ ଅଧୈର୍ଯ୍ୟ ହୋଇ ପଡିଥିଲେ ।

ଆମ ଦୁହିଁଙ୍କୁ ହାତ କଡି ପକାଇ ଆଣିଲେ ।

ଓଡିଶା  ପୋଲିସ ନ ଥିଲେ ?

ହଁ ।

ତାହାହେଲେ ତୁମେ ଦି'ଜଣ ଖସି ଆସିଲ କିପରି ?

ଏଥର ସବୁ କଥା ଖୋଲି କହିବାକୁ ହେବ । ଶ୍ୟାମଳେନ୍ଦୁ ବର୍ଣ୍ଣନା କରିଥିଲା, କଲିକତା ନିଆ ହେବ। ସେହିଠାରେ ବିଚାର ହେବ। ଟ୍ରେନ୍‌ରେ କେବଳ ବେଙ୍ଗଲ୍ ପୋଲିସ୍ ରହିଲେ । ମୁଁ ବହୁତ ନାହୁଲି ବାହୁଲି ହେଲି । ଲତିକା ବହୁତ କନ୍ଦାକଟା କଲା । ମନେ ହେଲା ତିନିଜଣଯାକ ପୋଲିସ ଆମ ଦୁଃଖରେ ସମବେଦନା ଜଣାଉଛନ୍ତି । ଭୁବନେଶ୍ୱର ଷ୍ଟେସନ ପହଞ୍ଚିବା ପୂର୍ବରୁ ସେମାନେ ଗୋଟିଏ ଦୁଇଟି ସର୍ତ୍ତରେ ରାଜି ହେଲେ ଏବଂ ଆମକୁ ସେ ସର୍ତ୍ତଗୁଡିକୁ ମାନିବାକୁ ପଡିଲା । ଏସବୁ ଆମ ଦୁହିଁଙ୍କ ଭଲ ପାଇଁ ।

କିପରି ସର୍ତ୍ତ ? ଉତ୍ସୁକ ହୋଇ ରମାକାନ୍ତ ବାବୁ ପଚାରିଦେଲେ, ସତେ ଯେପରି ଶ୍ୟାମଳେନ୍ଦୁ ଖୋଲାଖୋଲି କହିବ ନାହିଁ ।

ଗୋଟିଏ ହେଲା ଆମ ପାଖରେ ଯାହା କିଛି ଅଛି ସେମାନଙ୍କୁ ଦେଇ ଦେବାକୁ ପଡିବ । ଆଉ ଗୋଟିଏ ହେଲା – ପାଣ୍ଡବଙ୍କ ଅଜ୍ଞାତ ବାସ ଭଳି ଆମେ ଦୁହେଁ ଯେପରି କିଛିଦିନ ପାଇଁ ଲୋକଲୋଚନରୁ ଲୁଚିଯାଉ ।

କଥା ଶୁଣୁ ଶୁଣୁ ରମାକାନ୍ତ ବାବୁଙ୍କ ଆଖି ଚଟ୍ କିନା ଲତିକାର ବେକ ଆଡେ ଚାଲିଗଲା । ମାଜିଷ୍ଟ୍ରେଟ୍ ହିସାବରେ ସେ ଜାଣିଛନ୍ତି, ଝିଅମାନେ ବାପ ଘର ଛାଡି ପ୍ରେମିକ ସାଙ୍ଗରେ ଚାଲି ଆସିଲେ, ଗୋଟିଏ ସୁଚିନ୍ତିତ ଯୋଜନା ଅନୁଯାୟୀ ଯେତେ ବେଶି ସମ୍ଭବ ଗହଣାଗାଣ୍ଠି ଧରି ବାହାରି ଆସନ୍ତି । ଏ'ଟା ହେଉଛି ସ୍ତ୍ରୀ ଲୋକମାନଙ୍କର ସ୍ୱଭାବ ଲକ୍ଷଣ । ଅକାଳରେ କାମରେ ଆସିବ । କିନ୍ତୁ ଲତିକାର ବେକ ଖାଲି । ସେ ଠଉରାଇ ନେଲେ ପ୍ରଥମ ସର୍ତ୍ତଟା ପୂରଣ ହୋଇ ଯାଇଛି । ତେଣୁ ପଚାରିଲେ, ଆରେ ବାବୁ କେଉଁଠି ଲୁଚିବ ? କେତେଦିନ ଲୁଚିବ ? ଦିନେ ନା ଦିନେ ତ ପୋଲିସ ଧରିବ ?

ନାହିଁ ଅଜା, ସେମାନେ କହିଛନ୍ତି, ଅନ୍ତତଃ ମାସେ ଖଣ୍ଡେ ଧରା ନ ପଡିଲେ, ଆଉ ବୋଧହୁଏ ଧରା ପଡିବୁ ନାହିଁ । ତା'ଛଡା ବେଶି ଦିନ ବିତିଗଲା ପରେ ଲତିକାର ବାପା ମାଆ ବୋଧହୁଏ ଚୁପ୍ ରହିଯିବା ଉଚିତ୍ ମନେ କରିବେ । ଲତିକା ବି ଅଠର ପାର୍ ହୋଇ ଯାଇଥିବ ।

ଆଚ୍ଛା ତା' ପରେ କଣ ହେଲା ? ପିଲାମାନେ ଯେମିତି ଆଇମାଆଙ୍କଠାରୁ ଗପ ଶୁଣୁଥିବା ବେଳେ ବାରମ୍ବାର ତା'ପରେ, ତା'ପରେ ପଚାରୁଥାନ୍ତି, ସେହିପରି ରମାକାନ୍ତ ବାବୁ ପଚାରିଲେ ।

ମୁଁ ଅଢେଇ ଶହ ଟଙ୍କା ଧରାଇ ଦେଲି । ଲତିକା ତାର ସବୁ ଗହଣା ଓହ୍ଲାଇ ଦେଲା । ତା'ଠୁ ସେମାନେ ଖଣ୍ଡିଏ ଶାଢି ବି ମାଗିନେଲେ ।

ଏସବୁ କୋଉଠି ଘଟିଲା ?

କଟକ ଷ୍ଟେସନ ପୂର୍ବରୁ । ସେମାନେ ମୋତେ ପଚାରିଥିଲେ, ମୁଁ କେଉଁଠି ଲତିକାକୁ ଲୁଚାଇ ରଖି ପାରିବି । ମୁଁ ଆପଣଙ୍କ ନାଁ ନେଇଥିଲି। ମୋର ଆଶା ଥିଲା ଆପଣ ଆମକୁ ତଡି ଦେବେ ନାହିଁ । ପୋଲିସ ତିନିହେଁ କହିଥିଲେ, ତା'ହେଲେ ତୁମେ ଦୁହେଁ କଟକରେ ଓହ୍ଲାଇଯାଅ । ଆମେ ଆମ କାମ କରିନେବୁ । କିନ୍ତୁ କାହାକୁ କିଛି କହିବ ନାହିଁ । ଏପରିକି ଆପଣଙ୍କୁ ମଧ୍ୟ କହିବୁ ନାହିଁ ବୋଲି ସେମାନେ ପ୍ରତିଜ୍ଞା କରି ନେଲେ ।

ତା'ହେଲେ ତୁମେ ଦୁହେଁ ବେଶ୍ ଗୋଟିଏ କାଣ୍ଡ କରି ଆସିଛ ।

ଅଜାଙ୍କ ଏ ବାକ୍ୟ ଶୁଣି ଦୁହିଁଙ୍କର ଛାତିର ଦୁକୁଦୁକି ବଢିଗଲା । ଅଜା କଣ ପୋଲିସରେ ଖବର ଦେବେ କି ? ନା, ବାପାହେରିକାଙ୍କୁ ଖବର ଦେବେ ? ଅଜାଙ୍କ ପରବର୍ତ୍ତୀ ବାକ୍ୟରେ ଦୁହିଁଙ୍କର ସାହସ ଆସିଲା ।

ଯାହା ତ ହେବାର ହେଲାଣି, ଆସ ଘର ଭିତରକୁ ଆସ, ଆଇକୁ ଚିହ୍ନେଇ ଦିଏ । ଟିକିଏ ଜଳଖିଆ କରିନିଅ । ତା'ପରେ କଣ କରି ହେବ ଦେଖିବା ।

ରମାକାନ୍ତ ବାବୁ ବଗିଚା-ଚୌକିରୁ ଉଠିଲେ । ପଛେ ପଛେ ଶ୍ୟାମଳେନ୍ଦୁ ଓ ଲତିକା ।

ପ୍ରମିଳା ଦେବୀ ଚା କରି ସାରିଥିଲେ । ପ୍ଲେଟ୍‌ରେ ବିସ୍କୁଟ୍ କିଛି ଥୁଆ ହୋଇଛି । ତା ଉପରେ ଶ୍ୟାମଳେନ୍ଦୁ ଓ ଲତିକାର ଆଖି ପଡିଗଲା। ଦୁହେଁ ଫୁସ୍ ଫାସ୍ ହେଲେ । ଏ ତ ଥିନ୍ ଆରାରୋଟ୍ ବିସ୍କୁଟ । ବାଜେ ଲାଗିବ ।

ଅଜା ଶୁଣି ପାରି ନାହାନ୍ତି, ନ ହେଲେ କିଛି ଗୋଟେ କମେଣ୍ଟ ମାରି ଦେଇଥାନ୍ତେ । ଅଜା ବେଶ୍ ମଜାଳିଆ ଲୋକ ବୋଲି ଶ୍ୟାମଳେନ୍ଦୁ ମାଆଙ୍କଠାରୁ ଶୁଣିଛି ।

ମୁହଁ ହାତ ଧୁଆ ଧୋଇ କରିବାକୁ ଯିବା ପୂର୍ବରୁ ଅଜା ଆଇଙ୍କୁ ଶୁଣାଇ ଶୁଣାଇ କହିଲେ, ଦେଖ ତୁମ ନାତି ଆଉ ନାତୁଣୀ-ବୋହୂକୁ । ଯୋଡି ଠିକ୍ ହୋଇଛି ।

ଏ ଭଳି ମନ୍ତବ୍ୟ ଦୁହେଁ କେବେ ଆଶା କରି ନ ଥିଲେ । ବରଂ ଅଜା ସେ ଦୁହିଁଙ୍କ

ବଦଗୁଣ, ଯଥା ଟ୍ୟୁସନ୍‌ରୁ ପଳାୟନ ଭଳି କାଣ୍ଡ, ଆଈଙ୍କ ଆଗରେ ଗାଇବେ ବୋଲି ସେମାନେ ଭାବିଥିଲେ । ଏ ଅଯାଚିତ ଅଭିନନ୍ଦନରେ ଦୁହେଁ ଏତେ ଖୁସି ହୋଇଗଲେ ଯେ କେତେବେଳେ ଯାଇ ଆଈଙ୍କ ପାଦ ଛୁଇଁ ସାରିଲେଣି ଭୁଲିଗଲେ । ଅଜାଙ୍କ ପାଦ ଛୁଇଁ ପୁଣି ଥରେ ଆଈଙ୍କ ପାଦ ପାଖକୁ ଗଲା ବେଳକୁ ଆଈ କହିଲେ, କିରେ କେତେ ଥର ପ୍ରଣାମ କରିବ କି ? ଏତକ କହି  କହି ଲତିକାକୁ କୋଳ କରି ପୁଣି ଆଶୀର୍ବାଦ ଯୋଡିଲେ, ଅହି ସୁଲକ୍ଷଣୀ ହୋଇ ଥା ।

ରାତି ଯାକ ଅଜା ପାଖେ ପାଖେ ଦୁଇ ଜଣ ଯାକ ଲାଗି ରହିଲେ । ଅଜା ଖୁସି ରହିଲେ ସେଦୁହିଁଙ୍କ ବଦମାସି ପଦାକୁ ଆସିବ ନାହିଁ, ତେଣୁ ସେ ଦୁହେଁ ଏଠି ଅଛନ୍ତି ବୋଲି କେହି ଜାଣିବେ ନାହିଁ ।

ସେ ଦିନର ନୈଶ ଭୋଜନ ଲାଗି ଆଈ ରୋଷାଇଶାଳରେ ବ୍ୟସ୍ତ ଥିଲା ବେଳେ ଦୁହେଁ ଆଈଙ୍କ ସହ ଖୁସିବାସ ହେଲେ । ଅଜା ଆସି ପହଞ୍ଚିଗଲେ । ଦୁହିଁଙ୍କ ବିବାହ ରହସ୍ୟ ଖୋଲିଦେଲେ । ଆରେ ତୁମେ ଦିହେଁ ବାପା ମାଆଙ୍କୁ ଠକି ଚାଲି ଆସିଛ ? ପ୍ରମିଳା ଦେବୀ ନବବିବାହିତାଙ୍କୁ ତାଗିଦ୍ କଲା ଭଳି କହିବା ବେଳେ ରମାକାନ୍ତଙ୍କ ଆଡକୁ ଅନାଉଥାଆନ୍ତି । ତାଙ୍କଠାରୁ କିଛି ସହମତି ହାସଲ କରିବାର ଉଦ୍ଦେଶ୍ୟରେ ।

କିନ୍ତୁ ରମାକାନ୍ତ ନାତିକୁ ସାହାଯ୍ୟ କରିବାର ମତଲବ୍‌ରେ ଅଛନ୍ତି ବୋଲି ଜାଣି ପ୍ରମିଳା ଦେବୀ ତାଙ୍କ ତିରସ୍କାରରେ ବେଶି ଜୋର୍ ଦେଲେ ନାହିଁ ।

ରାତି ଆଠଟା ପାଖାପାଖି ଖବରକାଗଜବାଲା କାଗଜ ଖଣ୍ଡ ପକାଇ ଦେଇ ଚାଲି ଗଲା । 'କାଗଜ'ବୋଲି ପାଟି କରି ସେ ଜଣାଇ ଦେଲା ଯେ ଦୁଆର ପାଖରେ ଖବର କାଗଜଟା ପକାଇ ଦେଇଛି ।

ରମାକାନ୍ତବାବୁଙ୍କର ନିଶା ସେ ଖବରକାଗଜ ଖଣ୍ଡେ ପାଇଲା କ୍ଷଣି ପଢିନେବେ । ଆଉ ସବୁ କାମ ପଛକୁ । ପ୍ରମିଳାଙ୍କ ସହ ଶ୍ୟାମଳେନ୍ଦୁ-ଲତିକା ପ୍ରହସନ ସମ୍ପର୍କୀୟ କଥାବାର୍ତ୍ତା ମଝିରେ ସେ ଝପଟି ଗଲେ କବାଟ ଆଡକୁ । ଘେନି ଆସିଲେ 'ସମାଜ' ଖଣ୍ଡକ ।

ଆଗେ ସେ ସମ୍ବାଦର ଶୀର୍ଷଗୁଡିକୁ ପଢନ୍ତି । ଆଗ୍ରହ ବଢିଲେ  ଖବର ଭିତରକୁ ପଶନ୍ତି । ଆଜିକାଲିର ଖବରର ବେଶି ଭାଗ ତ ଧର୍ଷଣ, ଅପହରଣ, ହତ୍ୟା ଓ ବୋହୂପୋଡି । ତାଙ୍କ ଆଖି ପଡିଲା ପ୍ରଥମ ପୃଷ୍ଠାର ତଳ ଆଡକୁ, ଲେଖା ଅଛି 'ବଙ୍ଗୀୟ ଯୁବକ ଯୁବତୀଙ୍କ ସଲିଳ ସମାଧି' । ତା ତଳେ ଲେଖା ଅଛି ପଶ୍ଚିମ ବଙ୍ଗ ପୋଲିସ୍‌ଙ୍କ ହେପାଜତ୍‌ରେ ଯାଉଥିବା ଯୁବକ ଯୁବତୀଙ୍କ ଆତ୍ମହତ୍ୟା । ଗତ ରାତ୍ରିରେ ପୁରୀ-ହାଓ୍ୱଡା ଏକ୍ସପ୍ରେସ୍ ମହାନଦୀପୋଲ ଉପରେ ଯାଉଥିବା ବେଳେ ପୋଲିସ୍ ହେପାଜତ୍‌ରେ ଥିବା ଏକ ନବବିବାହିତ ଦମ୍ପତି ନଦୀକୁ ଡେଇଁ ପଡିଥିଲେ । ଟ୍ୟୁସନ୍ କରୁଥିବା ମାଷ୍ଟର ଅପ୍ରାପ୍ତ ବୟସ୍କା ଛାତ୍ରୀଙ୍କୁ ଅପହରଣ କରି ଜବରଦସ୍ତ ବିବାହ କରି ପୁରୀର ଏକ ହୋଟେଲ୍‌ରେ ରହିଥିବା ବେଳେ ଝିଅର ବାପାମାଆଙ୍କ

ଏତଲା ଫଳରେ ପଶ୍ଚିମ ବଙ୍ଗ ପୋଲିସ୍ ଝିଅକୁ ଉଦ୍ଧାର କରିଥିଲେ ଏବଂ ଟ୍ୟୁସନ୍‌ମାଷ୍ଟର ସହ ତାକୁ ଘେନି କଲିକତା ଫେରୁଥିଲେ । ରାତ୍ରିର ଅନ୍ଧକାରର ସୁଯୋଗ ନେଇ ପୋଲିସ୍ ଦଳ ଢୋଳାଉ ଥିବାବେଳେ ସେ ଦୁହେଁ ଟ୍ରେନ୍‌ରୁ ଡେଇଁ ପଡିଥିଲେ । ସାଙ୍ଗେ ସାଙ୍ଗେ ପୋଲିସ୍ ଦଳ ଟ୍ରେନ୍ ଅଟକାଇ କଟକ ଜିଆରପି ଥାନାରେ ଖବର ଦେଲେ । ରାତ୍ରିରେ ଖୋଜାଖୋଜି କରି ପତ୍ତା ମିଳି ନ ଥିଲା । ସକାଳେ ନିଆଁ ଲିଭାଇବା ଦଳ ଦଶ ବାର କିଲୋମିଟର ଯାଏ ନଦୀଗର୍ଭରେ ଅନୁସନ୍ଧାନ ଚଳାଇଥିଲେ । କେବଳ ଗୋଟିଏ ଶାଢୀ ଭାସି ଭାସି ବୟାଳିଶ ମଉଜା ତଳେ ପଠାରେ ଲାଗିଥିବାର ମିଳିଛି ଏବଂ ପଶ୍ଚିମ ବଙ୍ଗ ପୋଲିସ୍ ଶାଢୀଟିକୁ ଅପହୃତା ଝିଅର ବୋଲି ଚିହ୍ନଟ କରିଛି । ସହଯାତ୍ରୀମାନଙ୍କ ଭିତରୁ ଯେଉଁ ଜଣେ ଅଧେ ପୋଲିସ୍ ଦଳର ପାଟିରେ ଉଠି ପଡିଥିଲେ ସେମାନଙ୍କ ଭିତରେ ଯାଜପୁର ରୋଡ୍‌ରେ ଓହ୍ଲାଇଥିବା ଜଣେ ଥିଲେ, ସେମାନଙ୍କୁ ଆମ ପ୍ରତିନିଧି ପଚାରିବାରେ ଜାଣି ପାରିଛନ୍ତି ଯେ ସେମାନେ ପାଣିରେ କଣ ଭୁସ୍ କିନା ପଡି ଯିବାର ଶବ୍ଦ ଶୁଣିଛନ୍ତି । ପ୍ରାୟ ସବୁ ଯାତ୍ରୀ ସେତେବେଳକୁ ନିଦ୍ରା ଯାଇଥିବାରୁ କେହି ସଠିକ୍ କହି ପାରୁ ନାହାନ୍ତି ଘଟଣାଟା କିପରି ବା କଣ ଘଟିଲା । ଆମ ପ୍ରତିନିଧି ଜଣାଇଛନ୍ତି ଯେ ଆଜି ଅପରାହ୍ନ ଗୋଟାଏ ସୁଦ୍ଧା ଯୁବକ-ଯୁବତୀଙ୍କ କୌଣସି ଖବର ମିଳି ନାହିଁ ବା ସେମାନଙ୍କ ଲାସ୍ ମିଳି ଥିବାର ସୂଚନା ମିଳି ନାହିଁ ।

ବୁଝିଲ ଶ୍ୟାମଳେନ୍ଦୁ, ତୁମେ ଜିତିଗଲ । ଏଣିକି ପଶ୍ଚିମ ବଙ୍ଗ ପୋଲିସ ଆଉ ତୁମକୁ ପାଇବେ ନାହିଁ । ଚେଇଁ ଶୋଇଥିବ ଯିଏ ତାକୁ ଉଠାଇବ କିଏ ? ପୋଲିସ୍ ତୁମ ଦୁହିଁଙ୍କର ସଲିଳ ସମାଧି କରିଦେଇଛି । ଅଜାଙ୍କ କଥାରେ ଥିଲା ପ୍ରଚୁର ଆଶ୍ୱାସନା । କହିଲେ ନିଅ ପଢ । ତୁମରି କଥା ବାହାରିଛି ।

କିଛି ସମୟ ଚିନ୍ତା କଲା ଭଳି ରମାକାନ୍ତ ଚୁପ୍ ରହିଲେ । ନୂଆ ଜ୍ଞାନ ପାଇଲା ଭଳି ହଠାତ୍ ହୁଁ ଶବ୍ଦ କରି ସେ ଶ୍ୟାମଳେନ୍ଦୁ ଓ ଲତିକାକୁ ପାଖକୁ ଆଉଜାଇନେଲେ । ତାଙ୍କର ପରାମର୍ଶ ହେଲା : ଏଣିକି ତୁମେ ଦୁହେଁ ନୂଆ ନାଁ ଧରି, ଅଣବଙ୍ଗାଳୀ ବେଶରେ, କିଛି ଦିନ କୌଣସି ନୂଆ ଧନ୍ଦା ଧରି ଏଆଡେ ରହିଯାଅ । କେତେ ବର୍ଷ ପରେ ଘରକୁ ଫେରିଲେ ବି କେହି ଅବିଶ୍ୱାସ କରିବେ ନାହିଁ । କାରଣ ତୁମେ ବୟାଳିଶ ମୌଜା ବା ସେମିତି କୌଣସି ଗ୍ରାମ କୂଳରେ ଲାଗି ସେଇଠି ରହି ଯାଇଥିଲୁ ବୋଲି କହି ଦେଇ ପାରିବ ।

ଏତକ କହି ରମାକାନ୍ତ କାଗଜଟିକୁ ବଢାଇ ଦେଲେ ଦୁହିଁଙ୍କ ହାତକୁ । ନିଅ ପଢ । ତୁମ ଖବର । ତୁମେ ରକ୍ଷା ପାଇଗଲ ।

ଓଡିଆ ପଢି ପାରୁ ନ ଥିବା କାରଣରୁ ସେମାନେ ଅଜାଙ୍କୁ ଆମୂଳଚୂଳ ପଢି ବୁଝାଇ ଦେବାକୁ ଅଳି କଲେ ।

*****

# ନିତ୍ୟାନନ୍ଦର କଲିକତା

ନିତ୍ୟାନନ୍ଦ କଲିକତାକୁ ଯେତେ ଭଲ ପାଏ, ବଙ୍ଗଳୀମାନେ ସମ୍ଭବତଃ ସେତେ ବେଶି ଭଲ ପାଆନ୍ତି ନାହିଁ । କଲିକତା ତାକୁ ଆତ୍ମସମ୍ମାନ, ଆତ୍ମଗାରିମା ଆଣିଦେଇଛି । ଏବେ ସେ ବାଲିଚନ୍ଦ୍ରପୁରର ନିତିଆ ହୋଇ ରହିନାହିଁ, କି ସାବତ ମା ଆଉ ତାକୁ ଛତରା ବେକାର ବୋଲି ଗାଳି ଦେଉନାହିଁ । ଏବେ ସେ ନିତ୍ୟାନନ୍ଦ । ମେଟାଲ୍‌ବକ୍ସ କମ୍ପାନୀର କର୍ମଚାରୀ ।

ଏଠି ମଣିଷ ମଣିଷର ଗୁଣ ଚିହ୍ନେ । ବଡ ସାହେବଙ୍କ ବିଶ୍ୱାସ ଆସିଯାଇଛି, ସେ ବର୍ତ୍ତମାନ ଖାଜାଞ୍ଚି ପିଅନ ହୋଇଯାଇଛି ।

ଆଜି ତାର ଖାଜାଞ୍ଚି ପିଅନ ପଦବୀର ମାସେ ପୂରିଛି । ଆଜି ବି ବଡ କାମ ମିଳିଛି । ଷ୍ଟେଟ୍‌ବ୍ୟାଙ୍କରୁ ସେ ଷାଠିଏ ହଜାର ଟଙ୍କାର ଡିମାଣ୍ଡ୍ ଡ୍ରାଫ୍‌ଟ ଆଣିବ, ଆଉ ଛ'ହଜାର ଟଙ୍କାର ଚେକ୍ ଭଙ୍ଗାଇବ ।

ଗାଁଲୋକେ ଏତେ ଟଙ୍କା ଏକାସାଙ୍ଗରେ କେବେ ଦେଖିବାକୁ ପାଇଥିବେ ? ବାଲିଚନ୍ଦ୍ରପୁର ଜମିଦାରର ଗୋସବାପ ବି ଦେଖି ନଥିବ, ସେ ନିଜକୁ କହିପକାଇଲା ।

କଲିକତା ଆଉ ତା'ର ଚାକିରି - ଦୁନିଆରେ ଏ ଦୁଇଟି ଜିନିଷ ତା ଆଖିରେ ଏତେ ବଡ ହୋଇ ପଡିଛି ଯେ କେହି ଏ ଦୁଇଟି ବା ଦୁଇଟିରୁ କୌଣସି ଗୋଟିକ ବିଷୟରେ କିଛି ଖରାପ କଥା କହିଲେ ସେ ରାଗିଯାଏ । ବର୍ଷାଦିନେ କଲିକତା ରାସ୍ତାରେ ନଈବଢି ହୁଏ ବୋଲି ଥରେ ପଞ୍ଚମ ଶ୍ରେଣୀରେ ପଢୁଥିବା ତା ପୁତୁରା ଦିନେ ସେ ଗାଁରେ କଲିକତା ବିଷୟରେ ବଢେଇ କରି କହୁଥିବାବେଳେ କହିଲା ବୋଲି, ସେ ଉପଦେଶ ଦେଇଥିଲା, ତୁ କଣ ଜାଣୁ ? ଖବର କାଗଜର ଲେଖା କଣ ପ୍ରକୃତ ଖବର ? ସବୁ କଥାକୁ ସେମାନେ ବଢେଇ କରି ଲେଖନ୍ତି । ପୁଣି ଉପଦେଶ ଦେଇ ପୁତୁରାକୁ କହିଥିଲା, ସବୁବେଳେ ଜିନିଷର ଖରାପ ଦିଗଟା ଦେଖିବା ଉଚିତ୍ ନୁହେଁ । ଲକ୍ଷ ଲକ୍ଷ ଲୋକଙ୍କ ଭିଡ, ହଜାର ହଜାର କୋଠାବାଡି - ବେଶି ବର୍ଷା ହୋଇଗଲେ ଏତେବଡ ବ୍ରହ୍ମାଣ୍ଡଟାରେ ବଢି ଆସି ଯାଉଛି, ଆଉ କଲିକତାର ରାସ୍ତାରେ ପାଣି ଟିକେ ଜମିଗଲା ତ ବେଶି କଣ ହେଲା ? ତୁ ବଡ ହେଇଯା', ଦେଖିବୁ ଏଠି ତୋତେ କେହି ପଚାରିବେ ନାହିଁ, କିନ୍ତୁ କଲିକତାରେ? ନିଶ୍ଚେ ପଚାରିବେ ।

କଲିକତାରେ କେମିତି ଚଳଣି ଆମେ କଣ ଜାଣିନାହୁଁ, ଏପରି ଯଦି କେହି କହେ ଏବଂ ତହିଁରେ ଯୋଡିଦିଏ ଯେ, ତୁ କେତେ କଷ୍ଟରେ ଚଳୁଥିବୁ ଆମେ ଜାଣିଛୁ; ନିତ୍ୟାନନ୍ଦର

ଲାଲ ଆଖି ଆଉ ତମ ତମ ମୁହଁ ସେଲୋକକୁ ଆଗେଇବାକୁ ଦିଏ ନାହିଁ ।

ବେଶ୍ ଶସ୍ତାରେ ଜବରଦସ୍ତ ଗୁଣ୍ଡାଏ ଗିଳିଦେଇ ଚାକିରିଟା ସମ୍ଭାଳିଥିବୁ, ଛୁଟିରେ ଗାଁକୁ ଆସି କେତୋଟି ଧୋବ ଫର ଫର ଲୁଗାପିନ୍ଧି କିଛି ଦିନ ଭିତରେ ପଇସା ସରିଗଲେ, ପୁଣି କଲିକତା ମୁହେଁଇବୁ । କଲିକତିଆ ବାବୁଙ୍କର ଏମିତିକା ଚାଲ - ଆମକୁ ଜଣା । ଏତକ କାହା ମୁହଁରୁ ଶୁଣିଲେ ନିତ୍ୟାନନ୍ଦର କଲିକତୀ ମହାଭାରତ ଖୋଲିଯାଏ । ସେଠି ଖଟଣିରେ ସମ୍ମାନ ଅଛି । କେହି ତୁ-ତା କରନ୍ତି ନାହିଁ । ବଡ ବାବୁମାନେ ବି ତୁମେ ଡାକନ୍ତି । କାମରେ ଧୂଳିମଳି ନାହିଁ ।

ଏବେ ପିଅନରୁ ଖାଜାଞ୍ଚୀ ହେଲା ଶୁଣି ସେ ଗାଁକୁ ଯାଇଥିଲା; ସ୍ତ୍ରୀକୁ ନେଇଆସିଛି । ଅଫିସ୍ ପଛଆଡେ କାନ୍ଥକୁ ଲଗାଇ ଟିଣ ଛପରଟିଏ ପକାଇ ସେ ଶୁଆବସା କରିବାର ଯେଉଁ କୁଡିଆଟିଏ କରିଥିଲା ତାକୁ ଟିକେ ବାଗେଇ ଦେଇଛି । ଆଉ କେହି କହିବ ନାହିଁ ଯେ ସେ ଜବରଦସ୍ତ ଗୁଣ୍ଡାଏ ଗିଳିଦେଇ ଅଫିସ୍ ଆସିଯାଉଛି । କିନ୍ତୁ ଏ କଥା ସେ କାହା ଆଗରେ ଖୋଲି କହିବା ଉଚିତ ମନେ କରେ ନାହିଁ । କାଳେ କିଏ ତାର ଛୋଟିଆ କୁଡିଆଟି ବିଷୟରେ ଗୁଡେଇତୁଡେଇ ପ୍ରଶ୍ନ କରିବ !

ପ୍ରଥମେ ପ୍ରଥମେ ସମସ୍ତଙ୍କର ବୋଲକରା ହୋଇଥିବ ବୋଲି କହିଲେ ନିତ୍ୟାନନ୍ଦ କହେ ସେସବୁ ପୁରୁଣା କଥା । ଏବେ ବାମସାମ୍ମୁଖ୍ୟ ସରକାର ଆସିବା ଦିନଠୁ, ତାଙ୍କ ୟୁନିଅନ କହି ଦେଇଛି କେହି କାହାରି ଚାକିରି ନେଇପାରିବ ନାହିଁ । ତେଣୁ କାହାରି ବୋଲକରା ହେବା ଦରକାର ନାହିଁ ।

ନୂଆ ପୁରୁଣା ଏମିତି କେତେ କଥା ନିତ୍ୟାନନ୍ଦର ମନରେ ଉଙ୍କି ମାରୁଥାଏ, ଆଉ ସେ ଝପଟି ଚାଲୁଥାଏ - ବ୍ୟାଙ୍କ୍‌ରେ କ୍ୟୁ ଦେବାକୁ ପଡିବ । କଲିକତା ତ, ଯେଉଁଠି ଯାଅ, ସେଠି ଭିଡ, ସେଠି ଲାଇନ୍ ।

କଣ ଭାଇ, ବେଶ୍ ଦଉଡୁଛ ଯେ ! କେଇଟା ବାଜିଛି ! ପଛରୁ ଜଣେ ବଙ୍ଗଳାରେ ତାକୁ ପଚାରିଲା ।

ବୁଲିପଡି ଦେଖିଲା ଟୋକାଟିଏ । 'ଏଗାରଟା' କହି ନିତ୍ୟାନନ୍ଦ ଆଗେଇଲା । ଟୋକାଟି ପଛେ ପଛେ ଚାଲିଥାଏ ।

ଆପଣ କ'ଣ ବ୍ୟାଙ୍କ୍‌ରେ କାମ କରନ୍ତି ? - ଟୋକାଟା ପୁଣି ପଚାରିଲା ।

ନାହିଁ ବ୍ୟାଙ୍କ୍ ଯାଉଛି । ମେଟାଲ୍‌ବକ୍ସରେ କାମ କରେ । ନିତ୍ୟାନନ୍ଦ କହିଲା ।

ନିତ୍ୟାନନ୍ଦର ମନରେ ଖୁସିର ଲହଡି ଭାଙ୍ଗୁଥାଏ । ଆଜି ପ୍ରଥମଥର ତାକୁ ଛଅଟି ହଜାର କାରବାର କରିବାର ଦାୟିତ୍ୱ ଦିଆଯାଇଛି। ଦୁନିଆରେ କାହାରି ପ୍ରତି ତାର ଭ୍ରୂକ୍ଷେପ ନାହିଁ । କଲିକତୀ ଦୁନିଆରେ ଅନ୍ୟ ପ୍ରତି କାହାର ନଜର ନ ଥାଏ । ସମସ୍ତେ ନିଜ ନିଜ କାମରେ ବ୍ୟସ୍ତ ।

ନିଜ କାମ ତ ସାରୁ ସାରୁ ସବୁ ସମୟ ଯାଉଛି ! ଅନ୍ୟ କାହାରିକୁ ଅନେଇବାକୁ ବି ବେଳ କାହିଁ ? ନିତ୍ୟାନନ୍ଦ ଭାବୁଥିଲା- ଏହିଟା ହିଁ ମଣିଷକୁ ମଣିଷ କରିଛି । ନହେଲେ ଦେଖୁନା, ଗାଁରେ ? ଅଳସୁଆର ମନ, ଭୂତ କାରଖାନା । ଇଏ ତା ବିରୁଦ୍ଧରେ କହୁଛି ତ, ସିଏ ଯା ବିରୁଦ୍ଧରେ କହୁଛି । ପୁଣି ଜମିବାଡି ଗଣ୍ଡଗୋଳ ସବୁବେଳେ ଲାଗିଛି । ସେଦିନ ତା ଦୁଇ କକାଙ୍କ ଭିତରେ ମୁଣ୍ଡ ଫଟାଫଟି ହୋଇଗଲା । କିନ୍ତୁ କଲିକତାରେ ଏସବୁ କରିବାକୁ ବେଳ କାହିଁ ?

ଯଦି କେହି ତାକୁ କହେ, କଲିକତାରେ ବି ଗଳି ଗଳି ସାହି ସାହି ଭିତରେ ଝଗଡା ହୁଏ, ମାରପିଟ୍ ହୁଏ, ଜୁଆଚୋରି, ରାହାଜାନି ହୁଏ, ସେ କହେ ମୁଁ ଚକୁଳି ଖାଇବି ନାଁ ବିନ୍ଧ ଗଣିବି ? ଚାକିରି ବା ଅଫିସ୍‌ରେ ତ କିଛି ଗଣ୍ଡଗୋଳ ନାହିଁ । ଆଉ କୁଆଡେ କିଏ କଣ କଲା ସେଥିରେ ମୁଁ କାହିଁକି ମୁଣ୍ଡ ଖେଳାଇବି ?

ନିତ୍ୟାନନ୍ଦ ଯାହା ବୁଝିଛି, ଗାଁକୁ ଗଲେ ସମସ୍ତଙ୍କୁ ସେଇୟା ବୁଝାଏ । ସେ କହେ, ଦୁନିଆଯାକ ଲୋକ ଯଦି କଲିକତାରେ ଚାକିରି କରନ୍ତେ, ବଡ ଚାକିରି ନ ହେଉ, ଛୋଟ ଚପରାଶି ଚାକିରି ହେଉ, ଦୁନିଆଟା କେଡେ ବଢିଆ ହୋଇ ଯାଆନ୍ତା ! ଝଗଡାଝାଣ୍ଟି ରହନ୍ତା ନାହିଁ ।

ଷ୍ଟେଟ୍‌ବ୍ୟାଙ୍କ୍‌ରେ ପହଞ୍ଚି ନିତ୍ୟାନନ୍ଦ ଚେକ୍‌ଗୁଡିକ ଜମା କରିଦେଲା, ଡ୍ରାଫ୍‌ଟ ଦେବାକୁ ଗୋଟିଏ କାଉଣ୍ଟର ଓ ଭଙ୍ଗାଇବାକୁ ଆଉ ଗୋଟିଏ କାଉଣ୍ଟର । ଏଥିପାଇଁ ଦୁଇଟି ପିତଳ ଟୋକନ ପାଇଲା । ଘଣ୍ଟାଏ ଦୁଇଘଣ୍ଟା ଅପେକ୍ଷା କରିବାକୁ ପଡିବ ।

ବ୍ୟାଙ୍କ୍ ବାହାରକୁ ଆସି ଫାଙ୍କା ପବନରେ ବୁଲିଲା । ଗୋଟେଆଡେ ଦେଖିଲା, ଯେଉଁ ଟୋକାଟା ତାକୁ ରାସ୍ତାରେ ଟାଇମ୍ କେତେ ପଚାରିଥିଲା, ଦୁଇଟା ଏକା ବୟସର ଟୋକାଙ୍କ ସାଙ୍ଗରେ ଗପୁଛି । ସେମାନଙ୍କର ବି ବ୍ୟାଙ୍କ୍‌ରେ କାମ ଥିବ ! ଯୁବକ, ଯୁବତୀ, ବୁଢା ବୁଢୀ, କେତେ ଲୋକ ବ୍ୟାଙ୍କକୁ ଆସୁଛନ୍ତି । ଭିନ୍ନ ଭିନ୍ନ କାଉଣ୍ଟରରେ ଧାଡି ବାନ୍ଧି ଲୋକ ଛିଡା ହୋଇଛନ୍ତି । ଏ ଅଣନିଶ୍ୱାସୀ ହାଉଆରୁ ବାହାରକୁ ଆସି ନିତ୍ୟାନନ୍ଦ ବେଶ୍ ହାଲୁକା ଅନୁଭବ କଲା । ଯେନତେନ ପ୍ରକାରଣେ ଘଣ୍ଟେ ଦି ଘଣ୍ଟା ସମୟ କଟାଇବାକୁ ପଡିବ ।

ଗେଟ୍ ପାର ହୋଇ ରାସ୍ତାକୁ ଚାହିଁଲା । ଇସ୍ ! ପିଁ ପିଁ, ସାଏଁ ସାଏଁ କରି ଗାଡିଗୁଡାକ ଛୁଟିଛନ୍ତି । ଗୋଟାକ ପରେ ଗୋଟିଏ ଲାଇନ୍ ଲାଗିଛି । ରାସ୍ତା ଏପଟରୁ ସେପଟକୁ ପାର ହେବାକୁ ଲୋକେ ଅପେକ୍ଷା କରିଛନ୍ତି । କେମିତି ଟିକେ ଫାଙ୍କା ପାଇଲେ ଆଗେଇ ଯିବେ । ରାସ୍ତା ପାର ହେବାକୁ ଜେବ୍ରା ଚିହ୍ନ ଟିକିଏ ଦୂରରେ । ସେଠି ବି ଲୋକଙ୍କ ଭିଡ ଅଛି । ସମସ୍ତେ ଅପେକ୍ଷା କରିଛନ୍ତି ନାଲି ବତି ଜଳି ଉଠିଲେ, ରାସ୍ତା ପାର ହେବେ ।

କଲିକତାରେ ସବୁବେଳେ ଦଉଡ । ଡେରିକଲେ କାମ ହେବ ନି । ଗୋଟିଏ କାମ କରିବ ତ ଆଉ ଗୋଟିଏ କାମ କରିବାକୁ ବେଳ ନ ଥିବ । ନିତ୍ୟାନନ୍ଦକୁ ଏମିତି ଦଉଡ

ଧାପଡ ଭଲ ଲାଗେ । ଦେଖୁନ ଗାଁଗଣ୍ଡାରେ କଣ ହୁଏ ! ଲୋକେ ପିଣ୍ଡାରେ ବସିଥିବେ, ଗପୁଥିବେ, ବିଡି ଟାଣୁଥିବେ, ଦିପହର ନହେଲା ପର୍ଯ୍ୟନ୍ତ ଗାଧୁଆବେଳ ହେବ ନାହିଁ । ବେକାରିଆଗୁଡାକ ! ନିତ୍ୟାନନ୍ଦ ମନେ ମନେ ଚିଡେ । ଆରେ ବାବୁ ! କାମଦାମ ଯାହା ଅଛି ସାରିଦିଅ - ତା'ପରେ ବସିବାକୁ, ମଜା କରିବାକୁ, ବେଶ୍ ସମୟ ମିଳିବ । ଏସବୁ କ'ଣ କରୁଛ ? ଆଗେ ବସି ବସି ଖାଉଛ, କାମ କରିବାକୁ ଡାକରା ଆସିଲେ ଢିଲା ଢିଲା ହେଉଛ । ଛି ! ଛି ! ମନ ହୁଏ, ଛାଟିଆରେ ବାଡେଇକି ଗାଁ ଲୋକକୁ ଖଟାନ୍ତା ।

ଜୋରରେ ବ୍ରେକ୍ ମାରିବାର ଚିଁ ଚାଁ ଶବ୍ଦରେ ନିତ୍ୟାନନ୍ଦର ଭାବନା ଚୂନା ହୋଇଗଲା । ଆଗରେ କାର୍‌ଟିଏ ବନ୍ଦ ହୋଇଯାଇଛି, ଏତେ ଜୋରରେ ବ୍ରେକ୍ ମାରିଛି ଯେ ଟାୟାର ଘଷି ହୋଇ ରାସ୍ତାରେ ରବର ଗାର ପଡିଯାଇଛି । ପଛରେ ଗାଡି ସବୁ ଅଟକିଛି । ଜଣେ ପଦଚାରୀଙ୍କୁ ରାସ୍ତା ପାର ହେବା ଦେଖି ଗୋଟିଏ ଗାଡି ଅଟକିଗଲା ତ ପଛରେ ସବୁ ଗାଡି ଅଟକିଗଲା । ଲୋକଟି ଯେପରି ପାର ହୋଇଛି, ଗାଡିମାନଙ୍କ ସୁଅ ପୁଣି ଛୁଟିଲା ।

ବ୍ୟାଙ୍କ୍ ଅଗଣାରେ ଗୋଟିଏ କୋଣରେ ସୋଲା ବିକ୍ରି ହେଉଛି ତ ଆଉ ଗୋଟିଏ କୋଣରେ ଗୁପ୍‌ଚୁପ୍, ପୁଣି ଜାଗାଏ ମସଲା ମୁଢି । ମନ ଛକ ଛକ ହେଲା, ୫୦ ପଇସାର ମସଲା ମୁଢି ପାଟିରେ ପକାଇବ । ଘଡି ଦେଖିଲା ଆହୁରି ଅଧଘଣ୍ଟାଏ ଖଣ୍ଡେ ଅପେକ୍ଷା କରିବାକୁ ପଡିପାରେ । ମସଲା ମୁଢିର ମଜା କଲିକତିଆ ବଙ୍ଗାଳୀମାନେ ଯେମିତି ଜାଣନ୍ତି ଆଉ କେହି ସେମିତି ଜାଣନ୍ତି ନାହିଁ । ପୁରୀ ସମୁଦ୍ର କୂଳରେ ମସଲା ମୁଢିର ପସରା ସଂଖ୍ୟା କେବଳ ଏହି ବଙ୍ଗାଳୀମାନଙ୍କ ଭିଡ ଯୋଗୁଁ ବଢିଚାଲିଛି । ହେଲେ କଲିକତୀ ମସଲା ମୁଢିର ଟେଷ୍ଟ କାହିଁ ?

ମୁଢିତକ ସାରି ନିତ୍ୟାନନ୍ଦ ବ୍ୟାଙ୍କ ଭିତରକୁ ପଶିଲା, ବୁଝିଲା ଚେକ୍ ଭଙ୍ଗା ଟଙ୍କା ପାଇବାକୁ ଏବେ ନମ୍ବର ଆସିଯିବ । ତେଣୁ ସେ କ୍ୟୁରେ ଠିଆହୋଇଗଲା । ସତେ ତ, ଅଳ୍ପ ସମୟ ଭିତରେ ଛ ହଜାର ଟଙ୍କା ମିଳିଗଲା । ସେ ଧାଡିଟା ଛାଡି ସେ ଚାଲିଲା ଡ୍ରାଫ୍‌ଟ ଧାଡି ଆଡକୁ । ଡ୍ରାଫ୍‌ଟ ଦସ୍ତଖତ ହେବା ଲାଗି ମାନେଜରଙ୍କ ପାଖକୁ ଯାଇଛି ଶୁଣିଲା । ଯାହାହେଉ ବଡ ବାବୁ ଦେଇଥିବା ଚେକ୍‌ଟା ଉପରେ କିଛି ଆପତ୍ତି ଉଠିନାହିଁ । ବଡବାବୁ ଚେକ୍ ଦେଲା ବେଳେ କହିଥିଲେ ବେଳେ ବେଳେ ବ୍ୟାଙ୍କର ବାବୁମାନେ ଫେଚ୍‌କାନି କରନ୍ତି, ଦୋଷ ନ ଥିଲେ ବି ଦୋଷ କାଢି ଫେରାଇ ଦିଅନ୍ତି । ଯଦି ତାହା ହୁଏ ଶୀଘ୍ର ଆସି ଆପତ୍ତିଟା ସୁଧାରି ନେବ । ନ ହେଲେ ଏକାଥରେ ଟଙ୍କା ଆଉ ଡ୍ରାଫ୍‌ଟ ନେଇ ଆସିବା ସମ୍ଭବ ହେବ ନାହିଁ । ଆପତ୍ତି ହୋଇ ନାହିଁ ମାନେ ବଡବାବୁ ତା କାମକୁ ପସନ୍ଦ କରିବେ । କାହାରି ନା କାହାରି କାମରେ ଏମିତି ଆପତ୍ତି ହୋଇଥିବ ବୋଲି ତ ବଡବାବୁ ଏ କଥା କହିଲେ ! ପ୍ରଥମ କାମରେ ସେ ଉତ୍ତୀର୍ଣ୍ଣ ହୋଇ ପାରିଛି, ସେଥିଲାଗି ନିତ୍ୟାନନ୍ଦ ଦକ୍ଷିଣ କାଳୀଙ୍କୁ ମନେ ମନେ ପ୍ରଣାମ କଲା; ଆପେ ଆପେ ତା ହାତ ଦୁଇଟା ଯୋଡି ହୋଇ ମଥା ଉପରକୁ ଚାଲିଗଲା ।

ଡ୍ରାଫ୍ଟ ପାଇବା ଲାଇନରେ ଠିଆ ହେଲାବେଳକୁ ଆଗରେ ଦୁଇଜଣ ଥିଲେ । କିନ୍ତୁ ସାଙ୍ଗେ ସାଙ୍ଗେ ପଛକୁ ପଛ ଲୋକ ଠିଆ ହୋଇଗଲେ, ପଛକୁ ବୁଲି ପଡି ଦେଖେ ତ ହେଇ କେତେ ଶୀଘ୍ର କେତେ ଲୋକ ଛିଡା ହୋଇଯାଉଛନ୍ତି, ସେ ପରୀକ୍ଷା ନିରୀକ୍ଷା କରିନେଲା । ତା ଦୁଇଜଣ ପଛକୁ ରାସ୍ତାରେ ଟାଇମ୍ ପଚାରିଥିବା ଟୋକାଟି ବି ଥିଲା । ତାକୁ ବଙ୍ଗଳାରେ ନିତ୍ୟାନନ୍ଦ ପଚାରିଲା ତାର ବି ଡ୍ରାଫ୍ଟ ନେବାର ଅଛି କି ? ସେ ହଁ କଲା ।

କଲିକତାଟା ଏଡେ ବଡ ସହର ହେଲେ ବି କେଡେ ଛୋଟ ମ ! ନିତ୍ୟାନନ୍ଦ ମନରେ ଏମିତି ବେଳେ ବେଳେ ଦାର୍ଶନିକ ଚିନ୍ତାଧାରା ଆସିଯାଏ । କୋଉଠି କିଏ ଦେଖା ହୋଇଥିବ, ପୁଣି ଆଉ କୋଉ କାମରେ ଯାଉଥିବା ବେଳେ ବି ଦେଖା ହୋଇଯିବ, ଏମିତି ପରିଚିତି ବଢେ । ତାର ମନେ ପଡିଲା କିପରି ଯେତେ ଥର ସେ ପୁରୀ ଗାଡିରେ ଗାଁକୁ ଫେରେ, ନୂଆ ନୂଆ ଯାତ୍ରୀଙ୍କ ସାଙ୍ଗରେ ଯେତିକି ଦେଖା ପରିଚିତି ହୁଏ, ତାଠାରୁ ବେଶି ହୁଏ ଆଗଥର ଦେଖାହୋଇଥିବା ଯାତ୍ରୀଙ୍କ ସାଙ୍ଗରେ ପୁଣି ଦେଖା ପରିଚିତି । ସେ ଦିନ ଗାଁ ସ୍କୁଲର ମାଷ୍ଟ୍ରେ ତାକୁ ତାଗିଦ୍ କରି ଦେଇଥିଲେ ଯେ ରେଳଯାତ୍ରାରେ ଯେତେ ଥର ଚିହ୍ନା ପରିଚୟ ହେଲେ ବି କାହାରି ହାତରୁ କିଛି ଖାଇବୁ ନାହିଁ । ଆଜିକାଲି ଖାଇବା ଜିନିଷରେ ନିଶା ମିଶାଇ ଶୁଆଇ ଦେଉଛନ୍ତି; ଆଉ ତା ପରେ ସର୍ବସ୍ୱ ଲୁଟ୍ ।

ଏ ତ ଟ୍ରେନ୍ ନୁହେଁ । ପୁଣି ସେ ବି ତ ଡ୍ରାଫ୍ଟ ନେବାକୁ ଆସିଛି । ଅଯଥାରେ କାହାକୁ ସନ୍ଦେହ କରିବା ଉଚିତ ନୁହେଁ ।

ଆଜି ଖୁସିର ସୀମା ନାହିଁ । ଡ୍ରାଫ୍ଟା ଧରି ନିତ୍ୟାନନ୍ଦ ଲାଇନ୍‌ରୁ ବାହାରି ଆସିଲା । ଅଫିସ୍‌ରେ ସହଜ କାମଟା ସାରି ଦେଇ ସେ ବସାକୁ ଯିବ । ବାଟରେ କେ. ସି. ଦାସର ରସଗୋଲା ନେବ । ସଫଳ ଭାବେ କାମ କରିଥିବାର ଖୁସି ଖବରକୁ ଅଧିକ ମଧୁର କରିବାର ଏହାଠାରୁ ବଳି ଭଲ ଉପାୟ ଆଉ କଣ ଥାଇ ପାରେ ?

ଆସିଲା ବେଳେ ବସ୍ ଧରିଥିଲା । ଫେରିବାବେଳେ ଟ୍ରାମ୍ ଧରିଲା । ଏ ପ୍ରକାର ପରିବର୍ତ୍ତନ କରିବା ନିତ୍ୟାନନ୍ଦର ଅଭ୍ୟାସରେ ପଡିଯାଇଛି । ଯେଉଁ ଦିନ ସେ କଲିକତାରେ ପଶିଲା, ସେହି ଦିନଠାରୁ ଏ ଉପଦେଶ ନିତ୍ୟାନନ୍ଦ ତା ଦାଦାଙ୍କଠାରୁ ଶୁଣିଛି । ପ୍ରଥମେ ସେ ଏ କଥାକୁ ଖାତିର କରି ନ ଥିଲା । ପିଅନ ଚାକିରିଖଣ୍ଡ ପାଇବାର କିଛି ଦିନ ଯାଏ ବି ଖାତିର କରି ନ ଥିଲା । ସେ ଦିନ ଶୁଣିଲା ଯେ ଜଣେ ପିଅନ ନିତିଦିନ ଗୋଟିଏ ବସ୍‌ରେ ଯାଉଥିବାରୁ ତାକୁ ଲକ୍ଷ୍ୟ ରଖୁଥିବା କେତେଟା ଟୋକା ସେହି ବସ୍‌ରୁ ଓହ୍ଲାଇଲା ବେଳକୁ ଛକି ରହିଥିଲେ, ତାକୁ ଛୁରୀ ଦେଖାଇ ତାର ସବୁ ଲୁଟ୍ କରିନେଲେ । ଏ ଘଟଣାଟି ବର୍ଣ୍ଣନା କଲାବେଳେ ସେ ଦିନ ଦାଦା କହିଥିଲେ, ଦେଖିଲୁ, ମୁଁ କହିଥିଲି ନା ? ବଡ ମଣିଷଙ୍କ କଥା ନ ମାନିଲେ ଏମିତି ଭୋଗିବ !

ଆର୍ମହର୍ଷ୍ଟ ଷ୍ଟ୍ରିଟ୍‌ର କୋଣରେ ଟ୍ରାମ୍‌ରୁ ଓହ୍ଲାଇ ଗଲା ପରେ ନିତ୍ୟାନନ୍ଦ ମେଟାଲ୍

ବକ୍ସ ଅଫିସ୍ ଆଡେ ମୁହେଁଇଲା । ଅନାଉ ଅନାଉ ସେ ଅଫିସ୍ ଭିତରେ ସିଧା ବଡବାବୁଙ୍କ ଡେସ୍କ ପାଖରେ ହାଜର ।

ଡ୍ରାଫ୍‌ଟ ଓ ଛ ହଜାର ଟଙ୍କା କାଢିବାକୁ ନିତ୍ୟାନନ୍ଦ ଛାତି ପକେଟରେ ଡାହାଣ ହାତ ଆଉ ଅଣ୍ଟାତଳ ଚୋରା ପକେଟରେ ବାଁ ହାତ ପୂରେଇଲା । ତାର ହସ ହସ ମୁହଁ ମଉଳି ପଡିଲା । ଡ୍ରାଫ୍‌ଟଟି ପାଇଲା ସିନା ଟଙ୍କା କାହିଁ ? ପୁଣି ଚୋରା ପକେଟରେ ଥିଲା, ସେଠୁ କିପରି ଚୋରି ହୋଇ ଗଲା ? ପକେଟମାର୍‌ମାନେ କେଡେ ଚାଲାକ୍ ! ଏ ଦୁଃଖବେଳେ ବି ତା ପାଟିଭିତରୁ ଏମିତି ତାରିଫ୍ କରିବା ଶବ୍ଦ କେତୋଟି ବାହାରି ଆସିବାକୁ ଚେଷ୍ଟା କରୁଥିଲା ।

ପ୍ରଥମ ଚାକିରିର ଏ ଅସଫଳତା ଲୁଚାଇବାକୁ ଚେଷ୍ଟା କରି ନିତ୍ୟାନନ୍ଦ ବଡ ବାବୁଙ୍କଠାରୁ ଅନୁମତି ନେଇ ବସାକୁ ଦଉଡିଲା । ବଡବାବୁ ବଡ ପୋଖତ ଲୋକ ! ଘଟଣାଟା ଠଉରାଇ ପାରିଲେ । ଆଜି ସିନା ଛ ହଜାର ଟଙ୍କା ପାଇଁ ତୁ ତୋ ସ୍ତ୍ରୀର ଗହଣା ଗାଣ୍ଠି ବିକି ଭାଙ୍ଗି ପଇଠ କରିବୁ ! ଯଦି ବେଶି ହୋଇ ଥାନ୍ତା । ମୁଁ ଜାଣିଶୁଣି ବେଶି ଟଙ୍କାର ଚେକ୍ ଭଙ୍ଗାଇବାକୁ ଦେଇନାହିଁ ।

ଏ ଘଟଣା ଶୁଣିଲେ ଗାଁ ଲୋକେ କଲିକତା ବିଷୟରେ ସେ ଯେଉଁ ବଢେଇ କରେ, ତା ଉପରେ ଛି ଛାକର କରିବେ, ଛିଗୁଲେଇବେ । ନିତ୍ୟାନନ୍ଦ କଳା ବାଦଲରେ ସୁନେଲୀ ଗାର ଦେଖିଲା । କମ ଟଙ୍କାର ଚେକ୍ ଭଙ୍ଗାଇବାକୁ ଦେଇ ବଡବାବୁ ଯେ ତାକୁ କଲିକତା ବିଷୟରେ ସାବଧାନ ହେବାର ସୁବିଧା ଦେଇଛନ୍ତି, କଲିକତାରେ ବଡବାବୁ ଭଳି କେତେ ଜଣ ମଣିଷ ଅଛନ୍ତି । ନିତ୍ୟାନନ୍ଦକୁ ଖୁସି ଲାଗିଲା । ଅନ୍ତତଃ କଲିକତା ନଗର ବିଷୟରେ ନିଜର ମତଟାକୁ ଏତେ ବେଶି ବଦଳାଇବାକୁ ପଡିବ ନାହିଁ ।

*****

# ରିସର୍ଚ୍ଚ

ଆଗରୁ ମୁଁ ତାକୁ ଜାଣିଛି । ତା ରୁମ୍‌କୁ ଗଲେ କେମିତି କେମିତି ଲାଗେ । ପାଖରେ ବସିଲେ ତା' ଦେହର ଗନ୍ଧ ଅସମ୍ଭାଳ କରିଦିଏ । ଦୁର୍ଗନ୍ଧ ବୋଲି କହିବା ଅସଙ୍ଗତ ହେବ, ଏ'ତ ତା ଦେହର ସ୍ୱାଭାବିକ ଗନ୍ଧ। ରୁମ୍ ଭିତରେ ଆହୁରି ଅସନା । ବିଛଣା, ତକିଆ ସବୁଠି ଖାଲି ବାଳ । ଆଖି ବୁଲାଇଲେ ଦେଖେ ଏଣେ ତେଣେ କଦଳୀ ଚୋପା ଆଉ ନାସ୍‌ପାତିର ଟୁକୁରା ।

ଏମିତି ସେ ବଦଳିପାରେ ମୁଁ ଭାବି ନ ଥିଲି ।

ଏ ବିଶ୍ୱବିଦ୍ୟାଳୟକୁ ଆସିବା ଦିନଠାରୁ ସେ ଓ ମୁଁ ଟିକେ ପାଖାପାଖି ହୋଇ ଆସିଛୁ । ହୁଏତ ଗୋଟିଏ ଅଞ୍ଚଳରୁ ଆସିଥିବାରୁ ନିକଟ ହେବା ସ୍ୱାଭାବିକ । ପୁରୁଷ ଓ ସ୍ତ୍ରୀ ମଧ୍ୟରେ ଥିବା ଆକର୍ଷଣ ଏହାର ଅନ୍ୟ ଏକ କାରଣ ହୋଇପାରେ ।

'ଟିକେ ଦେହର ଯତ୍ନ ନେଲେ ହୁଅନ୍ତା ନି?' ମୁଁ ପଚାରେ, ତା'ରି ରୁମ୍‌ରେ ବସି ।

ସେ କହେ ଛୋଟ ହସଟିଏ ଖେଳାଇ, 'କାମର ଜୋର ତ ଦେଖୁଛ । ଟିକିଏ ବିଶ୍ରାମ ମିଳିଲେ ତ ମଣିଷ ସଜେଇ ହେବ !'

ଖରାବେଳେ ଖାଇବା ପାଇଁ ଯିବା ବାଟରେ ସେ ରୁମ୍‌କୁ ଆସେ । ନଚେତ୍ ମୁଁ ଟାଣି ହୋଇ ତା'ରୁମ୍‌କୁ ଚାଲି ଯାଏ ।

ମୁଁ ଟାଣି ହୋଇ ତା'ରୁମ୍‌କୁ ଚାଲିଯାଏ, ସେ ଅନ୍ତତଃ ଏତକ ଆଶା କରୁଥିବ ବୋଲି ଭାବି ଭାବି ଯାଏ । ତଥାପି ସେ ସବୁ ଦିନ ଭଳି ଫ୍ୟାନ୍ ତଳେ ବସି ଦେହର ଝାଳ ମାରୁଥିବ । ରୁମ୍‌ଟାଯାକ କି ଗନ୍ଧ !

ସୃଷ୍ଟିର ପ୍ରାରମ୍ଭରେ ଆଦିମ ଜଙ୍ଗଲରେ ଆଦାମ୍ ଆଉ ଇଭ୍ ଏମିତି ଗନ୍ଧାଉଥିବେ । ପୁରୁଷ ସେହିଥିରୁ ନୂଆ ଆକର୍ଷଣ ପାଇଥିବ । କିନ୍ତୁ ଆଜି ସଭ୍ୟ ହୋଇ କୃତ୍ରିମ ଅତରରେ ନାରୀ ଦେହ ଗନ୍ଧକୁ ଲୁଚାଇ ଶିଖିଛି ।

ଆଜି ମୋ ଭିତରେ ସେହି ଆଦିପୁରୁଷର ସତ୍ତା ଜାଗିଛି । ତା'ର ଝାଳଭିଜା ଦେହଟା ଆଦିମ ନୋଳିଆର ବାସନା ଆଣି ଦେଉଛି । ଭିଜା ଭିଜା କାଖ ଦୁଇଟା ନୂଆ ଆକର୍ଷଣ ହୋଇଛି, ମୋର ସଭ୍ୟ ପୋଷାକସ୍ୱାଦକୁ ସାଫ୍ କରି ଦେଉଛି ।

ତୁମେ ଟିକେ ଗାଧୋଇ ପଡୁନ।

ତା'ପ୍ରତି ମୋର ଅନୁରାଗ ଜଣାଇବାର ଏ ଗୋଟିଏ ଉପାୟ ବୋଲି ଭାବି ମୁଁ

ଏତକ କହି ଦିଏ । ସବୁ ଥର ।

କିନ୍ତୁ ମୋର ଇଙ୍ଗିତକୁ ଖୁବ୍ ସହଜରେ ସେ ଏଡ଼ାଇ ଦିଏ, କହେ, 'କାମର ଝଞ୍ଜାଳ ତ ତୁମେ ଜାଣ । ସେଥିରେ ଗାଧୁଆ ପାଇଁ ସମୟ କାହିଁ ? ମରଦଙ୍କ ଗାଧୁଆ ଭିନ୍ନ କଥା ।

ମୁଁ ମନେ ମନେ ହିସାବ କରି ନିଏ, ମୋ ଗାଧୁଆରେ କେତେ ସମୟ ଲାଗେ ! ଭାବେ ସେତକ ସମୟରେ ସେ କାହିଁକି ଗାଧୁଆ ସାରି ନ ପାରିବ । ତେଣୁ ମୁଁ ଚୁପ୍ ରହି ପାରେ ନାହିଁ, କହେଁ, କେତେ ସମୟ ଲାଗିବ ଯେ !

ସେ ଗୋଟିଏ କମ୍ପ୍ୟୁଟର ଭଳି ହିସାବ କାଢେ । ଦିନର ଚବିଶ ଘଣ୍ଟା ଭିତରୁ କିପରି ଶୋଇବାରେ ଆଠଘଣ୍ଟା, ଦୁଇ ଦୁଇଥର ଜଳଖିଆ, ମଧ୍ୟାହ୍ନ ଓ ରାତ୍ରି ଭୋଜନ ଆଦିରେ ଚାରି ଘଣ୍ଟା, ସାଙ୍ଗସାଥି ଗପସପରେ ଚାରିଘଣ୍ଟା, ମୋ ଭଳି ସାଙ୍ଗର ଚର୍ଚ୍ଚାରେ ଅସୁମାରୀ ସମୟ । ଏତକ କହି ସେ ମୋ ଆଡକୁ ଆଡ ଆଖିରେ ଚାହେଁ, ମୋର ରିଆକ୍ସନ୍ ଦେଖିବାକୁ । ମୁଁ କିଛି ରେଙ୍ଗି ହୋଇ କହିବା ପୂର୍ବରୁ ସେ ପୁଣି ହିସାବ ଯୋଡେ । ପତ୍ରପତ୍ରିକା, ଖବର କାଗଜ ପଢିବା ଓ ଟେଲିଭିଜନ ଦେଖିବାରେ ଚାରିଘଣ୍ଟା,ଏମିତି କୋଡିଏ ଘଣ୍ଟା ପଳାଏ । ମାତ୍ର ଚାରି ଘଣ୍ଟାରେ କି ଗବେଷଣା କାମ କରି ହେବ ? ତେଣୁ କେତେଗୁଡିଏ କାମ ଛାଡି ଦେଇ ନିଜ କର୍ମ ପଦ୍ଧତି ବଦଳାଇବାକୁ ପଡିବ !

ଆଉ ଝିଅମାନଙ୍କ ଗାଧୁଆରେ ଦେଢ ଘଣ୍ଟା । ଗାଧୁଆ ବନ୍ଦ କରିଦେଲେ ପ୍ରସାଧାନର ଆବଶ୍ୟକତା କମିଯାଏ । ସେତକ ସମୟ ବଳାଇ ରିସର୍ଚ୍ଚରେ ଲାଗିପଡୁଛି ।

ତା'ର କୈଫିୟତକୁ ମୁଁ ନାମଞ୍ଜୁର କଲେ, ତା' ପ୍ରତି ମୋ' ଅନୁରକ୍ତିର ଅନୁପାନ କମ୍ ଜଣାପଡିବ, ତେଣୁ ମୁଁ ତାର ଯୁକ୍ତିରେ ସମ୍ମତ ହୁଏ । ଚୁପ୍ ହୋଇ ମୋ ରୁମକୁ ଫେରେ । ଗାଧୋଇ ପାଧୋଇ ବିଶ୍ରାମ କରେ ।

ତା'ର ଆସିବା ସମୟକୁ ଖାପ ଖୋଇ ମୁଁ ମୋର ଭୋଜନ ଆଗରୁ ସାରି ଦିଏ । ଅନ୍ତତଃ କିଛି ସମୟ ତା'ସହିତ ଗପ କରିବାକୁ ମିଳିଯିବ । ଏକ ସଙ୍ଗରେ ଖାଇଲେ ବି ହୋଟେଲରେ ଘନିଷ୍ଠ ଆଳାପ କରିବାର ଆବହାଓ୍ୱା ମିଳେ ନାହିଁ ।

ଏମିତି କିଛି ଦିନ ବିତିଯାଏ ।

ଦିନେ ସଞ୍ଜବେଳେ ମୁଁ ତା ରୁମ୍‌ରେ ପହଞ୍ଚିଯାଏ ।

ନୂଆ କଥା । ସଦ୍ୟ ଗାଧୁଆ ଦେହର ବାସନା । ବେଶ୍ ଆକର୍ଷକ ଶାଢୀର ଆସର । ମୋ ଆଡକୁ ଦୃଷ୍ଟି ଆସୁ ନାହିଁ । ହାତରେ ଖଣ୍ଡିଏ ବହି, କିନ୍ତୁ ଆଖି ଦୁଇଟା ସ୍ଥିର । ମୁଁ ତ ବହି ପଢିଲେ ମୋ ଆଖି ଦି'ଟା ଏ ପାଖରୁ ସେ ପାଖ, ଉପର ଧାଡିରୁ ତଳ ଧାଡିକୁ ଘୂରିବୁଲେ । ମୋର ମନେ ହେଲା, ସେ କିଛି ଗୋଟାଏ ଚିନ୍ତା କରୁଛି ।

ରୁମ୍‌ଟାଯାକ ଗୋଟିଏ ମଧୁର ବାସ୍ନାରେ ମହକୁଛି । ପରିବେଶଟା ମୋତେ ଯେତେ ଅନୁକୂଳ ମନେ ହେଲା, ସେତେ ଅଡୁଆ ଲାଗିଲା।

ଅଜାଣତରେ ମୋ ହାତଟା ତା'ଦେହରେ ବୁଲି ଆସିଲା, ଅନାବୃତ ଚର୍ମ ଉପରେ ଓ ମାଂସପେଶୀ ଗୁଡ଼ିକୁ ଭିଡ଼ି ଧରିଥିବା ବ୍ଲାଉଜ ଉପରେ ।

ପାପୁଲିରେ ମେଞ୍ଚାଏ ପାଉଡର ଲାଗିଲା । ତଳିପେଟର ଫୁଲା ଫୁଲା ଭାଙ୍ଗ ଭିତରେ ଥୋଡାଏ ଥୋଡାଏ ପାଉଡର ଗେଞ୍ଜା ହୋଇଛି ।

ଏ କ'ଣ ? ସୂର୍ଯ୍ୟ ଆଜି କୋଉ ଦିଗରୁ ଉଇଁଛି କି ? ମୁଁ ସେ ଦିନ ପଚାରିଦେଲି ।

କାହିଁକି ? କିଛି ଗୋଟାଏ ଅଘଟଣ କରି ପକାଇଛି କି ? ତା'ର ଓଲଟା ପ୍ରଶ୍ନ ମୋ ପ୍ରତି ।

ପ୍ରକୃତରେ ଏଥିରେ ଅଘଟଣ କଣ ଅଛି ? ବରଂ ପାଉଡର ଅତର ଆଦି ମାଖି ନ ହେବା ଅସ୍ୱାଭାବିକ ଲାଗୁଥିଲା । ଏମ୍ ଏସ୍‌ସି ପରେ ପିଏଚ୍‌ଡି ପାଇଁ ପ୍ରସ୍ତୁତ ହେଉଥିବା ଝିଅ ତ ଛୁଆ ନୁହେଁ ! ତା'ର ତ ପୁଣି ଗୋଟେ ଚଏସ୍ ଅଛି !

ତା'ର ହାବ ଭାବ ଆଗ ଭଳି ଜଣାଯାଉ ନ ଥିଲା । ତେବେ ମୋ ପ୍ରତି ଉଦାସୀନତା ଲକ୍ଷ୍ୟ କଲି ନାହିଁ । ନୂତନ ପୁଲକ ଆସିଛି । ମୋ ପାଇଁ ଶୁଭ ଲକ୍ଷଣ ବୋଲି ଭାବି ନେଲି । କିଛି ଦିନ ଏ ଭଳି ଚାଲିଲେ ବାନ୍ଧବୀ ମୋ ବନ୍ଧନକୁ ଆସିଯିବେ ଏ ଆଶା ଗଜୁରିଲା ।

ସାତ ଆଠ ଦିନ କେମିତି କଟି ଗଲା ମୁଁ ଜାଣି ପାରିଲି ନାହିଁ । ତା ପାଖରେ କିଛି ସମୟ ନ ଗପିଲେ ମୋ ରିସର୍ଚ୍ଚ ଅଧୁରା ରହିଗଲା ଭଳି ମନେ ହେଲା । ସନ୍ଧ୍ୟା ବେଳ ଛଡା ଦିନ ଦି ପହରେ ବି ମୁଁ ଲାଇବ୍ରେରି ଗଲି ।

ଥରେ ଦେଖା ହେଲେ କଣ ଯଥେଷ୍ଟ ନୁହେଁ ? ଦିନେ ଦିନେ ସେ ମୋତେ ପ୍ରଶ୍ନ କରି ଚମକାଉଥିଲା । ମନେ ହେଲା ସେ ଯେପରି ମୋ ପ୍ରତି ଶୀତଳ ହୋଇପଡୁଛି । କିନ୍ତୁ ବେଳେ ବେଳେ ଏତେ ସ୍ଫୂର୍ତ୍ତିବାଜି ଦେଖାଉଥିଲା ଯେ ମୁଁ ନିଜକୁ ତା ଭିତରେ ହଜାଇ ଦେଉଥିଲି ।

ରିସର୍ଚ୍ଚ କାମ ଧିମେଇ ଯାଉଛି ବୋଲି ଗାଇଡ୍ କହୁଛନ୍ତି, ମୋତେ ଟିକେ ବେଶି ସମୟ ଲାଇବ୍ରେରି କାମ କରିବାକୁ ପଡିବ । ତୁମେ ଏଣିକି ମୋତେ ଡିଷ୍ଟର୍ବ ନ କଲେ ମୁଁ ତୁମ ଉପକୃତ ହେବି, ତୁମ ଉପକାର ଭୁଲି ପାରିବି ନାହିଁ । ଦିନେ ସେ ମୋ ହାତମୁଠାକୁ ଧରି ପକାଇ କହିଲା ।

ମୁଁ ସେ ଦିନ ସରଗ ଆଉ ଦି ଇଞ୍ଚ ରହିଗଲା ବୋଲି ଭାବି ନେଲି । ଆଉ ଦୁଇ ଇଞ୍ଚ ବା କେତେ ଦିନ ଲାଗିବ ! ଇତି ମଧ୍ୟରେ ମୋ' ବୋଉର ଦେହ ଖରାପ ଖବର ଆସିଥାଏ । ତା' ସାଙ୍ଗ ଛାଡି ଦିନେ ବି ବାହାରକୁ ଯିବା ଚାହୁଁ ନ ଥିବା ମନକୁ ମନାଇ ନେଲି । ଗାଁକୁ ଗଲି ।

ସାତ ଦିନ ପରେ ଗାଁରୁ ଫେରିଲି । ବସ୍ ଷ୍ଟାଣ୍ଡରୁ କେତେ ପ୍ଲାନ୍ କଲି । ବସାକୁ ଯିବାକୁ ତର ସହିଲା ନାହିଁ । ସୁଲଭ ଶୌଚାଳୟରେ ଚଟାପଟ୍ ଧୁଆ ଧୋଇ ହୋଇ

ଲାଇବ୍ରେରି ଚାଲିଲି । ଦିନ ସରି ଆସୁଛି । ଅନ୍ଧାର ଆସି ନାହିଁ । ଏତିକି ବେଳେ ସେ ପ୍ରାୟ ଥାଏ ।

ଲାଇବ୍ରେରି ଦରଜା ବନ୍ଦ ଥିଲା ଭଳି ମନେ ହେଲା । ଟିକେ ଠେଲି ଦେଲା କ୍ଷଣି ଖୋଲି ଗଲା । ସମ୍ଭବତଃ ସଞ୍ଜ ହୋଇ ଆସୁଥିବାରୁ ଅନ୍ୟ ରିସର୍ଚ୍ଚ ସ୍କଲାର୍‌ମାନେ ବସାକୁ ଯାଇଥିବେ । ରାତି ହେଲେ ପୁଣି ଆସିବେ । ରାତି ଦଶ ଯାଏ ଜଣେ ଜଣେ ଲାଇବ୍ରେରିରେ ବସି ଥାନ୍ତି । କିନ୍ତୁ ଆଜି କାହିଁକି ଶୂନଶାନ୍ ଲାଗୁଛି ।

ଏ କ'ଣ ? ମୁଁ ନିଜକୁ ପଚାରିଲି ।

ମୁଁ ଗୋଟିଏ ଫାଟକ ପରେ ଆଉ ଗୋଟିଏ ଫାଟକ ଖୋଲୁଥାଏ । ପୁଣି ବନ୍ଦ କରି ଆଗେଇ ଯାଉଥାଏ । କରିଡର୍ ଶେଷରେ କାହାର ହୁଇସିଲ୍ ଶୁଣିଲି ।

ଓଃ, ସେଇ ଆଟେଣ୍ଡାଣ୍ଟଟା ! 'ହାୟ ବିଧାତା ତୁ ଏକି କଲୁ' ଗୀତର ସ୍ୱର ଧରିଛି ।

ମୋତେ ଦେଖି କହିଲା, ମାଷ୍ଟର ବାବୁ ଯେ ! ଏତେ ଡେରିରେ ? ଏବେ କ'ଣ ରିସର୍ଚ୍ଚ କରିବାକୁ ମନେ ପଡିଲା ?

ଗବେଷଣାଗାର ଗୁଡାକରେ ୪ର୍ଥ ଶ୍ରେଣୀ କର୍ମଚାରୀମାନେ ବି ୧ମ ଶ୍ରେଣୀ ଅଧିକାରୀଙ୍କଠାରୁ ବଳି ଦମ୍ଭରେ କଥା କହନ୍ତି । ପୁରୁଣା କାଗଜ ପତ୍ର ଖେଳାଇବାକୁ, ସମୟ ଅସମୟରେ ବହି ପତ୍ର ଦେଖାଦେଖି କରିବା ପାଇଁ, ଏମାନଙ୍କର ଦୟା ଦରକାର । ନ ହେଲେ କବାଟ ବନ୍ଦ।

ଯଦି ବାନ୍ଧବୀ କାହାର ଥାଏ, ସେ ତ ଏମାନଙ୍କ ଅର୍ଦଳି ସହିବାକୁ ବାଧ୍ୟ । ନ ହେଲେ ନିରୋଳାରେ ପଢିବା ପାଇଁ ଥିବା ଛୋଟ ଛୋଟ ରୁମ୍ ମିଳିବ ନାହିଁ । ବାନ୍ଧବୀଙ୍କ ସାଙ୍ଗରେ କଥା ହେବ କିପରି ?

ସତ କହିଦେଲେ ସେ ବ୍ୟସ୍ତ କରିବ ନାହିଁ ଭାବି ମୁଁ କହିଦେଲି, ଅନୀତାକୁ ଖୋଜି ଖୋଜି ଏଆଡେ ଆସିଗଲି ।

ଝିଅମାନଙ୍କ ବିଷୟରେ ଖବର ଦେବାକୁ ଆଟେଣ୍ଡାଣ୍ଟ କେବେ କୁଣ୍ଠାବୋଧ କରେ ନାହିଁ । ମାସିକିଆ ବକସିସ୍ ଯା' ଉପରେ ନିର୍ଭର କରେ ତ ।

ସେ ତ କେତେବେଳୁ ଚାଲିଗଲେଣି । ଆଟେଣ୍ଡାଣ୍ଟ କହିଲା ।

ମୋର ପଥର ଭଳି ନିର୍ବାକ ମୁହଁଟାକୁ ଦେଖି ସେ ପୁଣି କହିଲା, ସେ କ'ଣ ଆପଣଙ୍କୁ କେବେ କହି ନାହାନ୍ତି ? ସଞ୍ଜବେଳ ଯାଏସେ ତ ଏଠି ରହନ୍ତି ନାହିଁ ।

ଯାହା ସାଙ୍ଗରେ ଏତେ ମିଳାମିଶା, ତା' ବିଷୟରେ ମୁଁ ଏତକ ଜାଣିନାହିଁ - ପରୋକ୍ଷରେ ଆଟେଣ୍ଡାଣ୍ଟ ବୋଧହୁଏ ଏତକ କହିବାକୁ ଚାହୁଁଥିଲା । କିନ୍ତୁ ତା'ର ବ୍ୟବହାର ଆଜି କାହିଁକି ବେଢଙ୍ଗିଆ ଲାଗିଲା । ମୋ ଜିଦ୍ ବଢିଗଲା, ମୁଁ ସବୁଆଡେ ବୁଲି ଖୋଜିବି।

ତେଣୁ କହିଲି, ବେଳ ବେଳେ ସେ ଡେରିରେ ଫେରେ । କାଲେ ଆଜି କୋଉ

ବହିରେ ମନ ଲାଗି ଯାଇଥିବ ।

ମୁଁ ଏତେ ଥଣ୍ଡା ମିଜାଜରେ କଥା କହୁଥିଲି, କିନ୍ତୁ ଆଟେଣ୍ଡାଣ୍ଟର ଅସହ୍ୟ ମିଜାଜ ବାହାରି ପଡିଲା । କହିଲା, ମୋତେ ଅବିଶ୍ୱାସ କରୁଛନ୍ତି ? ମୁଁ କ'ଣ କେବେ ଆପଣଙ୍କ ସାଥିରେ ଥଟ୍ଟା କରେ ?

ଠିକ ଏହି ସମୟରେ ପଢାହଲ୍ ଆଡୁ ହସଟିଏ ଭାସି ଆସିଲା ।

ଆଟେଣ୍ଡାଣ୍ଟ ତା'ର ବକ୍ତବ୍ୟ ସାରି ନଥାଏ । ଆପଣ କ'ଣ ଦିଦୀକୁ ଚିହ୍ନିନାହାନ୍ତି ଯେ ! ସେ କ'ଣ ଲୁଚି ରହିବା ଲୋକ ?

ଏ ଯୋଉ ହସ ଶୁଭିଲା, ତା'ରି ଭଳି ଜଣାଯାଉଛି ତ !

ମାଷ୍ଟର ବାବୁ, ଆପଣ ପୋଖତ ହୋଇ ନାହାନ୍ତି । ସବୁ ଝିଅଙ୍କ ହସ ସମାନ ଶୁଭେ ।

ମୁଁ ତଥାପି ଆଗେଇଲି । ଆଟେଣ୍ଡାଣ୍ଟର ହାତ ଦି'ଟା ଏ କାନ୍ଥରୁ ସେ କାନ୍ଥ ବ୍ୟାପିଗଲା, ମୋରି ଛାତି ଆଗରେ । ରାସ୍ତା ବନ୍ଦ।

ମୋର ସନ୍ଦେହ ବଢିଗଲା । କ'ଣ ଗୋଟାଏ କିଛି ହେଉଛି ନିଶ୍ଚୟ ।

ଠୋ ଠୋ ହସ ଶୁଭିଲା । ପଢାହଲ୍ ପଛପଟ ଲାବରେଟରିରୁ ଆସୁଥିବା ଭଳି ଜଣାଗଲା । ହଁ, ଏ'ତ ଅନୀତାର ହସ ।

ଅନୀତା ତ କଳା ଛାତ୍ରୀ । ବିଜ୍ଞାନ ଗବେଷଣାଗାର ଆଡେ ଗଲା କାହିଁକି ? ପୁଣି ଏତେ ଖୁସି କାହିଁକି ?

ଜାଣିବାର ପ୍ରବଳ ଇଛା ନେଇ ମୁଁ ଦଉଡିଲି । ରମେଶ ରାସାୟନିକ ପଲିମର୍ ଉପରେ ଗବେଷଣା କରେ, ଜଡାତେଲରେ ପଲିମର ଖୋଜିବା ତାର କାମ । ଅନୀତାର ଗବେଷଣାର ବିଷୟ ବସ୍ତୁ ହେଲା ଅନୁନ୍ନତ ଦେଶରେ ଗଣତନ୍ତ୍ରର ସଫଳତା ପାଇଁ ଦଳ ବଦଳ ଅନିବାର୍ଯ୍ୟ । ଏ ଦୁଇଟି ବିଷୟର ସମ୍ପର୍କ ଆଦୌ ନାହିଁ, ଅଥଚ ଅନୀତାର ପାଟି ତ ରାସାୟନିକ ଗବେଷଣାଗାରରୁ ଶୁଭୁଛି । ଗୁଡାଏ ବାଜେ ଚିନ୍ତା ମୋ ମୁଣ୍ଡରେ ପଶିଲା । ମୋ ହାତରୁ ଖାଇବା ଜିନିଷ କିଏ ଛଡାଇ ନେଉଥିଲା ପରି ମନେ ହେଲା ।

ପଛରୁ ଆଟେଣ୍ଡାଣ୍ଟର ପାଟି ଶୁଭିଲା । ସେଆଡେ ଯାଆନ୍ତୁ ନାହିଁ, ସେଠି ଏକସ୍‌ପେରିମେଣ୍ଟ ଫେକ୍‌ସପେରିମେଣ୍ଟ ଚାଲିଥିବ । ଆପଣ ଆର୍ଟସ୍ ପିଲା ହୋଇ ସେଆଡେ କାହିଁକି ଯାଉଛନ୍ତି ?

ଏହା ଆଗରୁ ମୁଁ ଶୁଣିଥିଲି ଆଟେଣ୍ଡାଣ୍ଟମାନେ କେବଳ ପାଠରେ ସାହାଯ୍ୟ କରନ୍ତି ନାହିଁ, ଶାଠରେ ବି । ଏ ଆଟେଣ୍ଡାଣ୍ଟର ଏମିତି ବ୍ୟବହାର ମୁଁ ଆଗରୁ କେବେ ଦେଖି ନଥିଲି ।

ଆଜି ତା'ର ବ୍ୟବହାର ଦେଖି ମୋର ଜିଦ୍ ବଢିଗଲା । ତା'ର ମନା ନ ମାନି, ଟାଣି ଧରୁଥିବା ତା' ହାତ ଦିଇଟାକୁ ପଛକୁ ଛିଞ୍ଚାଡି ଦେଇ ମୁଁ ଦଉଡି ଗଲି, କେମିକାଲ

ଲାବୋରେଟରିର ଦରଜା ପାଖକୁ ।

ଖୁବ୍ ଜୋରରେ ଦରଜାକୁ ବାଡେଇଲି । ସବୁ ନିଃଶବ୍ଦ । କାନ ପାତେଇଲି । ଭିତରେ ସବୁ ଚୁପଚାପ୍ ମନେ ହେଲା । ଆଉ କୋଉ ଘରୁ ହସଟା ଆସୁ ନ ଥିଲା ତ !

ଏବେ ସିନା ଭାବୁଛି ଦୁଇ ତିନି ମିନଟ୍ ହୋଇ ନଥିବ, କିନ୍ତୁ ମୋତେ ସେଦିନ ଲାଗିଲା ଯେମିତି ମୁଁ ଅଧ ଘଣ୍ଟାଏ କାଳ ଅପେକ୍ଷା କଲିଣି। ଖୁବ୍ ଜୋରରେ କେତେବେଳେ ଗୋଇଠା ମାରି ଦେଇଛି ମନେ ନାହିଁ । ଏବେ ଭାବୁଛି ଏପରି କରିବା ଉଚିତ ନ ଥିଲା । ମୋ ଗୋଇଠା ପାହାରରେ କବାଟଟା ଧଡ୍‌ଧାଡ୍ ଖୋଲିଗଲା । ସେତିକି ବେଳକୁ ବୋଧହୁଏ କିଏ ଖୋଲିବାକୁ ଆସୁଥିଲା । କବାଟ ସନ୍ଧିରେ ରହିଗଲା ପରି ମନେ ହେଲା ।

ଅନ୍ଧାର ଭିତରେ ମୋ ଆଖି ଆଗରେ ରମେଶ ଦେଖାଗଲା । ତା’ ପଛରେ ଝିଅଟିଏ, ବାରି ପାରିଲି ନାହିଁ । କିନ୍ତୁ ମନେ ହେଉଥିଲା ତା’ଦେହରେ ମାତ୍ର ଦୁଇ ଖଣ୍ଡ ଲୁଗା, ପେଟିକୋଟ୍ ଓ ତଉଲିଆ । ତଉଲିଆଟିରେ ଛାତିକୁ ଘୋଡେଇବାର ପ୍ରବଳ ଉଦ୍ୟମ ଦେଖିଲି । ବୋଧହୁଏ ଶାଢୀ ପିନ୍ଧିଥିଲା, କିନ୍ତୁ ଖସି ପଡିଛି, କଷ୍ଟେ ମଷ୍ଟେ ଦୁଇ ଗୋଡ ଭିତରେ ଜାକି ଧରିଛି । ଲୁଗାର ଗୋଟିଏ କୁଞ୍ଚ ତଉଲିଆ ଭିତରେ ଚାପି ଧରିଛି ।

ଏବେ ଭାବୁଛି, ତାକୁ ନରଭସ୍ ଲାଗିଥିବ ବୋଧହୁଏ । କିନ୍ତୁ ସେହି ସେକେଣ୍ଡକ ପାଇଁ ମୋ ଉପରେ ସାରା ଦୁନିଆର ଡର ଲଦି ହୋଇଗଲା । ଯଦି ଝିଅଟି ରମେଶ ଶିକ୍ଷାରେ ପଡି ମୋ ଉପରେ ଦୋଷ ଲଦି ଦିଏ ? ଆଜି କାଲି ତ ନାରୀର ଅଭିଯୋଗରେ ପୋଲିସ୍ ଅତ୍ୟାଚାର ଆରମ୍ଭ ହୋଇ ଯାଉଛି । ଏବେ ଭାବୁଛି ତା ହୋଇଥିଲେ ମୋ ଇଜ୍ଜତ ଥାଆନ୍ତା ତ ? କିନ୍ତୁ ସେ ମୁହୂର୍ତ୍ତରେ ଫେରିଯିବାର ଚିନ୍ତା କରି ପାରି ନ ଥିଲି ।

ତତ୍ କ୍ଷଣାତ୍ ଟିକିଏ ଅପ୍ରତିଭ ହୋଇପଡିଥିବା ଭଳି ମନେ ହେଉଥିବା ରମେଶର ସିଂହ ବଳ କେଉଁଠୁ ଆସିଲା କେଜାଣି ।

ଭାବୁଥିଲି ଅନୀତା ପାଖକୁ ଯାଇ ପଚାରିବି ଏସବୁ କ’ଣ ହେଉଥିଲା । ଏମିତି ଭାବି ଆଗୋଉଥିବା ବେଳେ, ରମେଶର ଢିଲା ଢିଲା ପାଇଜାମାଟା ପଥର ଭଳି ଟାଣ ହୋଇ ମୋ’ ବାଟ ଓଗାଳିଲା ।

ପର ମୁହୂର୍ତ୍ତରେ ରମେଶର ଶହ ଶହ ବିଧା ଓ ମୁଥ ମୋ ଉପରେ ଲଦି ହୋଇ ଗଲା । ମୁଁ ତୁଳା ବସ୍ତାଟିଏ ଭଳି ଗଡି ଗଡି ଯାଉଥିଲି । କେତେ ଚେଆର, ବେଞ୍ଚ ଏଣେ ତେଣେ ଗଡି ପଡିଲେ । ବେଳେ ବାଁ ତ ବେଳେ ଡାହାଣ ଘୂରି ଘୂରି ମୁଁ ଶେଷରେ କାନ୍ଥରେ ବାଡେଇ ହୋଇଗଲି । ଗଡି ପଡିଲି ଠିକ୍ ବ୍ଲାକ୍ ବୋର୍ଡ ତଳେ ।

କବାଟ ବନ୍ଦ ହେବାର ଶବ୍ଦ ଶୁଭିଲା । ଘର ଭିତରେ ଯେପରି ସବୁ ଶୂନ୍ ଶାନ୍ । ମୋ ଆଖିରୁ ଜୁଳୁଜୁଳିଆ ପୋକ ବାହାରୁଥିଲା । ମୋ କାନକୁ ଶୁଭୁଥିଲା ଅହିରାଜ ସାପର ଗର୍ଜ୍ଜନ: ସଁ ସଁ ଶବ୍ଦ ।

ଆଖି ଖୋଲିଲା ବେଳକୁ ମୁଁ ଦେଖିଲି - ଗୋଟିଏ କଳା ପାହାଡ, ତା'ର ଡିମା ଡିମା, ଆଖି, କଡମଡ ଦାନ୍ତ। ତା'ର ହେମଦସ୍ତା ବାଡି ଭଳି ହାତ ଦିଇଟା ନଇଁ ଆସୁଥିଲା।

ମୋର ଆଖି ଆପେ ଆପେ ବନ୍ଦ ହୋଇଗଲା। ଆଉ ଥରେ ଆଖି ଖୋଲିଲା ବେଳକୁ ମୋ ଚାରିପଟେ ବେଡ୍। ମୁଁ ହସ୍‌ପିଟାଲରେ।

ସେଦିନଠୁଁ ମୁଁ ଗବେଷଣା ପ୍ରତି ଆଖି ବୁଜି ଦେଲି।

******

## ସକଳ ତୀର୍ଥ ତୋ ଚରଣେ

ମା ବାଟ କାହିଁକି ବନ୍ଦ କରୁଛ ? ରତନ ଦତ୍ତ ଆଉ କାହାକୁ ନୁହେଁ, ତା' ଝିଅକୁ ପ୍ରଶ୍ନ କଲା ।

ଏବେ ତାର ମନେ ପଡିଲା, ଘାଟରୁ ଉଠିଲା ବେଳେ କାହିଁକି ତାକୁ ଅନେଇ ଅନେଇ ଗାଁ ଲୋକେ ପଳାଉଥିଲେ । କିଛି ଗୋଟିଏ କାରଣ ଥିବା ନଚେତ୍ ଚିହ୍ନା ଲୋକଗୁଡା ଏମିତି ଅଜବ ବ୍ୟବହାର ଦେଖାନ୍ତେ ନାହିଁ ।

ଲୋକେ କାହିଁକି ତା ବାଟ ଛାଡି ପଳାଉଛନ୍ତି ? ରତନ ଏସବୁ କିଛି ବୁଝି ନ ପାରି ବି ନିଜ ବାଟରେ ଆଗୋଉଥିଲା । ସେ ମୁଣ୍ଡ ଟେକି ରାସ୍ତା ଦି କଡର ଘର ପିଣ୍ଡା ଆଡକୁ ଥରେ ଚାହୁଁଥିଲା ତ କବାଟ ଆଡକୁ ଥରେ ଚାହୁଁଥିଲା । ମେଲା କବାଟ ଉପରେ ତା ଆଖି ପଡିଲା କ୍ଷଣି କବାଟ ବନ୍ଦ ହୋଇ ଯାଉଥିଲା । କିଏ ବନ୍ଦ କରୁଛି ବୋଲି ନିରିଖେଇବାକୁ ବେଳ ବା ଯୋଗ ନ ଥିଲା । ଏତେ ଚଞ୍ଚଳ ଚଞ୍ଚଳ ଲୋକେ କବାଟ କାହିଁକି ବନ୍ଦ କରୁଛନ୍ତି ? ଏ ପ୍ରଶ୍ନର ଉତ୍ତର ସେ ନିଜ ଭିତରେ ଦରାଣ୍ଡିଲା ।

ତାକୁ ଆଶ୍ଚର୍ଯ୍ୟ ଲାଗୁଥିଲା, ବାଟ ଦି ପାଖର ଘର ଭିତରୁ ମୁହଁ ଗୋଟା ଗୋଟା ଦିଶୁ ଥିଲା, ଜଣେକେତେ ଝରକାର ରେଲିଙ୍ଗ୍ ଫାଙ୍କରେ ମୁହଁ ଗଳେଇ ଅନାଉଥିଲେ, ଝରକା ନ ଥିବା ଘରେ ଦୁଆର ବନ୍ଧ ଆଉ କବାଟ ସନ୍ଧିରେ ମୁହଁଟା ଗେଞ୍ଜି ଜଣେ ଅଧେ ଚାହୁଁଥିଲେ, ଅଥଚ ତା ଆଖି କା ଆଖି ଉପରେ ପଡିଗଲେ ସେ ଝରକା ବନ୍ଦ କରିଦେଉଥିଲା । ରତନର ମନେ ହେଉଥିଲା, ସେ ମୁହଁ ବୁଲାଇ ନେଲେ ସେମାନେ ପୁଣି କବାଟ ଖୋଲି ଅନୋଉଥିଲେ । ଥରେ ଅଧେ ଉତ୍କଣ୍ଠା ସମ୍ଭାଳି ନ ପାରି ସେ ହଠାତ୍ ବୁଲି ପଡିଛି, ଦେଖିଛି ଲୋକଙ୍କର ଏମିତି ଢଙ୍ଗ । ରତନ ଭାବିଲା ସେ ବେଶି ଡେରିରେ ଫେରିଛି ବୋଲି ପଡିଶାମାନେ କୁତୂହଳୀ ହୋଇ ପଡିଛନ୍ତି ।

ମଝିରେ ଦେଖିଲା, ଛୁଆ କାଖେଇଥିବା ମା' ଟିଏ ପିଣ୍ଡାରୁ ତରବରରେ ଘର ଭିତରକୁ ପଳାଉଛି, ନିତିଆର ସ୍ତ୍ରୀ ଭଳି ଦେଖାଯାଉଛି। ଚିହ୍ନା ମାଇପଟା ଏମିତି କାହିଁକି ଲାଜ କରୁଛି ? କିଛି ବାଟ ପରେ ଆଉ ଗୋଟିଏ ସ୍ତ୍ରୀ ଲୋକ ତା ଉପରେ ଆଖି ପକାଇଲା କ୍ଷଣି କାଖର ଛୁଆଟାକୁ ଘୋଡାଇ ପକାଇ ଘର ଭିତରକୁ ଧାଇଁଲା ।

ଗାଁ ମୁଣ୍ଡରେ ରତନର ଘର । ନଈବଢିଆ ଜାଗା । ପିଣ୍ଡାଟା ଖୁବ୍ ଉଚ୍ଚ । କୋଡିଏ ବର୍ଷ ତଳେ ଏତେ ବଡ ବଢି ହୋଇଥିଲା ତାକୁ ଚାହିଁ ଘରଡିହ ଉଚ୍ଚା କରାଯାଇଛି । ସେ ବର୍ଷ ଏତେ ବଡ ବଢି ହୋଇ ଥିଲା ଯେ ରତନ ଘରେ ତିନି ଦିନ ରୋଷାଇ ହୋଇ ପାରିଲା

ନାହିଁ । ଚୁଲିରେ ପାଣି ପଶିଗଲା । ପିଲାଛୁଆଏ ଖଟ ଉପରେ ବସି ରହିଲେ । ପଖାଳ କରି ରଖିଥିଲା ଯେ ଦି ଦିନ ଗଲା । ତା' ପରେ ଚୁଡ଼ା ଆଉ ଭିଜା ଚାଉଳ । କି କଷ୍ଟରେ ଦିନ ତିନିଟା କଟିଗଲା ସେ ଜାଣିଛି । ଆଜିକାଲି ଭଳି ସରକାରୀ କଳ ଏତେ ଶୀଘ୍ର ଚୁଡ଼ା କି ପାଉରୁଟି ଧରି ସେତେବେଳେ ପହଞ୍ଚୁ ନ ଥିଲା । ଏମିତି କେତେ କଥା ରତନ ମନେ ମନେ ଭାବୁ ଭାବୁ ଘର ପିଣ୍ଡା ପାଖରେ କେତେବେଳୁ ସେ ପହଞ୍ଚି ଗଲାଣି ଜାଣି ନ ଥିଲା । ଉପରକୁ ମୁଣ୍ଡ ଟେକି କବାଟ ଆଡ଼କୁ ଚାହିଁଲା କ୍ଷଣି ଦେଖିଲା, ତା ସାନ ଝିଅ ତା'ରି ମୁହଁରେ କବାଟଟା କିଳି ଦେଲା । ଧଡ଼୍‌କିନି !

ରତନ ପିଣ୍ଡାକୁ ଉଠିଲା । କବାଟ ବାଡେଇଲା । ଜୋରରେ ଚିଲାଇଲା । କେହି କବାଟ ଖୋଲିଲା ନାହିଁ । ସତେ ଯେମିତି କେହି ନାହିଁ, ସେ ଭୂତଖାନାରେ ପହଞ୍ଚିଛି ! ତା' ବାଡ଼ିଆଡ଼ କବାଟଟା ହଲି ଯାଉଥାଏ, କେହି କବାଟ ପାଖକୁ ଆସିଲା ଭଳି ଶୁଭୁ ନାହିଁ । ଧୈର୍ଯ୍ୟଚ୍ୟୁତି ସାଙ୍ଗକୁ ରାଗ ବି ଆସିଲା । ସେ ବଡ଼ ପାଟିରେ କହିଲା, କବାଟ ନ ଖୋଲିବ ତ ମୁଁ ଫେରିଯିବି, ଆଉ ମୋଟେ ଘରକୁ ଫେରିବିନି ।

ତିନି ଘର ଛାଡ଼ି କାର୍ତ୍ତିକର ଘର । ସେ କେତେବେଳେ ବିଲରୁ ଫେରିଛି ରତନକୁ ଜଣା ନାହିଁ । ରତନ ତା' ଘର ପାର ହେଲା ବେଳେ କାର୍ତ୍ତିକ କାର୍ତ୍ତିକ ଡାକିବ ବୋଲି ଭାବି ଥିଲା । ଘର ଆଉ ଦି ପାହୁଣ୍ଡ । ଯାକୁ ତାକୁ ଡାକି ସେ ତୀର୍ଥରୁ ଫେରିଛି ବୋଲି ପ୍ରଘଟ କରି ଲାଭ କଣ ?

କାର୍ତ୍ତିକ ଦୂରରୁ ରତନକୁ ଦେଖିଛି । ଗାଁ ଦାଣ୍ଡରେ ତାକୁ ଦେଖି ଲୋକେ କଣ ବ୍ୟବହାର ପ୍ରଦର୍ଶନ କରିଛନ୍ତି ସେ ଜାଣି ନାହିଁ । ସେ ରତନ ପାଖକୁ ଯେମିତି ଆସିଛି କବାଟ ଫାଙ୍କରେ ଅନାଉଥିବା ଝିଅ ବୋହୁମାନେ କବାଟକୁ ଆଉ ଟିକେ ମେଲା କରିଦେଲେ, ଦେଖିବେ କାର୍ତ୍ତିକ ଏ ଭୂତଟା ସାଙ୍ଗରେ କେମିତି କାରବାର କରୁଛି । ସେମାନଙ୍କ ସାହସ ଆସିଗଲା, କିଛି ଅଘଟଣ ହେଲେ କାର୍ତ୍ତିକ ଆଗେ ଶହୀଦ ହେବ ।

କାର୍ତ୍ତିକର ପାଟି ଶୁଭିଲା, ଏତେ ଦିନ କେଉଁଠି ଥିଲୁ ?

ରତନ କଣ ଉତ୍ତର ଦେଲା କବାଟ ଫାଙ୍କର ଲୋକଙ୍କୁ ଶୁଭି ନାହିଁ । ଯେମିତି କାର୍ତ୍ତିକକୁ ରତନର ପାଖାପାଖି ଦେଖିଛନ୍ତି, ଆସ୍ତେ ଆସ୍ତେ ଗାଁର ସବୁ ଲୋକେ ଆସିଲେ । ରତନ ଏ ଯାବତ୍ ନିଜ ଘରର କବାଟ ଖୋଲୁ ନ ଥିବା ଦେଖି ଆଶ୍ଚର୍ଯ୍ୟ ହେଉଥିଲା, କିନ୍ତୁ ନିଜର ଧମକକୁ କାର୍ଯ୍ୟକାରୀ କରି ପାରୁ ନ ଥିଲା, ପାଖରେ ଯେ ପଡ଼ୋଶୀମାନେ ଘେରି ଗଲେଣି, ସମସ୍ତେ ସେ ଏତେ ଦିନ କୋଉଠି ଥିଲା ଜାଣିବାକୁ ଚାହୁଁଥାନ୍ତି ।

କବାଟଟା ଖୋଲି ଝିଅ ଚାହିଁଲା, ଜଣେ ଦି ଜଣ କହିଲେ, କିଲୋ ତୁ ତୋ ବାପାକୁ ଚିହ୍ନି ପାରୁ ନୁ ?

ଘର ଯାକ କୁଟୁମ୍ବ ସମସ୍ତେ ଝିଅର ପଛଆଡେ ଥିଲେ । ସତେ ଯେମିତି ଡରରେ

ଝିଅର ଶରଣ ନେଇଛନ୍ତି । ରତନର ସ୍ତ୍ରୀ କମଳା ଓ ମାଆ ଗଉରୀ ଗମ୍ଭୀରି ଭିତରେ । କମଳା ତ ମଥାରୁ ସିନ୍ଦୂର ପୋଛି ପକାଇଛି । କୋଉ ମୁହଁରେ ସେ ରତନ ପାଖ ପଶିବ !

ହଠାତ୍ କାଛ ଭୁଶୁଡି ପଡି ଯେପରି ଲଦି ହୋଇଯାଏ, ଝିଅ ସାଙ୍ଗରେ ସମସ୍ତେ ଏକା ଥରେ ଆସି ପଡିଗଲେ, ରତନର ପାଦ ତଳେ ।

ଗତ ଶନିବାରର ଖବରକାଗଜରେ ବଙ୍ଗର ୩୩ ଜଣ ମୃତ ଅମରନାଥ ଯାତ୍ରୀ ତାଲିକାରେ ରତନର ନାମ ଥିଲା । ସେହି ଦିନଠାରୁ ବାରାନଗରର ବଡାଳ ପଡା ଲେନ୍‌ର ୩୩ ନମ୍ବର ଘରର ସମସ୍ତେ ଶୋକାକୁଳ । ଶନିବାର ଦିନଟା ଯାକ ସାରା ପରିବାର ରତନର ଫଟୋ ସାମନାରେ ଏକାଠି ହୋଇ ଭୋ ଭୋ କାନ୍ଦି ଥିଲେ ।

ଯା ପରେ ରତନର କାହିଁକି, ଗାଁ'ଯାକର ସବୁ ଘରର, ଦୁଆର ଖୋଲି ଗଲା । ରତନ ଫେରିଛି । ସେ ମରି ନି ରେ । ଗାଁ ଯାକ ପାଟି ଶୁଭିଲା।

ରତନର ମା ରତନକୁ ଜାବୁଡି ଧରି କାନ୍ଦି ପକାଇଲା । ଏ କାନ୍ଦର ଯେତେ ଲୁହ, ସେତେ ଲୁହ ସେ ଶନିବାରଠାରୁ ଦୁଃଖରେ ଢାଳି ନ ଥିଲା । ଏ ଲୁହ ଥିଲା ଆନନ୍ଦର । କାନ୍ଦି କାନ୍ଦି ମା କହୁଥିଲା, ମୁଁ ପରା କହୁଥିଲି ମୋ ପୁଅ ବଞ୍ଚିଛି, ଦିନେ ନା ଦିନେ ସେ ଫେରିବ । ମୋ ମନ କହୁଥିଲା ରତନ ଆସୁଛି । ଦକ୍ଷିଣେଶ୍ୱର କାଳି ମନ୍ଦିରରେ ଘଣ୍ଟା ଘଣ୍ଟା ମୁଁ ଯୋଡ ପ୍ରାର୍ଥନା କରିଛି ସେ କଣ ପାଣିକୁ ଯିବ ! ମୋ ପୁଅକୁ ଫେରାଇ ଦେବା ଲାଗି ମା'ଙ୍କୁ କେତେ ନେହୁରା ନ ହୋଇଛି ।

ରତନର ମା ଶନିବାରଠାରୁ ଖାଇବା ପିଇବା ଛାଡି ଦେଇଛି । ଛ ଦିନ ହୋଇ ଗଲାଣି । ଆଖି ତଳ କଳା ପଡିଗଲାଣି । ଦେହଟା କଙ୍କାଳ ହୋଇ ଯାଇଛି ।

ସବୁଠୁ ବେଶି ଆଘାତ ଲାଗିଛି ରତନର ସ୍ତ୍ରୀ କମଳାକୁ । କମଳାର କୋହ ଥିଲା ଭିନ୍ନ ସ୍ୱାଦର । ଆବେଗଭରା ସ୍ୱରରେ କହୁଥାଏ, ମୁଁ କେବେ ଭାବି ପାରି ନ ଥିଲି, ମୋତେ ମଥାରୁ ସିନ୍ଦୂର ପୋଛିବାକୁ ପଡିବ ! ମୋ ବେକ କଟିଗଲା ପରି ଲାଗିଲା । ପଡୋଶୀମାନଙ୍କ ଭିତରୁ ଯେତେବେଳେ କେହି ଆସି ମୋତେ ସାନ୍ତ୍ୱନା ଦେଉଥାଏ, ମନ ହେଉଥାଏ ତାକୁ ପିଟି ପିଟି ମାରି ଦେବାକୁ । ମୋ ମନ କହୁଥାଏ ଭଗବାନ ଏତେ ନିର୍ଦ୍ଦୟ ହୋଇ ନ ଥିବେ । କିନ୍ତୁ ଏ ଲୋକଗୁଡାକ ମୁଁ ବିଧବା ହୋଇ ଗଲିଣି ବୋଲି ବାରମ୍ବାର ହେଜେଇ ଦେଉଥାଆନ୍ତି । ଜଣେ ଅଧେଙ୍କ ଛିଗୁଲେଇବା ଅସହ୍ୟ ହେଉଥାଏ । ବୁଢୀମାନେ ମୋତେ ଇଙ୍ଗିତ ଦେଉଥାନ୍ତି ବିଧବା ଭଳି ବ୍ୟବହାର କରିବାକୁ ।

ଛ ଦିନ କାଳ ରତନର କଲେଜପଢା ପୁଅ ଅନବରତ କାନ୍ଦୁଛି । ୧୮ ବର୍ଷର ଭେଣ୍ଡିଆଟା ଛୋଟ ପିଲା ଭଳି ବାହୁନୁଛି । ଏଯାଏ ସେ କଲେଜ ଆଡେ ବି ଯାଇ ନି । ପଢା ପଢିରେ ବାପାର ସାହାଯ୍ୟ ନେଉଥିବା ପିଣ୍ଟୁ ବାପାଙ୍କ ବିନା କିପରି ପଢିବ ଭାବି ପାରୁ ନ

ଥିଲା । ଏବେ ତାର ସାହସ ଆସିବ ।

କଥାଟା ଚାରିଆଡେ ରାଷ୍ଟ୍ର ହୋଇଗଲା । ସାହିଯାକ ଲୋକେ ରୁଣ୍ଡ ହୋଇଗଲେ । ସମସ୍ତେ ଚାହିଁରହିଲେ ରତନଙ୍କୁ, ରତନ କିପରି ବଞ୍ଚି ଆସିଲା, ତା' ମୁହଁରୁ ଶୁଣିବେ । ତୀର୍ଥ ଫେରନ୍ତା ଯାତ୍ରାର କାହାଣୀ ।

ତା'ର ପ୍ରଥମ ବାକ୍ୟ ହେଲା, ମୁଁ ବି ଭାବିନେଇଥିଲି ଶବ ତାଲିକାରେ ମୋ ନାଁ ରହିବ । କେମିତି ଯେ ଦୁର୍ଘଟଣାରୁ ବର୍ତ୍ତି ଆସିଛି, ତା ଭାବି ପାରିନାହିଁ ।

ଜଣେ କିଏ କହିଲା, ଅମରନାଥଙ୍କ ଦୟା । ଫଣା ଓଲଟାଇ ଲେଉଟ ଚୋଟ ମାରୁଥିବା ସାପ ଭଳି ରତନ କହିଲା, କଣ ? ତା ହେଲେ ଯେଉଁମାନେ ପ୍ରାଣ ହରାଇଲେ ସେମାନଙ୍କ ପ୍ରତି କାହିଁକି ଅମରନାଥ ଦୟା କଲେ ନାହିଁ ? ମୋ ବର୍ତ୍ତିଯିବାଟା ମୋତେ ବି ରହସ୍ୟମୟ ଲାଗୁଛି ।

କଲେଜ ପଢା ପିଲା ସାତ୍ୱିକି କହିଲା, ସେନା ବାହିନୀର ଲୋକେ, ଜାମ୍ମୁ କାଶ୍ମୀରର ପୋଲିସ୍, ସାହାଯ୍ୟ କଲେ ବୋଲି ଖବରକାଗଜରେ ବାହାରିଛି ।

ରତନ ପାଖରେ ଥିଲା ଏ ଦୁଇଟି ଶୃଙ୍ଖଳିତ ବାହିନୀର ଲୋକଙ୍କ ପାଇଁ ଗାଳି । ସେନା ବାହିନୀର ଲୋକେ ଅଥବା ଜାମ୍ମୁ କାଶ୍ମୀରର ପୋଲିସ୍ କେହି ଆମକୁ ସାହାଯ୍ୟ କଲେ ନାହିଁ । ଅମରନାଥରୁ ଓହ୍ଲାଇବା ବାଟରେ ବରଫ ଅତଡା ଖସି ରାସ୍ତା ବନ୍ଦ ହୋଇଗଲା । ମୁହଁରେ ପବନ ବାଜୁ ନ ଥିଲା ତ, ବରଫ ବାଜୁଥିଲା ବୋଲି କୁହ । କି ଥଣ୍ଡା ! ସେ ସ୍ଥାନରେ ଯାହା କିଛି ଖାଦ୍ୟ ଥିଲା ଦିନକ ଭିତରେ ସରିଗଲା । ବାହାରୁ କିଛି ରସଦ ଆସି ପାରିଲା ନାହିଁ । ସାମରିକ ଲୋକେ ଆମ କଷ୍ଟର ଫାଇଦା ଉଠାଇଲେ । ଆମ ନିଃସହାୟତାର ସୁଯୋଗ ନେଲେ । ସେମାନଙ୍କ ପାଖରେ ଅଜସ୍ର କମ୍ବଳ । ମୋତେ ଏତେ ଥଣ୍ଡା ଲାଗୁଥିଲା ଯେ ଗୋଟିଏ କମ୍ବଳ ସମ୍ଭାଳିଲା ନାହିଁ । ଦୁଇଟା କମ୍ବଳକୁ ଛ ଶହ ଟଙ୍କା ଦାବି କଲେ । ଏତେ ଟଙ୍କା କେଉଁଠୁ ଆଣିବି ? ଅନ୍ୟମାନଙ୍କ ବି ସେହି ଦୁଃଖ ।

ପିଣ୍ଟୁ ମଝିରେ ଖୁଞ୍ଚି ଦେଇ କହିଲା, କାଗଜରେ ତ ବାହାରିଲା ଯବାନମାନେ ଯାତ୍ରୀ ମାନଙ୍କୁ ରକ୍ଷା କଲେ !

ଜାଣିଛ ସେମାନେ ରକ୍ଷା ପାଇଥିବା ଯାତ୍ରୀଙ୍କୁ କେମିତି ବ୍ୟବହାର ଦେଖାଇଲେ ? ଯାତ୍ରୀମାନଙ୍କୁ ଉଦ୍ଧାର କରିବା ବଦଳରେ ଯାତ୍ରୀମାନଙ୍କ ଜିନିଷପତ୍ର ଉଦ୍ଧାର କରିବାରେ ଲାଗିଗଲେ । ଯାତ୍ରୀମାନଙ୍କୁ ଖାଦ୍ୟ ନ ଯୋଗାଇ ଯବାନମାନେ ନିଜ ପାଇଁ ଖାଦ୍ୟ ସଂଗ୍ରହରେ ଲାଗିଥିଲେ । ଚାରିଆଡେ ବରଫ ପଡୁଥାଏ, ପାହାଡ ପର୍ବତରୁ ଅତଡା ଖସୁଥାଏ । ମନେ ହେଲା, ଯିଏ ସାମରିକ ତମ୍ବୁରେ ରହିବ ସେ ନିଶ୍ଚୟ ମରିବ । ଆମେ ପଞ୍ଚାଏ ପଞ୍ଚତରଣୀ ସେନା ତମ୍ବୁ ଛାଡି ପହଲଗାମ୍ ଆଡେ ଆଗେଇଲୁ । ଶେଷନାଗ ପାଖାପାଖି ସଡକ ବଡ ଖରାପ ଥିଲା । ବରଫ ଆଉ ମାଟି ଅତଡା ଭିତରେ ଥରେ ଗୋଡ ଖସିଲେ ମଣିଷ ମଲା ।

ଉଠାଇବାକୁ କେହି ନାହିଁ । ସମସ୍ତେ ଯେଝା ପାର ହେବାରେ ବ୍ୟସ୍ତ । କେତେ ଯେ ଯାତ୍ରୀ ମରି ପଡୁଥାନ୍ତି ଗଣି ପାରିଲି ନାହିଁ । ସବୁବେଳେ ବରଫ ପଡୁଛି, କୋଉଠି ଅଟକିବା କଥା ନୁହେଁ । ଅଟକିଲା ମାନେ ବରଫଘେରରେ ସମାଧି ପାଇବା । ଚାଲିଲେ ଦେହଟା ଟିକେ ଗରମ ବି ରହୁଥାଏ ।

ଯେତେବେଳେ ଆମେ ପହଲଗାମ୍‌ରେ ପହଞ୍ଚିଲୁ ଆମ ଦେହରେ ସତେ ଯେମିତି ଜୀବନ ପଶିଲା । ଲୋକେ ଆମକୁ ଉହ୍ଲେଇ ଦେଲେ, ନିଆଁର ଉଷୁମରେ ଟିକେ ବଳ ଆସିଲା । ଗରମ ପାଣି ଦେଲେ । ଆଉ କାହା କଥା କଣ କହିବି, ମୁଁ ତ ଚାରି ଦିନ ପରେ ଉଷୁମ ପାଣି ପାଇଲି, କି ସ୍ୱର୍ଗ ସୁଖ ! ଭୋକରେ ପେଟ ଜଳୁଥାଏ । ପହଲ୍‌ଗାମ୍‌ର ଲୋକେ ପ୍ରତ୍ୟେକଙ୍କୁ କିଛି କିଛି ଖାଇବାକୁ ବି ଦେଲେ । ଜାଣିଛ ସେମାନେ କିଏ ? ମୁସଲମାନ । ଅମରନାଥ ରାସ୍ତାରେ ଆମ ହିନ୍ଦୁ ଯବାନମାନେ ଆମକୁ ବାଟରେ ଲୁଟ୍ କରୁଥିଲେ । ପହଲ୍‌ଗାମ୍‌ର ମୁସଲମାନ୍ ପରିବାର ଆମକୁ ତାଙ୍କ ଘରେ ରହିବାର ସୁବିଧା କଲେ, ସିମେଇ ପାୟସ ଖାଇବାକୁ ଦେଲେ । କେତେ ସ୍ୱାଦିଷ୍ଟ ! ତାଙ୍କ ଥାଳିରେ ଖାଇଲେ କାଳେ ଆମର ଅଧର୍ମ ହେବ ବୋଲି ସେମାନେ ପତ୍ରରେ ଖାଇବାକୁ ଦେଉଥିଲେ, ମୁଁ ସେମାନଙ୍କ ବାସନପତ୍ର ସଫାସୁତରା ଦେଖି ଥାଳି ମାଗିଲି । ପତରରେ କେମିତି ଖିରି ଖାଇବୁ କହିଲୁ ? ଏଣେ ଭୋକରେ ଆତୁର, ତେଣେ ବାସନକୁସନ ଉପରେ ସନ୍ଦେହ ? ତା ହାଣ୍ଡିରନ୍ଧା ଜିନିଷ ଖାଇବ, ବାସନକୁ ବାସନ୍ଦ କରିବ ! ଏ କି ଯୁକ୍ତି ? ସେଠି ତ ହିନ୍ଦୁ ମୁସଲମାନ ପ୍ରଭେଦ ନ ଥିଲା । ସେଠାକାର ଲୋକେ କହୁଥିଲେ, ଯଉଟା ମୁଁ ବି ଭାବୁଥିଲି, ଖାଲି ଏ ରାଜନୀତିବାଲାଏ ହିନ୍ଦୁ ମୁସଲମାନ ବିଭେଦ ବଢାଉଛନ୍ତି ।

ଜଣେ ଅଧେ ସାମ୍ବାଦିକ ସେତେବେଳକୁ ବାରାନଗରର ବଡାଳ ପଡା ଲେନ୍‌ରେ ପହଞ୍ଚିଯାଇଥାନ୍ତି । ମୃତ୍ୟୁ ମୁଖରୁ ଫେରି ଆସିଥିବା ରତନଠାରୁ ଖବର ସଂଗ୍ରହ କରିବାକୁ । ସେମାନଙ୍କ ଶେଷ ପ୍ରଶ୍ନଟି ଥିଲା, ତୁମେ ଯେ ଏତେ କଷ୍ଟରେ ଘରେ ପହଞ୍ଚିଲ, ଏ କଣ ତୀର୍ଥଯାତ୍ରା କରିବାର ଫଳ ନୁହେଁ ? ତୁମର ମତ କଣ ?

ରତନ ଉତ୍ତର ଏକ ପୋଖତ ମଣିଷର ଉତ୍ତର ଥିଲା: ଏତେ କଷ୍ଟରୁ ମୋତେ ଗୋଟିଏ ଶିକ୍ଷା ମିଳିଛି, ନିଜ ଘରଠାରୁ ବଳି ବଡ ତୀର୍ଥ ନାହିଁ, ଘରକୁ ଫେରିବାଠାରୁ ବଳି ବଡ ତୀର୍ଥଯାତ୍ରା ନାହିଁ । ତୀର୍ଥଯାତ୍ରା ନାଁରେ ମୁଁ ଯମପୁର ଯାତ୍ରା କରିଥିଲି । ସକଳ ତୀର୍ଥ ମୋ ଆଳୟ, କିମ୍ପାଇ ଯିବି ଦେବାଳୟ !

ଏତକ କହିଲା ବେଳେ ରତନର ଆଖିରୁ ଯେତେ ଲୁହ ଝରୁଥିଲା ସେ ସେତିକି ହସୁଥିଲା ।

*****

## ଘାସ କଟା ବରଂ ବେଶି ସମୟ ନିଏ

ଅଧ୍ୟାପକ ପ୍ରଭାସରଞ୍ଜନ ସ୍ତ୍ରୀଙ୍କଠାରୁ ଗାଳି ଖାଇ ଯେତେ ଗ୍ଲାନି ପାଇନାହାନ୍ତି, ତାହାଠାରୁ ବେଶି ଗ୍ଲାନି ପାଇଛନ୍ତି ନିଜର ଅପରିଣାମଦର୍ଶିତା କାରଣରୁ । ପିଲାଟାକୁ ନିଜ ଡିପାର୍ଟମେଣ୍ଟରେ ପଢାଇଥିଲେ ନିଶ୍ଚୟ ଫାର୍ଷ୍ଟ କରାଇ ପାରିଥାନ୍ତେ । ଖାଲି ପାସ୍‌ଟାରେ କୌଣସି ଚାକିରି ମିଳିବ ନାହିଁ । ପିଲାଟାର ଜୀବନ ବେକାର ହୋଇଗଲା ।

କେତେ ଯେ ପ୍ରଫେସର୍ ନିଜ ବିଭାଗରେ ସନ୍ତାନ ସନ୍ତତିଙ୍କୁ ପଢାଇ ସାରା ବିଶ୍ୱ ବିଦ୍ୟାଳୟରେ ପ୍ରଥମ କରାଇ ଦେଇଛନ୍ତି : ସ୍ୱର୍ଣ୍ଣ ପଦକ ଆପେ ଆପେ ମିଳିଛି । ଅନ୍ୟ ଚାକିରି ନ ହେଲେ ଅଧ୍ୟାପକ ଅଧ୍ୟାପିକା ଚାକିରି ତ ଥୁଆ । ବାପର ପୁଅ ବା ଝିଅ ହୋଇଥିବା କାରଣରୁ ଯିଏ ଅଧ୍ୟାପକ ହେବାର ଯୋଗ୍ୟତା ହାସଲ କରେ, ସିଏ କି ରକମର ପାଠ ପଢାଉଥିବ ସେ ବିଷୟରେ ପ୍ରଭାସରଞ୍ଜନ ଥରେ ହେଲେ ମୁଣ୍ଡ ପୂରାଇ ନାହାନ୍ତି । ଆଜି ସ୍ତ୍ରୀର ଗାଳିରେ ମ୍ରିୟମାଣ ପ୍ରଭାସରଞ୍ଜନ ନିଜର ପୁରୁଷତ୍ୱକୁ ଧିକ୍କାର ଦେଉଛନ୍ତି ।

କିନ୍ତୁ ପ୍ରଭାସରଞ୍ଜନ ତାତ୍ତ୍ୱିକ ଦୃଷ୍ଟିରୁ ବଡ ଧାର୍ମିକ । ବଡ ନିଷ୍ଠାବାନ୍ । ସେ ଯେଉଁ ନିୟମ କରିଛନ୍ତି ତାକୁ ଯଦି ସେ ନ ମାନିବେ, ମାନିବ କିଏ? ନିଜ ବିଭାଗରେ ପଢାଇଥିଲେ ବି ପରୀକ୍ଷାଖାତାର ମୂଲ୍ୟାୟନ ତ ବିଭାଗ ଭିତରେ ହେବ ନାହିଁ । ହେବ ନିରୀକ୍ଷକଙ୍କ ଦୃଷ୍ଟି ପଡୁଥିବା ଏକ କେନ୍ଦ୍ରରେ । ଏ କଥାରେ ତାଙ୍କ ସ୍ତ୍ରୀ କହନ୍ତି, ମୋତେ ଆଉ ଏତେ ନିୟମ ଦେଖାଅ ନା । ନିୟମ ତିଆରି କରିଥିବା ଏମ୍‌ଏଲ୍‌ଏମାନେ କେତେଟା ନିୟମ ମାନୁଛନ୍ତି ? ତୁମରି ସାଙ୍ଗ କଥା ଦେଖୁ ନା ! ବସନ୍ତବାବୁଙ୍କ ଝିଅ ତ ଏମିତି ମୂଲ୍ୟାୟନ ଭିତରେ ଯାଇଛି । ସେ କେମିତି ସାଇକୋଲଜିରେ ପ୍ରଥମ ହେଲା ? ମେଟ୍ରିକ୍‌ରେ ତ ଥାର୍ଡ ଡିଭିଜନ୍ ! ପ୍ଲସ୍ ଟୁ'ରେ ଦ୍ୱିତୀୟ ଡିଭିଜନ୍, ପୁଣି ତଳେ । ଅନର୍ସରେ ଆଡ୍‌ମିସନ୍ ପାଇଲା ନାହିଁ, ସେ ପୁଣି ପାସ୍ ପିଲାଙ୍କ ଭିତରେ ପ୍ରଥମ ହେଲା, କିପରି ? ଏବେ ଏମ୍ ଏ ରେ ତ ଫାଷ୍ଟ କ୍ଲାସ୍ ଫାର୍ଷ୍ଟ ।

ପୁଣି ଅଞ୍ଜନା କହି ଚାଲିଲେ, ତୁମେ ନିଜେ କହିଛ, ଛି ଛି ଏମାନେ କଣ କରୁଛନ୍ତି? ଏକାଡେମୀ ଆଟମସ୍‌ଫିଅର୍‌କୁ ଖରାପ କରିଦେଲେ ! ଆଟମସ୍‌ଫିଅର ଯେତେ ଖରାପ ହେଉ ନିଜ ପିଲା ତ ପ୍ରଥମ ହେଲା । ହେଇ ଆର ମାସରେ ସାଇକୋଲଜି ଲେକ୍‌ଚରର ଇଣ୍ଟରଭିଉ ଅଛି । ସେ ପାଇଲା ଜାଣ !

ଏମିତିକା କଥାଗୁଡାକ ପ୍ରଭାସରଞ୍ଜନଙ୍କ ଦେହରେ ଫୋଡି ହୋଇଯାଉଥିଲା । ଅନ୍ୟ ପକ୍ଷରେ ଝିଅ ଏତେ କମ୍ ରଖିବ ବୋଲି ସେ କେବେ ଭାବି ନ ଥିଲେ । ଦ୍ୱିତୀୟ ଡିଭିଜନ୍ ବି ପାଇଲା ନାହିଁ । ସେ ତ ଏତେ ଖରାପ ପଢୁ ନ ଥିଲା ?

ସେ ପରୀକ୍ଷା ଖାତା ମଗାଇ ନେଲେ । ଦେଖିବେ ଝିଅ କେମିତି ଆନ୍‌ସର୍ ଦେଇଛି । ପୁନଃ ମୂଲ୍ୟାୟନ ପଦ୍ଧତି ଓଡିଶାରେ ନାହିଁ । ପିଲା ଅନ୍ୟାୟରେ ବା ପରୀକ୍ଷକଙ୍କ ଖାମଖିଆଲୀ ମାର୍କିଂ ଯୋଗୁ କମ୍ ନମ୍ବର ପାଇଥିଲେ କିଛି କରିହେବ ନାହିଁ । କପାଳକୁ ଆଦରି ରହିବ ! କେଉଁ କେଉଁ ପ୍ରଶ୍ନରେ ଝିଅ ଖରାପ ଉତ୍ତର ଦେଇଛି ତାହା ଜାଣିବା ଉଦ୍ଦେଶ୍ୟ ବୋଲି କହିବାରୁ ପ୍ରଭାସରଞ୍ଜନଙ୍କୁ ପରୀକ୍ଷାଖାତା ଦେଖିବାର ସୁଯୋଗ ମିଳିଲା । ପରୀକ୍ଷକ ପ୍ରତି ପ୍ରଶ୍ନର ଉତ୍ତରର ମାର୍ଜିନ୍‌ରେ ନାଲିପେନ୍‌ସିଲ୍‌ରେ ଚିହ୍ନ ଦେଇଛି, ପରୀକ୍ଷକ ଉତ୍ତର ଉପରେ ଆଖି ବୁଲାଇଛି ବୋଲି ପ୍ରମାଣ, ବାହାର ଲୋକେ କହିବେ ନାଲି ପେନ୍‌ସିଲ୍‌ର ଗାରଗୁଡିକୁ ପଢିଥିବା ସଙ୍କେତ । ପ୍ରଭାସରଞ୍ଜନଙ୍କୁ ପରୀକ୍ଷକ ପ୍ରକୃତରେ ପଢିଥିବା ଭଳି ଦେଖାଗଲା ନାହିଁ । ଚାରି ପାଞ୍ଚଟି ଧାଡି ପରେ ତ ପୁଣି ଦଶ ଏଗାର ଧାଡି ପରେ ଲାଲ ପେନ୍‌ସିଲ୍‌ର ଦାଗ । ପରୀକ୍ଷକ ନ ହୋଇ ଅଡିଟର୍ ହୋଇଥିଲେ ଲୋକଟି ଭଲ କାମ କରିଥାନ୍ତା ବୋଲି ପ୍ରଭାସରଞ୍ଜନ ଭାବିଲେ ।

ସେ ନିଜ ଡିପାର୍ଟମେଣ୍ଟର ଅଡିଟ୍ ହେବା ଦେଖିଛନ୍ତି । ଖାଇବା ପିଇବା ଆଉ ସିନେମା ଦେଖା ଭଲ ହେଲେ ଅଡିଟର୍ ବାବୁ ଆଉ ତାଙ୍କ ପାର୍ଟି ଯାହା କାଗଜ ପାଇବେ ତାହା ଉପରେ ପେନ୍‌ସିଲ୍ ମାରି ଠିକ୍ ବୋଲି ସାର୍ଟିଫିକେଟ୍ ଦେଇଦେବେ । ଅଫିସ୍‌ର କିରାଣି ବା ବଡବାବୁ କିଛି କାଗଜ ଲୁଚାଇ ରଖିଦେଲେ ବି ଅଡିଟର୍ ଖୋଜାଖୋଜି କରିବେ ନାହିଁ । ଭୁଲ ପେମେଣ୍ଟ ହୋଇଥିଲେ ବି ଆଖି ବୁଜି ଦେବେ । ସବୁ କାଗଜ ଦେଖିଛନ୍ତି ବୋଲି ପ୍ରତି ପୃଷ୍ଠାରେ ଥରେ ପେନ୍‌ସିଲ୍ ମାରିଦେବା କଥା । ବଡ ପୃଷ୍ଠା ହୋଇଥିଲେ ଦୁଇ ତିନି ଥର ପେନ୍‌ସିଲ୍ ଦାଗ ରହିବ । ଏ ହେଲା ଯାଞ୍ଚ କରିବାର ନିଦର୍ଶନ ।

ଗୋଟିଏ କେନ୍ଦ୍ରରେ ପରୀକ୍ଷାଖାତା ମୂଲ୍ୟାୟନର ଏ ତରିକା ଦେଖି ପ୍ରଭାସରଞ୍ଜନ ମନେ ମନେ ମୁରୁକି ହସିଲେ, କିନ୍ତୁ ପର ମୁହୂର୍ତ୍ତରେ କ୍ରୋଧ ସମ୍ଭାଳି ପାରିଲେ ନାହିଁ । ଏମିତି ବଦମାସି କଣ ତାଙ୍କରି ଝିଅ ପ୍ରତି କରିବାର ଥିଲା ? ସେ ବା କିପରି ଜାଣିବ ଏ ଖାତା ତାଙ୍କ ଝିଅର ? ସବୁ ଖାତାର ତ ପ୍ରଥମ ଫର୍ଦ୍ଦ ଚିରି ଦିଆଯାଇ ଗୋପନରେ ରଖାଯାଇଛି । ନୂଆ ନମ୍ବରଟିଏ ଦିଆଯାଇଛି । ସେ ପୁଣି କମ୍ପୁଟରର ରାଣ୍ଡମ୍ ନମ୍ବର, ମନଇଚ୍ଛା କା ପରେ କି ନମ୍ବର ରହିବ କମ୍ପୁଟର ବାଛିଛି । କିରାଣିମାନେ ଚିପି ରଖୁଛନ୍ତି । ବଦମାସି ବି କରୁଛନ୍ତି, ପଇସା ପାଇଲେ କୋଡ୍ ନମ୍ବର ପିଲାଙ୍କୁ କହିଦେଉଛନ୍ତି । ସେମାନେ ଖିଅ ଧରି ଅଧ୍ୟାପକମାନଙ୍କ ଘରକୁ ଧାଉଡି ଦେଉଛନ୍ତି । ନମ୍ବର ବଢାଇବା ଲାଗି କେତେ ଚେଷ୍ଟା ! ଅଥଚ ମୁଁ ଝିଅ ଲାଗି କିଛି କରିପାରିଲି ନାହିଁ । ଏଇଥିପାଇଁ ତ ସ୍ତ୍ରୀର ତୋଡ । ଏ ହେଉଛି ଅଧ୍ୟାପକ ପ୍ରଭାସରଞ୍ଜନଙ୍କ ଖେଦ ।

ଟି ପୟ ଉପରେ ପଡିଥିବା ଆଜିର ଖବର କାଗଜଟା ଉପରେ ଆଖି ବୁଲାଇ ଆଣୁ ଆଣୁ ସେ ଦେଖିଲେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପରୀକ୍ଷା ବ୍ୟବସ୍ଥା ସମ୍ପର୍କରେ ଏକ ସମ୍ବାଦ । ଶିରୋନାମା '*ପରୀକ୍ଷା ଫଳରେ ବିଭ୍ରାଟ : ଭଲ ପିଲାଏ ଫେଲ୍, ସାଧାରଣ ପିଲାଏ ପାଷ୍ଟ*

ଡିଭିଜନ୍ ।' ଏସ୍ ଜି ଟି ବି ଖାଲ୍ସା କଲେଜର ୩ ଜଣ ପରୀକ୍ଷକ ଜଣକା ମାସକୁ ୭୦୦୦ ଲେଖାଏଁ ଖାତା ଦେଖୁଛନ୍ତି । ଏ ସବୁ ଅଣ୍ଡରଗ୍ରାଜୁଏଟ୍ ଇକନମିକ୍ସ ପେପର୍ । ଦିନକୁ ୨୩୩ ଟି ଖାତା (ଅବଶ୍ୟ କୋଉ କୋଉ ଦିନ ୨୩୪) । ୮ଘଣ୍ଟା ଦିନ ଧରି ଘଣ୍ଟାକୁ ୩୦ । ପ୍ରତି ଖାତାକୁ ୨ ମିନିଟ : ଏତିକି ସମୟ ଭିତରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ !

ପିଲାର ଭାଗ୍ୟ ନୁହେଁ, ରୀତିମତ ରୋଜଗାରର ଧନ୍ଦା । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ ମୂଲ୍ୟାୟନକାରୀଙ୍କୁ ଖାତା ପ୍ରତି ପାରିଶ୍ରମିକ ୪ ଟଙ୍କା ମିଳେ । ତହିଁରୁ ଉପରୁ ଅର୍ଥାତ୍ ପଇସା ଦେଲାବେଳେ ବିଶ୍ୱବିଦ୍ୟାଳୟ ଅଫିସ୍ ଆୟକର ବାବଦରେ କାଟି ନିଏ ଟ ୧.୬୦ । ପରୀକ୍ଷକ ଯେତେ ବେଶି ଖାତା ଦେଖି ପାରିବ ତା'ର ସେତେ ବେଶି ରୋଜଗାର ହେବ । ପିଲାର ମେରିଟ୍ ବିଚାର କରିବା ପାଇଁ ତ ଅଧିକ ପଇସା ମିଳୁନାହିଁ; ସେ ଚୁଲିକୁ ଗଲା କି ପାଣିରେ ପଡିଲା ପରୀକ୍ଷକର ଯାଏ ଆସେ କେତେ ! ଏସ୍ ଜି ଟି ବି ଖାଲ୍ସା ସେଣ୍ଟର୍‌ରେ ୩୯ ଜଣ ପରୀକ୍ଷକ ମଞ୍ଜୁର ହୋଇଥିଲେ ହେଁ ମାତ୍ର ୩ ଜଣ ଆସିଲେ, ଡେପୁଟି କୋଅର୍ଡିନେଟର ହରଭଜନ ସିଂ ପ୍ରତି ପରୀକ୍ଷକଙ୍କୁ ଅଧିକ ଖାତା ଦେବାକୁ ବାଧ୍ୟ ହେଲେ ବୋଲି କହନ୍ତି । ଅଧିକ ପରୀକ୍ଷକଙ୍କୁ ଡାକିହାକି ଆଣିଥିଲେ ତ କିଛି କଞ୍ଚା ଅଧ୍ୟାପକ ମିଳିଲେ, ଜଣ ଜଣକୁ ତିନି ଜଣଙ୍କ କାମ ଦେଲେ । ଦିଲ୍ଲୀର ପରୀକ୍ଷା ନିୟନ୍ତ୍ରକ ରବି ଭାଟିଆ କହନ୍ତି, ରୁଲ୍ ଅନୁଯାୟୀ ସେଣ୍ଟରରେ ଦିନକୁ ୪୦ ଖାତା ଦେଖିବା କଥା। ସେତିକି ଖାତା ମଧ୍ୟ ସେମାନେ ଘରକୁ ନେଇପାରନ୍ତି ।

ମୁଡ୍ ଉପରେ କଥା । ପର୍ଦ୍ଦ ଉପରେ ଆଖି ବୁଲେଇ ଆଜି ବି ଖାତାର ମୂଲ୍ୟାୟନ କରି ହୁଏ । ଅଧ୍ୟାପକମାନେ ଗପସପ କରୁଥିବେ, ହସଖୁସି କରୁଥିବେ, ଏପରିକି ଟି ଭି ସିରିଆଲ୍ ବିଷୟରେ ଯୁକ୍ତି ତର୍କ କରୁ ଥିବେ; ତାହାରି ଭିତରେ ପରୀକ୍ଷାର୍ଥୀର ମେରିଟ୍‌ର ମୂଲ୍ୟାୟନ କରୁ ଥିବେ । କେତେକ ପରୀକ୍ଷକ କାହିଁକି, ଅନେକେ ପୂରା ଖାତା ପଢନ୍ତି ନାହିଁ; ପ୍ରଥମ, ମଝି ଓ ଶେଷ ଧାଡି ପଢି ପ୍ରଶ୍ନର ଉତ୍ତରର ସ୍ୱରୂପ ଠଉର କରି ନିଅନ୍ତି: ଅନ୍ତତଃ ଏତକ ହେଉଛି ବୋଲି ଆମେ ଭାବିବା କଥା । ଯଦି ଲେଖା ପଢି ନ ହେଲା, ହାତଲେଖା କଦର୍ଯ୍ୟ ବା ଅକ୍ଷ ଆଲୁଅ ଯୋଗୁଁ, ତେବେ ତାର ଦୁର୍ଭାଗ୍ୟ । ପୁଣି ତ ପରୀକ୍ଷକଙ୍କ ସ୍ତ୍ରୀ ଓ ପିଲାମାନେ ଖାତା ବି ଦେଖନ୍ତି । କିଏ ଖାତା ଦେଖିବ, ତାହା ଛାତ୍ରଛାତ୍ରୀର ଭାଗ୍ୟ ଉପରେ ନିର୍ଭର କରେ, ସେମାନେ ଛାତ୍ରଛାତ୍ରୀର ଭାଗ୍ୟ ନିର୍ଣ୍ଣୟ କରନ୍ତି ।

ସେ ଦିନ କୋର୍ଟରେ ସାକ୍ଷ୍ୟ ଦେଇ ଜଣେ ପରୀକ୍ଷକ କହିଥିଲେ ସବୁ ଖାତା କଣ ପୂରା ପଢିବା ଦରକାର ? ପ୍ରଥମ ପାରାଟା ପଢିଦେଲେ ଅଭିଜ୍ଞ ଅଧ୍ୟାପକ ଜାଣିପାରେ ତା ପରେ ପରୀକ୍ଷାର୍ଥୀଟି କଣ ଲେଖିଥିବ । ଦରକାର ହେଲେ ଶେଷ ପାରାଟି ପଢିବ: ଜାଣି ପାରିବ ପରୀକ୍ଷାର୍ଥୀର ମତ ବା ବକ୍ତବ୍ୟ କଣ । ତହିଁରୁ ବେଶ୍ ଅନ୍ଦାଜ କରିହେବ ପିଲାର

ମେରିଟ୍ କେତେ ! ତେଣୁ ପରୀକ୍ଷାଖାତାର ମୂଲ୍ୟାୟନ ଏତେ ବଡ ବୋଝ ନୁହେଁ କି ପରୀକ୍ଷକ ପରୀକ୍ଷାର୍ଥୀର ଅମଙ୍ଗଳ କରିବା ଚାହେଁ ନାହିଁ ।

ଏ ଯୁକ୍ତିକୁ ଖଣ୍ଡନ କରି ମାଟ୍ରିକ୍ ତଥା ପ୍ଲସ୍ ଟୁ ପରୀକ୍ଷାରେ ୫ମ ସ୍ଥାନ ରଖିଥିବା (ଲୋକ ଭାଷାରେ ପ୍ରଥମ ଦଶରେ ଥିବା) ଏବେ ଡିଗ୍ରୀ-ପରୀକ୍ଷାର ମାତ୍ର ଦୁଇଟି ପେପରରେ ୬୦%ରୁ କମ୍ ନମ୍ବର ପାଇଥିବା ଛାତ୍ରୀର ଓକିଲ ବୟାନ କରିଥିଲେ କିପରି ଖାମଖିଆଲି ଢଙ୍ଗରେ ତା'ର ଖାତା ଦେଖା ଯାଇଛି । ଯଦି ପିଲାର ମୂଲ୍ୟାୟନ ଠିକ୍ ଅଛି, ପିଲାଟି ବାକି ଚାରୋଟି ପେପର୍‌ରେ କିପରି ୭୦%ରୁ ବେଶି ରଖିଛି ? ତେଣୁ କୋର୍ଟ ପରୀକ୍ଷା ଖାତା ମଗାଇ ଜଣେ ଅଭିଜ୍ଞ ଅଧ୍ୟାପକଙ୍କ ଦ୍ୱାରା ମୂଲ୍ୟାୟନ କରି ଦେଖନ୍ତୁ ଅନ୍ୟାୟ ହୋଇଛି କି ନାହିଁ । ଆପତ୍ତିକାରୀ ଛାତ୍ରୀର ମୁହଁରୁ ମଧ୍ୟ କୋର୍ଟ ଅଶ୍ରୁପୂର୍ଣ୍ଣ ବୟାନ ଶୁଣିଥିଲେ । କୋର୍ଟର ଆଦେଶମତେ ପରୀକ୍ଷାଖାତାର ପୁନଃମୂଲ୍ୟାୟନ ହୋଇଥିଲା ଏବଂ ଛାତ୍ରୀଟି ବିଶ୍ୱବିଦ୍ୟାଳୟରେ ଦ୍ୱିତୀୟ ସ୍ଥାନର ଅଧିକାରିଣୀ ବୋଲି କୋର୍ଟ ଘୋଷଣା କଲେ ।

ଏ କଥା ପ୍ରଭାସରଞ୍ଜନଙ୍କ ସ୍ତ୍ରୀ ହେଜାଇ ଦେଇ ପିତାର ପୁତ୍ରୀ ପ୍ରତି କର୍ତ୍ତବ୍ୟ ସମ୍ବନ୍ଧରେ ଏକ ସାରଗର୍ଭକ ଭାଷଣ ଦେଇଥିଲେ ।

ଅନ୍ୟ କାହାର ଗାଳି ସହି ନ ପାରିଲେ ରୋକ୍‌ଠୋକ୍ ଜବାବ୍ ଦେଇ ହୁଏ, ଏ କଥା ପ୍ରଭାସରଞ୍ଜନ ଜଣେ ସହକର୍ମୀ ମହିଳାଙ୍କ ସେ ଦିନର ଝଗଡା ପରେ ଅଙ୍ଗେ ଲିଭାଇଛନ୍ତି । ଜବାବ ଦେଇ କିପରି ଆତ୍ମ ସନ୍ତୋଷ ଆସେ, ତାହା ଜାଣିଛନ୍ତି । ଗାଳି ଶୁଣିଥିବାର ଗ୍ଲାନି ଲାଖି ରହେ ନାହିଁ । ଭାର୍ଯ୍ୟାର ଗାଳି ମର୍ମ ଭେଦ କରେ । ତାହାର ମୌଖିକ ଜବାବ୍ ନାହିଁ, ଦରକାର ଏ ଟି ଆର୍, ଆକ୍ସନ୍ ଟେକନ୍ ରିପୋର୍ଟ, କି କାମ କଲ ଦେଖାଇ ଦିଅ ।

କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପାଖକୁ ଗଲେ, କିଏ ତାଙ୍କ ଝିଅର ଖାତା ଦେଖିଥିଲା ଜାଣିବାକୁ ।

ଆଜି ଏତକ କାମ କରିଛନ୍ତି ବୋଲି ସେ ସ୍ତ୍ରୀଙ୍କ ପାଖରେ ସେ ଦିନର ରିପୋର୍ଟ ଦାଖଲ କଲେ ।

କେତେ ଦିନରେ ତୁମେ ଚେରକୁ ଯାଉଛ, ଦେଖେ । କହି ସେ ଦିନ ଶ୍ରୀମତୀ ପ୍ରଭାସରଞ୍ଜନ କଟୂକ୍ତି ଛାଡି ଚୁପ୍ ରହିଥିଲେ ।

ଲାଗ ଲାଗ ପ୍ରଭାସରଞ୍ଜନ ସମସ୍ୟା ସମାଧାନରେ ଲାଗିପଡିଲେ । ଏ କଥା ସେତେବେଳକୁ ବିଶ୍ୱବିଦ୍ୟାଳୟ ସାରା ଚର୍ଚ୍ଚାର ବିଷୟ ହୋଇପଡିଥିଲା । ଫାଷ୍ଟ ନ ହେଲେ ବି ଫାଷ୍ଟ ଡିଭିଜନ ପିଲାଟାକୁ ଏତେ କମ୍ ମାର୍କ କିଏ ଦେଲା, କାହିଁକି କମ୍ ଦେଲା, ଏ ଭଳି ପ୍ରଶ୍ନ ବିଶ୍ୱବିଦ୍ୟାଳୟ ପରିସରରେ ଉଡି ବୁଲିଲା । ଲୋକେ ଫୁସୁରୁ ଫାସର ହେଲେ । କେତେକ ର୍ୟୁମର୍ ଶୁଣାଗଲା, ଏ କୁଆଡେ ପ୍ରେମଜନିତ ବ୍ୟାପାର । ଦିନେ ଏମିତି ଶୁଣି ପ୍ରଭାସରଞ୍ଜନ

ଶ୍ରୀମତୀଙ୍କୁ କହି ଥିଲେ, ମୁଁ ଏମିତି କଣ ଶୁଣୁଛି ! ଲଳିତାକୁ ଟିକେ ପଚାରି ଦେଉ ନା !

ବାପା ମୁହଁରେ ଝିଅକୁ ପଚାରିବା ଅସୁନ୍ଦର । ପୁଣି ଲଳିତାର ଏମିତି ଗୁଣ ନୁହେଁ, ସେମାନେ ଜାଣନ୍ତି । ମା ଗୁଡେଇ ତୁଡେଇ ପ୍ରଶ୍ନ କରି ବୁଝିଥିଲେ, ପ୍ରଭାସରଞ୍ଜନକୁ କହିଥିଲେ, ଲଳିତା ଏ ଯାଏ କାହାକୁ ପ୍ରେମ ନିବେଦନ କରିନାହିଁ ।

ଯାହା ହେଲେ ବି କମ୍ ମାର୍କ ଦେଇଥିବା ପରୀକ୍ଷକ ସେହି ଡିପାର୍ଟମେଣ୍ଟର ଜଣେ ଅଧ୍ୟାପକ ହୋଇଥିବେ । ଆକ୍ୱିଟାନ୍ସ ରୋଲ୍ ବା ପାଉଣା ଦିଆ ଖାତାରୁ ସେ ଦୁଇଟି ଯାକ ପେପର୍‌ର ସମ୍ପୃକ୍ତ ଦୁଇ ଦିନର ପରୀକ୍ଷକଙ୍କ ତାଲିକା କେବଳ ପାଇଲେ ନାହିଁ ପ୍ରଭାସରଞ୍ଜନ, କୋଡ ୪୦ ପରୀକ୍ଷାର୍ଥିଙ୍କ ଖାତା କିଏ ମୂଲ୍ୟାୟନ କରିଥିଲେ ତାହା ବି ଜାଣିଗଲେ । ତାଙ୍କ ଅନୁସନ୍ଧାନରୁ ଜଣାଗଲା, ନବନିଯୁକ୍ତ ଅଧ୍ୟାପକ ମାନଭଞ୍ଜନଙ୍କ ହାତରେ ଲଳିତାର କମ୍ ମାର୍କ ମିଳିଥିବା ଦୁଇଟି ଯାକ ଖାତା ପଡିଥିଲା ।

ପ୍ରଭାସରଞ୍ଜନ ଭାବିଥିଲେ, ଇମେଚିଓର୍ ଲେକ୍‌ଚର; ଅପରିପକ୍ୱ ଅଧ୍ୟାପକ ହାତରେ ପଡିଲେ ଏମିତି ହେବ । ପୁନଃ ମୂଲ୍ୟାୟନ ପାଇଁ ସେ ସିଣ୍ଡିକେଟ୍‌ରେ ପ୍ରାର୍ଥନା କରିବେ ବୋଲି ଶ୍ରୀମତୀଙ୍କ ଆଗରେ ପ୍ରତିଶ୍ରୁତି ଦେଲେ ।

ବେଶି ଦିନ ଯାଇ ନାହିଁ, ଦିନେ ଲଳିତା କାନ୍ଦି କାନ୍ଦି ମାଆ ପାଖରେ କହିଲା, ସେ ଦିନ ମୁଁ କିଛି କହିଲି ନାହିଁ, ଡରିଗଲି, କାଳେ ବାପା ମୋତେ ବାଡେଇବେ ବୋଲି । ମାନଭଞ୍ଜନ ସାର୍ ବଡ ବଦମାସ୍ । ଦୁଇ ତିନି ଥର ସେ ମୋତେ ହଇରାଣ କରିଛନ୍ତି, ଥରେ ମୋତେ ସେ ଟାଣି ଧରିଥିଲେ । ପରୀକ୍ଷା ଶେଷ ଦିନ କେମିତି କଲ ବୋଲି ମୋତେ ପଚାରିଥିଲେ । ମୋର ହୋଇଗଲେ ତତେ ମୁଁ ସାହାଯ୍ୟ କରିବି । ସେ ଦିନ ମୁଁ ତାଙ୍କୁ ଗାଳି ଦେଇଥିଲି । ଓଲଟା ସେ ମୋତେ ଧମକ ଦେଇଥିଲେ, ରାଜି ନ ହେଲେ ତତେ ସେକେଣ୍ଡ ଡିଭିଜନ୍ କରିଦେବି ।

ପ୍ରଭାସରଞ୍ଜନ ଦମ୍ପତି ମୁଣ୍ଡରେ ବଜ୍ର ପଡିଗଲା, ଏ ତ ବିଫଳ ପ୍ରେମିକର କାଣ୍ଡ, ମୁହଁରେ ଏସିଡ୍ ପକାଇବାଠାରୁ ବଳିଗଲା ।

*****

## ମନ୍ତ୍ର ଶକ୍ତି

ଗୁଣୀ ଯୁକ୍ତ ପରିଚ୍ଛାଙ୍କ ପରି ତାନ୍ତ୍ରିକ ଆମ ରାଜ୍ୟରେ ବିରଳ । ବିରଳ ନ କହି, ନାହାନ୍ତି କହିଲେ ସତ ହେବ । ପ୍ରକାରାନ୍ତରେ ତାଙ୍କୁ ତାନ୍ତ୍ରିକ ନ କହି ତନ୍ତ୍ର ସାଧକ କହିଲେ ସତ୍ୟର ଆହୁରି ପାଖାପାଖି ହେବ । ଆମ କଥା ଆଉ ସତ୍ୟ ଭିତରେ ଦୂରତା ଅଛି, ପୁଣି ଶବ୍ଦଗଠନରେ ପ୍ରଚ୍ଛନ୍ନ ଥିବା ଗୁଣସୂଚକ ଅର୍ଥ ବକ୍ତା ମନୋଭାବ ସୂଚାଇଥାଏ । ଏହା ଉପରେ ଅଛି ପୁଣି ଧାରଣାର ସହାବସ୍ଥାନ ବା ଆସୋସିଏସନ୍ ଅଫ୍ ଆଇଡିଆଜ୍‌ର ପ୍ରଦୂଷଣ । ତାହା ଶବ୍ଦର ଅର୍ଥକୁ ଆମ ମନ ଭିତରେ ଏତେ ପ୍ରସାରିତ କରିଥାଏ ଯେ ଗୋଟିଏ ଗୋଟିଏ ଶବ୍ଦରୁ ଆମେ ବିଷୟ ବା ଲୋକଚରିତ୍ର ଉପରେ ପୂରା ଚିତ୍ର ପାଇ ଯାଉଁ ।

ତନ୍ତ୍ରସାଧକମାନେ ଅମର ନୁହନ୍ତି, ସେମାନେ ବି ରୋଗ ଭୋଗନ୍ତି, ରୋଗରୁ ମରଣ ଆସିପାରେ । ସାଧାରଣ ଲୋକ ଲାଗି ଏ ଏକ ଦାର୍ଶନିକ ତତ୍ତ୍ୱ ହୋଇପାରେ, କିନ୍ତୁ ତନ୍ତ୍ରସାଧକ ତ ଜାଣେ! ସେ ତଥାପି ଭକ୍ତକୁ ଧାରଣା ଦିଏ, ଅସାଧାରଣକୁ ସାଧାରଣ କରି ଦେବାର ଶକ୍ତି ତନ୍ତ୍ରସାଧକର ଅଛି । ଅସାଧ୍ୟ ରୋଗକୁ ସେ ସାଧ୍ୟ କରିପାରିବ । ମୃତ୍ୟୁ ଅକାରଣ ଆଉ ଅକାଳ ହେବ ନାହିଁ । ତନ୍ତ୍ରସାଧକ ଅକାରଣ ଆଉ ଅକାଳ ମୃତ୍ୟୁରୁ ରକ୍ଷା କରି ପାରିବ । କାଳ ମୃତ୍ୟୁ ଓ ଅକାଳ ମୃତ୍ୟୁ ଭିତରେ ପ୍ରଭେଦ ବାରିବା ସାଧାରଣ ମଣିଷର ଜ୍ଞାନ ବାହାରେ, ପଣ୍ଡିତମାନେ ତ ଭ୍ରମରେ ପଡୁଛନ୍ତି । ନ ହେଲେ ସେମାନେ ଔଷଧପତ୍ର କରନ୍ତେ କାହିଁକି ? ଅତି ଜ୍ଞାନୀ ମଧ୍ୟ ସାଂସାରିକ ଜ୍ୱାଳାରେ ଜର୍ଜରିତ, ସେ କଣ ମୃତ୍ୟୁର କାଳ ଆସିଗଲା ବୋଲି କହି ତାହାର ଆତ୍ମୀୟ ସ୍ୱଜନଙ୍କୁ ବିନାଚିକିତ୍ସାରେ ମୃତ୍ୟୁଶେଯରେ ଶୋଇବାକୁ ଛାଡି ଦେବ ? କାଳେ ଆଉ କିଛି ଦିନ ବଞ୍ଚିଯିବ ଏ ଆଶାରେ ଡାକ୍ତର ଦେଖା ଚାଲିଥାଏ, ଅସଫଳ ହେଲେ ପୂଜାପୂଜି, ମନ୍ତ୍ରତନ୍ତ୍ରର ଆଶ୍ରୟ ନିଆଯାଏ । ମଣିଷର ଅମାନିଆ ମନ ଏକସଙ୍ଗରେ ଏକାଧିକ ଉପାୟ ବି କରେ, ଗୋଟିଏ ଉପାୟ ଫେଲ୍ ମାରିଲେ ଆଉ ଗୋଟିଏ କାମ କରିପାରେ, ଏ ଆଶାରେ । ସବୁ ଆଡୁ ଫେଲ୍ ମାରିଲେ ତ ଯେ ଯାହା କହେ ତାହା କରେ । ବୁଡିଗଲା ମଣିଷ କୁଟା ଖିଅଟାଏକୁ ଆଶ୍ରା କରେ । ବଡ ବଡ ଡାକ୍ତରଙ୍କ ଚିକିତ୍ସା ପରେ ନିରାଶ ହେଲେ, ବିଭିନ୍ନ ପୁରାଣପାଠ, ଦେବଦେବୀ ପୂଜା ଚାଲେ । ତନ୍ତ୍ରରେ ବିଶ୍ୱାସ କରୁ ନ ଥିବା ଲୋକ ବି ତନ୍ତ୍ରର ସାହାଯ୍ୟ ନିଏ । ଜନ୍ମ ହେଲେ ମରିବ ନିଶ୍ଚୟ, କେହି ଅମର ହୋଇ ପାରିବ ନାହିଁ ଜାଣି ଥିଲେ ବି ସେ ମୁହୂର୍ତ୍ତରେ ଆମେ ଭୁଲିଯାଉଁ । କାଳେ କିଛି ଫଳ ମିଳିଯିବ ।

ଆଶା ହିଁ କାଳେ ଶରକୁ ଜନ୍ମ ଦିଏ ।

ମଣିଷର ଦୁରବସ୍ଥାରୁ ଫାଇଦା ଉଠାଇବା ତ ପରାଙ୍ଗଭୋଜୀ ମଣିଷର ସ୍ୱଭାବ ! ଶ୍ରୀଯୁକ୍ତ ପରିଚ୍ଛା ନିଜେ ତ ଏ ଭଳି ଧାରଣାରୁ ଖୋରାକ ସଂଗ୍ରହ କରିଛନ୍ତି । କେବଳ ଯେ ସେ ନିଜକୁ ପାର୍ଥିବ ମଣିଷମାନଙ୍କଠାରୁ ଉର୍ଦ୍ଧ୍ୱରେ ବୋଲି ମନେ କରୁଥିଲେ, ତା ନୁହେଁ, ତାଙ୍କ ପାଖରେ କାମ କରୁଥିବା ପୁତୁରା ନଚିକେତା ବି ଏଥିରୁ ବାଦ୍ ପଡି ନ ଥିଲା । ସେ ସବୁଦିନେ କକାଙ୍କ ପ୍ରବଚନ ଶୁଣି ଶୁଣି ବିଶ୍ୱାସ କରିଆସିଥିଲା । ନଚିକେତା ବୁଝିପାରିନାହିଁ, ପରିଛାକକା ତ ଖୁଡୀଙ୍କୁ ଭଲ କରିପାରିଥାନ୍ତେ, ଘରେ ତନ୍ତ୍ର ମନ୍ତ୍ର ନ କରି ସେ ମୁମ୍ବାଇର ଟାଟା ମେମୋରିଆଲ୍ ହସ୍ପିଟାଲ୍‌କୁ କାହିଁକି ଆଣିଲେ ?

ଖୁଡୀଙ୍କ ସ୍ୱାସ୍ଥ୍ୟରେ କିଛି ଉନ୍ନତି ଦେଖାଯାଉ ନାହିଁ, ବରଂ ସେ ଦିନକୁ ଦିନ ବେଶି ଯନ୍ତ୍ରଣା ଭୋଗୁଛନ୍ତି । କାଲି ତ ପରିଛାକକାଙ୍କ କାନ ପାଖରେ ଡାକ୍ତରବାବୁ କହୁଥିବାର ସେ ଶୁଣିଛି, 'ଆଉ ଆଶା ନାହିଁ, ଯେତେ ଦିନ ଆମ ପାଖରେ ରୋଗିଣୀ ଅଛନ୍ତି ଯନ୍ତ୍ରଣା କମାଇବା ଚେଷ୍ଟା କରୁଥିବା ।' ଖୁଡୀ ନିଶ୍ଚେତକ ଇଂଜେକ୍ସନ୍‌ର ପ୍ରଭାବରେ ଶୋଇ ଯାଇଥିଲେ ।

ପାଖ କୋଠରିରେ ବହୁତ ଲୋକ ଯିବା ଆସିବା କରୁଛନ୍ତି ଦେଖି ନଚିକେତାର କୌତୁହଳ ବଢିଲା, ସେ ଆଡେ ଧ୍ୟାନ ଦେଲା । ୟାକୁ ତାକୁ ପଚାରି ଜାଣିଲା, ଜଣେ ତାନ୍ତ୍ରିକସ୍ୱାମୀ ଆଜିକାଲି ସେ କୋଠରିକୁ ଆସୁଛନ୍ତି । ଡାକ୍ତରବାବୁ ବି ଆସୁଛନ୍ତି ।

କିଛି ଆପତ୍ତି କରୁ ନାହାନ୍ତି ? ନଚିକେତାର ଏ ପ୍ରଶ୍ନର ଉତ୍ତର ଦେଲା ଭଳି କିଏ ଜଣେ କହିଲା, ଡାକ୍ତରବାବୁ ତ ବିକଳ୍ପ ଚିକିତ୍ସା କର ବୋଲି କହୁଛନ୍ତି ।

କକାଙ୍କୁ କହିବା ପାଇଁ ସେ ସ୍ୱାମୀଜୀଙ୍କ ନାଁ ବୁଝିଲା, ଭାବିଲା, କକା ନିଷ୍ଚୟ ଅନ୍ୟ ସାଧକମାନଙ୍କୁ ଜାଣିଥିବେ ।

୧୦୮ସ୍ୱାମୀ ପ୍ରାଦାୟୀ ଅଭୂତାନନ୍ଦ ପାଖ ରୁମ୍‌ର ରୋଗୀକୁ ଦେଖିବାକୁ ଆସୁଛନ୍ତି, ତିନି ଦିନ ହେଲାଣି । ତିନି ଦିନ ତଳେ ରୋଗିଣୀର ଦେହ ଏତେ ଖରାପ ହୋଇଗଲା ଯେ ଟାଟା ମେମୋରିଆଲ୍ ହସ୍ପିଟାଲ୍‌ର ଡାକ୍ତରମାନେ ଆଶା ଛାଡି ଦେଲେ । ଏବେ ପାକସ୍ଥଳୀକୁ ବ୍ୟାପିଛି ବୋଲି ଡାକ୍ତର କହିଲେ । ସେହି ଦିନଠାରୁ ସ୍ୱାମୀ ପ୍ରାଦାୟୀ ଅଭୂତାନନ୍ଦ ପ୍ରତିଦିନ ଆସୁଛନ୍ତି । ନଚିକେତା ଶୁଣିଲା, ଶ୍ରୀମତୀ ପାରାଞ୍ଜପେଙ୍କ ଅବସ୍ଥା ବେଶି ଖରାପ ହୋଇନାହିଁ ।

ଖୁଡୀଙ୍କ ଅବସ୍ଥା ତ ଖରାପ ହେଉଛି । କର୍କଟ ରୋଗଟା ବଦ୍‌ମାସ୍ ପାଲଟିଛି, ରୋଗିଣୀର ଯକୃତକୁ କର୍କଟ ଘାରି ଗଲାଣି । ଭଲ ହେବାର ସମ୍ଭାବନା ଖୁବ୍ କ୍ଷୀଣ । ଦୁଇ ଦିନ ତଳେ ଯେତେବେଳେ ଡାକ୍ତରବାବୁ କହିଲେ, 'ଭଗବାନ ଅଛନ୍ତି, ଅତି ସଂକଟମୟ ସ୍ଥିତିରୁ ବି ତ ଲୋକେ ବଞ୍ଚୁଛନ୍ତି !' ପରିଛା ଭାଙ୍ଗି ପଡିଲେ, ଯେଉଁ ଦୁଇ ତିନି ଜଣ ବନ୍ଧୁ

ବାନ୍ଧବ ଉପସ୍ଥିତ ଥିଲେ, ସେମାନେ ଡାକ୍ତରଙ୍କ କଥା ଶୁଣି କାଠ ପାଲଟି ଗଲେ । ସମସ୍ତେ ଠିକ୍ କଲେ, କେହି ଏ କଥା ଶ୍ରୀମତୀ ପରିଚ୍ଛାଙ୍କୁ ଜଣାଇବେ ନାହିଁ । ଖୁଡୀ ତ ନିଦ ଇଂଜେକ୍ସନ୍ ନେଇ ଶୋଇଥାନ୍ତି ।

ଶ୍ରୀଯୁକ୍ତ ପରିଚ୍ଛା ଠିକ୍ କଲେ, ସେହି ୧୦୮ ସ୍ୱାମୀ ପ୍ରାଣଦାୟୀ ଅଭୂତାନନ୍ଦଙ୍କ ପରାମର୍ଶ ଲୋଡିବେ । ଶରଣ ପଶିବେ । ବହୁତ କର୍କଟ ରୋଗୀଙ୍କୁ ଭଲ କରି ଥିବାରୁ ସ୍ୱାମୀ ଅଭୂତାନନ୍ଦଙ୍କ ନାମରେ ପ୍ରାଣଦାୟୀ ଯୋଡା ଯାଇଛି । ହିନ୍ଦୀ ଶବ୍ଦ ଏମିତି ଉଚ୍ଚାରଣ, ଓଡିଆ ପ୍ରାଣଦାୟୀ ହୋଇଥିବ । ଶ୍ରୀଯୁକ୍ତ ପରିଚ୍ଛା ମନ ଭିତରେ ବୁଝାସୁଝା କଲେ ।

ଆଶାରେ ଆମେ ସବୁ ବଞ୍ଚିଛୁ, ଭାସିଯାଉଥିବା ଲୋକ କୁଟା ଖିଅଟାଏ ଧରି କୂଳରେ ଲାଗିବାର ଆଶା ରଖେ । ସେ ଦିନ ଡାକ୍ତର ବି କହିଥିଲେ, ଅତି ମାରାତ୍ମକ ରୋଗ ବି ଅକସ୍ମାତ୍ ଆତ୍ମସଂଯମ କରିଥାଏ, ସେଲ୍‌ଫଲିମିଟିଂ ହୋଇଥାଏ । ସ୍ୱାମୀଜୀଙ୍କ ଆସିବା ଆଉ ଏ ଘଟଣା ଏକସଂଗରେ ହୋଇ ଥାଇପାରେ । ଶ୍ରୀମତୀ ପରିଚ୍ଛାଙ୍କ କ୍ଷେତ୍ରରେ ଏପରି କାହିଁକି ନ ହେବ ?

ଯେତେବେଳେ ଶ୍ରୀଯୁକ୍ତ ପରିଚ୍ଛା କଥାଟା ବୁଝି ନ ପାରିଲା ଭଳି ହେଲେ, ଡଃ ଧୀର କେତେଗୁଡିଏ ଉଦାହରଣ ଦେଇ ଆଶାର ଆଲୋକ ଜାଳିଥିଲେ । ଆଗେ ଗାଁ ଗଣ୍ଡାରେ ହଇଜା ହେଉଥିଲେ ଔଷଧ କିଏ ଦେଉ ଥିଲା ? ଲୋକେ ଭାଗ୍ୟ ଉପରେ ଛାଡି ଦେଉଥିଲେ । ଭାଗ୍ୟ କି ପଦାର୍ଥ ? ଭାଗ୍ୟର ଅନ୍ୟ ନାମ ହେଉଛି ରୋଗର ନିଜ ସୀମିତୀକରଣ, ସେଲ୍‌ଫଲିମିଟେସନ୍ । ଏକ ସୀମା ପହଞ୍ଚିଗଲେ ରୋଗ ଆଉ ବଢେ ନାହିଁ, କେତେକ ରୋଗ ତ କମି କମି ଆସେ, ଶେଷରେ ଉଭେଇଯାଏ । ଆପଣ ତ ଲକ୍ଷ୍ୟ ରଖିଥିବେ ଆଗକାଳରେ ହଇଜାରେ ବହୁତ ଲୋକ ମରୁଥିଲେ ବି କେତେକ ଲୋକ ତ ଭଲ ହେଉଥିଲେ, ବିନା ଔଷଧରେ । ଆଉ ଗୋଟିଏ ଉଦାହରଣ ଦେଖନ୍ତୁ, ଭାଇରାଲ୍ ରୋଗ । ଭାଇରସ୍ ଆକ୍ରମଣ ଯୋଗୁଁ ଜ୍ୱର, ଦେହହାତ ବଥା, ନାକ ବୋହିବା, ତଣ୍ଟି ବଥା ଆଦି ଯନ୍ତ୍ରଣା ବେଳେ ବେଳେ ଅସହ୍ୟ ହୁଏ । ଭାଇରାଲ୍ ରୋଗର ଔଷଧ ନାହିଁ, ଆମେ ଆଣ୍ଟିବାୟୋଟିକ୍ ଆଦି ଯାହା ଦେଉଁ, ଅନ୍ୟ କିଛି ରୋଗ କାଳେ ଆସିଯିବ ବୋଲି ତାକୁ ରୋକିବାକୁ । ୩ ବା ୭ ଦିନରେ ଭାଇରାଲ୍ ରୋଗ ଭଲ ହୋଇଯାଏ । ରୋଗର ସେଲ୍‌ଫ୍‌ଲିମିଟିଂ ଗୁଣ ଯୋଗୁଁ । ଆମେ କାହିଁକି ଶ୍ରୀମତୀ ପରିଚ୍ଛାଙ୍କ କ୍ଷେତ୍ରରେ ସେ ଆଶା ନ କରିବା ? ଉପରେ ଭଗବାନ ଅଛନ୍ତି । ଏତକ କହିଲା ପରେ ବି ସେ ହର୍ମୋନ୍ ଔଷଧ ଲେଖି ଦେଲେ, ପ୍ରତିଦିନ ସକାଳେ ସଞ୍ଜେ ଗୋଟିଏ ଲେଖାଏଁ ଖାଇବାକୁ କହିଲେ । କାହିଁକି ନା ସ୍ତ୍ରୀ ହର୍ମୋନ୍ ଅତ୍ୟଧିକ କ୍ଷରଣ ଯୋଗୁଁ ରୋଗ ବଢିଥାଏ ବୋଲି ପ୍ରମାଣ ଅଛି ।

ଶ୍ରୀ ପରିଚ୍ଛାଙ୍କ ଛାତି ଭିତରେ ଚାପି ହୋଇ ରହିଥିବା କୋହ ଏକାବେଳକେ

ଉପରକୁ ଉଠି ଆସିଲା । ଆଖିର ଅଶ୍ରୁ ତା ରନ୍ଧ୍ର ଖୋଲି ବାହାରି ଆସିଲା, ତାଙ୍କ କଣ୍ଠ ଚାପି ହୋଇ ଗଲା, ବାଷ୍ପରୁଦ୍ଧ କଣ୍ଠରୁ ଅସ୍ପଷ୍ଟ ଶବ୍ଦମାନ ବାହାରିଲା । ଶ୍ରୀମତୀଙ୍କୁ ବଞ୍ଚାଇ ପାରୁ ନ ଥିବାରୁ ସେ ନିଜକୁ ଅପଦାର୍ଥ ସ୍ୱାମୀ ମନେ କରୁଛନ୍ତି । ଯକୃତ କର୍କଟରୁ ଆଉ ଉଦ୍ଧାର ନାହିଁ ବୋଲି କହି ସାରି ଡାକ୍ତର ପୁଣି ରୋଗର ସେଲ୍‌ଫ୍‌ଲିମିଟିଂ ଗୁଣ କଥା କହି ଆଶା ଦେଖାଉଛନ୍ତି । ଯାହାହେଉ ସ୍ୱାମୀ ପ୍ରାଦାୟୀ ଅଦ୍ଭୁତାନନ୍ଦଙ୍କ ଶରଣ ଏକ ନୂଆ ଆଶା ଆଣି ଦେଇଛି । ଭଗବାନ କରନ୍ତୁ ଶ୍ରୀମତୀ ଭଲ ହୋଇଯାଆନ୍ତୁ ।

କୋଠରିରେ ନିରାଶାର ପରିବେଶ । ସମସ୍ତେ କିଂକର୍ତ୍ତବ୍ୟବିମୂଢ଼ । ସମସ୍ତଙ୍କ ମୁହଁରୁ ହସ ଲିଭିଯାଇଛି । ମୂକ ହୋଇନାହାନ୍ତି, କିନ୍ତୁ କଥାବାର୍ତ୍ତାରେ ସରସତା ନାହିଁ, ସାବଲୀଳତା ନାହିଁ । କେବଳ ଜଣକଠାରେ ସ୍ୱାଭାବିକତା ଅଛି, ସେ ହେଉଛନ୍ତି ସ୍ୱାମୀ ପ୍ରାଦାୟୀ ଅଦ୍ଭୁତାନନ୍ଦ । ତାଙ୍କ ମୁହଁରୁ ହିଁ ସ୍ୱାଭାବିକ କଥାବାର୍ତ୍ତା ବାହାରୁଥିଲା । ସେ ହିଁ ହସିବାକୁ ସାହସ କରୁଥିଲେ ।

କୋଠରିକୁ ଆସି ସେ ନିପୁଣ ଡାକ୍ତରଙ୍କ ଭଳି ଖୁବ୍ ତର ତର ଦେଖାଇଲେ, କାରବାରରେ ଚଞ୍ଚଳତା । ଦୁଇହାତ ଧୋଇ ରୋଗିଣୀ ପାଖରେ ବସିପଡିଲେ । ମନେ ହେଲା ସେ ରୋଗିଣୀକୁ ପରୀକ୍ଷା କରିବେ । ଖାଲି ହାତରେ । ଷ୍ଟେଥୋସ୍କୋପର ଅଭାବ ଅନୁଭୂତ ହେଉନାହିଁ । ଦେହ ଉପରେ, ଚାରିଆଡେ ହାତ ବୁଲାଇ ଆଣିବାର ଭଙ୍ଗି । ହାତଟି ପେଟ ଆଡକୁ ଯାଉ ଯାଉ ଅଟକି ଗଲା, ପେଟ ଉପରେ ଶୂନ୍ୟରେ ହାତଟି ଥିଲା ବେଳେ ସ୍ୱାମୀ ପ୍ରାଦାୟୀ ଅଦ୍ଭୁତାନନ୍ଦ ଆଖି ବୁଜିଲେ, ମନେ ହେଲା ଧ୍ୟାନରତ ହେଲେ, ଦୁଇହାତ ପେଟ ଉପରେ ଘୂରି ବୁଲିଲା । ରିକି ମାଷ୍ଟର ଯେମିତି କରନ୍ତି ସେପରି । କେତୋଟି ମୁହୂର୍ତ୍ତ ପରେ ରୋଗିଣୀର ପେଟ ଉପରେ ହାତ ବୁଲାଇ ଆଣି କିଛି ସମୟ ରଖିଲେ, କାଢି ଆଣିଲେ, ସେ ଦିନର ଚିକିତ୍ସା ସରିଗଲା ।

ଶ୍ରୀମତୀ ପରିଡ଼ାଙ୍କୁ ଦେଖିବାକୁ ଯାଇ ସେ ଦିନ ମୁଁ ସେଠାରେ ଥିଲି । ପ୍ରବଳ ଅନୁସନ୍ଧିତ୍ସୁ ହୋଇ ନରମ ଗଳାରେ ସ୍ୱାମୀଜୀଙ୍କୁ ପଚାରିଲି, ଆପଣ କଣ କଲେ ?

ସେ ଟିକେ ଚିଡିଗଲେ ।ତଥାପି ଉତ୍ତର ଦେଲେ ।'ମୁଁ ମନେ ମନେ ମନ୍ତ୍ର ପଢିଲି, ଏ ମହାମନ୍ତ୍ର ଅତି କଠିନ ରୋଗକୁ ଭଲ କରିଦେବ । ଆମ ଦେଶରେ ଏ ଚିକିତ୍ସା ବହୁ ପ୍ରାଚୀନ କାଳରୁ ଚଳି ଆସିଛି । ଶ୍ରୀମତ୍ ଭଗବତ୍ ଗୀତାରେ ପରା ଶ୍ରୀକୃଷ୍ଣ କହିଛନ୍ତି, ଏ ଜ୍ଞାନ ହେଉଛି ସବୁ ଜ୍ଞାନର ମୂଳ, ସବୁ ଗୂଢ ତତ୍ତ୍ୱ ମଧ୍ୟରେ ଗୂଢତମ ।'

ଏମିତିଆ କଥା ଶୁଣିଲେ ମୋତେ ଭାରି ରାଗ ଆସେ । କିନ୍ତୁ ବନ୍ଧୁପତ୍ନୀଙ୍କ ରୋଗ ଭଲ ହେବା ଚିନ୍ତାରେ ମୁଁ କେବଳ ଚୁପ୍ ରହିଲି ନାହିଁ, ସ୍ୱାମୀଜୀଙ୍କ ବଡିମା, ଗୁଣଗାରିମା ଶୁଣିବାକୁ ଉତ୍ସୁକତା ଦେଖାଇଲି । ଚୌକି ଉପରେ ବି ଚକା ମାଡି ବସିପଡିଲି । ଜୋରରେ ପାଟି କରିବା ମନା ଥିବାରୁ ଗୋଟିଏ କୋଣକୁ ଆମ ଦୁହିଁଙ୍କ ଚୌକି ଟେକି

ନେଇଥିଲି ।

'ଉତ୍ତର ପ୍ରଦେଶର ବଲିଆ ଜିଲ୍ଲାରେ ମୋର ଜନ୍ମ । ଗରିବ ଚାଷୀ କୂଳରେ । ନ ବର୍ଷ ବେଳେ ମୁଁ ବାପା ମାଆଙ୍କ ସହ ଋଷିକେଶ ଯାଇଥାଏ । ଗଙ୍ଗାରେ ବୁଡ ମାରି ମୁଣ୍ଡ ଉପରକୁ ଟେକିଛି କି ନାହିଁ ଦେଖିଲି ମୋ ସାମନାରେ ଅଦ୍ଭୁତ ଦୃଶ୍ୟ, ପରମ ମଙ୍ଗଳମୟୀ ମା ଦୁର୍ଗା ଦଣ୍ଡାୟମାନା । ଯେତେବେଳେ ସେ ସ୍ୱୟଂ ଆବିର୍ଭୂତା, ମୋତେ ବରଟିଏ ଦିଅନ୍ତୁ ବୋଲି ପ୍ରାର୍ଥନା କଲି । ସେ ହସିଦେଲେ । ମୁଁ ଭାବୁଥିଲି, ସମସ୍ତେ ତାଙ୍କୁ ଦେଖୁଥିବେ, କିନ୍ତୁ ସେ କେବଳ ମୋ ଆଡକୁ ଚାହିଁ ରହିଥିଲେ ।

'ମଙ୍ଗଳମୟୀ ଦେବୀ ପଚାରିଲେ, ତୋର ବାପା ମାଆ କଣ ଚାହାନ୍ତି ? ମୋ ପାଟିରୁ ବାହାରି ପଡିଲା, ସେମାନେ ଚାହାନ୍ତି ମୁଁ ଡାକ୍ତର ହୁଏ।

'ମଙ୍ଗଳମୟୀ ଦେବୀ କହିଲେ, ତାହା ହିଁ ହେବ । ତୁ ଖାଲି ଡାକ୍ତର ହେବୁ ନାହିଁ, ଡାକ୍ତରମାନଙ୍କ ଡାକ୍ତର ହେବୁ । ହେଇ ନେ ! ତିନୋଟି ମନ୍ତ୍ର । ପ୍ରତି ଦିନ ଘଣ୍ଟାଏ ଲେଖା ଧ୍ୟାନରେ ବସି ମନେ ମନେ ଏ ମନ୍ତ୍ର ପାଠ କରିବୁ ।'

ଏ ଭଳି ବାହାସ୍ଫୋଟରେ ମୋ ଦେହ ଜଳେ । ପ୍ରତି କଥାରେ ମୋର ସଂଦେହୀ ମନ ପ୍ରଶ୍ନ ପଚାରେ, ଏ କଣ କେବେ ସମ୍ଭବ ? କିନ୍ତୁ ଗୋଟିଏ ରୁମ୍‌ରେ ଥାଇ ସାମନାରେ ଥିବା ଲୋକଟି ମରଣ ମୁହଁରେ ପହଞ୍ଚିଛି ଶୁଣିଲେ କେଉଁ ଲୋକ କେବେ ଅବିଶ୍ୱାସର ଭାବ ଦେଖାଇବ କି ? ମୁଁ ବାଧ୍ୟ ଶୃଙ୍ଖଳିତ ଶିଶୁ ଭଳି ସ୍ୱାମୀ ପ୍ରାଦାୟୀ ଅଦ୍ଭୁତାନନ୍ଦଙ୍କ ଗଳ୍ପକୁ ପିଉଥିଲି ।

ସ୍ୱାମୀ ପ୍ରାଦାୟୀ ଅଦ୍ଭୁତାନନ୍ଦ ୯ ବର୍ଷ ଧରି ମାଆଙ୍କ ପ୍ରଦତ୍ତ ମନ୍ତ୍ରତ୍ରୟ ଧ୍ୟାନରେ ରଖି ତପସ୍ୟା କଲେ । ତା ପରେ ହିଁ ସେ ତାଙ୍କ ଚିକିତ୍ସା ସାମର୍ଥ୍ୟ ପାଇଲେ । ପ୍ରଥମେ ପ୍ରଥମେ ସେ ଛୋଟ ଛୋଟ ରୋଗ ଭଲ କଲେ । ସ୍କୁଲରେ ତାଙ୍କ ସାଥୀ ଛାତ୍ରକୁ ଭଲ କଲେ । ଗାଁ ଜମିଦାରଙ୍କ ଗାଈର ପେଟ ଫୁଲା ରୋଗ ହୋଇଥିଲା, ତାକୁ ଭଲ କଲେ । ପରେ ପରେ ତାଙ୍କ ଐଶ୍ୱରିକ କ୍ଷମତା ଖବର ଚାରିଆଡେ ପ୍ରଚାର ହୋଇଗଲା । ସମସ୍ତେ କହି ହେଲେ ତାଙ୍କ ହାତରେ ଅଦ୍ଭୁତ ଶକ୍ତି, ଦୈବୀ ଶକ୍ତି । 'ମୁଁ ତଥାପି ଗୁରୁତ୍ୱ ଦେଉ ନ ଥିଲି । ଥରେ ଆମ ସ୍କୁଲର ହେଡ୍‌ମାଷ୍ଟରଙ୍କ ହାର୍ଟ ଆଟାକ୍ ହେଲା, ହୃତ୍‌କ୍ରିୟା ବନ୍ଦ ହୋଇ ଗଲା । ତାଙ୍କ ହୃତ୍‌ପିଣ୍ଡ ଉପରେ ହାତ ରଖି ମନ୍ତ୍ର ଧ୍ୟାନ କଲି ଯେ ସେ ବଞ୍ଚିଗଲେ ।'

ତା ପରଠାରୁ ସେ ଆଉ ପଛକୁ ଚାହୁଁ ନାହାନ୍ତି, ଗୋଟାକ ପରେ ଗୋଟାଏ ଭଲ କରି ଚାଲିଛନ୍ତି । ଏବେ ସେ ପୁଣେରେ ରହୁଛନ୍ତି, ତାଙ୍କ ଆଶ୍ରମରେ ଏତେ ଭିଡ ହେଉଛି ଯେ ନିୟନ୍ତ୍ରଣ କରି ହେଉ ନାହିଁ ।

୧୦୮ସ୍ୱାମୀ ପ୍ରାଦାୟୀ ଅଦ୍ଭୁତାନନ୍ଦ ତାଙ୍କ କାହାଣୀରେ କିଛି ଖିଅ ଫାଙ୍କା

ରଖୁ ଥିଲେ, ମୋର ମନେ ହେଉଥିଲା, ଲୋକଙ୍କ ସଂଦେହରୁ ମୁକୁଳିବା ରାସ୍ତା ରଖିବା ଲାଗି । ସେ ଜୋର କରି, ଦୁଇ ତିନି ଥର ପୁନରାବୃତ୍ତି କରି, କହୁଥାନ୍ତି, 'ମୁଁ ସ୍ପର୍ଶ କରୁଥିବା ଲୋକଙ୍କ ଭିତରୁ ୯୦% ଭଲ ହୋଉଛନ୍ତି । ସମସ୍ତଙ୍କ ପାଇଁ ତ ନିଷ୍ଠା ସହ ପୂରା ଧ୍ୟାନ ଦେଇ ହୁଏ ନାହିଁ।'

ସେ କେଉଁଠି କାହାକୁ ଭଲ କଲେ ଯାଞ୍ଚ୍ କରିବା, ନିଷ୍ଠା ତନ୍ତ୍ର ଆଉ ନିଷ୍ଠା ନ ଥିବା ତନ୍ତ୍ର, ଭିତରେ ବାରିବାର ଅବସର, ଏପରିକି ଗୋଟିଏ ଘଟଣାର ସତ୍ୟାସତ୍ୟ ପରୀକ୍ଷା କରିବାକୁ ଇଚ୍ଛା ଥିଲେ ବି ପରିସ୍ଥିତି ତାହା କରିବାର ଅବସର ଦେଇ ନ ଥିଲା । ମୁମ୍ବାଇରୁ ବଲିଆ ଦୂରତା ତ କମ୍ ନୁହେଁ ଯେ ଜଣେ ଯାଇ ସ୍କୁଲ ଛାତ୍ର ବା ଶିକ୍ଷକଙ୍କ ଭଲ ହେବା ନ ହେବା ଘଟଣା ତନଖି କରି ପାରିବ । ପୁଣେରେ କାହାକୁ ଭଲ କରିଛନ୍ତି ତାହାର ଉଦାହରଣ ଦେଉ ନାହାନ୍ତି । ଦେଇଥିଲେ ବି ପୁଣେ ଯିବା ଧୈର୍ଯ୍ୟ ନ ଥିଲା, ମୁଁ ଏପରି ସଂଦେହ କରୁଛି ଜାଣିଲେ ବନ୍ଧୁ ତ ଖରାପ ଭାବିବେ, ରୋଗିଣୀର ମନରେ ଆଶଙ୍କା ଆସିବ । ଆଶଙ୍କା ଆସିବା, ସାହସ ହରାଇବା, ରୋଗୀର ରୋଗପ୍ରତିରୋଧକାରୀ ଶକ୍ତିକୁ ଦୁର୍ବଳ କରିଦିଏ ।

ଏବେ ତ ରାଷ୍ଟ୍ରପତି, ଅନେକ ମନ୍ତ୍ରୀ ଓ ସାଂସଦ ତାଙ୍କ ଚିକିତ୍ସାରେ ଉପକୃତ । ଯଦି କେବେ ମୁଁ ତାଙ୍କ ଦିଲ୍ଲୀ ଆଶ୍ରମକୁ ଯାଇ ପାରନ୍ତି, ସେ ମୋତେ ଭଲ ହୋଇଥିବା ରୋଗୀଙ୍କର ଭିଡିଓ ଦେଖାଇ ଦିଅନ୍ତେ ।

ସ୍ୱାମୀ ପ୍ରାଣାୟୀ ଅଭୁତାନନ୍ଦ ଅନର୍ଗଳ କହିଗଲେ । କମା, ପୂର୍ଣ୍ଣଚ୍ଛେଦ ନ ଥିବା ଭଳି । ମୁମ୍ବାଇ ନୁହେଁ, ଦିଲ୍ଲୀରେ ଆଶ୍ରମ କଥା କହୁଛନ୍ତି, କାରଣ ସହଜରେ ଯାଞ୍ଚ କରି ହେବ ନାହିଁ । ଯାଞ୍ଚ କଲେ ବି ମୋ ପାଖରେ କୋଉ ଲୋକଙ୍କ ପୂରା ସୂଚନା ଅଛି ଯେ ମୁଁ ସତ ମିଛ ଜାଣି ପାରିବି । ଦିଲ୍ଲୀର ତିନୋଟି ଆଶ୍ରମରୁ ଗୋଟିଏକୁ ସେ କୁଆଡେ କେବଳ ଏମ୍ ପି ମାନଙ୍କ ପାଇଁ ରଖିଛନ୍ତି । ଅଳ୍ପ ଦିନ ତଳେ ନିୟୁର୍କରେ ଗୋଟିଏ କେନ୍ଦ୍ର ଖୋଲିଛନ୍ତି । ଆଶ୍ରମଟି ଏବେ ଶୈଶବ ଅବସ୍ଥାରେ ।

ସ୍ୱାମୀ ପ୍ରାଣାୟୀ ଅଭୁତାନନ୍ଦ କେବଳ ଦେବୀଙ୍କ ଶକ୍ତିରେ ବଳିୟାନ୍ ନୁହନ୍ତି, ନିଜେ କିଛି ବିଦ୍ୟା ବି ହାସଲ କରିଛନ୍ତି । ଦେବୀ ତିନୋଟି ମନ୍ତ୍ର ଦେଇଥିଲେ, ସେ ଏବେ ପନ୍ଦର ହଜାର ମନ୍ତ୍ର ହାସଲ କରିପାରିଛନ୍ତି, କେତେ କେତେ ପୁରୁଖା ଲୋକଙ୍କ ସିନ୍ଧୁକରୁ ପୁରୁଣା ପୋଥିପତ୍ରରୁ ଉଦ୍ଧାର କରି ଅଭୂତପୂର୍ବ ମନ୍ତ୍ର ପାଇଛନ୍ତି । ସମ୍ଭବତଃ ତାଙ୍କର ଅଭୁତାନନ୍ଦ ନାଁ ପଛରେ ଏହି ରହସ୍ୟ ଅଛି । ପୋଥିପତ୍ରରୁ ଉଦ୍ଧାର କରିଥିବା ଅଭୂତପୂର୍ବ ମନ୍ତ୍ର ସେ କେତେକ ଶିଷ୍ୟଙ୍କୁ ଶିଖାଇଲେଣି । ସ୍ୱାମୀ ପ୍ରାଣାୟୀ ଅଭୁତାନନ୍ଦଙ୍କ କାହାଣୀରୁ ବି ଜାଣିଲି ତାଙ୍କର ବେଶ୍ କିଛି ପିଲାପିଲି ଅଛନ୍ତି ଏବଂ ବଡ ପୁଅଟି ମନ୍ତ୍ରମହାଶକ୍ତି ଅଭ୍ୟାସ କଲାଣି ।

ଆଧୁନିକ ବିଶେଷଜ୍ଞ ଡାକ୍ତରମାନେ ଯେଉଁଠି ଫେଲ୍ ମାରନ୍ତି ସେଇଠି ସେ ମନ୍ତ୍ର ମହାଶକ୍ତି ପ୍ରୟୋଗ କରନ୍ତି । ଅଯଥାରେ ସେ ତାଙ୍କ ବିଦ୍ୟା ବ୍ୟବହାର କରନ୍ତି ନାହିଁ ।

ମୋର ଶେଷ ପ୍ରଶ୍ନର ଉତ୍ତରରେ ସ୍ୱାମୀ ପ୍ରାନ୍ଦାୟୀ ଅଭୂତାନନ୍ଦଜୀ କହିଲେ ଚିକିତ୍ସା ପାଇଁ ସେ କାହାକୁ କିଛି ମାଗନ୍ତି ନାହିଁ, ଜୁଲୁମ୍ କରିବା ତ ଦୂରର କଥା, ପ୍ରକୃତରେ ସେ ଟଙ୍କାପଇସାକୁ ଘୃଣା କରନ୍ତି । ରୋଗୀର ସେବା କରିବା ଲାଗି ଦେବୀଙ୍କ ବର ପାଇଛନ୍ତି । ଯଦି କେହି ତାଙ୍କ ଆଶ୍ରମକୁ ଦାନ ଖଇରାତ୍ ଦେବାକୁ ଇଚ୍ଛା କରେ ସେ ସାଦରେ ଗ୍ରହଣ କରନ୍ତି ।

ମୋର ଏଭଳି ସଂଶୟାତ୍ମକ ବ୍ୟବହାରରେ ଶ୍ରୀ ପରିଛା କ୍ଷୁବ୍ଧ ହେଲା ପରି ମନେ ହେଲା । ଇତି ମଧ୍ୟରେ ସେ ଦଶ ସହସ୍ର ମୁଦ୍ରା ସ୍ୱାମୀଜୀଙ୍କ ପାଦ ତଳେ ସମର୍ପଣ କରି ଆସିଛନ୍ତି ବୋଲି ମୁଁ ପରେ ଶୁଣିଲି । ଶ୍ରୀମତୀଙ୍କ ଉପଶମ ହେଲେ ସେ ଭୁବନେଶ୍ୱରରେ ଗୋଟିଏ କେନ୍ଦ୍ର ଖୋଲିବା ଲାଗି ଜମି ଦେବେ ବୋଲି କହିଛନ୍ତି ।

ପରିଛା ଟିକେ ଚିଡିଗଲା ପରି କହିଲେ, ତୁମେ କଣ ପ୍ରମାଣ ଚାହୁଁଛ ? ପାଖକୁ ଆସ, ଏଇଠି ପରୀକ୍ଷା କରି ନେଉ ନା? ପରିଛାଙ୍କ ମୁହଁରୁ କଥା ନ ସରୁଣୁ ସ୍ୱାମୀଜୀ ମୋତେ ଖଣ୍ଡିଏ କାଗଜରେ ମୋ ନାଁ ଓ ଜନ୍ମ ତାରିଖ ଲେଖିବାକୁ କହିଲେ । ପାଖରେ ତ କିଛି କାଗଜ ନ ଥିଲା, ପଡିଥିବା ଖବରକାଗଜ କଡରେ ମୁଁ ଲେଖି ଦେଲି । ତାନ୍ତ୍ରିକ ପାଖରେ ସେ କେତେ କଣ ଲେଖି ପକାଇଲେ । ମୁଁ ଲାଞ୍ଜ କି ମୁଣ୍ଡ କିଛି ପଢିପାରିଲି ନାହିଁ । କୋଉ ଭାଷାରେ ସେ ଲେଖିଥିଲେ କେଜାଣି ? ଗୋଟିଏ ଦୁଇଟା ହିନ୍ଦୀ ଅକ୍ଷର ସାଙ୍ଗକୁ ଦୁଇ ଚାରିଟା ଇଂରାଜୀ ଅକ୍ଷର ତ ଗୁଡାଏ ଗାର ଟଣା ହେଲା । ସ୍ୱାମୀଜୀ ମୋ ଭ୍ରୂକୁଞ୍ଚନକୁ ଲକ୍ଷ୍ୟ କରି କହିଲେ, ସେ ଠାରରେ ଲେଖିଛନ୍ତି, ସିଏ ହିଁ ପଢିପାରିବେ, ବଡ ବଡ ତନ୍ତ୍ର ସାଧକମାନେ ବି ପଢିପାରିବେ । ଏ ଏକ ମନ୍ତ୍ର, ତୁମେ ଦେହର ଯେ କୌଣସିଠାରେ କାଗଜଟିକୁ ଚାପିଧର, ମନ୍ତ୍ରର ଶକ୍ତି ଦେଖିବ ।

ମୁଁ ଆଚମ୍ବିତ ହୋଇଗଲି, କାନ୍ଧ ଉପରେ ରଖିଲି ତ କାନ୍ଧ ଗରମ ଲାଗିଲା । କାଗଜରୁ ଉଷ୍ଣତା ବେଶ୍ ବାହାରୁ ଥିଲା । ସ୍ୱାମୀ ପ୍ରାନ୍ଦାୟୀ ଅଭୂତାନନ୍ଦ ମୋ ବେକ ପଛ ଆଡେ ତାଙ୍କ ଡାହାଣ ପାପୁଲି ଚଳାଇ ଦେଲେ, ଆଉଁସିଲା ଭଳି ଲାଗିଲା । ମୁଁ ବେକ ପାଖକୁ କାଗଜଖଣ୍ଡକ ନେଇଥିବା ସେ ସମ୍ଭବତଃ ଲକ୍ଷ୍ୟ କରିଥିବେ । ନ ହେଲେ ବେକରେ କାହିଁକି ଛୁଇଁଥାନ୍ତେ ? ଗାଡିରେ ବସି ବସି ବେକଟାରେ ଅସ୍ୱସ୍ତି ଅନୁଭବ କରୁଥିଲି, ତାଙ୍କ ହାତ ସ୍ପର୍ଶରେ ସବୁ ଅସ୍ୱସ୍ତି ଉଭେଇଗଲା । ବନ୍ଧୁପତ୍ନୀଙ୍କ ଅବସ୍ଥା ଦେଖି ମୁଁ ତ ପଳାଇ ଯାଇ ପାରୁ ନାହିଁ । ରାତି ୧୦ ହେଲାଣି । ସେ କଣ କଲେ କେଜାଣି, ମୁଁ ନୂଆ ଶକ୍ତି ପାଇଲି । ସବୁ କ୍ଳାନ୍ତି ଦୂର ହୋଇଗଲା ।

ମୋର ସନ୍ଦେହାତ୍ମକ ମନ ଟିକିଏ ଶାନ୍ତି ପାଇଲା । ଯାହା ହେଉ, ଶ୍ରୀମତୀ ପରିଛାଙ୍କ ଭାଗ୍ୟ ବଡ ଟାଣ । ସ୍ୱାମୀ ପ୍ରାନ୍ଦାୟୀ ଅଭୂତାନନ୍ଦଙ୍କ ହାତରେ ଭଲ ହୋଇଯାନ୍ତୁ, ମୋର ବି ଏହି ପ୍ରାର୍ଥନା ।

ବନ୍ଧୁ ପରିଛା ବି ବିଶ୍ୱାସ କରନ୍ତି, ସ୍ୱାମୀ ପ୍ରାନ୍ଦାୟୀ ଅଭୂତାନନ୍ଦ ଆସିବା ପରଠାରୁ ଶ୍ରୀମତୀଙ୍କ ଯନ୍ତ୍ରଣା କମି ଯାଇଛି, ସେ ବିନା ନିଷ୍ଚେତକରେ ଶୋଉଛନ୍ତି ।

ମୋ ଦୁଷ୍ଚିନ୍ତାରେ ପୂର୍ଣ୍ଣଛେଦ ପଡିଲା । ଯାହାହେଉ ଆଶାର ଆଲୋକ ନେଇ ଫେରି ଯିବି ମୋ କର୍ମସ୍ଥଳିକୁ । ଗୋଆକୁ ।

କୋଙ୍କଣ ରେଲ୍‌ୱେ । ଆଧୁନିକ ବୈଷୟିକ ବିଦ୍ୟାର ପରାକାଷ୍ଠାର ଏକ ପରିପ୍ରକାଶ । ସ୍ୱାମୀଜୀ ଆସି ନ ଥିଲେ ଶ୍ରୀମତୀ ବଞ୍ଚି ନ ଥାନ୍ତେ, ବନ୍ଧୁଙ୍କର ଏ ଉକ୍ତି ମୋ କାନରେ ଗୁଣୁ ଗୁଣୁ ହେଉଥାଏ ।

କୋଙ୍କଣ ରେଲ୍‌ପଥ ଏକ ସୁଦୃଶ୍ୟ ଯାତ୍ରା । ମନର ଅବସାଦ ମେଣ୍ଟାଏ । କିନ୍ତୁ ମୋ ଚିନ୍ତା ବାଟଯାକ, ସ୍ୱାମୀଜୀ ଏ ଶକ୍ତି କିପରି ହାସଲ କଲେ । ସମ୍ଭବତଃ ମନ୍ତ୍ର ଶକ୍ତି ବୋଲି କିଛି ଥାଇପାରେ । ପୁଣି ସଂଦେହ । ମନ୍ତ୍ର ତ ମଣିଷ ତିଆରି । ମଣିଷ ପୁଣି ପ୍ରକୃତି ବିରୋଧରେ ! ମନେ ମନେ ଆଷ୍ଚର୍ଯ୍ୟ ହେଉଥିଲି ।

କୋଙ୍କଣ ରେଲ୍‌ୱେରେ ଗାଡି କେତେ ଲମ୍ବ ଲମ୍ବ ସୁଡଙ୍ଗ ଭିତରେ, କେତେ ଉଚ୍ଚ ଉଚ୍ଚ ପୋଲ, ନଦୀ ଉପରେ, ରାସ୍ତା ଉପରେ, ଯାଇଛି । ଲୁହା ଧାରଣା ସହ ଲୁହା ଚକର ସଂଘର୍ଷ ବେଶ୍ ସଙ୍ଗୀତ ସୃଷ୍ଟି କରେ । ରତ୍ନଗିରି ଜିଲ୍ଲାର ୬.୫ କିଲୋମିଟର କାର୍‌ବୁଦେ ଟନେଲ୍‌ର ଅନ୍ଧକାର ଭିତରେ, ଆଉ ପନ୍‌ୱାଲ୍ ନଦୀ ଉପତ୍ୟକାର ୬୪ ମିଟର ଉଚ୍ଚ ପୋଲ, କୁତବ୍ ମିନାର୍‌ଠାରୁ ବି ଉଚ୍ଚ, ମୁଣ୍ଡବୁଲାଣିଆ ଉଚ୍ଚତାରେ ଗାଡି ଚାଲିଲା ବେଳେ ଡର ଆସେ ଯଦି ଟ୍ରେନ୍ ଲାଇନ୍‌ରୁ ଖସିପଡେ ! ଏ ଡରରୁ ଆସେ ବନ୍ଧୁପତ୍ନୀଙ୍କ ରୋଗର ଡର ।

ଯେତେବେଳେ ଅତି ଶିକ୍ଷିତ ଡାକ୍ତର କହେ ବଞ୍ଚିବାର ଆଶା ନାହିଁ, ସେତେବେଳେ ଆଶା କରିବାର ଅନ୍ୟ କିଛି ଉପାୟ ଖୋଜିବାକୁ ପଡେ । କିଛି ଉପାୟ ଥିବ ନିଷ୍ଚୟ । ବନ୍ଧୁ ପରିଛା ନିଜେ ତନ୍ତ୍ର ସାଧକ ଭାବେ ଓଡିଶା ବାହାରେ ବି ପରିଚିତ, ସେ ପୁଣି କହୁଛନ୍ତି ସ୍ୱାମୀଜୀ ଆସି ନ ଥିଲେ ତାଙ୍କ ଶ୍ରୀମତୀ ଯାଇ ସାରନ୍ତେଣି । କର୍କଟ ରୋଗରେ ନ ଯାଇଥିଲେ, ଅନ୍ତତଃ ନିରାଶା କାରଣରୁ । ଟାଟା ମେମୋରିଆଲ୍‌ର ଡାକ୍ତରଙ୍କ ଅନୁଯାୟୀ ଯକୃତକର୍କଟ ପାଇଁ ଔଷଧ କି ଅପରେସନ୍ କିଛି କାମ କରୁନାହିଁ । ପ୍ରକୃତିର ସର୍ବଶ୍ରେଷ୍ଠ ଫିଲ୍‌ଟର୍ ହେଉଛି ଯକୃତ । କେମୋଥେରାପି ବେଶି ଖରାପ କରିବ, ତାକୁ ଛାଣି ଖରାପ ତ୍ୟାଜ୍ୟ କେମିକାଲ୍ ଦେହରୁ ବାହାର କରିବା କାମ ଯକୃତ କରିବ ନାହିଁ । ପୁଣି କେମୋଥେରାପିର କଷ୍ଟ କେବଳ ଭୁକ୍ତଭୋଗୀ ହିଁ ଜାଣେ । ପ୍ରଥମବାର

କେମୋଥେରାପି ନେଇ ସେ ତାଙ୍କର ଗୋଛା ଗୋଛା ସୁନ୍ଦର ବାଳକୁ କଳା ଝୋଟବିଡା ଭଳି ହରାଇଛନ୍ତି । ସେଥିଲାଗି ଡର ନାହିଁ, ଡର ମରଣକୁ । ଶେଷରେ ହର୍ମୋନ୍ ଚିକିତ୍ସା, ବାଆକୁ ବତା ।

ପର ଦିନ ଦଶଟା ବେଳେ ଘରେ ପହଞ୍ଚି ପହଞ୍ଚିଛି ବୋଲି ବନ୍ଧୁ ପରିଛାଙ୍କୁ ଜଣାଇବାକୁ ଫୋନ୍ କଲି । କେହି ଧରିଲେ ନାହିଁ । କିଛି ସମୟ ପରେ ଫୋନ୍ କରିବି ବୋଲି ରଖିଦେଲି ।

ସନ୍ଧ୍ୟାବେଳେ ବି ସେ କେବିନ୍‌ର ଫୋନ୍ କେହି ଉଠାଇଲେ ନାହିଁ । ଖାଲି ବାଜିଲା । ବନ୍ଧୁପତ୍ନୀଙ୍କ ସ୍ୱାସ୍ଥ୍ୟ ଜାଣିବା ଲାଗି ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଫୋନ୍ କଲି । ମୋର ଚିନ୍ତା ତାଙ୍କ ଉପରେ ପ୍ରଭାବ ପକାଇ ନ ଥିଲା । ଡାକ୍ତରସୁଲଭ ଅବିଚଳିତ ଚିତ୍ତରେ ସେ ଉତ୍ତର ଦେଲେ, ରୋଗୀ ସକାଳ ୬ଟାରେ ଶେଷ ନିଶ୍ୱାସ ତ୍ୟାଗ କଲେ ।

ସେ ଏପରି କହିଲେ, ସତେ ଯେପରି କିଛି ଅଘଟଣ ଘଟି ନାହିଁ ।

*****

## ବନ୍‌ସାଇ

ସୌନ୍ଦର୍ଯ୍ୟର ଉପାସକମାନେ ଏତେ ନିଷ୍ଠୁର ହୋଇପାରନ୍ତି, ମହେନ୍ଦ୍ର ନାୟକଙ୍କ ବନ୍‌ସାଇ ଉଦ୍ୟାନ ନ ଦେଖିଲା ପର୍ଯ୍ୟନ୍ତ ମୁଁ ଟିକେ ବି ଭାବିପାରି ନଥିଲି ।

ବନ୍‌ସାଇ ହେଉଛି ସମୟ ଓ ଆୟତନକୁ ସଙ୍କୁଚିତ କରିବାର ଗୋଟିଏ କାଇଦା, ମହେନ୍ଦ୍ର ମୋତେ ବୁଝାଇଥିଲା । ଆଠ ଦଶ ବର୍ଷରେ ଯେଉଁ ଗଛଟା ତିରିଶି ଚାଳିଶି ମିଟର କି ଷାଠିଏ ସତୁରି ଫୁଟ ହେବ ତାକୁ ଆମେ ଅଧ ମିଟର ଭିତରେ ରଖୁଛୁଁ ।

ଆଉ ବୟସର ପ୍ରଭାବ ? ମୁଁ ପଚାରିଲି ।

ହେଇ ଦେଖୁନାହାନ୍ତି ? ବରଗଛଥିବା ପାତ୍ରଟିଏ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରି ମହେନ୍ଦ୍ର ନାୟକ କହିଥିଲା । ଗଛର ଗୋଲେଇ ବଢିଚାଲିଛି । କିନ୍ତୁ ଉଚ୍ଚତା ନୁହେଁ ।

ବନ୍‌ସାଇ ଗୋଟିଏ କଳା । ଏଥିରେ ଖୁବ୍ ସୌନ୍ଦର୍ଯ୍ୟବୋଧ ଦରକାର । ଗଛର ବଢିବା ସଙ୍ଗେ ସଙ୍ଗେ ତାକୁ ପୋଷା ମନେଇବାର କୌଶଳ ଜଟିଳତର ହୋଇପଡେ ।

ପ୍ରତ୍ୟେକ ଗଛରେ ଗୁଡିଏ ଚେର ଥାଏ । ମୂଳ ଚେରରେ ଗଛର ଖାଦ୍ୟ ଚାହିଦାର ପ୍ରାୟ ପଞ୍ଚାନବେ ଶତାଂଶ ଶୋଷି ହୋଇ ଆସେ । ସେ ଚେରଟାକୁ କାଟି ଦେଲେ ଗଛର ବୃଦ୍ଧିହାର ହ୍ରାସ ପାଏ । ଗଛ ମୋଟା ହେବା କମିଯାଏ, ଉଚ୍ଚତା ତ ମଣିଷ କାଟି ଦେଇ ପାରିବ । ନ ହେଲେ ଅଗଟାକୁ ବଙ୍କେଇ ଟଙ୍କେଇ, ଦରକାର ପଡିଲେ ତାରରେ ଗୁଡାଇ ଧରି, ଉଚ୍ଚତାକୁ କମାଇ ହେବ । ଅସଲ କଥା ଖାଦ୍ୟ କମ୍ ମିଳିଲେ ବୃଦ୍ଧି କମିଯିବ । ତା'ପରେ କେତେ ଗୁଡିଏ ଶାଖା ପ୍ରଶାଖା କାଟି ଦେଲେ ଖାଦ୍ୟର ଚାହିଦା ବି କମିଯିବ ।

ବନ୍‌ସାଇର ଏ ତତ୍ତ୍ୱ ବୁଝାଇବାକୁ ଯାଇ ମହେନ୍ଦ୍ର କହିଥିଲା, ଆପଣ ଜାଣିଥିବେ, ଗଛର ଗଣ୍ଡିକୁ କାଟି ଦେଲେ ଯେଉଁ ବୃତ୍ତାକାର ଚକଡା ବାହାରେ ତାହା ଗଛର ବୟସ ଜଣାଏ । କେବଳ ବୟସ ନୁହେଁ, କେଉଁ ବର୍ଷ ପ୍ରଚୁର ଖାଦ୍ୟ ମିଳିଥିଲା, କେଉଁ ବର୍ଷ ଅନାବୃଷ୍ଟି ହୋଇଥିଲା, ତାହା ଜଣାଏ । ଅନାବୃଷ୍ଟିରେ ଗଛ ଭଲ ବଢିପାରେ ନାହିଁ । ଆମେରିକାରେ ବୁଢା ଓକ୍ ଗଛ ପାଞ୍ଚ ହଜାର ବର୍ଷର ପୃଥିବୀ ଇତିହାସ କହୁଛି । ଏ କଥା ତ ଆପଣ ଜାଣିଛନ୍ତି । ଆପଣଙ୍କୁ ମୁଁ ବୁଝାଇବି କଣ ?

ମହେନ୍ଦ୍ର ତାହାର ସାଧାରଣ ଜ୍ଞାନକୁ ଅସାଧାରଣ ରୂପରେ ଉପସ୍ଥାପନ କରି ମୋତେ ମୁଗ୍ଧ କରିବାକୁ ଚାହୁଁଥିଲା ।

ବନ୍‌ସାଇ କ୍ଷେତ୍ରରେ ଆମେ ଦୁର୍ଭିକ୍ଷ ଓ ପ୍ରଚୁରତାର ଆବହାଓ୍ୱା ତିଆରି କରିଥାଉଁ । ଏ ଥିଲା ମହେନ୍ଦ୍ରର ଲେକ୍‌ଚରର ସାରାଂଶ ।

ଏମିତି କେତେ କଥା ମନେ ପଡିଲା । ଦଶ ବର୍ଷ ବିତି ଗଲାଣି । ମୋତେ ଯେତେ ବନ୍‌ସାଇ ଦେଇଥିଲା ସବୁ ବେଢଙ୍ଗିଆ ହୋଇ ଗଲାଣି। ଦିଲ୍ଲୀରେ କୁଣ୍ଡ ଦେଖିବାକୁ ବେଳ କାହିଁ ? ଘର କାମ କରିବାକୁ ତ ଅର୍ଦ୍ଦଳି ନିଅଣ୍ଟ, ଯଦି ବା କେହି ବସି ରହିଛି ବୋଲି ମନେ ହେଲା ସେ ବଗିଚାରେ କାମ କରିବାକୁ ନାରାଜ । କହିବ କାହିଁକି ଅପମାନିତ ହେବ କାହିଁକି ?

ଏବେ ଭୁବନେଶ୍ୱର ପୋଷ୍ଟିଙ୍ଗ୍ ପାଇ ମୁଁ ଫେରି ଆସିଛି । ବନ୍‌ସାଇ ସଂଗ୍ରହ ପାଇଁ ମୋ ନାଁ ବେଶ୍ ଜଣାଶୁଣା । କେବଳ ଭୁବନେଶ୍ୱରରେ ଲୋକଙ୍କ ଭିତରେ ବା ଅଫିସର୍ ମହଲରେ ନୁହେଁ, ସମ୍ବାଦପତ୍ରମାନଙ୍କ ଯୋଗୁଁ ଓଡିଶା ବାହାରେ । ଅବଶ୍ୟ କେତେକ ଖଳ ଲୋକେ ଅପପ୍ରଚାର ବି କରିଛନ୍ତି, ସରକାରୀ କଳର ଅପବ୍ୟବହାର କରି ନ ଥିଲେ ମୁଁ ଏତେ ବଡ କଲେକ୍‌ସନ୍‌ଟିଏ କରି ପାରିନଥାନ୍ତି । ଗୋଟିଏ କାଗଜ ଲେଖିଲା, ନିଜେ ନିଜେ ଥରେ କରି ଦେଖାନ୍ତୁ ତ !

କେତେ ଆଡୁ ଯେ ମୁଁ ବନ୍‌ସାଇ ଗଛଲତାମାନଙ୍କୁ ଯୋଗାଡ କରି ଆଣିଛି ସେମାନେ ଜାଣିଲେ କୁଆଡୁ ? ଅବଶ୍ୟ ମୁଁ ମହେନ୍ଦ୍ର ପ୍ରତି କୃତଜ୍ଞତା ପ୍ରକାଶ ନ କରିବା ମୋର କୃତଘ୍ନତା ହେବ ।

ଦିଲ୍ଲୀରେ ବେଳ ନ ଥିବାକୁ ଯୋଗାଡ କରିବାର ସମୟ ବି ନ ଥିଲା । ଯେତେ କିଛି ବଢାଇଲି ପ୍ରାୟ ସେତିକି ହରାଇଲି । ଯତ୍ନ ଅଭାବରୁ। ଭୁବନେଶ୍ୱର ଭଳି ସହର ମୋର କ୍ରୀଡାସ୍ଥଳୀ । ପୁଣି ବନ୍‌ସାଇ ବଗିଚା ତିଆରି କରି ନେବି ।

ସମସ୍ତଙ୍କୁ ପଚାରିଗଲି । ମୋର ବ୍ୟକ୍ତିଗତ କର୍ମଚାରୀମାନଙ୍କୁ ଖୋଜିବାରେ ଲଗାଇ ଦେଲି । ଚିହ୍ନାପରିଚ ସବୁ ଲୋକଙ୍କୁ ପଚାରିଗଲି । ତିନି ମାସ ଲାଗିଗଲା : ଜାଣିଲି ସେ ଗୋଟିଏ ଜଙ୍ଗଲସୁରକ୍ଷା ଆନ୍ଦୋଳନରେ ଭାଗ ନେଇ ଭଞ୍ଜନଗର ରେଞ୍ଜରର ଗୁଳିରେ ଗୁରୁତର ଆହତ ହୋଇ ଥିଲା । ମରୁ ମରୁ ବଞ୍ଚିଗଲା । ତା ନାମରେ ମିଥ୍ୟାରେ ହୋଇଥିବା ଚୋରାକାଠ ବ୍ୟବସାୟ କେଶ୍‌ରୁ ବି ସେ ଉଦ୍ଧାର ପାଇଲା । ତା ପରେ କେହି କହିପାରିଲେ ନାହିଁ । କିଛି ଦିନ ବିତିଗଲା । ମୁଁ ଖବର ପାଇଲି ମହେନ୍ଦ୍ର ବର୍ତ୍ତମାନ ହରଦ୍ୱାରରେ । କୌଣସି ଗୋଟିଏ ଆଶ୍ରମରେ ଅନ୍ତେବାସୀ।

ଏତେ ଭଲ ବନ୍‌ସାଇକଳାବିଦ୍ କାହିଁକି ତା ବ୍ୟବସାୟ ଛାଡି ସନ୍ନ୍ୟାସ ଗ୍ରହଣ କଲା ଜାଣିବାକୁ ବଡ ଉତ୍ସୁକ ହୋଇ ପଡିଥିଲି । ପରବର୍ତ୍ତୀ ଦିଲ୍ଲୀ ଗସ୍ତ କାଳରେ ମୁଁ ଚାଲିଗଲି ହରଦ୍ୱାର ।

ହରଦ୍ୱାରରେ ସାଧୁମାନଙ୍କ ଆଡା । କାହାରି ନାମ କେହି ଜାଣି ନାହିଁ । କେବଳ ଅମୁକ ସ୍ୱାମୀ ବା ଆନନ୍ଦ ନାମରେ ସେମାନେ ଚିହ୍ନିତ । ଥରେ ଘରସଂସାର ତ୍ୟାଗ କଲେ ଆଉ ପରିବାରର ନାମଟା ରଖି ଲାଭ କଣ ? ଘରୁ ମିଳିଥିବା ନାମ ଘର ଆଡକୁ ଟାଣି ନେବ । ସଂସାର ଜଞ୍ଜାଳରୁ ମୁକ୍ତି ମିଳିବାର ପ୍ରଥମ ସୋପାନ ହେଲା ନାମ ପରିବର୍ତ୍ତନ । ଜଣେ ନୂଆ

ମଣିଷ ହେବା ।

ହରଦ୍ୱାରରେ ପହଞ୍ଚିଲା ବେଳଠୁଁ ଯେଉଁ ସାଧୁ ସନ୍ଥଙ୍କୁ ମୁଁ ଭେଟିଲି ପଚାରୁଥିଲି ଓଡିଶାରୁ ଆସିଥିବା ଜଣେ ଭକ୍ତକୁ ମୁଁ ଖୋଜୁଛି । ସେ ଅବଶ୍ୟ ମହେନ୍ଦ୍ରାନନ୍ଦ ବା ମହେନ୍ଦ୍ରସ୍ୱାମୀ ହୋଇ ନ ଥିବ, ତେଣୁ ନାଁ କହୁ ନ ଥିଲି । ମହେନ୍ଦ୍ରର ଚେହେରା ବର୍ଣ୍ଣନା କରୁଥିଲି । ଦୁଇଟି ଅସୁବିଧାରେ ପଡିଲି । ହରଦ୍ୱାରରେ ତାଙ୍କର ବେଶି ଦିନ ରହଣି ହୋଇ ନ ଥିବାରୁ ସେ କୌଣସି ବଡ ସନ୍ଥଙ୍କ ଆଶ୍ରମରେ ମୁଖ୍ୟ ସ୍ଥାନ ପାଇ ନ ଥିବ । ତେଣୁ ଛୋଟ ଛୋଟ ସାଧୁଙ୍କ ପାଖରେ ଖୋଜିବା ଉଚିତ ହେବ । ଆଉ ଗୋଟିଏ ଅସୁବିଧା ଯେ କିଛି ଦିନ ହରଦ୍ୱାରର ଆବହାଓ୍ୱାରେ ରହିଗଲେ ଚେହେରା ବଦଳି ଯାଇଥିବ । ସାତ୍ତ୍ୱିକ ଚଳଣିର ପ୍ରଭାବ ଭିନ୍ନ । ଭଲ ହେବ ଯଦି ମୁଁ କ୍ରମାନ୍ୱୟରେ ଗୋଟିଏ ଧୂନିରୁ ଆଉ ଗୋଟିଏ ଧୂନିକୁ ଯାଏ ।

ଦୈବାତ୍ ଜନୈକ ଓଡିଆ ସାଧୁଙ୍କ ଦର୍ଶନ ମିଳିଗଲା । ନାମ ଅଜେୟାନନ୍ଦ । ସେ ମୋର ଅନୁସନ୍ଧିତ୍ସାର କାରଣ ପଚାରିଲେ । ମୁଁ ତାଙ୍କୁ ମୋର ଋଣ ଶୁଝାଇବା ଲାଗି ଖୋଜୁଛି ବୋଲି ବୁଝାଇଲି । ତାର ଚେହେରା ବର୍ଣ୍ଣନାରେ ଅଜେୟାନନ୍ଦ ମହାଶୟ କିଛି ଠାବ କରିପାରିଲେ ନାହିଁ । କିନ୍ତୁ ଯେଉଁଠି ଯେଉଁଠି ଓଡିଶାର ସନ୍ନ୍ୟାସୀମାନେ ରହନ୍ତି ସେ ପ୍ରାୟ ଜାଣନ୍ତି ।

ଅଜେୟାନନ୍ଦଜୀ କହିଲେ, ହରଦ୍ୱାରକୁ ଯିଏ ଆସନ୍ତି ସାଧୁ ହୋଇ ବସି ଯାଆନ୍ତି ନାହିଁ । କେତେକ ମଧ୍ୟ ଘର ଦ୍ୱାର କରି ରହିଯାନ୍ତି । ଆଉ କେତେକ ଦେଶୀୟ ଲୋକଙ୍କ ପ୍ରରୋଚନାରେ ନିଜ ପ୍ରଦେଶକୁ ଫେରି ଯାଇ ଆଶ୍ରମ ଗଢନ୍ତି । ଯଦି ଆପଣଙ୍କର ମହେନ୍ଦ୍ର ଏପରି କିଛି କରିଥାନ୍ତି, ତେବେ ତ ତାକୁ ପାଇବା ମୁସ୍କିଲ୍ ।

ପ୍ରଥମ ଦିନଟା ଏମିତି ଖୋଜାଖୋଜିରେ ବିତିଗଲା । ମହେନ୍ଦ୍ରକୁ ଠାବ କରି ହେଲା ନାହିଁ । ଉତ୍ତର ପ୍ରଦେଶ ସରକାରଙ୍କ ଜନୈକ ଅଫିସରଙ୍କ ଦେଖା ହୋଇଗଲା । ସେ ମୋର ପାଗଳାମିକୁ ଥଟା କଲେ । ସରକାରୀ କାମ ଛାଡି ଏଥିରେ ମାତିଛ କାହିଁକି ବୋଲି ପ୍ରଶ୍ନ କଲେ । ମୋର ବି ମନେ ପଡିଗଲା, ସରକାରୀ କାର୍ଯ୍ୟରୁ ବେଶି ଦିନ ବାହାରେ ରହି ହେବ ନାହିଁ । ଠିକ୍ କରିଥିଲି ପରଦିନ ଅପରାହ୍ନରେ ଉକ୍ତ ଅଫିସରଙ୍କ ଗାଡିରେ ଦିଲ୍ଲୀ ଫେରି ଆସିବି । ଅଜେୟାନନ୍ଦଙ୍କ ଆଶ୍ରମରେ ମୁଁ ରାତ୍ରି ବିତାଇଲି । ପର ଦିନ ସକାଳୁ ଗଙ୍ଗା ଘାଟରେ ଧୂଆଧୂଇ ହେଉଛି ମୋତେ ଓଡିଆ କଥାବାର୍ତ୍ତା ଶୁଭିଲା । ଅଷ୍ଟବକ୍ର ଭଳି ଗୋଟିଏ ପିଲା ସହ ଜଣେ ଶ୍ମଶ୍ରୁଧାରୀ ବୟସ୍କ କଥା ହେଉଛି ।

ମୁଁ ଟିକେ ପାଖେଇଲି । ବେଶ୍ ଓଡିଆରେ କଥା । ତୁମେ କିଏ କୋଉଠୁ ଆସିଛ ପ୍ରଶ୍ନ କଲା କ୍ଷଣି ବୟସ୍କଜଣକ ହିନ୍ଦୀରେ କହିବା ଆରମ୍ଭ କରିଦେଲା । ସେ ଓଡିଆ ବୋଲି ପରିଚିତ ହେବାକୁ ଚାହୁଁ ନ ଥିଲା । ମୁଁ ଓଡିଆରେ କହୁଥିବା ସତ୍ତ୍ୱେ ସେ ହିନ୍ଦୀ କହି ଚାଲିଲା । ମୋର ସନ୍ଦେହ ହେଲା ଲୋକଟିର ସ୍ୱର, କହିବାର ଭଙ୍ଗୀ ମହେନ୍ଦ୍ର ଭଳି ।

ସେ ଯଦି ମହେନ୍ଦ୍ର ହୋଇଥିବ ସମ୍ଭବତଃ ସେ ମୋତେ ଚିହ୍ନି ସାରିଥିବ । ତଥାପି ମୁଁ

ମୋର ପରିଚୟ ଦେଇ, ତାକୁ ମହେନ୍ଦ୍ର ବୋଲି ସମ୍ବୋଧନ କଲାବେଳକୁ ସେ ପଳାଇ ଯିବାକୁ ଚାହିଁଲା । ମୁଁ ବହୁତ ସାନ୍ତ୍ୱନା ଦେଲି । ତା'ର ଅନିଷ୍ଟ କରିବା ଲାଗି ଆସି ନାହିଁ, କି ତାକୁ ଓଡିଶା ଫେରାଇ ନେବାକୁ ଆସି ନାହିଁ । କେବଳ ଏତିକି ଜାଣିବାକୁ ଆସିଛି ସେ କାହିଁକି ତା'ର ଏତେ ବଡ ବନ୍‌ସାଇ ବ୍ୟବସାୟଟା ଛାଡି ଏଠିକି ପଳାଇ ଆସିଲା ।

ତୁମକୁ କଣ କେହି ଏ ବିଷୟରେ ସୁରାକ ଦେଇ ନାହିଁ ? ସେ ଓଲଟା ମୋତେ ପ୍ରଶ୍ନ କରି ଛୁଆଟିକୁ କୋଳ କରି ଭୋ ଭୋ କରି କାନ୍ଦି ପକାଇଲା । କାନ୍ଦଣା ଭିତରେ ମୁଁ ଶୁଣିଲି ବିକଳାଙ୍ଗ ପିଲାଟି ତା'ର ଏକମାତ୍ର ପିଲା । ବର୍ଷକର ହୋଇଥାଏ, ଚୋରି ହୋଇଗଲା । ଘର ସାମନାରୁ ପିଲାଚୋରମାନେ ଉଠାଇ ନେଲେ । ଦୁଇବର୍ଷଯାଏ ପିଲାକୁ ପାଇଲା ନାହିଁ ।

'ପୋଲିସ୍ ପଛରେ ଯେତେ ଲାଗିଲି କିଛି ସୁରାକ ପାଇଲି ନାହିଁ । ଲୋକେ କହିଲେ ପିଲା ବଡ ହୋଇଥିଲେ କିଡ୍‌ନି ଚୋର ପାଲରେ ପଡିଥାନ୍ତା । ଏତେ ଛୋଟ ପିଲାଟା । ନିଶ୍ଚୟ କେହି ଭିକାରି ବା ହିଞ୍ଜଡା ନେଇ ଯାଇଛି ନିଜ ବ୍ୟବସାୟରେ ପୂରେଇବ ବୋଲି ।'

ଆରେ ପିଲାଟାକୁ ପାଇଲୁ କିପରି ? ପିଲାଟା ଏମିତି ହେଲା କିପରି ? ମୋର ଏଭଳି ପ୍ରଶ୍ନକୁ ଅପେକ୍ଷା ନ କରି ସେ କହିଗଲା । ତା ଘର ପାଖରେ ଯେଉଁ ଭିକାରି ଦଳ ଯା ଆସ କରନ୍ତି ସେମାନଙ୍କ ସନ୍ଧାନ ନେଲା । ସମସ୍ତେ ଯେପରି କୁଆଡେ ଉଭାନ୍ । ବର୍ଷେ ପରେ ଯେତେବେଳେ ମୁଁ ସେହି ଭିକାରି ଦଳକୁ ପୁଣି ପାଖ ଗାଁରେ ଠାବ କଲି ଜାଣିଲି ଯେ ଏମାନେ ମଝିରେ ମଝିରେ ଆସି ଏମିତି ପିଲା ଚୋରି କରନ୍ତି । ସେମାନଙ୍କ ଅଜାଣତରେ ମୁଁ ପୋଲିସ୍‌ର ସାହାଯ୍ୟରେ ଦଳକୁ ଧରିଲି । ପିଲା ଠାବ ନ ଦେଲା ଯାଏ ସେମାନେ ପୋଲିସ୍ ବନ୍ଦୀ ହୋଇ ରହିଲେ । ବେଶ୍ ମାଡ ଖାଇଲେ । ଖଲାସ୍ ହେବା ଲାଗି ଅନ୍ୟ ଭିକାରିମାନେ ଆସାମୀ ଭିକାରିକୁ ଚିହ୍ନେଇ ଦେଲେ । ତାକୁ ଧରି ପୋଲିସ୍ ହେପାଜତ୍‌ରେ ମୁଁ ମଧ୍ୟ ପ୍ରଦେଶର ରାଜନନ୍ଦଗାଓଁ ସହରର ଗୋଟିଏ ରାସ୍ତାରୁ ଭିକ ମାଗି ବସିଥିବା ଅବସ୍ଥାରେ ପୁଅକୁ ପାଇଲି । ତା'ର ହାତ ଗୋଡ ଭାଙ୍ଗି ବଙ୍କା ଟଙ୍କା କରି ଦେଇଛନ୍ତି । ବେକଟାକୁ ବଙ୍କେଇ ରଖିଛନ୍ତି । ସତେ ଯେପରି ପିଲାଟା ଆଉ ବଢି ପାରିବ ନାହିଁ । ବନ୍‌ସାଇ ହୋଇ ରହିଯିବ ।

ବନ୍‌ସାଇ ଶବ୍ଦ ଉଚ୍ଚାରଣ ମାତ୍ରେ ମହେନ୍ଦ୍ର ତା କୋହ ସମ୍ଭାଳି ପାରିଲା ନାହିଁ । ଭାଙ୍ଗି ପଡିଲା । ମୋ ଉପରେ ଭୁଶୁଡି ପଡିଲା । ହଠାତ୍ ମୁଁ ପଛକୁ ଠେଲିହୋଇଗଲି, ସଂଯତ ହୋଇ ଛାତିରେ ଆଉଜାଇ ଧରିଲି ।

ମୁଁ ଆଉ କିଛି ପଚାରିଲି ନାହିଁ । ଉତ୍ତର ପାଇଗଲି, ସେ କାହିଁକି ବନ୍‌ସାଇ ବ୍ୟବସାୟ ଛାଡିଛି । କାହିଁକି ହରଦ୍ୱାରରେ ରହିଛି ।

ମହେନ୍ଦ୍ରକୁ ତା'ର ପରିବେଶରେ ଛାଡି ଦେଇ ମୁହଁ ବୁଲାଉଥିବା ବେଳେ ଶୁଣିଲି ସେ କହୁଛି : ଗଛଲତାର ବି ଜୀବନ ଅଛି । ସେମାନଙ୍କ ଅଭିଶାପ ମୋ ଉପରେ ପଡିଛି ।

*****

# ଚରମ ଘରୋଇକରଣ : ସରକାର ଝଡିପଡିଲା

ଆ ମ ଜାନକୀପୁରୀ ରାଷ୍ଟ୍ରର ଇତିହାସରେ ଅମରୀଶଙ୍କ ଅମଳଟା ବେଶ୍ ପ୍ରସିଦ୍ଧ ହୋଇଯିବ । ଗୋର୍ବାଚୋଭ୍ ଯେପରି ଜଣେ ଯୁଗସ୍ରଷ୍ଟା, ଅମରୀଶ ସେହିପରି ଏକ ଯୁଗସ୍ରଷ୍ଟା । ଗୋର୍ବାଚୋଭ୍ ଦୁନିଆର ରୂପ ବଦଳାଇ ଦେଲେ, ଗଣତନ୍ତ୍ରର ସ୍ୱଭାବ ବଦଳାଇ ଦେଲେ, ଅମରୀଶ ସେହିଭଳି ସରକାରର ରୂପ ଓ ସ୍ୱଭାବ ବଦଳାଇ ଦେଉଛନ୍ତି । ଅମରୀଶଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ।

ଅବଶ୍ୟ ଚାରିଆଡେ ଘରୋଇକରଣର ହାୱା । ୧୯୯୦ ଦଶକ ପୂର୍ବରୁ ଯେଉଁ ଶବ୍ଦ ବ୍ୟବହାର କଲେ ଦେଶଦ୍ରୋହୀ କୁହାଯାଉ ଥିଲା, ଏବେ ତାହା ତାହା ସବୁଠାରୁ ଆଦରଣୀୟ ଶବ୍ଦ ହୋଇପଡିଛି: ପ୍ରାଇଭେଟାଇଜେସନ୍ । ରାଷ୍ଟ୍ର ପରିଚାଳନାର ବିଭିନ୍ନ ଅଙ୍ଗକୁ ଘରୋଇ କମ୍ପାନୀ ମାନଙ୍କ ହାତରେ ଟେକି ଦେବାରେ ଅମରୀଶ ପୃଥିବୀ ଇତିହାସରେ ନୂଆ ଅଧ୍ୟାୟ ଯୋଡି ପାରିଛନ୍ତି । ବାକି ରହିଛି କେବଳ ସରକାରୀ ମୁଖ୍ୟଙ୍କ ଦପ୍ତର ।

ଅନ୍ୟ କୌଣସି ଦେଶ ଯେ କିଛି କରିନାହାନ୍ତି ତାହା ନୁହେଁ, କିନ୍ତୁ ଅମରୀଶ ତାଙ୍କ ଦେଶ ଜାନକୀପୁରୀରେ ଘରୋଇକରଣ ବ୍ୟବସ୍ଥାକୁ ଯେତେ ଆଗେଇ ନେଇଛନ୍ତି, ଅନ୍ୟ କୌଣସି ଦେଶ ସେତେ ଦୂର ଯିବା ଭାବି ବି ପାରିନାହିଁ । ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଅଧ୍ୟକ୍ଷମାନେ ଜାନକୀପୁରୀର ରାଷ୍ଟ୍ରମୁଖ୍ୟଙ୍କ ପ୍ରଶଂସାରେ ଶତମୁଖ । ସବୁ ଦେଶରେ ଏ ଭଳି ନେତା ଦେଖା ଦେଲେ ପୃଥିବୀରେ ସ୍ୱର୍ଗ ଦେଖା ଦେବା ବେଶି ବିଳମ୍ବ ହେବ ନାହିଁ । ଧରାସ୍ୱର୍ଗ ଆଉ ବେଶି ଦୂର ରହିବ ନାହିଁ ।

ଯେଉଁ କାମ ଘରୋଇ ଉଦ୍ୟମରେ କଲେ ଲୋକଙ୍କୁ ବେଶି ସୁଫଳ ମିଳିବ ବା ଯେଉଁ କାମ ଲୋକେ ନିଜେ ବା ଘରୋଇ କମ୍ପାନୀ କଲେ ଦେଶର ଲାଭ ହେବ, କଡାଟିଏ ବି ରାଜକୋଷରୁ ଯିବ ନାହିଁ, ବରଂ ରାଜକୋଷରେ ବଳୁଥିବା ପଇସାରେ ଅନେକ ଜନହିତକର କାମ କରିହେବ । ଅମରୀଶଙ୍କ ସରକାର ଆସ୍ତେ ଆସ୍ତେ ମଉଳିଯାଉଛି । ସରକାରୀ କମ୍ପାନୀ ଆଉ ନାହିଁ, ଜବାହର ଲାଲ ନେହରୁ ଯାହାକୁ ଅର୍ଥନୀତିର କମାଣ୍ଡିଙ୍ଗ୍ ହାଇଟ୍ କହୁଥିଲେ ସେଗୁଡାକ କୋଉ ଦିନରୁ ବିକ୍ରି ହୋଇ ଗଲାଣି । ସେ ପଇସାରେ ଦେଶର ବିଜ୍ଞାନ ଓ କାରିଗରି ବିଦ୍ୟାରେ ବହୁତ ଉନ୍ନତି ହୋଇଛି ।

କେତେକ ଦେଶର ସରକାର ଲୋକଙ୍କୁ ଖୁସି କରିବା ଲାଗି ଘରୋଇକରଣକୁ କିଛି କିଛି ପାଣିଚିଆ କରି ଦେଇଛନ୍ତି । ଶ୍ରମିକମାନଙ୍କ ପରିବାରକୁ ଭୋଟବାକ୍ସ କରିଛନ୍ତି ।

ଯେପରି ଏ ବାକ୍ସଟି ତାଙ୍କ ଦଳ ଉପରେ ଓଜାଡି ହୋଇ ପଡିବ ସେଥିଲାଗି ରୁଗ୍ଣ ଶିଳ୍ପମାନଙ୍କୁ ଚାଲୁ ରଖିଛନ୍ତି । କିଛି କାମ କରୁ ନ କରୁ, ଶ୍ରମିକ ତ ଦରମା ପାଇବ, କୃତଜ୍ଞ ହୋଇ ଭୋଟ ଦେବ । ଏଥିଲାଗି ସରକାର ସବୁ ରୁଗ୍ଣ ଶିଳ୍ପକୁ କାଗଜକଲମରେ ଚଳାଇଛନ୍ତି । ଅବଶ୍ୟ ରୋଗୀସହ ଶେଯ ଦାନ କଲା ପରି କେତେକ ସରକାର କିଛି ରୁଗ୍ଣ ଶିଳ୍ପକୁ ନିଜ ବିରାଦରଙ୍କୁ ଧରାଇ ଦେଇଛନ୍ତି, ସେ ଶିଳ୍ପ ଉପରେ ଥିବା ବାକିବଟ୍‌କା ସବୁ ସରକାର ନିଜେ ବହନ କରିଛନ୍ତି। ଲୋକେ ପାଟତ କଲେ, ଅମରୀଶ ତା ପରିବାରର ଶାସନ ଚଳାଇଛି । କିନ୍ତୁ ବିଶ୍ୱ ବ୍ୟାଙ୍କ ହଁ କଲା ତ ସମସ୍ତେ ଚୁପ୍ । ବିଶ୍ୱ ବ୍ୟାଙ୍କ କହିଲା, ଏଥିରେ ବି ଲାଭ । ଅନ୍ତତଃ ଥରେ ସବୁ ଦେଇ ପକାଇ ସରକାର ତପ୍ତ ବୈତରଣୀ ପାର ହୋଇଗଲା । ନଚେତ୍ ସବୁ ବର୍ଷ ତ ରୁଗ୍ଣ ଶିଳ୍ପକୁ ଅମ୍ଳଜାନ ଯୋଗାଇବା ପାଇଁ ବେଶ୍ କିଛି ମୋଟା ଧନ ସରକାର ଖର୍ଚ୍ଚ କରିଥାନ୍ତା । ସରକାର ଯଦି କହିଲା ଶିଳ୍ପଟିକୁ ତାର ବେଙ୍କ୍ ଋଣ ବାବଦରେ ବା ସରକାରଙ୍କ ପ୍ରାପ୍ୟ ବାବଦରେ ୱାନ୍ ଟାଇମ୍ ସେଟ୍‌ଲମେଣ୍ଟରେ, ଏକା ଥରକେ, ଗୁଡାଏ ଟାଲିଯିବ, ତାକୁ ଭରଣା କରିବାକୁ ସରକାରର ଆୟ ନାହିଁ, ଏତେ ଟଙ୍କା ଦାନ କରିବାକୁ ରାଜକୋଷରେ ଅର୍ଥ ନାହିଁ, ବିଶ୍ୱବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି ଋଣ ଯୋଗାଇ ଦେବାକୁ ଦଉଡୁଛି । ଘିଅ ପିଇବାର ସୁଯୋଗ କେବଳ ଅନ୍ୟର ଧନରୁ ଆସିଥାଏ । ଋଣ ଶୁଝିବା ଲାଗି ଅଧିକ ଋଣ ଆଣ । କିଛିଦିନ ଧରି ବିରୋଧୀ ଦଳ ୱାର୍ଲ୍ଡ ବେଙ୍କର ଅର୍ଥକୁ ସବୁ ଅନର୍ଥର ମୂଳ ବୋଲି କହିହେଲେ, ଏବେ ଚୁପ୍ ହୋଇଗଲେଣି । ଯେଉଁ ଆଇଏମ୍‌ଏଫ୍ ବା ୱାର୍ଲ୍ଡ ବେଙ୍କ ବିଦେଶୀ ଅର୍ଥର ମୂଳ ସେ ତ ଅର୍ଥ ଦେବାକୁ ରାଜି । ବର୍ତ୍ତମାନର ଦୁଃଖ ମେଣ୍ଟିଗଲା । ଭବିଷ୍ୟତ ବଂଶଧରମାନେ ଋଣ ଶୁଝାଇବେ ତ ବର୍ତ୍ତମାନ ନେତାଙ୍କ କି ଚିନ୍ତା ! ବେଶ୍ ଖୁସିରେ ଦିନ କାଟୁଛନ୍ତି । ଯାବତ୍ ଜୀବେତ୍ ସୁଖମ୍ ଜୀବେତ୍ ।

ଜାନକୀପୁରୀ ରାଷ୍ଟ୍ରର ଶାସକ ଦଳ ଥର ଥର କରି ତିନି ଥର ସରକାର ଚଳାଇଲେଣି । ସରକାର ଚଳାଇବାରେ ଅମରୀଶ ଏତେ ପୋଖତ ହୋଇଗଲେଣି ଯେ ଏବେ ଏକ ଆନ୍ତଃଗ୍ରହ ରାଷ୍ଟ୍ରର ସରକାରୀ ପ୍ରତିନିଧି ଦଳ ତାଙ୍କ କାର୍ଯ୍ୟକଳାପ ଦେଖିବାକୁ ଆସୁଛନ୍ତି । ଏବେ ଏବେ ମଙ୍ଗଳଗ୍ରହର ଯମୁନୋତ୍ରୀ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ଆସି ଜାନକୀପୁରୀ ବୁଲି ଯାଇଛନ୍ତି । ଅମରୀଶଙ୍କୁ ମଧ୍ୟ ତାଙ୍କ ଦେଶକୁ ଯିବାକୁ ନିମନ୍ତ୍ରଣ କରିଛନ୍ତି। ଘରୋଇକରଣର ଆଦର୍ଶ ଓ ବ୍ୟବସ୍ଥା ବୁଝାଇବା ଲାଗି ଅମରୀଶଙ୍କ ଠିକା-ଅଫିସରମାନେ ଅନ୍ୟ ଗ୍ରହର ରାଷ୍ଟ୍ରମାନଙ୍କୁ ଡେପୁଟେସନରେ ଯାଉଛନ୍ତି ।

ଅନ୍ୟ ରାଷ୍ଟ୍ର ଓ ଜାନକୀପୁରୀ ଭିତରେ ତଫାତ୍ କେଉଁଠି ? ସମସ୍ତେ ବୁଝିବାକୁ ଆଗ୍ରହୀ । କିନ୍ତୁ ବୁଝିପାରୁ ନାହାନ୍ତି । ବ୍ୟବସ୍ଥାଗତ ସଂସ୍କାରର ଯେଉଁ ଦିଗଟା ପ୍ରତି ଅମରୀଶ ବେଶି ଯତ୍ନବାନ୍ ତା ପ୍ରତି ଅନ୍ୟମାନେ ଧ୍ୟାନ ଦେଉ ନାହାନ୍ତି । ଆଞ୍ଚଳିକ ପ୍ରଶାସନରେ ଘରୋଇ କରଣ ହୋଇ ଗଲାଣି । ମ୍ୟୁନିସିପାଲିଟି ଏବେ ଜଣେ ଲୋକର କର୍ତ୍ତୃତ୍ୱରେ । ଅନ୍ୟ

ସମସ୍ତେ ଠିକାରେ କାମ କରୁଛନ୍ତି, କର୍ତ୍ତୃତ୍ୱ ଜାହିର କରୁଥିବା ବ୍ୟକ୍ତି ମଧ୍ୟ ଠିକାରେ। ଘରୋଇକରଣର ବଡ ଚିହ୍ନ ହେଲା ଠିକା ବା କଣ୍ଟ୍ରାକ୍ଟ । ଏ କଣ ଆଗରୁ ନ ଥିଲା ? ମିଲିଟାରି ସଂସ୍ଥାମାନଙ୍କରେବିଶ୍ୱଯୁଦ୍ଧ ସମୟରୁ ଚାଲି ଆସିଛି । ଠିକା କାମରେ କେହି ସବୁ ଦିନିଆ କର୍ମଚାରୀ ହେବ ନାହିଁ । ସବୁ ଦିନିଆ ହେଲେ ତଡା ନ ଖାଇବାର ଅଧିକାର ଆସିଯିବ । ଉଦାରୀକରଣର 'ହାୟାର୍' ଆଉ 'ଫାୟାର' ନୀତି କାମ କରିବ ନାହିଁ । ଡର ରହିବ ନାହିଁ । ନିୟମିତ ନିଯୁକ୍ତି ଦାବି କରିବା ଲାଗି ଠିକା କର୍ମଚାରୀର ଅଧିକାର ନାହିଁ । ସେ କେବଳ କର୍ତ୍ତବ୍ୟ ସହିତ ପରିଚିତ, ଅଧିକାର ସହିତ ନୁହେଁ । ଅଧିକାର ହେଉଛି ମାଲିକର । ଯିଏ ପଇସା ଦେଲା ସେ ମାଲିକ ।

ନରସିଂହ ରାଓ ସେଦିନ କହିଲେ ପରା, ପ୍ରଧାନ ମନ୍ତ୍ରୀ ପବ୍ଲିକ୍ ସର୍ଭାଣ୍ଟ ନୁହନ୍ତି; ମାଲିକ ତ ନାହିଁ, ସର୍ଭାଣ୍ଟ ହେବେ କିପରି ? ସେ ନିଜେ ନିଜର ମାଲିକ । ନରସିଂହରାଓ ଘରୋଇକରଣର ପୁରୋଧାଃ, ସେ ଜାଣନ୍ତି ଘରୋଇକରଣ ମାନେ କଣ ! କେହି କାହାର ନୁହେଁ । ସମସ୍ତେ ନିଜ ପାଇଁ । ଲାଭ ହିଁ ସବୁ କାମର ମାପକାଠି । ସରକାର ବି ଗୋଟିଏ ବ୍ୟବସାୟ, ଗୋଟିଏ ଉଦ୍ୟୋଗ, ଗୋଟିଏ ଏଣ୍ଟରପ୍ରାଇଜ୍ । ଲାଭ କ୍ଷତି ହିସାବ ନ କରିବା, କଷ୍ଟ୍ ଏଫେକ୍ଟିଭ୍ କାମ ନ କରିବା ଯୁଗ ଚାଲିଗଲାଣି । ମାର୍କ୍ସବାଦର ତତ୍ତ୍ୱ ହେଲା, ଗୋଟିଏ ଧାରଣା ତାର ବିରୋଧି ଧାରଣାକୁ ଜନ୍ମ ଦିଏ ଏବଂ ଦୁହେଁ ମିଶି ଆଉ ଗୋଟିଏ ନୂଆ ଧାରଣା ତିଆରି କରନ୍ତି, ଏପରି ଭାବେ ଏକ ଚରମ ଧାରଣା ବା ପର୍ଯ୍ୟାୟ ଆସିବ ଯେତେବେଳେ ସରକାର ଆଉ ଦରକାର ହେବ ନାହିଁ, ରାଷ୍ଟ୍ର-ଧାରଣାର ସନ୍ତକ ତ ସରକାର ? ସେ'ଟା ଯେତେବେଳେ ରହିବ ନାହିଁ, ସେତେବେଳେ ରାଷ୍ଟ୍ର ବୋଲି ଯେଉଁ ଧାରଣା ସେ ବି ଉଭେଇ ଯିବ । ଷ୍ଟେଟ୍ ୱିଲ୍ ୱିଦର୍ ଆୱେ, ସ୍ୱର୍ଗ ଆସିଯିବ । ଇତିହାସ ହେଉଛି ଶ୍ରେଣୀ ସଂଘର୍ଷର ପ୍ରବାହ, ଶ୍ରେଣୀ ସଂଘର୍ଷ ତ ରହିବ ନାହିଁ, ଇତିହାସର ଅନ୍ତଃ ଆସିଯିବ । ଆଜିର ଉଦାର ଗଣତନ୍ତ୍ର ରୂପାନ୍ତରରେ ମାର୍କ୍ସବାଦ । ଚରମ ଉଦାରୀକରଣରେ ପ୍ରଥମେ ସରକାର, ପରେ ରାଷ୍ଟ୍ର, ଘରୋଇ ହୋଇଯିବ । ପରିଶେଷରେ ଷ୍ଟେଟ୍ ୱିଲ୍ ୱିଦର୍ ଆୱେ । ଅମରୀଶ ସେ ଦିଗରେ ସଫଳ ଯାତ୍ରୀ ।

ମାର୍କ୍ସ ତ ହାରିଗଲେ, ଅମରୀଶ ଜିତିବେ । ଉଦାର ଗଣତନ୍ତ୍ର ଏକ ମଧ୍ୟବର୍ତ୍ତୀ ପର୍ଯ୍ୟାୟ । ଉଦାର ଗଣତନ୍ତ୍ର ବେଶି ଦିନ ଚାଲିବ ନାହିଁ । ପ୍ରକୃତ ଗଣତନ୍ତ୍ର ଦିନେ ନା ଦିନେ ଆସିବ, ପ୍ରତ୍ୟେକେ ନିଜକୁ ନିଜେ ଚଳାଇବେ । ସମସ୍ତେ ଯଥାସାଧ୍ୟ ବ୍ୟବସାୟ କରିପାରିଲେ ତ ଗଣତନ୍ତ୍ର ଚାଲିବ ? ଫ୍ରମ୍ ଇଚ୍ ଆକର୍ଡିଂ ଟୁ ହିଜ୍ ଏବିଲିଟି ଟୁ ଇଚ୍ ଆକର୍ଡିଂ ଟୁ ହିଜ୍ ନିଡ୍ସ୍ । ଏବିଲିଟି ହେଲା ବ୍ୟବସାୟ କରିବାର ସାମର୍ଥ୍ୟ, ନିଡ୍ସ୍ ହେଲା ନିଜର ଲାଭ । ସମସ୍ତେ ସାମର୍ଥ୍ୟ ଅନୁଯାୟୀ ବ୍ୟବସାୟ କରିବେ, ସମସ୍ତେ ଦରକାର ଅନୁଯାୟୀ ଲାଭ ଉଠାଇବେ । ରାଷ୍ଟ୍ର ଏକ ଏଣ୍ଟରପ୍ରାଇଜ୍, ଏକ ଉଦ୍ୟୋଗ, ତାହା ବି ବ୍ୟକ୍ତିଗତ ମାଲିକାନାରେ

ଚାଲୁ। ମାଲିକ କିଏ ? ନେତା ! ତେଣୁ ନେତା ସବୁ କାମରେ ଠିକା ଦେବ : ଆଜି କାହାକୁ ରଖିଲା ତ ତାକୁ କାଲି ତଡି ଆଉ କାହାକୁ ରଖିବ । ଯିଏ ତା କଥା ରଖିବ, ତା ହିସାବ ଅନୁଯାୟୀ ଲାଭ ଦେଖାଇ ପାରିବ, ତାହାର ନିଯୁକ୍ତିକାଳ ହିଁ ବୃଦ୍ଧି ପାଇବ, ବାର ବାର ବୃଦ୍ଧି ପାଇବ ।

ଅମରୀଶଙ୍କର ବାହାଦୁରି ଯେ ସେ ଗଣତନ୍ତ୍ରର ପାଚେରି, ଖମ୍ବ, ମୂଳଦୁଆ ଓ ଛାତ, ଚାରୋଟି ଇଷ୍ଟେଟ୍‌କୁ ବି ଘରୋଇକରଣରେ ପକାଇ ଦେଇଛନ୍ତି । ଗ୍ରାମ ପଞ୍ଚାୟତ, ନଗରପାଳିକା, ଜିଲ୍ଲାପରିଷଦ ଏବଂ ଏବେ ବିଧାନ ସଭାର ସଦସ୍ୟ ପଦ ନିଲାମ ଦିଆଯାଉଛି । ଯିଏ ପ୍ରଥମ ଥର ଠିକାରେ ସଂସ୍ଥା ପାଇଁ ସର୍ବାଧିକ ଲାଭ ଉଠାଇବା ଡାକ ଦେଲା, ସେ ସଦସ୍ୟ ହେଲା । ଆରଥର ନିର୍ବାଚନରେ ସେ ପୁଣି ଡାକ ଦେବ, ତା ଇସ୍ତାହାରରେ। ଅନ୍ୟ ପ୍ରାର୍ଥୀଙ୍କଠାରୁ ବେଶି କାମ କରିବା ଓ କମ୍ ଟିକସ ବସାଇବା ପ୍ରସ୍ତାବ ତା ଇସ୍ତାହାରରେ ଥିଲେ ସେ ପୁଣି ସଦସ୍ୟ-ଠିକା ପାଇବ । ଲୋକେ କମ୍‌ରୁ କମ୍ କର ଦେବେ, ଅଥଚ ରାଷ୍ଟ୍ରକୋଷରେ ବେଶିରୁ ବେଶି ଟଙ୍କା ଜମିବ, ଗରିବଙ୍କ ପାଇଁ ସେତେ ବେଶି ପରିମାଣର ସେବା ଯୋଗାଇହେବ । ପ୍ରତି ନିଲାମ ବା ନିର୍ବାଚନରେ କେତେ ବେଶି ଟଙ୍କା ସଂସ୍ଥା ବା ସରକାରର କୋଷକୁ ଆସିଲା ତା ହେବ ଉଦାରୀକରଣର ଲାଭର ମାପକାଠି । ସେତକ ଆଖିଦୃଶିଆ ମାପ, ଆଖିବୁଜା ମାପ ଅନେକେ ଜାଣନ୍ତି ନାହିଁ। ଯେଉଁମାନେ ମୁଖ୍ୟଙ୍କୁ କମ୍ ଟଙ୍କା ଦେଲେ ସେମାନେ ଆଉ ଥରେ ପ୍ରତିନିଧି ହୋଇ ପାରିଲେ ନାହିଁ । ଯିଏ ଗତଥରଠାରୁ ଏଥର ବେଶି ଟଙ୍କା ଆଦାୟ ଦେଲା ସେ ପୁନଃ ପ୍ରତିନିଧି ପଦରେ ନିଯୁକ୍ତି ପାଇଲା । ଅମରୀଶ କେବଳ କେତୋଟି ଆଇନ ପାସ୍ ହେଲା ତା ଉପରେ ବିଧାୟକମାନଙ୍କ ଦକ୍ଷତା ମାପେ ନାହିଁ, କେଉଁ ବିଧେୟକ ପାସ୍ କଲେ ରାଷ୍ଟ୍ରର ଲାଭ ହେବ ଏବଂ ରାଷ୍ଟ୍ରର ମାଲିକ ଅର୍ଥାତ୍ ଅମରୀଶଙ୍କ ଲାଭ ହେବ, ତାହାହିଁ ଠିକା ନେଇଥିବା ପ୍ରତିନିଧିର ସଫଳତାର ମାପକାଠି । ଦେଶ ଆଗରେ ବର୍ଷ ଶେଷକୁ ହିସାବ ପତ୍ର ରଖି ଦିଆ ଯାଉଛି । କମ୍ପ୍ରୋଟଲର୍ ତଥା ଅଡିଟର୍ ଜେନେରାଲ୍ ପଦ ବି ଠିକାରେ ଦିଆଯାଇଛି । ତିନି ବର୍ଷ ହେଲାଣି । ନିୟମ ଯେପରି ତାକୁ ତ ଦେଖି କମ୍ପ୍ରୋଟଲର୍ ଆଣ୍ଡ ଅଡିଟର୍ ଜେନେରାଲ୍ ହିସାବ ତନଖି କରିବ। ଦରମା ସମାନ ଥାଇ ବା ଆଗ ବର୍ଷଠାରୁ କମାଇ ପ୍ରତି ବର୍ଷ କେତେ ଅଧିକ ସାଲର ଅଡିଟ୍ କରିପାରିଛି ତା ଉପରେ ତାର ନିଯୁକ୍ତି ବଢୁଛି, ବର୍ଷକୁ ବର୍ଷ ଏକ୍ସଟେଣ୍ଡ ହୁଏ ।

ଗତ ସଂସଦର କାଳ ପୂରିଗଲା ପରେ ଠିକାରେ ମନ୍ତ୍ରୀ ନିଯୁକ୍ତି ଆରମ୍ଭ ହୋଇଯାଇଛି । ଏବେ ଅମରୀଶ ଖୁସି ଏବଂ ଅମରୀଶଙ୍କ ଉପରେ ବିଶ୍ୱବ୍ୟାଙ୍କ ଓ ଆଇଏମ୍ଏଫ୍ ଆହୁରି ବେଶି ଖୁସି । ପ୍ରତ୍ୟେକ ବିଭାଗରେ ଏବେ କାମ ବେଶ୍ ଚାଲୁଛି ।

ମନ୍ତ୍ରୀପଦବୀ ଗୁଡିକର ଘରୋଇକରଣ ହେଲା ପରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରମୁଖ୍ୟ ପଦବୀ ଦୁଇଟିର ଘରୋଇକରଣ ହେବା ଦରକାର । ଏ ଦୁଇଟି ନହେଲା ପର୍ଯ୍ୟନ୍ତ ଘରୋଇ

କରଣ ଆଦର୍ଶର ପରିସମାପ୍ତି ଘଟି ନାହିଁ । ଏ କଥା ଉପରେ ବାରମ୍ବାର ଜୋର ଦେଇଥାନ୍ତି ବିଶ୍ୱ ବ୍ୟାଙ୍କ ଓ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଅଧ୍ୟକ୍ଷମାନେ ।

କିନ୍ତୁ ଅମରୀଶ ବୁଝିପାରିଲେନି କେମିତି ଏ ବିଷୟରେ ଆଗେଇବେ ! ଆପଣା ହସ୍ତେ ଜିହ୍ୱା ଛେଦି ? କିପରି ନିଜ ପଦବୀକୁ ନିଜେ ଉଚ୍ଛେଦ କରିବେ ? ଘରୋଇକରଣର ଯାହାକିଛି ରୀତିନୀତି ସେ ତିଆରି କରିଥିଲେ, ନିଜ ଲାଗି ଲାଗୁ ହେବ ବୋଲି ସେ ଭାବି ନ ଥିଲେ । ସେ ଅଙ୍ଗେ ନିଭେଇ ଆସିଛନ୍ତି ବିଧାୟକ ବିଧେୟକ ତିଆରି କରେ କିନ୍ତୁ ନିଜେ ତ ବିଧେୟକକୁ ମାନେ ନାହିଁ । ନିଜେ ଘରୋଇକରଣର ପୂଜାରୀ ହୋଇ ସେ କିପରି ଘରୋଇକରଣ ଆଗରେ ବଳି ପଡିବେ ? ଏଭଳି ଗୁଡିଏ ପ୍ରଶ୍ନ ତାଙ୍କ ମନରେ ଗୁଡେଇ ତୁଡେଇ ହେଲା ।

ଭାବିଲେ କୌଣସି ଉପାୟରେ ଘଟଣାଟାକୁ ଟାଳି ଦେବାକୁ ପଡିବ । ପ୍ରଥମେ ସେ ଏକ ବୈଧାନିକ ପ୍ରଶ୍ନ ଉଠାଇଲେ, ରାଷ୍ଟ୍ର ତଥା ଶାସନର ସର୍ବୋଚ୍ଚ କର୍ତ୍ତା କିପରି ଜଣେ ଠିକା-କର୍ମୀ ହେବ ? ସେ ଠିକାର ସର୍ତ୍ତାବଳୀ କିଭଳି ହେବ ? ସର୍ତ୍ତାବଳୀ ଯାହା ହେଉ ନା କାହିଁକି ଠିକାଦାର ଉପରେ କେହି ନିୟନ୍ତ୍ରକ ନ ଥିବାରୁ ସେ ତ ଆଗକାଳର ସମ୍ରାଟଙ୍କଠାରୁ ବେଶି ପାୱାରଫୁଲ୍ ହୋଇଯିବ ! ଯେଉଁ ଉଦ୍ଦେଶ୍ୟ ନେଇ ଘରୋଇକରଣ ହେଉଛି, ଲୋକେ ସମ୍ପୂର୍ଣ୍ଣ ବ୍ୟକ୍ତି ସ୍ୱାଧୀନତା ପାଇବେ, ତାହା ଏକଛତ୍ର ଠିକାଦାରର ଶାସନରେ ନଷ୍ଟ ହେବ ନାହିଁ କି ?

ବିଶ୍ୱ ବେଙ୍କ୍‌ର ଅଧ୍ୟକ୍ଷ ମିଃ ଉଇଲ୍‌ଫୋର୍‌ସନ୍ ଗମ୍ଭୀର ସ୍ୱରରେ କହିଲେ, ଯେ ପର୍ଯ୍ୟନ୍ତ ବିଶ୍ୱ ବେଙ୍କ୍ ଏ ଠିକାକୁ ନିୟନ୍ତ୍ରଣ କରୁଥିବ ସେ ପର୍ଯ୍ୟନ୍ତ ରାଷ୍ଟ୍ରମୁଖ୍ୟ ବି ଏକଛତ୍ରବାଦୀ ହୋଇପାରିବ ନାହିଁ । ଅମରୀଶ ତଳକୁ ମୁହଁ କରି ନିଜକୁ କହିଲେ ସେ ପର୍ଯ୍ୟନ୍ତ ଷ୍ଟେଟ୍ ୱିଲ୍ ନଟ୍ ୱିଦର୍ ଆୱେ, ସ୍ୱର୍ଗ ଆସିବ ନାହିଁ । ମିଃ ଉଇଲ୍‌ଫୋର୍‌ସିଙ୍ଗ୍ ଗମ୍ଭୀର ସ୍ୱର ଶୁଭୁଥାଏ । ତାଙ୍କର ଘୋଷଣାରେ ପ୍ରଥମେ ଥିଲା ପ୍ରଚ୍ଛନ୍ନ ଧମକ । ମିଷ୍ଟର୍ ଅମରୀଶ୍ । ଆପଣଙ୍କ ଦେଶ ଆମ ପାଖରେ ଚୁକ୍ତିବଦ୍ଧ । ଏ ପର୍ଯ୍ୟନ୍ତ ଆପଣ ୪୦୦ ବିଲିୟନ୍ ଡଲାର୍ ଋଣ ନେଲେଣି । ଜାନକୀପୁରୀର ରୂପିରେ କେତେ ବୁଝୁଛନ୍ତି ତ ! ୫୦ରେ ଗୁଣନ୍ତୁ ।

ଅମରୀଶ ଯେ ଏ କଥା ଜାଣିନାହାନ୍ତି ତା ନୁହେଁ । ରାଉଣ୍ଡ ଫିଗର୍ କରିବା ପାଇଁ ୫୦ରେ ଗୁଣିବା କଥା । ତଥାପି ଗୋଟିଏ ସ୍ଥୂଳ ସଂଖ୍ୟା ଆସିବ ତ ! ମନେ ମନେ ସେ ହିସାବ କଲେ । ୨୦ ହଜାର ଶହ କୋଟି ଟଙ୍କା, ୨୦ ଲକ୍ଷ କୋଟି ଟଙ୍କା । ଜାନକୀପୁରୀର ଲୋକ ସାଢେ ତିନି କୋଟି, ମୁଣ୍ଡ ପିଛା ଛ ଲକ୍ଷ ଟଙ୍କା । ଧରାସ୍ୱର୍ଗ ଆନୟନକାରୀ ଘରୋଇକରଣରେ ମାର୍କିନ୍ ସାହୁକାରମାନେ ହେବେ ହର୍ତ୍ତା କର୍ତ୍ତା, ଯେପରି ରାଷ୍ଟ୍ରନିଶ୍ଚିହ୍ନକାରୀ ମାର୍କ୍ସବାଦରେ ଥିଲେ ଋଷୀୟ ମାମଲତକାରମାନେ ।

ମିଃ ଉଇଲ୍‌ଫୋର୍‌ସିନ୍‌ଙ୍କ ଗୁରୁ ଗମ୍ଭୀର ସ୍ୱର ଶୁଭୁଥାଏ । ସେ କହୁଥାନ୍ତି, ଋଣ

ଚୁକ୍ତିର ସର୍ତ୍ତ ଖିଲାପ କଲେ ଆମେ ସାଙ୍ଗେ ସାଙ୍ଗେ ସମସ୍ତ ଋଣ ପରିଶୋଧ ନେବାକୁ ଚାହିଁବୁ । ଆପଣମାନେ ଆଉ ନେତା ହୋଇ ରହି ପାରିବେ ତ !

ଅମରୀଶଙ୍କ ଚେତା ପଶିଲା । ନିଜ ନେତାଗିରି ନ ରହିଲେ ଦଳ ଉପରେ କବ୍‌ଜା ରଖିବେ କିପରି ? ସେ ଉଇଲ୍‌ଫୋର୍‌ସିନ୍‌ଙ୍କ କଥାରେ ନାସ୍ତି କଲେ ନାହିଁ ।

ସେହି ଦିନଠାରୁ, ଏବେ ବି, ଠିକାର ସର୍ତ୍ତ ଉପରେ କଥାବାର୍ତ୍ତା ଚାଲିଛି ।

*******

ରାସ୍ତାରେ ଭାରି ଭିଡ । ମୋ ଗାଡ଼ି ଅଟକିଗଲା । ଲକ୍ଷ୍ନୌରୁ ଅଯୋଧ୍ୟା ଯିବା ଲାଗି ମୋର ସମୟସାରଣୀ ସମ୍ଭବତଃ ଗଡବଡ ହୋଇଯିବ । ଗାଡ଼ି ଅଟକାଇ ଘଟଣାଟା କଣ ବୁଝିବାକୁ ଡ୍ରାଇଭରକୁ କହିଲି ।

ଜନତାର ଭିଡ ଭିତରୁ ବୁଝି ଆସି ସେ କହିଲା । ସାହେବ୍, ମୁଖ୍ୟମନ୍ତ୍ରୀଜୀକେ ଜ୍ୟୋତିଷ୍ ଜୀ ଆ ରହେ ହେଁ । ୟୁ.ପି.ର ଢଙ୍ଗରେ ସେ କହିଥିଲା ।

ମୁଁ ଟିକିଏ କୁତୂହଳୀ ହୋଇପଡିଲି । ମୋ ସାଥିରେ ଗାଇଡ୍ କାମ କରିବା ଲାଗି ଯାଇଥିବା ଅଧସ୍ତନ କର୍ମଚାରୀଟି ମୋଠାରୁ ବେଶି ଆଗ୍ରହୀ ହୋଇ ପଡିଥିଲା ଭଳି ଜଣାଗଲା । ସେ ମୋତେ ଉତ୍ତର ପ୍ରଦେଶର ହିନ୍ଦୀରେ ବୁଝାଇଲା, 'ପରେ ଅଯୋଧ୍ୟା ଯାଇହେବ । ଆଜି ଚାଲନ୍ତୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଡେ ବୁଲିଆସିବା' । ମୁଁ ଓଡିଶା ସରକାରରୁ ଆସିଥିବାରୁ ମୋତେ ମୁଖ୍ୟମନ୍ତ୍ରୀଙ୍କ ମୁଲାକାତ ବି ମିଳିପାରେ । ଅସଲ କଥା ହେଉଛି ଜଣେ ସୁବିଖ୍ୟାତ ଜ୍ୟୋତିଷଙ୍କ ସାହାଯ୍ୟ ମିଳିପାରେ । 'ପଦେ କଥା ହୋଇପାରିଲେ ଆପଣ ନିଜର ଭବିଷ୍ୟତ ଜାଣିପାରିବେ,' ଗାଇଡ୍ କରୁଥିବା କର୍ମଚାରୀଟି ଉତ୍ସାହବାଣୀ ଶୁଣାଇଲା ।

ମୋ ଭବିଷ୍ୟତ କଣ ହେବ, ସେ ଯାହା କହିଲା ସେ ବିଷୟରେ ପାଠକମାନଙ୍କୁ ଭାରାକ୍ରାନ୍ତ କରିବାର ଉଦ୍ଦେଶ୍ୟ ମୋର ନାହିଁ । ଘଟଣାବଳୀ ଯାହା ଯେପରି ଘଟିଲା ତାହା ହିଁ ଥୋଇବି । ମୁଁ ଗାଇଡ୍ ଅଫିସରଟିର ଉତ୍ସାହସ୍ରୋତରେ ଭାସିଯିବାର କାରଣ, ସେ କହୁ କହୁ କହି ପକାଇଥିଲା, ଉକ୍ତ ଜ୍ୟୋତିଷଙ୍କ ଭବିଷ୍ୟତବାଣୀ ସତ୍ୟ ହୋଇଛି । ସେ ହାତ ଦେଖି କହିଥିଲେ, ଏ ନିଶ୍ଚୟ ମୁଖ୍ୟମନ୍ତ୍ରୀ ହେବେ । ସତକୁ ସତ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । କେହି ଭାବିପାରୁ ନ ଥିଲେ ସେ କିପରି ମୁଖ୍ୟମନ୍ତ୍ରୀ ହେବେ । ନିର୍ବାଚନରେ ପ୍ରାର୍ଥୀ ହୋଇ ନଥିବା ଲୋକ କିପରି ମୁଖ୍ୟମନ୍ତ୍ରୀ ହେବ ? ପ୍ରଥମେ ତ ବିଧାୟକମାନଙ୍କ ନେତା ହେବା କଥା । ଏ ପ୍ରଶ୍ନର ଉତ୍ତର କେବଳ ସେହି ଜ୍ୟୋତିଷ ଭାବି ପାରିଥିଲା । 'ସମ୍ଭବତଃ ତାଙ୍କୁ କୃତଜ୍ଞତା ଜଣାଇବା ଲାଗି ମୁଖ୍ୟମନ୍ତ୍ରୀ ଡକାଇ ପଠାଇ ଥିବେ', ସେ ମୋତେ ବୁଝାଇଲା ଭଳି କହିଲା ।

ଜିଜ୍ଞାସୁ ଦୃଷ୍ଟିରେ ପଚାରିଦେଲି, ତୁମ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ଆସନରେ ନ ଥିଲା ବେଳେ ବି ଏମିତି ଡକାଇଲେ ସେ ଆସୁଥିଲେ କି ?

ଆପଣ ଛୁଆଙ୍କ ଭଳି ପ୍ରଶ୍ନ କରୁଛନ୍ତି । ଏ ବା କାହିଁକି ସେମିତି ଡାକିବେ, ସେ ବା

କାହିଁକି ଏମିତି ଆସିବେ ? ଲୋକେ ତ ତାଙ୍କ ପାଖରେ ଭିଡ ଜମାନ୍ତି । ପାଦଧୂଳି ଟିକେ ମୁଣ୍ଡରେ ଲଗାଇବା ଲାଗି ଖରାତରାରେ ଧାଡି ଧରି ଠିଆହୋଇଥାନ୍ତି । ମୁଖ୍ୟମନ୍ତ୍ରୀ ତ ନିଜେ ଯାଇ ମୁଣ୍ଡିଆ ମାରନ୍ତି । ଜ୍ୟୋତିଷଜୀ ସେତେବେଳେ ଭଗବାନ । ପ୍ରାର୍ଥୀର ମୁଣ୍ଡରେ ପାଦ ଥୋଇ ଦେଲେ ତାର କାମନା ପୂର୍ଣ୍ଣ ହୋଇଗଲା ବୋଲି ଜାଣ । କାଲି ତ ଶପଥ ନେଇଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରଥମ କାମ ହୋଇଥିବ ଗୁରୁ ଜ୍ୟୋତିଷଙ୍କୁ ଆମନ୍ତ୍ରଣ କରିବା । ଅବଶ୍ୟ, ଅଫିସରଟି ଖୋଲା ଖୋଲି କହିଲା, ସେ ପ୍ରକୃତରେ ଜାଣିନାହିଁ, ଏବେ କାହିଁକି ଜ୍ୟୋତିଷଜୀ ବିଜେ କରୁଛନ୍ତି । ତାର ଜିଦ୍: ଚାଲନ୍ତୁ ସେହି ଆଡେ ହୋଇ ଅଯୋଧ୍ୟା ବାଟ ଧରିବା ।

ଆଇଜେନବର୍ଗ ଯେତେବେଳେ ପ୍ରିନ୍ସିପ୍ଲ ଅଫ୍ ଅନ୍‌ସର୍ଟେନ୍‌ଟି, ଅନିଶ୍ଚିତ ହିଁ ନିଶ୍ଚିତ ନିୟମର ଅବତାରଣା କରିଥିଲେ, ସେ ଭାରତୀୟ ଅବଧାନୀ ବିଦ୍ୟା ବା ହସ୍ତରେଖା ପାଠ ଜାଣି ନ ଥିଲେ । କିନ୍ତୁ ଶୁଣିଥିବେ ନିଶ୍ଚୟ । ତା ନ ହୋଇଥିଲେ, ସେ ଏତେ ନିଶ୍ଚିତ ହୋଇ କହି ନ ଥାନ୍ତେ ଯେ ଅନିଶ୍ଚିତତା ଭିତରେ ହିଁ ନିଶ୍ଚିତତା ଅଛି, ତାକୁ ଜାଣିବା ଲାଗି ସୂକ୍ଷ୍ମରୁ ସୂକ୍ଷ୍ମତର ମାପକ କାଢିବା ଦରକାର । ଭାରତୀୟମାନେ ଏ ଦିଗରେ ଆଗୁଆ । କେବଳ ହସ୍ତରେଖା ନୁହେଁ, ସେମାନେ ଅନ୍ୟର ମନ ବି ପଢିପାରନ୍ତି, ମାଇଣ୍ଡ ରିଡ଼ିଂ । ଗତିଶୀଳ ଜୀବନପ୍ରବାହ ଭିତରେ ସ୍ଥିର ନିଶ୍ଚୟ ଭବିଷ୍ୟତକୁ ପଢିପାରନ୍ତି । ତା ନ ହୋଇଥିଲେ, ମାର୍କିନ ରାଜନେତାମାନେ ନିଜର ଭବିଷ୍ୟତ ଜାଣିବା ଲାଗି ଜ୍ୟୋତିଷଙ୍କ ପରାମର୍ଶ ନିଅନ୍ତେ ନାହିଁ । ଜ୍ୟୋତିଷମାନଙ୍କ ମତରେ ଜାତକ ବା ହସ୍ତରେଖା ପାଠ ଏକ ବିପ୍ଳବାତ୍ମକ ବିଜ୍ଞାନ ।

ରାଜନୀତିର ରଣାଙ୍ଗନରେ ଏତେ ପ୍ରକାରର ନିୟାମକ ଅଛି ଯେ ବିଜୟର ସମ୍ଭାବନା ନ ଜାଣି ଯୁଦ୍ଧଭୂମିକୁ ଯିବା ଏକ ଅଣଅର୍ଥନୈତିକ ବ୍ୟାପାର । ଏତେ ପଇସା ଶ୍ରାଦ୍ଧ ହୋଇଯିବ ଯେ ଆଣ୍ଠୁ ଭାଙ୍ଗିଯିବ । ଦଳ ତରଫରୁ ଆଗାମୀ ନିର୍ବାଚନ ଲାଗି ପଇସା ମିଳିଲେ ମଧ୍ୟ ଦଳ ସପକ୍ଷରେ ହାୱା ନ ଥିଲେ ଜିତିବା ଅସମ୍ଭବ । ପୁଣି ଗୁଡିଏ ପଇସା ଶ୍ରାଦ୍ଧ ହେବା ସାର ହେବ । ପଇସା ନଷ୍ଟ ହେବା ସେତେ ବାଧେ ନାହିଁ, ତାଠାରୁ ବେଶି ବାଧେ ଭାବମୂର୍ତ୍ତି ନଷ୍ଟ ହେବା । ଲୋକଙ୍କ ସ୍ମୃତିଅବଧି ଏତେ କମ ଯେ ସେମାନଙ୍କୁ ପ୍ରଲୋଭନ ଦେଖାଇ ଭୁଲେଇ ଦେଇହେବ । ତା କରିବା ମଧ୍ୟ ଏକପ୍ରକାରର ଅନିଶ୍ଚିତତା ।

ଏ ପ୍ରକାରର ଅନିଶ୍ଚିତତାକୁ ଏଡାଇବା ଲାଗି ଜଣେ ନାମକରା ଜ୍ୟୋତିଷ ଖୋଜିବାକୁ ପଡେ । ତୋଷାମୋଦକାରୀମାନେ କାମଟା ସହଜ କରି ଦିଅନ୍ତି । ନେତାମାନଙ୍କ ଝୁଙ୍କ ବା ଦୁର୍ବଳତା ଜାଣିଥିବା ଲୋକ ହିଁ ସେମାନଙ୍କ ଚେଲା ହୋଇପାରିବ । ଏବେ ହିନ୍ଦିରେ ଏପ୍ରକାରର ଲୋକଙ୍କୁ ଚାମଚା କୁହାଯାଉଛି । ନେତା ପଚାରିବା ପୂର୍ବରୁ ଚାମ୍‌ଚାମାନେ ନାମଜାଦା ଜ୍ୟୋତିଷଙ୍କୁ ଧରି ଆଣନ୍ତି । କେତେ ତାରକାର ହୋଟେଲରେ ସେ ରହନ୍ତି, ତା ଉପରେ ତାଙ୍କ ନାଁ ନିର୍ଭର କରେ । ତା ଛଡା ନିର୍ବାଚନ ନଦୀର ସ୍ରୋତରେ ଭାସୁଥିବା ନେତା ଜ୍ୟୋତିଷବଚନକୁ ନଡାଖଣ୍ଡ ପ୍ରାୟ ଧରି କୂଳରେ ଲାଗିବାର ଆଶା କରେ, ସନ୍ତରଣର

ସାମର୍ଥ୍ୟ ପାଇ ଥାଏ । ଜ୍ୟୋତିଷବଚନ ଏକ ନିଶା ଆଣିଦିଏ: ଯେଭଳି ଅଲିମ୍ପିକ ଖେଳାଳୀମାନଙ୍କୁ ଷ୍ଟିରୟଡ୍ ଡ୍ରଗ୍ ପୂର୍ବର ରେକର୍ଡ ଭାଙ୍ଗିବାରେ ସାହାଯ୍ୟ କରିଥାଏ ବୋଲି ଆମେ ଖବରକାଗଜରୁ ପଢୁ । ଧରାପଡିଲା ପରେ ଖେଳାଳୀର ପଦକ ଛଡାଇ ନିଆଯାଏ, ଜ୍ୟୋତିଷର ତାବିଜ ବା ତୁଟୁକାରେ ଜିତିଥିବା ବ୍ୟକ୍ତିଠାରୁ ଲୋକ ପ୍ରତିନିଧିତ୍ୱ ତ ଛଡାଇ ନିଆଯାଏ ନାହିଁ: ପ୍ରଭେଦ ଏତିକି ।

ଆମେ ଖୁବ୍ ନିକଟ ହେଲୁ, କିନ୍ତୁ ଘଟଣାଟା କଣ ଜାଣିପାରିଲୁ ନାହିଁ । ପ୍ରବଳ ଭିଡ । ମୋ ଗାଇଡ୍ ତାହାର ଷୋଳପଣ ସାମର୍ଥ୍ୟ ଲିଆଇଜନିଙ୍ଗ କାମରେ ଲଗାଇଦେଲେ ମଧ୍ୟ ଭିଡ ଭେଦ କରି ପାରିଲା ନାହିଁ। ଅନନ୍ୟୋପାୟ ହୋଇ ଆମେ ଅଯୋଧ୍ୟା ମୁହେଁଇଲୁ ।

ବାଟଯାକ ମୁଁ ତାକୁ ଥଟା ଥଟାରେ କହୁଥାଏ, ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ସହିତ ତାହାର କେତେ ନିବିଡ ସମ୍ପର୍କ, ମୁଁ ଜାଣିଗଲି ।

ସହଜେ ତ ଡେରି ହୋଇ ଯାଇଥିଲା, ପୁଣି ଭୋରୁ ଭୋରୁ ସରଯୁରେ ବୁଡ ମାରିଲେ ଏତେ ଧର୍ମ ହେବ ଯେ ସାତ ଜନ୍ମ ଯାକେ ତୁମ ପଛେ ପଛେ ଧର୍ମରାଜ ଛାଇ ପରି ଗୋଡାଉ ଥିବେ। ଗାଇଡ୍ ଅଫିସରର ଏଭଳି ଆଶ୍ୱାସନାରେ ମୁଁ ସେ ଦିନଟା ଅଯୋଧ୍ୟାରେ ରହିଗଲି । କେବଳ ପଦେ ନ ଶୁଣାଇ ରହିପାରିଲି ନାହିଁ । ତା ହେଲେ ତ ତୁମ ଉତ୍ତର ପ୍ରଦେଶିଆ ମାନଙ୍କ ଠାରେ ପାପର ଲେଶ୍ ମାତ୍ର ଚିହ୍ନ ରହୁ ନ ଥିବ । ତୁମ ଏମ୍.ଏଲ୍.ଏ. ମାନେ ବାରମ୍ବାର ସରଯୁ ବୁଡ ପକାଇବା ଯୋଗୁଁ କେବେ ହାରୁ ନ ଥିବେ ।

ସେ ଚୁପ୍‌ଚାପ୍ ମୋ ତାଚ୍ଛଲ୍ୟକୁ ଗ୍ରହଣ କରିନେବା ଲୋକ ନ ଥିଲା । ତା ପ୍ରଦେଶ ଉପରେ ଦୋଷ ଲଦି ଦେଇଛି ।

କ୍ୟୋଁ, ଆପ୍‌କେ ଜଗନ୍ନାଥ୍ ଧାମ୍‌ମେ ଐସା ନହିଁ ହେଁ କ୍ୟା ? ସେ ଯେ ପୁରୀ କେବେ ଆସିଛି ମୁଁ ସେତେବେଳେ ଜାଣଲି । ଯେଉଁ ମାନେ ଜଗନ୍ନାଥଙ୍କୁ ଟେକି ଧରିଛନ୍ତି ବୋଲି ଡିଣ୍ଡିମ ବଜାନ୍ତି, ଯେଉଁ ମାନେ ମୁକ୍ତିମଣ୍ଡପ ପଣ୍ଡିତ ମହାସଭାର ବିଶିଷ୍ଟ ସଭ୍ୟ ବୋଲି ସମ୍ମାନ ପାଆନ୍ତି ସେମାନଙ୍କ ଗୋଡ ଏତେ ଗୋଦରା ହେଉ ନ ଥାନ୍ତା । ତାହାର ଏଭଳି ଓଲଟା ଜବାବ ପାଇଁ ମୁଁ ପ୍ରସ୍ତୁତ ନ ଥିଲି ।

ନୂଆ ଜାଗାରେ ମୋତେ ଭଲ ନିଦ ହୁଏ ନାହିଁ । ତହିଁ ଉପରେ ପୁଣି ରାତି ନ ପାହୁଣୁ ସରଯୁରେ ସ୍ନାନ । ସରକାରୀ ଅତିଥି ଭବନଠାରୁ ଟିକେ ଦୂର । ଚାଲି ଚାଲି ଯିବାକୁ ପଡିବ । ତା ଭିତରେ ସକାଳ ହୋଇଗଲେ, ମୋର ସବୁ ଅଧର୍ମ ଅଧୁଆ ରହିଯିବ । ଅବଶ୍ୟ ମଶାମାନେ ଏଥିଲାଗି ବେଶ୍ କିଛି ତାଡନା ଦେଇଥିଲେ । ମୁଁ ଭାବିଥିଲି, ଜଲ୍‌ଦି ବାହାରି ପଡିବାରେ ମୁଁ ବୋଧହୁଏ ରେକର୍ଡ ରଖିବି । ବାଟରେ ଦେଖିଲି ମୋ ଆଗରୁ ବହୁତ ଲୋକ ଚାଲିଛନ୍ତି । ସମସ୍ତେ ବିଷୟ ଜ୍ୱାଳାରେ ପ୍ରପୀଡିତ ନିଶ୍ଚୟ ।

ସରଯୁ ପ୍ରାୟ ଶୁଖିଲା, ଗୋଟିଏ କୋଣରେ ଧାରଟିଏ । ବାଲିମିଶା ପାଣିରେ

ଛିଞ୍ଚାଛିଞ୍ଚି ହୋଇ ଫେରିଲି ଅତିଥି ଭବନକୁ । ସେଠି ପୁଣି ଥରେ ନ ଗାଧୋଇ ରହି ପାରିଲି ନାହିଁ । ତା ପରେ ଜଳଖିଆ ଲାଗି ଅର୍ଡର ଦେଇ ବୈଠକୀ ଘରର ଚୌକିରେ ବସି ପଡିଲି । ବଡ ଥକ୍କା ଲାଗୁଥିଲା ।

ସାଙ୍ଗେ ସାଙ୍ଗେ ମୋ ଗାଇଡ୍ ଅଫିସରଟି ଖଣ୍ଡିଏ ହିନ୍ଦି କାଗଜ ଧରାଇ ଦେଇ କହିଲା, ଦେଖିଏ, କ୍ୟା ଲିଖା ହେ । କୋଉ ଲେଖାଟି ପଢିବି ତା ଉପରେ ଅଙ୍ଗୁଳି ରଖି ଦେଖାଇଦେଲା ।

ଗୁରୁଜୀକା ଶିଷ୍ୟସେ ଦକ୍ଷିଣା ପ୍ରାର୍ଥନା ଶିରୋନାମାରେ ସମ୍ବାଦ । ନାମ ବଦଳାଇ ଥିବା ସାଧୁ ବାବା ଚାରିଶହ ବିସ୍ କେଶ୍‌ରେ ଫନ୍ଦି ହୋଇ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରସ୍ଥ ।

ଖବରକାଗଜର ସେହି ସ୍ତମ୍ଭରେ ମୋର ଆଖି ବଡ ଜୋରରେ ଗଡି ଚାଲିଲା ।

ରାମପୁରର ଅନୁବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ତିନୋଟି ମକଦ୍ଦମା ସ୍ୱାମୀ ଜ୍ୟୋତିଷାନନ୍ଦଙ୍କ ବିରୁଦ୍ଧରେ ରଜୁ ହୋଇଛି । ଗୋଟିଏ ମହାରାଷ୍ଟ୍ରର ଜଲ୍‌ଗାଓଁ ସବ୍‌ଡିଭିଜନରେ ମଧ୍ୟ ହୋଇଛି । ଅନୁପମ ଦହିୱାଲା ନାମକ ଜନୈକ ବ୍ୟବସାୟୀ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ସେଆର୍ କିଣିବାରେ ଜ୍ୟୋତିଷାନନ୍ଦଙ୍କ ପରାମର୍ଶ ଅନୁସାରେ ୧୦ ଲକ୍ଷ ଟଙ୍କା ଖଟାଇଥିଲେ । ତାଙ୍କ ଗଣନାରେ ଦହିୱାଲା ରାତାରାତି କୋଟିପତି ହୋଇଯିବା କଥା । କିନ୍ତୁ ସେଆର୍ ବଜାର ଏତେ ମାନ୍ଦା ହୋଇଗଲା ଯେ ଦହିୱାଲା ଫକଡ୍‌ରାମ ହେବାକୁ ବସିଛନ୍ତି । ସେ ଦେବାଳିଆ ଘୋଷିତ ହେବା ଲାଗି କୋର୍ଟର ଆଶ୍ରୟ ନେଇଛନ୍ତି । ଜ୍ୟୋତିଷାନନ୍ଦ ଏବେ ବି ତାଙ୍କୁ ପରାମର୍ଶ ଦେଉଛନ୍ତି, ଟିକେ ସବୁର କରିଯାଅ । ତୁମେ ମୂଳସୁଧ ସବୁ ଫେରିପାଇବ । ଏଥିଲାଗି ସେ ଆହୁରି ଏକଲକ୍ଷ ଟଙ୍କା ଚାହୁଁଛନ୍ତି । ଏଭଳି ଠକାମିର କ୍ଷତି ଜ୍ୟୋତିଷାନନ୍ଦ ଭରଣା କରନ୍ତୁ ଦାବି କରି ସେ ଦେୱାନୀ ଅଦାଲତର ଆଶ୍ରୟ ନେଇଛନ୍ତି । ମୁଖ୍ୟମନ୍ତ୍ରୀ ଏଥିରୁ ରକ୍ଷା କରନ୍ତୁ, ଏ ଅନୁରୋଧ କରିବା ଲାଗି ଜ୍ୟୋତିଷାନନ୍ଦ ଗତକାଲି ଲକ୍ଷ୍ନୌ ବିଜେ କରିଥିଲେ ।

ଅନ୍ୟ ତିନୋଟି କେଶ୍ ଛୋଟ ଛୋଟ, କିନ୍ତୁ ମିଶିଗଲେ ମୋଟା ଅଙ୍କର । ଜନୈକ ମହିଳା ଲଲ୍ଲୁବାଈ ହାତ ଦେଖି ସ୍ୱାମୀ ଜ୍ୟୋତିଷାନନ୍ଦ କହିଥିଲେ, ତା ଭାଗ୍ୟରେ ଅପର୍ଯ୍ୟାପ୍ତ ପରିମାଣର ଲଟେରି ଜିତିବାର ସୂଚନା, ତେଣୁ ସେ ଶୀଘ୍ର ଭୁଟାନ ସରକାରଙ୍କ ସାପ୍ତାହିକୀ ଲଟେରିରେ ବେଶ୍ କିଛି ପଇସା ଲଗାଉ । ଲଲ୍ଲୁ ଆସିଥିଲା ତାର *ବୁଢୀପଣିଆ* ରୋଗର ଉପଶମ ଲାଗି ସାଧୁ ସାହାଯ୍ୟ ପାଇବାକୁ । ପ୍ରଳାପ ପ୍ରସଙ୍ଗରେ ସ୍ୱାମୀଜୀ ଲଲ୍ଲୁର ଅପର୍ଯ୍ୟାପ୍ତ ପୈତୃକ ସମ୍ପତ୍ତି ଥିବାର ସୁରାକ ପାଇଗଲେ । ତାଙ୍କର ଜଣେ ପରମ ଶିଷ୍ୟ ଜରିଆରେ ଜାଲ୍ ଲଟେରି ବିକାଇ ଲଲ୍ଲୁବାଈକୁ ୫ ଭରି ସୁନା ଅଳଙ୍କାର ତ୍ୟାଗ କରିବାକୁ ସଫଳ ଉଦ୍ୟମ କରିଛନ୍ତି । ମାନସିକ ଅଶାନ୍ତି, ଅର୍ଥହାନି, ଶାରୀରିକ ପୀଡା (ଏଣେତେଣେ ଦୌଡାଦୌଡି କରିଥିବା କାରଣରୁ) ଆଦି ବାବଦରେ ସେ ୨୫ ହଜାର ଟଙ୍କା କ୍ଷତି ପୂରଣ ଦାବି କରି

ରାମପୁର କୋର୍ଟରେ ମକଦ୍ଦମା ଦାଏର୍ କରିଛି । ତୃତୀୟ ମାମଲାଟି ଜଣେ ଛାତ୍ରର । ପରୀକ୍ଷାରେ ପାସ୍ ହୋଇଯିବା ଲାଗି ସେ ଜ୍ୟୋତିଷାନନ୍ଦଙ୍କ ଚରଣାଶ୍ରିତ ହୋଇଥିଲା । ତାଙ୍କ ଶିଷ୍ୟମାନେ ଏମିତି ପୂଜା କଲେ ସେମିତି ଭୋଗ ଦେଲେ, ପରୀକ୍ଷାରେ ନିଶ୍ଚୟ ପାସ୍ ଯେ ହେବ ତାହା ନୁହେଁ, ଭଲ ଡିଭିଜନ ବି ମିଳିବ । ଏଥିରେ ପ୍ରବୃଦ୍ଧ ହୋଇ ସେ ଘରୁ ଚୋରି କରିଛି । ବାପା ମାଆଙ୍କ ବାକ୍ସରୁ ପଇସାପତ୍ର ଉଠାଇ ନେଇଛି । ଜ୍ୟୋତିଷାନନ୍ଦ ଓ ତାଙ୍କ ଶିଷ୍ୟମାନେ ଜାଣିଥିଲେ ଯେ ଛାତ୍ର ହିସାବରେ ତାର ନିଜର କୌଣସି ରୋଜଗାର ନାହିଁ । ଭଲ ଉଦ୍ଦେଶ୍ୟ ହାସଲ ପାଇଁ କୌଣସି ଉପାୟ ମନ୍ଦ ନୁହେଁ ବୋଲି ଶିଷ୍ୟମାନେ ବୁଝାଇଥିଲେ । ପଢାପଢି କରିବା ପରିବର୍ତ୍ତେ ସେ ପୂଜାପୂଜିର ପଇସା ଯୋଗାଡ କରିବାର ଉପାୟ ଖୋଜିବାରେ ଲାଗିଥିଲା । ପରୀକ୍ଷାରେ ଫେଲ୍ ତ ହେଲା, ବର୍ତ୍ତମାନ ବିଭିନ୍ନ ଚୋରି ଅପରାଧରେ ଅଭିଯୁକ୍ତ । ବର୍ତ୍ତମାନ ଜ୍ୟୋତିଷାନନ୍ଦ ଆହୁରି ପଇସା ମାଗୁଛନ୍ତି, ତାଙ୍କ ଶିଷ୍ୟ ଜରିଆରେ । ଗ୍ରହଶାନ୍ତି ପୂଜା କଲେ ସେ ପୋଲିସ୍ କବଳରୁ ରକ୍ଷା ପାଇବ ନିଶ୍ଚୟ, ଏଭଳି କହି ତାକୁ ପୁଣି ଘରୁ ଚୋରି କରିବାକୁ ପ୍ରବର୍ତ୍ତାଉଛନ୍ତି । ସେ ସ୍ଥାନୀୟ ପୋଲିସରେ ଯେତେ ଏତାଲା ଦେଲେ ମଧ୍ୟ ସ୍ୱାମୀଜୀଙ୍କ ବଡବଡିଆଙ୍କ ଘନସମ୍ପର୍କ ଥିବାରୁ କୌଣସି ଫୌଜଦାରି ମକଦ୍ଦମା ହୋଇପାରିବ ନାହିଁ ବୋଲି ଏବେ ପୋଲିସ୍ ରୋକ୍ଠୋକ୍ କହି ଦେବା ପରେ ଛାତ୍ରଟି ଏକ କ୍ଷତିପୂରଣ ମାମଲା ସ୍ଥାନୀୟ ଦେୱାନୀ ଅଦାଲତରେ ଦାଏର୍ କରିଛି ।

ଶେଷ ମାମଲାଟି କୌତୂହଳୋଦ୍ଦୀପକ । ଆସାମୀର ସ୍ୱାମୀ ପରସ୍ତ୍ରୀ ସାଙ୍ଗରେ ଯେଭଳି ନ ମାତେ ସେଥିଲାଗି ସେ ସ୍ୱାମୀ ଜ୍ୟୋତିଷାନନ୍ଦଙ୍କ ପାଦତଳେ ଆଶ୍ରୟ ନେଇଥିଲା । ତାର ସ୍ୱାମୀଆକର୍ଷଣକାରୀ ଶକ୍ତି ବଢାଇବା ଏବଂ ସ୍ୱାମୀର ପରସ୍ତ୍ରୀଗମନ ପ୍ରବଣତା କମାଇବାର ଉପାୟ ବତାଇବା ଆଳରେ ସ୍ୱାମୀଜୀ ତାର ସର୍ବସ୍ୱ ଲୁଟ୍ କରିନେଇଛନ୍ତି । ସେ ମଧ୍ୟ ଫୌଜଦାରି କେଶ୍ ରୁଜୁ କରିବାରେ ଅସଫଳ ହୋଇ କ୍ଷତିପୂରଣ ବାବଦରେ ସ୍ୱାମୀ ଜ୍ୟୋତିଷାନନ୍ଦଙ୍କ ସମ୍ପତ୍ତିର ଅଧା ସ୍ୱତ୍ୱ ଦାବି କରି ମକଦ୍ଦମା ରୁଜୁ କରିଛି । ଯେହେତୁ ସ୍ୱାମୀଜୀ ତା ସହିତ ସ୍ୱାମୀ ଭଳି ବ୍ୟବହାର କରିଛନ୍ତି, ସ୍ତ୍ରୀ ରୂପେ ଗ୍ରହଣ କରନ୍ତୁ ଅଥବା ଅଧା ସମ୍ପତ୍ତି ଦିଅନ୍ତୁ ।

ସମ୍ବାଦରେ ଶେଷ ଦୁଇଧାଡିରେ ଲେଖା ଅଛି : ମୁଖ୍ୟମନ୍ତ୍ରୀ ମହୋଦୟ କହିଛନ୍ତି, ଏସବୁର କାରଣ ମାର୍କିନ୍ ପ୍ରଭାବ । ୱାର୍ଲ୍ଡ ବ୍ୟାଙ୍କ ଟଙ୍କା ଜରିଆରେ ଯେତେ ସବୁ ଆମେରିକୀୟ କୁସଂସ୍କୃତି ଆମ ଦେଶରେ ପଶିଗଲାଣି । ନ ହେଲେ ଯୋଉ କଥା ସବୁ ଲୁଚେଇ ରଖିବା କଥା, ସେ ସବୁ କୋର୍ଟ କଚେରିକୁ ଯାଆନ୍ତା ? ଏ ମାଜିଷ୍ଟ୍ରେଟ୍‌ଗୁଡାକ ବି ଆଉ ଇନ୍ଦ୍ର ଚନ୍ଦ୍ର ମାନୁ ନାହାନ୍ତି । ମୁଖ୍ୟମନ୍ତ୍ରୀ ଗୁରୁଜୀଙ୍କୁ ଆଶ୍ୱାସନା ଦେଇଛନ୍ତି : ସମୟକ୍ରମେ ସବୁ ଠିକ୍ ହୋଇଯିବ, ସମୟ ବଡ ବଳବାନ୍ । ପୁଣି ସାରା ରାଜ୍ୟର କଳ ବଳ ଯେ ତାଙ୍କ ହାତରେ ।

ଏତକ ଲେଖିସାରି ପାଦଟୀକା ଭାବରେ ସମ୍ବାଦପତ୍ରଟି ଲେଖିଛି : ଯାହାର

ଜ୍ୟୋତିଷୀବାଣୀ ଯୋଗୁଁ ସେ ରାଜ୍ୟର ନିୟନ୍ତକ ହୋଇଛନ୍ତି, ତାଙ୍କୁ ସେ ଉଦ୍ଧାର କରିବେ, ଏ ବିଶ୍ୱାସ ଆମର ଅଛି । ଅସତ୍ ଉପାୟରେ ରୋଜଗାର କରୁଥିବା ଲୋକେ କାଳେ କାଳେ ରାଜନୈତିକ ସୁରକ୍ଷା ପାଇ ଆସିଛନ୍ତି ।

ସାମନାର ଟି ପୟ ଉପରେ କାଗଜଟାକୁ ଥୋଉ ଥୋଉ ମୋ ମୁହଁରୁ ବାହାରି ପଡିଲା, କାଲିଠୁ ଏ କାଗଜର ପ୍ରକାଶନ ବନ୍ଦ ହୋଇଯିବ ।

ଗାଇଡ୍ ତଥା ଲିଆଜନ୍ ଅଫିସର୍ ସମ୍ଭବତଃ ବୁଝିପାରିଲା ନାହିଁ, ମୋ ଆଡକୁ ପ୍ରଶ୍ନପୂର୍ଣ୍ଣ ନୟନରେ ଚାହିଁ ରହିଥିଲା ।

*****

## ବିକଳ୍ପ ଅଦାଲତ

ଝୁଂରାଙ୍ଗୀ ଶବ୍ଦ କଟେଜ୍ ଯେମିତି ବୁଝାଏ, କୁଡିଆ ବା କୁଟୀର ଠିକ୍ ସେମିତି ବୁଝାଏ ନାହିଁ । ଯେମିତି ଟୁରିଷ୍ଟ କଟେଜ୍ । ଏ ସେହିଭଳି ଏକ କଟେଜ୍, ଦେବଦେବୀଙ୍କ ଫଟୋରେ ଭର୍ତ୍ତି । ସୁସଜ୍ଜିତ ପିଢା ଉପରେ ପୂର୍ବ ସୂରୀ ମହନ୍ତମାନଙ୍କ ଫଟୋ ପୂଜା ପାଉଛି । କୁଡିଆର ରୂପ ଦୂରରୁ ମନ ମୋହିନିଏ । ମନେହୁଏ ଯିଏ ଏଠାରେ ଅଛନ୍ତି ସେ ସାଧାରଣ ବାବାଜି ନାହାନ୍ତି, ସେ ଜଣେ ମହାହସ୍ତୀ ବା ଭିଭିଆଇପି ହୋଇଥିବେ । ତାଙ୍କୁ ବାବା, ପରମପୁରୁଷ, ଗଡ୍‌ମାନ୍ ବା ସାଧୁ ଯାହା କୁହାଯାଉ ନା କାହିଁକି ତାଙ୍କର ଶିଷ୍ୟ ନିଶ୍ଚୟ ଅନେକ । ସମ୍ପ୍ରତି କେତେକ ସାଧୁଙ୍କ ବିଷୟରେ ଏତେ କୁତ୍ସାମୂଳକ ଖବର ବିଭିନ୍ନ କାଗଜପତ୍ରରେ ବାହାରିଛି ଯେ ସାଧୁମାନେ ବେଶି ମିଳାମିଶା କରୁ ନାହାନ୍ତି, ସହର ବାହାରେ କୁଡିଆ ମାରି ରହୁଛନ୍ତି । ଆଗକାଳର ରାଜାମାନେ ଯେଭଳି ଇଂରେଜ ସାହେବମାନଙ୍କ ଅନୈତିକ ବ୍ୟବହାରକୁ ଲୋକଲୋଚନରୁ ଦୂରେଇ ରଖିବା ଲୁଚାଇବା ଉଦ୍ଦେଶ୍ୟରେ ସେମାନଙ୍କ ରହଣିର ଅତିଥି ଭବନ ରାଜ ମହଲଠାରୁ ଦୂରରେ କରୁଥିଲେ, ଏବେ ସାଧୁମାନେ ନିଜକୁ ରହସ୍ୟମୟ କରିବାକୁ ସେହିଭଳି ସହରଠାରୁ ଦୂରରେ ରହିବାକୁ ପସନ୍ଦ କରୁଛନ୍ତି । କୁଡିଆ ଭାରତୀୟ ପରମ୍ପରାର ପରିଚାୟକ । ଉଦ୍ଦେଶ୍ୟ ଯାହା ହେଉ ନା କାହିଁକି, ରାଜାଙ୍କ ଉଆସର କୌଣସି ସ୍ତ୍ରୀ ଉପରେ ଯଦି ସାହେବ ଦୃଷ୍ଟି ପଡିଲା, ରାଜା ଅଡୁଆରେ ପଡୁଥିଲେ । ସାଧୁ ଯଦି କୌଣସି ମହିଳାଙ୍କୁ ପ୍ରିୟତମା ଭଳି ବ୍ୟବହାର କଲେ ଟାଉନ୍ ଲୋକ ତାଙ୍କୁ ଅଡୁଆରେ ପକାଇବେ । କିନ୍ତୁ ଏ ସାଧୁ ଦୂରରେ ଛାଉଣି ପକାଇବାର କାରଣ ମହିଳା-ହରଣ ନୁହେଁ । ଅସଲ କାରଣ ବଡବଡ ଅଫିସର, ପ୍ରଭାବଶାଳୀ ଏମ୍‌ଏଲ୍‌ଏ ଓ ମନ୍ତ୍ରୀମାନେ କୁଡିଆରେ ପଶିଲେ ଖବରକାଗଜର ଆଖିରେ ପଡି ନ ପାରନ୍ତି । ଅବଶ୍ୟ ସହରଠାରୁ ଦୂରରେ କୁଡିଆ ନିର୍ମାଣ କଲେ ଜମି ସୁଲଭ ହୁଏ ।

ବିଜ୍ଞାନ କହେ, ପ୍ରକୃତି କୌଣସି ସ୍ଥାନକୁ ଶୂନ୍ୟ ରଖେ ନାହିଁ । ସହର ଭିତର ଜାଗାମାନ କିପରି ଖାଲି ପଡନ୍ତା ? ବିଭିନ୍ନ ସମ୍ପ୍ରଦାୟ ଓ ଧର୍ମ ନାଁ ରେ ନିଜ ଜୀବିକା ନିର୍ବାହର ଉତ୍ସ ରୂପେ ସହରର ଜାଗାକୁ ମାଡି ବସୁଛନ୍ତି । ଡାକି ଆଣି ବାବାଜୀଙ୍କୁ ମଠ ବା ଆଶ୍ରମ କରାଇ ଦେଉଛନ୍ତି । ଧର୍ମଛତ୍ର ତଳେ ପାରିବାରିକ ଧନ୍ଦାବାଜୀ ଚାଲୁ ରଖିବା ଲାଗି ରାଜନେତାଙ୍କ ଅନୁଗ୍ରହ ଦରକାର । ତେଣୁ କୁଟୀର ବାହାରେ, ପାଚେରି କାନ୍ଥରେ ଓ ବାଡରେ, ଗେଟ୍ ଦୁଇକଡର ଖମ୍ବରେ, ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କର ଫଟୋ ଶୋଭାପାଉଛି । ତଳିଆ

ସରକାରୀ କର୍ମଚାରୀମାନେ ହଇରାଣ କରିବାକୁ ସାହସ କରିବେ ନାହିଁ । ଏକୁ ଆରେକ ପ୍ରତିଯୋଗିତାରେ କେତେକ ବାବାଜୀଙ୍କ କୁଡିଆ ରାଜପ୍ରାସାଦ ହୋଇପଡ଼ିଛି ଏବଂ ସାମନାରେ ମୁଖ୍ୟମନ୍ତ୍ରୀଙ୍କ ହାତଅଙ୍କା ପୂର୍ଣ୍ଣାବୟବ କଟ୍‌ଆଉଟ୍ ଶୋଭା ପାଉଛି ।

ଭିତରକୁ ପଶିଲେ ଜାଣିବେ ସନ୍ଥଙ୍କ ନାମ ଦୁର୍ଲଭ ଚନ୍ଦ୍ର ଦାସ । ଦାସ ତାଙ୍କର ଅସଲ ସାଙ୍ଗିଆ ନୁହେଁ । ଆଗକାଳରେ ଯେପରି ଭଲ ଭଲ ଲୋକମାନେ ବ୍ରାହ୍ମଣ ଧର୍ମୀ ସମାଜରେ ଗ୍ରହଣୀୟ ହେବାପାଇଁ ନିଜକୁ ଦାସ ନାମରେ ଅଭିହିତ କରୁଥିଲେ ଏବେ ସେହିଭଳି ଘଟୁଛି । କିନ୍ତୁ ଉଦ୍ଦେଶ୍ୟ ଭିନ୍ନ । ସେତେବେଳେ ସେମାନେ ସାଧୁ ହିସାବରେ କୌଣସି ଦେବୀ ବା ଦେବଙ୍କ ଦାସ ହିସାବରେ ନିଜକୁ ଅଭିହିତ କରାଉଥିଲେ । ଆଜିକାଲି ସେମାନେ ମୁଖ୍ୟମନ୍ତ୍ରୀଙ୍କ ଅନୁଗତ ହିସାବରେ ପ୍ରମାଣ କରୁଛନ୍ତି । ଏହାଦ୍ୱାରା ପ୍ରତିପତ୍ତି ବଢୁଛି । ସାମାଜିକ ଲାଭ ମିଳୁଛି । ଦାସ ସାଙ୍ଗିଆଟା ବି ବେଶ୍ ବିବିଧାର୍ଥବୋଧକ । ବ୍ରାହ୍ମଣଠାରୁ ଆରମ୍ଭ କରି ହରିଜନ ପର୍ଯ୍ୟନ୍ତ ସବୁ ଜାତିରେ ଦାସ ଉପାଧି ମିଳେ । ତେଣୁ ସେ କୌଣସି ବିଶେଷ ଜାତିର ବୋଲି କେହି କହିପାରିବେ ନାହିଁ । ଏଥିରୁ ବହୁତ ଫାଇଦା ମିଳେ । ଦୁର୍ଲ୍ଲଭ ଦାସ ବି ସେ ଭଳି ଫାଇଦା ଉଠାନ୍ତି । କିନ୍ତୁ ଏବେ କେଇ ବର୍ଷ ହେଲା ତାଙ୍କୁ ଦୁର୍ଲଭ ଚନ୍ଦ୍ର ଦାସ ବା ଦୁର୍ଲଭ ବାବୁ ବୋଲି କେହି ସମ୍ବୋଧନ କରୁ ନାହାନ୍ତି । ସେ ବର୍ତ୍ତମାନ ନ୍ୟାୟାଧୀଶ ଦାସ ।

ଅବଶ୍ୟ ବହୁତ ଲୋକ ଫୁସୁର-ଫାସର ହୁଅନ୍ତି । ସେମାନେ କହନ୍ତି ଏ କୁଆଡେ ତାଙ୍କର ମାର୍କଲିଷ୍ଟରେ ଜାଲିଆତି କରି ନମ୍ବର ବଢାଇ କଲେଜରେ ଆଡମିସନ୍ ନେଇଥିଲେ । ଧରା ପଡିବା ପରେ ଜେଲ ଯାଇ ଥାଆନ୍ତେ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଭାବରୁ ଅଦାଲତ ତାଙ୍କୁ ପ୍ରଥମ ଥର ଅପରାଧ ବୋଲି କ୍ଷମା କରିଛନ୍ତି । ସେ ବର୍ତ୍ତମାନ ପାରୋଲରେ ଅଛନ୍ତି ।

ସମ୍ଭବତଃ ସେହି କାରଣରୁ ଅଦାଲତ କିପରି କାମ କରେ ଦୁର୍ଲ୍ଲଭ ଜାଣି ଯାଇଛନ୍ତି, ତେଣୁ ସେ ଆଜି ମିଷ୍ଟର୍ ଜଷ୍ଟିସ୍ ଦାସ ।

ଦୁର୍ଲ୍ଲଭଙ୍କ ଭାଷାରେ ଦୁନିଆରେ ଖଳ ଲୋକ ବହୁତ । ସେହିମାନଙ୍କ ଭିତରୁ କେତେକ କହନ୍ତି ଦୁର୍ଲ୍ଲଭ ଜଣେ ବଦମାସ । ଗୁଣ୍ଡାଶ୍ରେଣୀର ଲୋକ । ପାଞ୍ଚ ପାଞ୍ଚଟା କେସ୍ କୁଆଡେ ତାଙ୍କ ନାଁରେ ଚାଲିଛି । ହଁ ଏବେ ବି ଚାଲିଛି । ସେମାନେ ଜୋର ଦେଇ କହନ୍ତି । ମକଦ୍ଦମାର କାରଣ କେବଳ ଧମକା ଧମକି ନୁହେଁ, ହତ୍ୟା କରିବାର ଉଦ୍ୟମଠାରୁ ଆରମ୍ଭକରି ହତ୍ୟା ପର୍ଯ୍ୟନ୍ତ । ଆଉ ଦଳେ କହନ୍ତି, ଦାସ ଜଣେ ବ୍ୟକ୍ତି ନୁହନ୍ତି, ସେ ଗୋଟିଏ ଅନୁଷ୍ଠାନ । ନିଜେ କିଛି କରନ୍ତି ନାହିଁ, କରାନ୍ତି । ତାଙ୍କ ଲୋକେ ଯାହାକିଛି କରୁଛନ୍ତି, ସେସବୁ ତାଙ୍କରି ଇଙ୍ଗିତରେ । ଏବେ ଟାଉନ୍‌ରେ ଯେଉଁଭଳି ଧର୍ଷଣ, ଅପହରଣ ବଢି ଚାଲିଛି, ଏଥିରେ କୁଆଡେ ତାଙ୍କ ଲୋକେ ଜଡିତ, ଖଳଲୋକେ ନଜିର ଦେଇ କହନ୍ତି ।

ଏମିତି ଦୁଇଜଣ କଥାବାର୍ତ୍ତା ହେଉଥିଲା ବେଳେ ଜଣେ ତୃତୀୟ ବ୍ୟକ୍ତି ସେଠି ମୁହଁ ଗେଞ୍ଜି କହିଲା, କିହୋ, ତୁମେ ଜାଣିନାହଁ କି ? ଏ କୁଡିଆଟା କଣ ତାଙ୍କର ଏକମାତ୍ର

ଘର ? ସେ ଗୋଟିଏ ସରକାରୀ ଘର ବି ପାଇଛନ୍ତି, ସେଠି ବି ରୁହନ୍ତି ! ତାଙ୍କ ଅନୁଷ୍ଠାନ ନାଁ ରେ ସେ ଘର ଆଲଟ୍ କରା ଯାଇଛି । ନାମକୁ ମାତ୍ର ଭଡା, ଟଙ୍କାଏ । କୁଡିଆରେ ଟେଲିଫୋନ୍ ଅଛି । କିନ୍ତୁ ଦାସଙ୍କ ନାଁ ରେ ନୁହେଁ ! ତାଙ୍କର ଜଣେ ଶିଷ୍ୟ, ଜଣେ ବିଶିଷ୍ଟ ବ୍ୟବସାୟୀଙ୍କ ନାଁ ରେ । ସାମନାରେ ଥିବା ଗୋଟିଏ ଆମ୍ବାସାଡର ଗାଡିକୁ ଆଙ୍ଗୁଳି ବଢାଇ ସେ କହିଥିଲା, ଏ ଗାଡିଟା ଦେଖୁଛ । ପଶ୍ଚିମବଙ୍ଗର ନମ୍ବର ପ୍ଲେଟ୍ ଅଛି । ଏ ହେଉଛି 'ଜଷ୍ଟିସ୍' ଦାସଙ୍କ । କିନ୍ତୁ କାଗଜ ପତ୍ରରେ ମାଲିକ ଜଣେ ମାରୁଆଡି ।

ଆରେ କାଗଜ ପତ୍ରରେ ନାହିଁ ତ, ତାଙ୍କର କିପରି ହେଲା? ଦୁହିଁଙ୍କର ଏକା ସମୟରେ ଏକା ପ୍ରକାରର ପ୍ରଶ୍ନରେ ତୃତୀୟ ବ୍ୟକ୍ତିଟି ଉତ୍ତର ଦେଇଥିଲା, ତୁମେ ଦି'ଟା ଏତେ ବୋକା ! କିଛି ନ ଜାଣି କାହିଁକି ସାଧୁବାବାଙ୍କ ବିଷୟରେ ଏଣୁ ତେଣୁ ପ୍ରଶ୍ନ ପଚାରୁଛ ? ରାଜନୀତି କରିବ ? ଯଦି କରିବ, ସବୁ ନେତାଙ୍କର ଇତିହାସ ଓ ଭୂଗୋଳ ଜାଣିବା କଥା, ସେମାନଙ୍କର ଚାମ୍‌ଚାମାନଙ୍କର ଓ ସେମାନଙ୍କର ହତିଆରମାନଙ୍କର ପୂରାପୂରି ପୂର୍ବାପର ଇତିହାସ ଜାଣିବା ଦରକାର । ସେମାନଙ୍କ ଇତିହାସର ଦଲିଲପତ୍ର ରଖିଥିବା ଦରକାର । ନିଜ ପାଖରେ ନଥାଉ, ଦରକାର ହେଲେ ପ୍ରମାଣ କରିହେବ ଯେପରି । ଏତକ କହି ତୃତୀୟ ବ୍ୟକ୍ତିଟି ଶାସକ ଦଳର ଦୁଇଜଣ କୁହାଳିଆଙ୍କୁ ଚୁପ୍ କରିଦେଲା ।

ବାବାଙ୍କ ଘର ନମ୍ବର ଦେବା ଦରକାର ନାହିଁ । ଘର ଆଗକୁ ଚାଲିଗଲେ କି କିଛି ଗୋଟାଏ ଆଖି ଦୃଶିଆ ଲେଖା ମିଳେ ନାହିଁ । ତଥାପି ଏହି ଘରଟିକୁ ଲୋକେ କହନ୍ତି ଜନ ଅଦାଲତ । ଦୁର୍ଲଭ ଚନ୍ଦ୍ର ଦାସଙ୍କ ଜନ ଅଦାଲତ । ଏଠିକି ଆସିଲେ ବିଚାର ପାଇଁ ବେଶି ଦିନ ଅପେକ୍ଷା କରିବାକୁ ପଡେ ନାହିଁ ।

ସେ ଘରେ ନଥିଲେ ଆପଣ ଘରକୁ ପଶିବେ ନାହିଁ ସତ କିନ୍ତୁ ଯଦି ଭୁଲ ବଶତଃ ପଶି ଯାଆନ୍ତି, ଆପଣ ଦେଖିବେ ଜଣେ ପୃଥୁଳ, ସୁଠାମ, ସୁଗୋଲ, ଚିକ୍କଣିଆ ଚେହେରାର ଲୋକ ବସିଛି । ଖୁବ୍ ଶାନ୍ତ ଶିଷ୍ଟ ଜଣାଯିବ । କିଛି ନା କିଛି କାଗଜ ଖଣ୍ଡେ ଭିତରେ ମଜ୍ଜି ଯାଇଥିବା ଦିଶିବ । ଏସବୁ କାଗଜଗୁଡାକ ତାଙ୍କ ବିଚାରାଳୟର ବିଚାର ।

ଯଦି ଅସମୟରେ ପହଞ୍ଚି ଯାଆନ୍ତି, ଅସମୟ ଅର୍ଥ, ଯେତେବେଳେ ସେ ଅଦାଲତ ନ କରୁ ନ ଥାନ୍ତି, ଆପଣ ଶୁଣିବେ ହାର୍‌ମୋନିଅମ୍ ଶବ୍ଦ ଓ ପ୍ରାର୍ଥନାର ସ୍ୱର, ବାରିବେ ଅଗରବତିର ବାସନା । ଭିତରକୁ ଗଲେ, ଅବଶ୍ୟ ଚପଲ ବା ଯୋତା ଓହ୍ଲାଇ, ଆପଣ ଦେଖିବେ ଦୁଆର ପାଖରେ ଗୁଡାଏ ଚପଲ ଓ ଯୋତା ଜମିଥିବ । କେତେଜଣ ଅନୁଗତ ଭିତରେ ଅଛନ୍ତି, ଏହା ସୂଚାଇବାକୁ । ବାବୁ ଦୁର୍ଲଭ ଚନ୍ଦ୍ର ଦାସ ଶୁଣାଣିରେ ବ୍ୟସ୍ତ ।

ଏସବୁ ଖବର ଜାଣିବା ପରେ ମୁଁ ଭାବିଲି, ଗୋଟିଏ ଅନୁଧ୍ୟାନମୂଳକ ସମ୍ବାଦଦାତାର କାମ କଲେ ଭଲ ହୁଅନ୍ତା ।

ତାଙ୍କ ମୁହଁରୁ ମୁଁ ତାଙ୍କର ଗୁଣ ଗାୟନ ଶୁଣିଲି । ଲେଖିଲେ ତ ସାତ କାଣ୍ଡ ରାମାୟଣ

ହେବ । ସେ ଯାହା କହିଲେ, ସଂକ୍ଷେପରେ ଲେଖିଲେ ବି ପାଠକମାନେ ଚକିତ ହୋଇଯିବେ । ଭକ୍ତଙ୍କ ଆଖିରେ ସେ ଏକ ବିଚାର ପତି । ବିଚାରାଳୟରେ ପ୍ରଭୂତ ଖର୍ଚ୍ଚ କଲେ ମଧ୍ୟ ଯଥା ସମୟରେ ଆଦେଶ ମିଳେ ନାହିଁ । ନାମୀ ଓକିଲ ନ ଲଗାଇଲେ ନ୍ୟାୟ ପାଇବା ଅସମ୍ଭବ । ପୁଣି ନିଜର ଦାବି ସହିତ ବିଚାରାଳୟରେ ଦରକାରହେଉଥିବା ଖର୍ଚ୍ଚର କୌଣସି ଅନୁପାତ ନାହିଁ । କିନ୍ତୁ ଦୁର୍ଲ୍ଲଭ ଚନ୍ଦ୍ର ଦାସଙ୍କ ଅଦାଲତରେ ଅନୁପାତ ଅଛି । ସବୁ ଦେଓ୍ୱାନୀ, କିଛି କିଛି ଫୌଜଦାରୀ, ମାମଲା ବି ଦାସ ବାବା ଫଏସଲା କରନ୍ତି ।

କିଛିଦିନ ତଳେ ଯେତେବେଳେ ହର୍ଷଦ ମେହେଟ୍ଟା ଦେଶଟାର ସେଆର ବଜାରକୁ ହଲ ଚଲ କରି ଦେଇଥିଲା, ସେତେବେଳେ ଜଣେ ଜମିଦାର ଦୁଇ ଲକ୍ଷ ଟଙ୍କାର ସେଆର ଜଣେ ଉପଦଲାଲ ବା ସବ୍‌ବ୍ରୋକରଠାରୁ କିଣି ଥିଲା । ହର୍ଷଦ ମେହେଟ୍ଟା ତିଆରି କରିଥିବା ଫୋଟକା ଯେତେବେଳେ ଫାଟିଗଲା, ଷ୍ଟକ୍ ମାର୍କେଟ ଭୁଶୁଡ଼ି ପଡ଼ିଲା, ସେତେବେଳେ ଜମିଦାରଙ୍କ ହାର୍ଟ ମଧ୍ୟ ଭୁଶୁଡ଼ିବା ଆରମ୍ଭ କରିଥିଲା । ଜମିଦାରଙ୍କର କେତେକ ଚାମ୍‌ଚା ତାଙ୍କୁ ବୁଝାଇଲେ ଯେ ଦୁର୍ଲଭ ଚନ୍ଦ୍ର ଦାସଙ୍କ ଅଦାଲତର ଦ୍ୱାରସ୍ଥ ହୁଅନ୍ତୁ ।

ଦାସବାବାଙ୍କ ବିଚାରର ମୂଳ ତାଙ୍କର ଶକ୍ତ କାଣ୍ଡଜ୍ଞାନ । ଯାହା କରିବା କଥା ପ୍ରଥମେ ସେଇଆ କଲେ । ବର୍ତ୍ତମାନର ସେଆର ଦାମ ଯାହା, ସବ୍‌ବ୍ରୋକର ତାହା ଦେଇଦେଉ । ଜମିଦାର ବାବୁ ଛାଡ଼ିବାକୁ ନାରାଜ । ସେ ଯେତିକି ପୁଞ୍ଜି ଖଟାଇଛନ୍ତି, ସେତିକି ନେବାକୁ ଜିଦ୍ । ତାଙ୍କର ଯୁକ୍ତି ହେଲା, ମୁଁ ଯଦି ଷ୍ଟକ୍ ଏକ୍ସଚେଞ୍ଜ୍‌କୁ ଯାଇଥାଆନ୍ତି ସେତିକି ତ ପାଇଥାଆନ୍ତି । ଆପଣଙ୍କ କୋର୍ଟକୁ ଆସି ଲାଭ କଣ ହେଲା ?

ଦୁର୍ଲ୍ଲଭ ଦାସଙ୍କ ଅଦାଲତରେ ତାଙ୍କୁ ୨୫,୦୦୦ଟଙ୍କା ଦେବାକୁ ପଡ଼ିଲା । ଏ ହେଲା ପ୍ରସେସ୍ ଫି । କୋର୍ଟ ଫି ବୋଲି ଭାବ । ସବ୍‌ବ୍ରୋକରକୁ ସମନ୍ ଜାରି କରିବାକୁ ପଡ଼ିବ । ଦାଦା ମାନଙ୍କ ଖର୍ଚ୍ଚ ତ ଅଛି । ପିଆଦା ଭାବେ ଯିବା ଆସିବା କରିବେ । ପୁଣି ଆଦେଶ ପାଳନ ହେଲା କି ନାହିଁ ଦେଖିବେ । ନ୍ୟାୟ ଖୁବ୍ ଶୀଘ୍ର ମିଳିଲା । ସବ୍‌ବ୍ରୋକର୍ ଅକ୍ଟୋବର ୨ ସୁଦ୍ଧା ଦୁଇ ଲକ୍ଷ ଦେବ । ଡେରି କଲେ ତାର ଦେଢ଼ଗୁଣ ଦେବ । ସବ୍‌ବ୍ରୋକର ଠିକ୍ ଗାନ୍ଧି ଜୟନ୍ତି ଦିନ ଦୁଇ ଲକ୍ଷ ଦେଇ ଦେଲା । ନ ଦେଇ ତାର ଚାରା ଅଛି !

ମୋର ଅନୁଧ୍ୟାନମୂଳକ ସମ୍ବାଦ ସଂଗ୍ରହର ବେଗ ବଢ଼ିଗଲା । ଦୁର୍ଲଭ ଚନ୍ଦ୍ର ଦାସ ବାହାସ୍ଫୋଟ ମାରି କହନ୍ତି, ଏପରିକି ବିରୋଧି ଦଳ ଲୋକେ ମଧ୍ୟ ମୋ ପାଖକୁ ଆସନ୍ତି । ଥରେ କୁଆଡେ ସେ ଖାସ୍ ମୁଖ୍ୟମନ୍ତ୍ରୀଙ୍କ ପାଖ ଲୋକଙ୍କ ଦ୍ୱାରା ହଇରାଣ ହେଉଥିବା ଜଣେ ବିରୋଧୀ ଏମ୍‌ଏଲ୍‌ଏ କୁ ରକ୍ଷା କରିଛନ୍ତି ।

ଦୁର୍ଲ୍ଲଭ ଦାସଙ୍କ ବିଚାର ପଦ୍ଧତିର ମୂଳମନ୍ତ୍ର ହେଲା ଆପୋଷ ସମାଧାନ । ଆଜିକାଲିର ଲୋକ ଅଦାଲତ ସମ୍ଭବତଃ ଦାସବାବାଙ୍କ ଆଦର୍ଶରେ ଗଢ଼ା । ପ୍ରଭେଦ ଏତିକି ଯେ ଦୁଇ ପକ୍ଷରୁ କିଛି କିଛି ପଇସା ଆଦାୟ ହୁଏ, ଏ ଏକ ରକମର ସେକ୍ୟୁରିଟି ଡିପୋଜିଟ୍ ।

ଯଦି ଗୋଟିଏ ପକ୍ଷ ଏଥିରେ ରାଜି ନ ହେଲା, ତା ଡିପୋଜିଟ୍ ଅନ୍ୟ ପକ୍ଷକୁ ଦେଇ ଦିଆଯାଏ । ନ୍ୟାୟ ପ୍ରଦାନର ଏ ଏକ ଅନୁପମ ଉଦାହରଣ । ଲୋକ ଅଦାଲତରେ ଏ ବ୍ୟବସ୍ଥା ନାହିଁ ।

ମୁଁ ଦାସବାବାଙ୍କ ସହ ପ୍ରଶ୍ନୋତ୍ତରରେ ବ୍ୟସ୍ତ ଥିବା ବେଳେ ତାଙ୍କର ଜଣେ ଶିଷ୍ୟ ଗୋଟିଏ ଅର୍ଜି ଧରି ପହଞ୍ଚିଲା । ଅର୍ଜିବାଲାକୁ ଦାସବାବାଙ୍କ ସାମନାକୁ ଅଣାଗଲା । ମକଦ୍ଦମାର ଶୁଣାଣି ଆରମ୍ଭ ହେଲା ।

ଅଭିଯୋଗକାରୀ ଜଣେ ଜଣାଶୁଣା ବ୍ୟକ୍ତି, ଏକ ନିଗମର ଅଧ୍ୟକ୍ଷ, ନାମ ଯଜୁର୍ବେଦ ପାଣି । ତାଙ୍କର ଅଭିଯୋଗ, ମନ୍ତ୍ରୀ ତାଙ୍କ ସ୍ତ୍ରୀକୁ ଗୁଣିଆ କରି ଅକ୍ତିୟାରରେ ରଖିଛନ୍ତି । ସେ ତାଙ୍କ ସ୍ତ୍ରୀକୁ ଫେରି ପାଇବାକୁ ଚାହାନ୍ତି । ଦାସବାବା ଜେରା କଲେ, ଯାହା ଜାଣିଲେ, ତହିଁରୁ ମୋର ମନେ ହେଲା, ଗାଦିରେ ରହିବା ଲାଗି ରାଜନେତାମାନେ ଜଘନ୍ୟ ଅପରାଧ କରିବାକୁ ପଛାନ୍ତି ନାହିଁ । 'ଜାତିର କର୍ଣ୍ଣଧାରମାନେ ଅପରାଧୀ ହେଲେ ଦିନେ ଆମ ଓଡିଆ ସମାଜ ମୟୁରଭଞ୍ଜର ଲୋଧା ଆଦିବାସୀଙ୍କ ଭଳି ଏକ କ୍ରିମିନାଲ୍ ଟ୍ରାଇବ୍ ହୋଇଯିବ ।' ଦରଖାସ୍ତକାରୀର କାହାଣୀ ଶୁଣୁ ଶୁଣୁ ଏ ବାକ୍ୟଟି ମୋ ପାଟିରୁ ବାହାରି ପଡିଲା, ତତ୍‌କ୍ଷଣାତ୍ ଦାସବାବା ବିଶି ଆଙ୍ଗୁଳି ଦେଖାଇ ମୋତେ ଚୁପ୍ ରହିବାକୁ ଇଙ୍ଗିତ ଦେଲେ ।

ଘଟଣା ନ କହି କାହାଣୀ କହିଲେ ଭଲ ହେବ । କାହାଣୀଟି ଏହିପରି । ମନ୍ତ୍ରୀଙ୍କ ଆସନ ଟଳମଳ । ହାଇକମାଣ୍ଡଙ୍କ ଅସନ୍ତୋଷ ଯୋଗୁଁ ସେ ମନ୍ତ୍ରୀ ପଦ ହରାଇପାରନ୍ତି ଶୁଣିଲା ଦିନୁ ସେ ପୂଜାପାଠ, ମନ୍ତ୍ର ତନ୍ତ୍ର କରିବାରେ ଲାଗି ପଡିଛନ୍ତି ।

ନିର୍ବାଚନ ଯେତେ ପାଖେଇ ଆସୁଛି ସେ ସେତେ ବେଶି ବିବ୍ରତ ହୋଇପଡୁଛନ୍ତି । ଆସନ୍ତା ନିର୍ବାଚନ ପୂର୍ବରୁ ସେ କଟିଯାଇପାରନ୍ତି ବୋଲି ହାଇ କମାଣ୍ଡଙ୍କ ବ୍ୟକ୍ତିଗତ ସଚିବ ଗୋପନରେ ଫୋନ୍ କରି କହିଛନ୍ତି । ପାର୍ଟିର ଅଧ୍ୟକ୍ଷଙ୍କ ବ୍ୟକ୍ତିଗତ ସଚିବ ସହିତ ମନ୍ତ୍ରୀଙ୍କ ବେଶ୍ ଭଲ ସମ୍ପର୍କ । ମନ୍ତ୍ରୀ ଦିଲ୍ଲୀ ଗଲେ ବାକ୍ସ ବାକ୍ସ ସମ୍ବଲପୁରୀ ଶାଢୀ ନେଇ ତାକୁ ଉପହାର ଦିଅନ୍ତି, ମଝିରେ ମଝିରେ ନୋଟ ତାଡା ପଠାନ୍ତି । ଭୁବନେଶ୍ୱରରେ ଖଣ୍ଡିଏ ଜମି ତାଙ୍କୁ ଦେଇଛନ୍ତି ।

ସେ ଯେତେବେଳେ କହୁଛି ଗାଦି ଯିବ, ଅବିଶ୍ୱାସ କରିବାର କଣ ଅଛି ? କିନ୍ତୁ ଯଦି ଗାଦି ବଜାୟ ରଖିବାର ଯାବତୀୟ ଉପାୟ ସେ ଖୋଜିବାରେ ଲାଗିଗଲେ । କିଏ ବତାଇଲେ ମନ୍ତ୍ରୀ ତାକୁ କୋଳ କରିନିଅନ୍ତି । ସେ ହୋଇଯାଏ ମନ୍ତ୍ରୀଙ୍କ ଗେହ୍ଲା ଲୋକ । ପ୍ରଚୁର ପଇସା ବି ମନ୍ତ୍ରୀ କରାଇ ଦିଅନ୍ତି ।

କିଛି ଦିନ ତଳେ ବ୍ରହ୍ମଜ୍ଞ ବୋଲାଉଥିବା ଜଣେ ତାନ୍ତ୍ରିକଙ୍କ କଥାରେ ସେ ଚାଲିଛନ୍ତି । ଯଦି ସେ ଗୋଟିଏ ଅହ୍ୟା କିନ୍ତୁ କାକବନ୍ଧ୍ୟା ସ୍ତ୍ରୀ ସହ କୁଣ୍ଡଳିନୀ ଯୋଗରେ ବସିପାରିବେ, ତାଙ୍କୁ ଆସନରୁ କେହି ତଡିପାରିବ ନାହିଁ । ମୋର ଗୋଟିଏ ପୁଅ । ତାକୁ ଚେନ୍ନାଇର

ଆଇଆଇଟିରେ ନାଁ ଲେଖାଇ ଦେଇ ମନ୍ତ୍ରୀ ମୋ ସ୍ତ୍ରୀକୁ ଭୁଲାଇନେଲେ । ଏ ଥିଲା ଏକ ସୁଚିନ୍ତିତ ଯୋଜନାର ଅଙ୍ଗ । 'ଘର ଗାଡି ଆଦି ତାକୁ ଯୋଗାଇ ଦେଇ ମୋ ଠାରୁ ମୋ ସ୍ତ୍ରୀକୁ ଭିନ୍ନ କରାଗଲା ।' ମୁଁ ଏପରି ଏକ ଗୁଜବ ଶୁଣିଥିଲି, ଏବେ ସତଟା ଜାଣିଲି । ଶ୍ରୀମତୀ ପଣ୍ଡାକୁ ବିଭିନ୍ନ ପ୍ରଲୋଭନ ଦେଖାଇ କୁଣ୍ଡଳିନୀ ଯଜ୍ଞରେ ବ୍ୟବହାର କରାଯାଉଛି । ଅର୍ଜ୍ଜିକାରୀକୁ ଜଳସେଚନ ନିଗମର ଅଧ୍ୟକ୍ଷ କରାଯାଇ ରାଜ୍ୟସାରା ବୁଲିବାକୁ କୁହାଯାଇଛି, ଚାଷୀଙ୍କ ଦୁଃଖ ଦୁର୍ଦ୍ଦଶା ବୁଝିବାକୁ କୁହାଯାଇଛି । ଅର୍ଜ୍ଜିକାରୀର କାହାଣୀରୁ ମୁଁ ଖିଅ ଧରିଲି, ଅଧ୍ୟକ୍ଷ କାର୍ଯ୍ୟରେ ଗସ୍ତରେ ଥିବା ବେଳେ ତାଙ୍କ ସ୍ତ୍ରୀକୁ ଧରି ଭିନ୍ନ ଭିନ୍ନ ଦେବୀ ମନ୍ଦିରରେ ରାତି ଅଧରେ କୁଣ୍ଡଳିନୀ କ୍ରିୟାରେ ଘଣ୍ଟାଧୀକ କାଳ ପୌରୁଷର ସ୍ତମ୍ଭନ କରି ମନ୍ତ୍ରୀ ଦେବୀ ପୂଜା କରିପାରିଲେ ସେ ଅଟଳ ରହିବେ, ହାଇକମାଣ୍ଡ ବଶ ହୋଇଯିବେ । ସ୍ତ୍ରୀ ତାଙ୍କ ପାଖରେ ନିଜର ଭୁଲ ମାନିଛି, କିନ୍ତୁ ରାତିରେ ମନ୍ତ୍ରୀ କି କିମିଆ କରୁଛି କେଜାଣି ସେ ମନ୍ତ୍ରୀ ପଠାଇଥିବା ଗାଡିରେ ବସିଯାଉଛି । ବିବସ୍ତ୍ର ହୋଇ ମନ୍ତ୍ରୀଙ୍କ କୋଡରେ ମୁହାଁ ମୁହିଁ ବସିଯାଉଛି । ପୂଜା ସରିବା ଯାଏଁ କଣ ଘଟିଯାଉଛି, ତା ସେ ଜାଣିପାରୁ ନାହିଁ ।

ଅର୍ଜ୍ଜିକାରୀର ପ୍ରାର୍ଥନା, ମନ୍ତ୍ରୀଙ୍କୁ ଏ କାମରୁ ନିବୃତ୍ତ କରନ୍ତୁ, ଶ୍ରୀମତୀ ପଣ୍ଡାକୁ ଭଲ ବାଟ ଦେଖାଇ ସୁଧାରନ୍ତୁ । ଏ ଏକ ପ୍ରକାରର ଫାମିଲି କୋର୍ଟ ମାମଲା ।

ଦୁର୍ଲ୍ଲଭ ବାବା ମନ୍ତ୍ରୀ ଓ ଶ୍ରୀମତୀ ପଣ୍ଡାକୁ ହାଜର କରିବା ପାଇଁ ତାଙ୍କ ପଞ୍ଚଶିଷ୍ୟଙ୍କୁ ବରାଦ ଦେଲେ । ସେ ଦିନ ଆସିବି ବୋଲି ଅନୁମତି ନେଲି, କିନ୍ତୁ ମୋତେ ପଛଆଡେ ଲୁଚି ରହିବାକୁ ପଡିବ, ସେ ସର୍ତ୍ତ ରଖିଲେ ।

ଏହା ପରେ ଯାହା ଯାହା ଘଟିଲା ସଂକ୍ଷେପରେ କହିଦେଉଛି । ନିର୍ବାଚନ ପୂର୍ବରୁ ମନ୍ତ୍ରୀ ତାଙ୍କ ପଦ ହରାଇଲେ । କିନ୍ତୁ ଶ୍ରୀମତୀ ପଣ୍ଡାକୁ ଛାଡିଲେ ନାହିଁ । ବରଂ ସାଧୁବାବାଙ୍କ ପାଖରେ ଫେରାଦ ହେଲେ ଯେ ସେ ଶ୍ରୀମତୀ ପଣ୍ଡାକୁ କିପରି ନିର୍ବିଘ୍ନରେ ପାଇବେ ରାୟ ଦିଅନ୍ତୁ ।

ତା ପରେ ଦିନେ ମୋତେ ହିଁ ଖବର ଛପାଇବାକୁ ପଡିଲା, ଜଳସେଚନ ନିଗମ ଅଧ୍ୟକ୍ଷ । ଶ୍ରୀପଣ୍ଡାଙ୍କ କାର୍ ଦୁର୍ଘଟଣାରେ ମୃତ୍ୟୁ ।

*****

## ପଲିବସ୍ତ୍ର

ଗାଳ୍ପଟିର ନାଁ ଭୁଲ ବୋଲି ଆପଣମାନେ ଭାବନ୍ତୁ ନାହିଁ । ପଲ୍ଲୀ ନୁହେଁ; ଗାଁ ବାଲାମାନଙ୍କର ବ୍ୟବହାର ପାଇଁ ବସ୍ତ୍ର ନୁହେଁ, କିମ୍ବା ଗାଁ ବାଲାଏ ତିଆରି କରୁଛନ୍ତି ବୋଲି ଆପଣ ଭାବନ୍ତୁ ନାହିଁ । ପଲି ଗୋଟିଏ ଖେଚଡ଼ି ଶବ୍ଦ । ଓଡ଼ିଆ ଶବ୍ଦ ବସ୍ତ୍ର, ଇଂରେଜୀ ଶବ୍ଦ ପଲି । ଏ ଦୁଇଟିର ମିଶ୍ରଣ । ଏକାଧିକ ଜିନିଷର ମିଶ୍ରଣକୁ ବିଶେଷଣ ହିସାବରେ ବ୍ୟବହାର କଲେ ଇଂରାଜୀରେ ପଲି ଉପସର୍ଗ ଲାଗେ । ଯଥା ବହୁ ବାହୁ ଥିବା କ୍ଷେତ୍ରକୁ ପଲିଗନ୍ କହନ୍ତି । କିନ୍ତୁ ଏଠାରେ ପଲିଷ୍ଟର ଶବ୍ଦରୁ ପଲି ନିଆଯାଇଛି, ଟେରିଲିନ୍ ଭଳି ଏ ଗୋଟିଏ ଜିନିଷ ।

କିନ୍ତୁ ଅର୍ଥକୁ ଅନର୍ଥ କରିବେ ନାହିଁ ଟି ? କେତେକ ପାଠକ ଭାବୁଥିବେ, ଗୋଟିଏ ଲୁଗା ପିନ୍ଧିଲେ ବୋଧେ ଯଥେଷ୍ଟ ହେବ ନାହିଁ, ଦେହଯାକ ସବୁ ଦିଶିବ । ଇଂରାଜୀରେ ଯାହାକୁ କହନ୍ତି 'ସି ଥ୍ରୁ' ଲୁଗା । ଶାଢ଼ୀ ହେଲେ ତ ଆହୁରି ବିପଦ । ଭିତର ଦିଶିଯିବି ବୋଲି ତ କେତେକ କହନ୍ତି ଏହାର ନାମ ପଲିବସ୍ତ୍ର ହୋଇଛି । ଏକାଧିକ ବସ୍ତ୍ର ପିନ୍ଧିବାକୁ ପଡ଼ିବ, ତେଣୁ ଏହାର ନାମ ପଲି ବସ୍ତ୍ର ।

ମଣିଷ ପ୍ରକୃତି ଅନ୍ୟର ଦୋଷ ଦେଖିବା । ପ୍ରତ୍ୟେକ କଥାରେ, ପ୍ରତ୍ୟେକ କାମରେ ନିନ୍ଦୁକ ବାହାରିବେ । ଏଥିରେ ବି ନିନ୍ଦୁକ-ଶ୍ରେଣୀର ସମାଲୋଚକ କହନ୍ତି, କୁଆଡେ ଗୋଟିଏ ପଲିଷ୍ଟର ସୂତା କାରଖାନାର ମାଲିକ ଶାସକ ଦଳ ସାଙ୍ଗରେ ସଲାସୁତରା କରି ଦେଶର ସବୁ ବ୍ଲକ୍‌ରେ ଏମିତି ବସ୍ତ୍ର ତିଆରି କେନ୍ଦ୍ର ଖୋଲୁଛନ୍ତି । ଶ୍ରୀମତୀ ଗାନ୍ଧିଙ୍କ ସମୟରେ ଘଟିଛି । ସେତେବେଳେ ସ୍କାମ୍ ଶବ୍ଦର ଏତେ ପ୍ରଚଳନ ନ ଥିଲା । କୁଆଡେ ମୋଟା ଅଙ୍କର ଦାନ ଦଳର ପାଣ୍ଠିକୁ ମିଳିଥିଲା, ମିଳୁଥିବ ବି । ତେଣୁ ସେ କମ୍ପାନୀର ପଲିଷ୍ଟର ସୂତା କିଣା ହେବ, ତା ସାଙ୍ଗରେ ତୁଳା ସୂତା ମିଶାଇ ବସ୍ତ୍ର ବୁଣାଯିବ ।

ସବୁ କଥାରେ ନିନ୍ଦୁକମାନେ ଏମିତି ଗୋଇ ଖୋଳିବେ । ସ୍ୱଦେଶୀ ବସ୍ତ୍ର ଆନ୍ଦୋଳନର ଏ ଗୋଟିଏ ଅଙ୍ଗ । ଗାଁର ଲୋକେ ଲୁଗା ବୁଣିବେ । ସବୁଦିନେ ସେଇ ପୁରୁଣାକାଳିଆ କପା ଲୁଗା କରୁଥିବେ ନା କ'ଣ ? ଗାନ୍ଧି ଏବେ ବଞ୍ଚିଥିଲେ ସେ ବି କହନ୍ତେ, ହଁ ତନ୍ତୀକୂଳର ଆଧୁନିକୀକରଣ କରା ତାଙ୍କ ଆତ୍ମାକୁ ଶାନ୍ତି ଦେବାପାଇଁ ସରକାର ଠିକ୍ କରିଛନ୍ତି କପା ସୂତା ସାଙ୍ଗରେ ରାସାୟନିକ ସୂତା ମିଶାଇ ସ୍ୱଦେଶୀ ଲୁଗା ବୁଣିବାକୁ ପଡ଼ିବ । ଏଥିପାଇଁ କଳ ତିଆରି ପଲିଷ୍ଟର ସୂତା ବ୍ୟବହାର କଲେ କ୍ଷତି କ'ଣ ? ତୁଳା ସୂତା ବି ତ କଳରେ ତିଆରି ହେଉଛି ? ଲୋକେ କ'ଣ ଆଉ ଟାକୁଲି ତିଆରି ମୋଟା ସୂତାର ଲୁଗା ପିନ୍ଧୁଛନ୍ତି ?

ସ୍ୱଦେଶୀ ଲୁଗାଟା ଏତେ ବଡ କଥା ନୁହେଁ, ବଡ କଥା ହେଉଛି ଏହାଦ୍ୱାରା ବହୁତ ଲୋକ କାମଦାମ ପାଇବେ। ଦେଶର ତନ୍ତୀକୂଳ ଦାରିଦ୍ର୍ୟ ସୀମା ରେଖା ତଳେ ରହିଆସିଛନ୍ତି, ସେମାନଙ୍କୁ ଦାରିଦ୍ର୍ୟ ସୀମା ରେଖା ଉପରକୁ ଉଠାଇବାକୁ ହେଲେ ଅଧିକ କାମଧନ୍ଦା ଯୋଗାଇବାକୁ ପଡିବ । ଖାଣ୍ଟି ତୁଳା ଲୁଗା ବହୁତ ଦାମ; କେତେ ଲୋକ ନେବେ ? ତେଣୁ ଆମ ଗାଁ ଗହଳିର ତନ୍ତୀମାନଙ୍କୁ ଟେରିକଟନ୍ ବା କଟ୍‌ଲିନ୍ ବସ୍ତ୍ର ତିଆରି କରିବାର ସୁଯୋଗ ଦେବାକୁ ପଡିବ । ଏଥି ଲାଗି ଚାହିଦା ଅଛି, ବଜାର ଅଛି । ବେଶି ବିକ୍ରି ହେଲେ ବେଶି ତିଆରି ହେବ, ରୋଜଗାର ବଢିବ, ରୋଜଗାର ବଢିଲେ ସେମାନଙ୍କ ସ୍ୱଚ୍ଛଳତା ଆସିଯିବ ।

ପ୍ରଥମେ ପ୍ରଥମେ ପ୍ରତି ବ୍ଲକ୍‌ରେ ଗୋଟିଏ ଲେଖାଏଁ ପଲିବସ୍ତ୍ର କେନ୍ଦ୍ର ଗଢାଯିବ। ଗାଁର ବୁଣାଳୀ ସ୍ତ୍ରୀଲୋକମାନଙ୍କୁ ଏ ଧନ୍ଦା ଯୋଗାଯିବ; ତା ପରେ ଅନ୍ୟ ସ୍ତ୍ରୀଲୋକମାନଙ୍କୁ କାମ ଯୋଗାଯିବ । ଏ ସବୁ କାମରେ ବିଧବାମାନଙ୍କୁ ଅଗ୍ରାଧିକାର ଦିଆଯିବ । ପ୍ରାଥମିକ ଅବସ୍ଥାରେ ଯୋଜନା ଥିଲା ସ୍ତ୍ରୀଲୋକମାନେ ଏହି କେନ୍ଦ୍ରକୁ ଆସିବେ, ଏଇଠି ଲୁଗା ବୁଣିବେ । ଏହା ଅବାସ୍ତବ ମନେ ହେଲା । ଘର ଛାଡି, ଛୁଆ ପିଲାକୁ ଛାଡି କୋଉ ସ୍ତ୍ରୀଲୋକ ଲୁଗା ବୁଣିବା ପାଇଁ ଦୂରକୁ ଯିବ ? ଗୋଟିଏ ବୁଣା କେନ୍ଦ୍ରରେ ବସି ରହିବ ? ଏଭଳି ମଜୁରି ଖଟିବାକୁ ମହତ ଘରର କେହି ଆସିବେ ନି । ତଥାପି କାମ ଆଁରମ୍ଭ ହେଲା । କଂଗ୍ରେସ୍ ହାଇ କମାଣ୍ଡଙ୍କ ଆଦେଶ । କୋଉ ରାଜ୍ୟ ନେତା ଅମାନ୍ୟ କରିବ ! ତା ଗାଦି ରହିବ ତ ! ଆଗରୁ ଜଣେ ଅଧେ ମୁଖ୍ୟ ମନ୍ତ୍ରୀଙ୍କ ପୁଅ, ହାଇକମାଣ୍ଡଙ୍କ ପୁଅ ସହିତ ଟକର ଦେଇଥିଲେ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ଗାଦି ଛାଡିବାକୁ ପଡିଲା । ଏ ଡର ସବୁ ରାଜ୍ୟକୁ ଘାରିଛି । ଅଫିସରମାନେ ବା କାହିଁକି ଆପତ୍ତି ଉଠାଇବେ । ସେମାନ ଜାଣନ୍ତି, ଦେଶ ଭକ୍ତିର ପରାକାଷ୍ଠା କେବଳ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ପ୍ରଦର୍ଶିତ ଭକ୍ତିରେ ମପାହେଉଛି ।

ଦେଶଟାଯାକ ତ ଗାଁ । ଗାଁ ସ୍ତ୍ରୀଲୋକେ ନିଜ ଘରଛାଡି ଦୂରରେ ଗୋଟିଏ ବୁଣାକେନ୍ଦ୍ରକୁ ଯିବେ, ସେଠି ବସି ରହିବେ, ବାହାରର ପୁରୁଷମାନଙ୍କ ସାମନାରେ କାମ କରିବେ - ଏଭଳି ମଜୁରି ଖଟିବାକୁ କେହି ଆସିବେନି ବୋଲି କେତେକ ସାହସୀ ନେତା କହିବାରୁ ଯୋଜନା ଟିକେ ବଦଳିଲା, ଯେଉଁ ଗାଁରେ ଦଶଜଣ ମହିଳା ଯୁଟିବେ ବା କାଗଜ ପତ୍ରରେ ଯୁଟିଥିବାର ଦେଖାଯିବ, ସେଠାରେ ଗୋଟିଏ ସମବାୟ ସମିତି ଗଢାଯିବ। ସମିତି ଜରିଆରେ ସୂତା ମିଳିବ, ମଜୁରି ବାବଦରେ କିଛି ଅଗ୍ରୀମ ଦିଆଯିବ,ତିଆରି ଲୁଗା କେନ୍ଦ୍ରରେ ଦେଲେ ବାକି ପଇସା ମିଳିଯିବ । ପଲିବସ୍ତ୍ର କେନ୍ଦ୍ର ଏହାକୁ ନିୟନ୍ତ୍ରଣ କରିବ ।

ଏ ହେଲା ବିଡିଓଙ୍କର କାମ । ସେ ପଲିବସ୍ତ୍ର କେନ୍ଦ୍ର ଗଢିବେ, ସମିତି ପ୍ରତିଷ୍ଠା କରିବେ । ଏମିତି କାମ ଅନ୍ୟ ବ୍ଲକକୁ ଯେପରି ଦିଆଗଲା, କୁକୁଡାଖଣ୍ଡି ବ୍ଲକକୁ ମଧ୍ୟ ଦିଆଗଲା ।

ମୁକୁନ୍ଦ ହରିଚନ୍ଦନ ଉତ୍ସାହୀ ଯୁବ ଅଫିସରମାନଙ୍କ ମଧ୍ୟରେ ଅନ୍ୟତମ । ସରକାରୀ ଘୋଷିତ ନୀତିକୁ କାର୍ଯ୍ୟକାରୀ କରିବାରେ ସେ ପାଦଟିଏ ବି ହେଳା କରେ ନାହିଁ, ରାଜ୍ୟର

ପ୍ରଥମ ପର୍ଯ୍ୟାୟରେ ଯେଉଁ କେତୋଟି ବ୍ଲକ୍‌ରେ ପଲିବସ୍ତ୍ର କେନ୍ଦ୍ର ଖୋଲାଯିବ ବୋଲି ନିଷ୍ପତ୍ତି ହେଲା, ତା ଭିତରେ ତା'ର ବ୍ଲକ ବଛା ହୋଇଛି । ଶିଳ୍ପମନ୍ତ୍ରୀ ତାକୁ ଉଦ୍‌ଘାଟନ କରିବେ। ଅକ୍ଟୋବର ଦୁଇ ଗାନ୍ଧୀଙ୍କ ଜନ୍ମ ଦିବସରେ ।

ମୁକୁନ୍ଦ ହରିଚନ୍ଦନଙ୍କୁ ଏକସୂତ୍ରୀ ବରାଦ ଦିଆଯାଇଥିଲା, ଅସନ୍ତୁଷ୍ଟ ବିଧାୟକ ଶ୍ରୀ ସିଂହଙ୍କ କଥାରେ ସେ ଚାଲିବ ନାହିଁ । ମୁକୁନ୍ଦ ହରିଚନ୍ଦନଙ୍କୁ ବୁଝିବାକୁ ଡେରିହେଲା ନାହିଁ । ସେ ସ୍ଥାନୀୟ ବିଧାୟକଙ୍କୁ ଉପେକ୍ଷା କରି ଶିଳ୍ପମନ୍ତ୍ରୀଙ୍କ ଇଙ୍ଗିତରେ ପଲିବସ୍ତ୍ର କେନ୍ଦ୍ରର ସ୍ଥାନ ନିରୂପଣ କରିବ । ତାହା ହିଁ ସେ କଲା । ଅର୍ଥନୀତିର ଅନର୍ସ ଛାତ୍ର ହିସାବରେ ସେ ଇକନମିକ୍ସ ଅଫ୍ ଲୋକେସନ୍ ପଢିଛି । କେବଳ ପୁଞ୍ଜି ଲଗାଇଲେ ଶିଳ୍ପ ଗଢିଉଠେ ନାହିଁ, କିମ୍ବା ଭିତ୍ତିଭୂମି ଅଥବା ପାଖଆଖରେ କୁଶଳୀ ଶ୍ରମିକ ଗୋଷ୍ଠୀ ଥିଲେ ଯଥେଷ୍ଟ ନୁହେଁ । କଣ କଲେ ଉତ୍ପାଦନ ଖର୍ଚ୍ଚ କମିବ, ବିକ୍ରିମୂଲ୍ୟ କମ୍ ହେବ, ପର୍ଫେକ୍ଟ କମ୍ପିଟିସନ୍ ପରିସ୍ଥିତି ଆସିଯିବ, ଶିଳ୍ପ କାରଖାନାଟିଏ ପ୍ରତିଷ୍ଠା କରିବା ବେଳେ ଭାବିବା କଥା । ଯେ କୌଣସି ସ୍ଥାନରେ ଉତ୍ପାଦନ ଖର୍ଚ୍ଚ ପ୍ରାୟ ସମାନ: ଏ ଏକ ସତ୍ୟ ବୋଲି ଧରିନେଲେ, ପ୍ରଶ୍ନ ରହେ କେଉଁଠି କାରଖାନା ବସାଇଲେ ପରିବହନ ଖର୍ଚ୍ଚ ସବୁଠୁ କମ୍ ପଡିବ । ବମ୍ବେରୁ ପଲିଷ୍ଟର ଓ କପା ସୂତା ଆସିବ । ପରିବହନ ଖର୍ଚ୍ଚ ଯେତେ କମିବ, ସେତେ ଶସ୍ତାରେ ଜିନିଷ ମିଳିବ । ତେଣୁ କେନ୍ଦ୍ରଟି ରାଜପଥ ପାଖାପାଖି ହେବା ଉଚିତ । ମୁକୁନ୍ଦ ହରିଚନ୍ଦନଙ୍କ ଅର୍ଥଶାସ୍ତ୍ର ଜ୍ଞାନ ତାଙ୍କୁ କିଛି କାଳ ଅଡୁଆରେ ପକାଇଥିଲା । ବଡ ବଡ କେତେ ଗାଁ ରାସ୍ତା କଡରେ ଅଛି, ତାକୁ ଛାଡି ଶିଳ୍ପମନ୍ତ୍ରୀଙ୍କ ବଛା ଗାଁ ରେ ପଲିବସ୍ତ୍ର କେନ୍ଦ୍ର ବସାଇଲେ ତିଆରି ବସ୍ତ୍ରର ଦାମ ବଢିଯିବ ।

ହରିଚନ୍ଦନର ଦୁର୍ଭାଗ୍ୟ ଯେ ତା ବ୍ଲକ୍ ବା ପଞ୍ଚାୟତ ସମିତି ଭିତରେ ରାଜପଥଟି ଶ୍ରୀ ସିଂହଙ୍କ ନିର୍ବାଚନ ମଣ୍ଡଳୀ ଭିତରେ ଯାଇଛି । ଶିଳ୍ପ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଅନ୍ୟ ଏକ ବ୍ଲକ୍‌ରେ । କେବଳ ଜିଲ୍ଲାସାରା ତାଙ୍କ ପ୍ରଭାବ ବିସ୍ତାର କରିବାକୁ ଚାହାନ୍ତି ତା ନୁହେଁ ସେ ସାରା ରାଜ୍ୟରେ ପ୍ରଭାବ ଜାରି କରିବାକୁ ଚାହୁଁଛନ୍ତି । ଲୋକେ ଆଉ ଖବରକାଗଜବାଲାଏ ତାଙ୍କୁ ସୁପର ଚିଫ୍ ମିନିଷ୍ଟର କହୁଛନ୍ତି ।

ତାଙ୍କୁ ଯେତେବେଳେ ହରିଚନ୍ଦନ କହେ ଯେ ପଲିବସ୍ତ୍ର କେନ୍ଦ୍ରଟି ମୁଖ୍ୟ ରାସ୍ତାରୁ ଯେତେ ଦୂର ହେବ ଟ୍ରକ୍ ସେତେ ବେଶି ଭଡା ମାଗିବ, ମନ୍ତ୍ରୀ ତାକୁ ମନେ ପକାଇ ଦିଅନ୍ତି କିପରି ବାଲିଆପାଳରେ କ୍ଷେପଣାସ୍ତ୍ର ଘାଟି ଲୋକେ କରାଇ ଦେଲେ ନାହିଁ ବୋଲି ମଧ୍ୟ ପ୍ରଦେଶର ଝାବୁଆ ଜିଲ୍ଲାରେ ଏକ ପାହାଡିଆ ଇଲାକାରେ ସେ ଘାଟି ବସାହୋଇଛି । ସେଠି କୋଉ ଇକନମିକ୍ସ ପ୍ରିନ୍ସିପ୍ଲ ଲାଗିଛି । ଭୂପୃଷ୍ଠ ପରିବହନ ମନ୍ତ୍ରୀ ଚାହିଁଲେ ଦିଲ୍ଲୀରେ ଜାହାଜ ମରାମତି କାରଖାନା ବସିବ, ସେଠି ସମୁଦ୍ରକୂଳ ନ ଥାଉ କି ବନ୍ଦର ନ ଥାଉ ।

'ସାର୍, ସେଥିରେ ବିକାବିକି କାମ ନାହିଁ, ତେଣୁ ଇକନମିକ୍ସ ଅଫ୍ ଲୋକେସନ୍ ବିଚାରକୁ ନିଆଯାଏ ନାହିଁ, ପୁଣି ସେକାମରେ ଏକଚାଟିଆ କାରବାର ।' ହରିଚନ୍ଦନ ଯେତେ

କହିଲେ ବି ମନ୍ତ୍ରୀ ନିଜ ଜିଦ୍‌ରେ ଅଟଳ ।

ଅକ୍ଟୋବର ଦୁଇ ଆସିଗଲା । ପଞ୍ଚାୟତ ସମିତି ତରଫରୁ ବଡ ଆୟୋଜନ । ସଭା ସ୍ଥଳକୁ ଲୋକ ବୋହିବା ଲାଗି ଜିଲ୍ଲାର ଆର୍‌ଟିଓ ବସ୍, ଟ୍ରକ୍, ପିକ୍‌ଅପ୍, ମାରୁତି ଭ୍ୟାନ୍ ଓ ଜିପ୍‌ସି ଆଦି ଯାହା କିଛି ଜିଲ୍ଲାରେ ଅଛି, ସବୁ ଅକ୍ତିଆର କରି ନେଇଥିଲେ । ଶିକ୍ଷ ମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଡାହାଣ ହାତ । ତାଙ୍କ ଇଙ୍ଗିତରେ ପଡିଶା ଜିଲ୍ଲାର ପରିବହନ ଅଧିକାରୀମାନେ ଗାଡିଘୋଡା ସବୁ ଧରିନେଇଛନ୍ତି । ନିଜ ପାର୍ଟିର କୁଜି ନେତାମାନେ ମଧ୍ୟ ଯାନ ବାହନ ଯୋଗାଡ କରି ଲୋକ ଆଣିଛନ୍ତି । ଲୋକେ ନ ଆସିବେ କାହିଁକି ? ମାଗଣା ଯିବା ଆସିବା, ମାଗଣା ଖାଇବା, ଦିନକର ମଜୁରି ବାବଦକୁ କୋଡିଏ ଟଙ୍କା । ପୁଣି ବଚନ ଦିଆଯାଇଛି ଯେଉଁମାନେ ନିଜ ଗାଁ ରୁ ୧୦ ରୁ ବେଶି ଆଣିବେ, ପ୍ରତି ଦଶ ଜଣ ପାଇଁ ଗୋଟିଏ ଲେଖାଏଁ ପଲିବସ୍ତ୍ର ଲୁଗା ପାଇବେ ।

ଦଶଟାରେ ସଭା ଆରମ୍ଭ ହେବାର ଥିଲା । ଲୋକ ଜମୁ ଜମୁ ୧୨ଟା ବାଜିଲା । ଚାରିଆଡେ ଲୋକାରଣ୍ୟ, ଲପଙ୍ଗା ଗାଁ ର ମେଲଣ ପଡିଆରେ ପିମ୍ପୁଡି ଚାଲିବାକୁ ଜାଗା ନାହିଁ ।

ଲୋକଙ୍କୁ ସମ୍ଭାଳିବା ପାଇଁ କୁଜିନେତାମାନେ ଲାଗିଗଲେ । ଶିକ୍ଷ ମନ୍ତ୍ରୀ ଆସିବାରେ ଡେରି ହେଉଛି । ଡେରି କରିବା ନେତାର ବଡପଣିଆ ବୋଲି ସେ କହିହୁଅନ୍ତି, ଲୋକେ ଜମି ଯାଆନ୍ତୁ ମୁଁ ଆସୁଛି ବୋଲି ସେ କହନ୍ତି । ରାଜ୍ୟସାରା ଲୋକେ ଜାଣିଛନ୍ତି; ହରିଚନ୍ଦନ ନ ଜାଣିବ କାହିଁକି ? ଗାଁ ଗାଁ ର ନେତାମାନେ ସେମାନଙ୍କ ଗୋଠର ଲୋକଙ୍କୁ ସମ୍ଭାଳୁଥାଆନ୍ତି । ଗୋଟାଏ ବାଜିଲା । ହରିଚନ୍ଦନର ମୁହଁରୁ ମନ୍ତ୍ରୀ ଡାକବଙ୍ଗଳାରେ ଅଛନ୍ତି ବୋଲି ଲୋକେ ଶୁଣି କିଛି ସମୟ ପାଇଁ ଚୁପ୍ ରହିଲେ । ପୁଣି ଯୋଉ କଥାକୁ ସେହି କଥା । ହୋ ହା ହଲ୍ଲା । ମନ୍ତ୍ରୀଙ୍କୁ କଳା ପତାକା ଯେଉଁ କେତେକ ଲୋକ ଦେଖାଇବେ ବୋଲି ମନ୍ତ୍ରୀଙ୍କଠାରୁ ଥାନାବାବୁ ଖବର ପାଇଥିଲେ ସେ ସମସ୍ତେ ଗିରଫ ହୋଇସାରିଛନ୍ତି । ଏତକ ଫୋନ୍‌ରେ ଶୁଣିଲା ପରେ ଶିକ୍ଷ ମନ୍ତ୍ରୀ ଡାକବଙ୍ଗଳାରୁ ବାହାରିଲେ ।

ଏତେ ଲୋକଙ୍କ ପାଇଁ ପାଣି ଯୋଗାଡ ବଡ ସମସ୍ୟା । ତିନୋଟି ଟାଙ୍କର୍ ଆଗରୁ ଲପଙ୍ଗା ମେଲଣ ପଡିଆର ତିନି କୋଣରେ ରଖା ହୋଇଥିଲା । ଅକ୍ଟୋବର ମାସ ହେଲେ ବି ଖରାରେ ଠିଆ ହୋଇ ଲୋକେ ଶୋଷ୍‌କା ହୋଇଯାଇଛନ୍ତି । ବ୍ଲକ୍‌ର ଚେଆର୍‌ମାନ, ଜିଲ୍ଲା ପରିଷଦର ଚେଆର୍‌ମାନ୍, ସ୍ଥାନୀୟ ଏମ୍‌ପି ଆଦି କହିଲା ପରେ ମନ୍ତ୍ରୀ କହିବାକୁ ଆଗଭର ହେଲେ । ସମସ୍ତେ ଅଛନ୍ତି, ମାତ୍ର ସ୍ଥାନୀୟ ଏମ୍‌ଏଲ୍‌ଏ ନାହାନ୍ତି କାହିଁକି ବୋଲି ମଝିରେ କେତେ ଜଣ ପାଟି କରିଥିଲେ । ଶ୍ରୀ ସିଂହଙ୍କ ନାଁ ପଡିଲେ ଶିକ୍ଷ ମନ୍ତ୍ରୀଙ୍କ ନାହି ଡିଏଁ । କିଏ ସେ ସ୍ଥାନୀୟ ଏମ୍‌ଏଲ୍‌ଏଙ୍କ କଥା କହୁଛି ବୋଲି ତାକୁ ଚିହ୍ନଟ କରିବା ଲାଗି ମଞ୍ଚ ଉପରେ ଠିଆ ହୋଇ ପଡିଲେ ଶିକ୍ଷ ମନ୍ତ୍ରୀ । ପୋଲିସ୍‌ବାଲା ଠେଙ୍ଗା ଧରି ଆଗେଇ ଆସିଲେ । ପାଟିକଲାବାଲାଏ ଟିକେ ଚୁପ୍ ହୋଇଗଲେ । ସେତେବେଳକୁ ତିନିଟା ବାଜିଲାଣି । ଲୋକେ

ସକାଳୁ ସକାଳୁ ଘରୁ ବାହାରି ଆସିଛନ୍ତି । ଭୋକ ଅସମ୍ଭାଳ । ଛୋଟ ପିଲା ଆଉ ସ୍ତ୍ରୀଲୋକେ ଆସ୍ଥାନ ଛାଡିବା ଆରମ୍ଭ କଲେ । ଭଲୁଣ୍ଟିଅର୍‌ମାନେ ମୁଣ୍ଡରେ ବାଡି ଠୋକର ଦେଇ ବସିଯିବାକୁ କହିଲେ ବି କେହି ଶୁଣିଲେ ନାହିଁ । ଅବସ୍ଥା ଅସମ୍ଭାଳ ଦେଖି ମନ୍ତ୍ରୀ ମାଇକ୍ ପାଖରେ କହିଲେ, ଭଲୁଣ୍ଟିଅର୍ ଭାଇମାନେ, ଧାଡି ଧାଡି କରି ପିଲା ଓ ମାଉସୀ ମାନଙ୍କୁ ସ୍କୁଲ ଘରେ ଖାଇବାକୁ ଦେଇଦିଅ । ଭାଇମାନେ ସମସ୍ତେ ଧୀରେ ସୁସ୍ଥେ ବସିଯାଆନ୍ତୁ, ଥୋକେ ଖାଇ ସାରି ଫେରିଲେ ଆଉ ଥୋକେ ଯିବେ ।

ମନ୍ତ୍ରୀ ସେତିକି ଭଲୁଣ୍ଟିଅର୍‌ମାନଙ୍କୁ ସେତିକି ଜନତା ଉଦ୍ଦେଶ୍ୟରେ କହିଲେ । ଭାଇମାନେ, ସିଂହଙ୍କ କଥାରେ ପଡ ନାହିଁ । ସେ କେବେ ଲୋକଙ୍କ ଭଲ କରିନାହାନ୍ତି, ଦେଖୁନା, ଆମ ରାଜ୍ୟରେ ଯେତେ କଳ କାରଖାନା ବସିଛି, ସବୁ ତାଙ୍କ ପରିବାରର ଲୋକଙ୍କ । ରାଜ୍ୟ ଅର୍ଥ ଲଗାଣ ନିଗମ ଆଉ ଇପିକଲ ଯେତେ ଉଧାର ଦେଇଛନ୍ତି ତାର ଅନେଶୋତ ଭାଗ ସେହିମାନେ ନେଇଛନ୍ତି । ଏ ରାଜ୍ୟର ଶିଳ୍ପାୟନ ନୁହେଁ, ସିଂହଙ୍କ ଶିଳ୍ପାୟନ । ବର୍ତ୍ତମାନ ଜନତାର ଶିଳ୍ପାୟନ, ରାଜ୍ୟର ଶିଳ୍ପାୟନ ଆରମ୍ଭ ହେଲା । ଆଜିର ପଲିବସ୍ତ୍ର ....

ଏତକ ମନ୍ତ୍ରୀଙ୍କ ମୁହଁରୁ ବାହାରିଛି କି ନାହିଁ, କିଏ ଗୋଟାଏ ପାଟି କଲା, ଖାଇବା ସରିଗଲାରେ ! ଜଲଦି ଆସ ।

ଆଉ କିଏ ସମ୍ଭାଳେ ! ଷ୍ଟାମ୍ପିଡ୍ । ଦଳାଚକଟା । ପଛଆଡୁ ଯେମିତି କିଛି ଲୋକ ଉଠି ଭୋଜନ ମଣ୍ଡପକୁ ଦଉଡିଛନ୍ତି, ସେମାନଙ୍କ ପରବର୍ତ୍ତୀ ଧାଡିର ଲୋକେ ସେମାନଙ୍କ ପଛେ ପଛେ ଛୁଟିଲେ । ତା ପରେ ସବୁ ଆଖି ପିଛୁଳାକେ ଘଟିଗଲା ।

ଲପଙ୍ଗା ମେଲଣ ପଡିଆଟା ସାଙ୍ଗେ ସାଙ୍ଗେ ଫାଙ୍କା ହୋଇଗଲା । ସମସ୍ତେ ଭୋଜନ ମଣ୍ଡପ ପାଖରେ ଧସ୍ତାଧସ୍ତି । ମହୁଫେଣାରେ ସବୁ ମାଛି ରୁଣ୍ଡ ହୋଇଗଲା ପରି ।

ଶିଳ୍ପ ମନ୍ତ୍ରୀଙ୍କ ରାଗ କହିଲେ ନ ସରେ । 'ଏ ସବୁ ସେହି ସିଂହର କାମ । ସେ ମୋତେ ବଦନାମ୍ କରିବା ପାଇଁ ଲୋକଙ୍କ ଭିତରେ ଷଣ୍ଢ ପୂରେଇ ଦେଇଛି ।'

ତାଙ୍କ ଭଳି ରୁଆବ ବାଲା ନେତାଙ୍କ ସଭାକୁ ଭଣ୍ଡୁର କଲା ଭଳି ଲୋକ ଏ ଦୁନିଆରେ ଅଛି ? ଏ ପ୍ରଶ୍ନ ମନ୍ତ୍ରୀକୁ ଏତେ ବିବ୍ରତ କଲା ଯେ ଖାଲି ଅସନ୍ତୁଷ୍ଟ ଗୋଷ୍ଠୀର ନେତା, ସ୍ଥାନୀୟ ଲୋକପ୍ରତିନିଧି ଶ୍ରୀ ସିଂହଙ୍କ ଛବି ଆଖି ଆଗରେ ଭାସିଲା ।

ବଡ ପାଟିରେ ଘୋଷଣା କଲେ, ମୁଁ ଦେଖିଦେବି କିପରି ସେ ସିଂହ ଏ ରାଜ୍ୟରେ ତିଷ୍ଠିବ ।

ପରଦିନ ଖପରକାଗଜରେ ଯେଉଁ ସମ୍ବାଦ ବାହାରିଲା ତାର ଶିରୋନାମା ଥିଲା 'ଶାସକ ଦଳର ପଲି ବସ୍ତ୍ର-ହରଣ ।' ବିଷୟ ବର୍ଣ୍ଣନାରେ ଥିଲା, ଶାସକ ଦଳର ବସ୍ତ୍ରରେ ଫାଟ, ଘୋଡାଇବା ପାଇଁ ଏକାଧିକ ବା ପଲି ବସ୍ତ୍ର ଦରକାର ।

*****

# ଅନ୍ଧପୁତୁଳି

ଏମିତି ଖରାପ ମୁହଁ କ'ଣ କରିଛ ମ ? ଶ୍ରୀମତୀ ମହାପାତ୍ର ପଚାରିଲେ ।

ସବୁଦିନେ ମହାପାତ୍ରେ ଘରକୁ ଫେରିଲେ ଶ୍ରୀମତୀ ମହାପାତ୍ର ଗପସପ ହେବାକୁ ଆଗ୍ରହୀ ହୁଅନ୍ତି । ବୟସର ପ୍ରଭାବ ବୋଲି କହିଲେ ଠିକ୍ ହେବନି । ଚାଳିଶ ପଚାଶ ପାର କହେବା ପରେ ପୁରୁଷମାନେ ସିନା ଘରୁଆ ହୋଇପଡନ୍ତି, ତିରିଶି ପଇଁତିରିଶ ପରେ ସ୍ତ୍ରୀମାନେ ସମ୍ପୂର୍ଣ୍ଣ ପାରିବାରିକ ହୋଇ ପଡନ୍ତି । ପାଞ୍ଚବର୍ଷର ଆଗୁଆ ପ୍ରଭାବଟା ସମାଜର ପକ୍ଷପାତିତା ଯୋଗୁଁ । ସମାନ ବୟସର ପୁରୁଷ ସ୍ତ୍ରୀ ବିବାହ ହେଉଥିଲେ ଏମିତି ଘଟନ୍ତା ନାହିଁ । ଶ୍ରୀମତୀ ମହାପାତ୍ରଙ୍କର ପ୍ରଶ୍ନର ଉତ୍ତର ନଦେଇ ମହାପାତ୍ରେ ଏମିତି ଗୁଡାଏ ଭାବି ଯାଉଥିଲେ ।

କ'ଣ କିଛି କହୁନା' ଯେ ! ଚିଫ୍ ଜଷ୍ଟିସ କ'ଣ କହିଲେ କି ?

ଏଥର ଉତ୍ତର ନଦେଲେ ଆହୁରି କ'ଣ ପ୍ରଶ୍ନ ଆସିପାରେ, ତେଣୁ ଜିଲ୍ଲା ନ୍ୟାୟାଧୀଶ ଜଗଦୀଶ ମହାପାତ୍ର ବୟାନ କଲେ ହିଜ୍ ଲର୍ଡସିପ୍ ବାର୍ କଥାରେ ବେଶି ରିଲାୟାନ୍ସ ରଖୁଛନ୍ତି ।

ଶ୍ରୀମତୀ ମହାପାତ୍ର ସ୍ୱାମୀଙ୍କ ଅଦାଲତୀ ଭାଷାକୁ ଶୁଣି ଶୁଣି ଅଭ୍ୟସ୍ତ ହୋଇଯାଇଛନ୍ତି । କଥାଟା କ'ଣ ଖୋଲି କରି କହୁନା ? ବେଶି ଜାଣିବା ପାଇଁ ଶ୍ରୀମତୀ ମହାପାତ୍ର ପଚାରିଲେ ।

ସ୍ୱାମୀଙ୍କଠାରୁ ମୁଖ୍ୟବିଚାରପତିଙ୍କ ଗସ୍ତକ୍ରମ ବିଷୟରେ ଶ୍ରୀମତୀ ମହାପାତ୍ର ଶୁଣିଥିଲେ ।

*********

## ଫୁଲରୀର ବଗିଚା

ଆଜି ଗାଦି ଆଗରେ ଫୁଲରୀର ବିଚାର ।

ଡାମରା, ତବାଦି, କମାଟୋଲି, ଖେରସାବେଡା, ଖୁରୂସରା ଏବଂ ମନକୁଦେର ଗାଁ ସବୁ ମିଶି ବଡ ପଡାଟିଏ । ପଡାର କର୍ତ୍ତା ପାୟସ୍ ଡୁଙ୍ଗ୍ ଡୁଙ୍ଗ୍ । ଛ ଖଣ୍ଡ ଗାଁ ରେ ପାୟସ୍ ଡୁଙ୍ଗ୍‌ଡୁଙ୍ଗ୍‌ର ବହୁତ ସମ୍ମାନ । ଯେତେବେଳେ ଭିଡ ଜମେ ଏବଂ ଗାଦି ବସେ, ସେତେବେଳେ ପାୟସ୍ ଗୋଟିଏ ସମ୍ରାଟ ବୋଲି ଜାଣ ।

ପାୟସ୍‌ର ଦୁଃଖ ଯେ ଏଇ କେତେ ବର୍ଷ ହେଲା ଗାଦିର ମାନ କମି ଯାଇଛି । ଗାଦି ବିଚାରକୁ କେତେକ ଖରିଆ ବେଶି ମାନ୍ୟତା ଦେଉନାହାନ୍ତି । କି ରାଜନୀତି ପଶିଲା ଯେ ତିନି ଚାରି ଜଣ ଖରିଆ ବି ଗାଦି ବିରୋଧରେ ଥାନାକୁ ଗଲେଣି ।

ଅବଶ୍ୟ ସବୁ ସରି ଯାଇନି । ନୂଆ ଆଶା ଧରି ପାୟସ୍ ନିଜକୁ ପଚାରିଲା, ଥାନାକୁ ଯାଇ ଲାଭ କଣ ହେଲା ? ଗାଁରେ ତ ରହି ପାରିଲା ନାହିଁ ! ପାହାଡ ସେପାରି ବଣରେ ବସା ବାନ୍ଧିଲା। ନୂଆ ଜମି ଉଠିଆ କଲା । ଜଙ୍ଗଲ ସଫା କଲା । ଆଜିକାଲି କଡା ନିୟମ ହେଲାଣି ବୋଲି ୱାର୍ଡ ମେମ୍ବର କହୁଛି । କାହିଁ ସେମାନଙ୍କୁ ତ କିଛି ଦଣ୍ଡ ମିଳିନାହିଁ ? ଯେତେବେଳେ ଫରେଷ୍ଟର ଆସି ଧମକାଉଛି, କିଛି ଆଦାୟ କରି ଚାଲି ଯାଉଛି । ନିୟମଟା କଡା କରି ପାଳିଲେ ସେ ଚାରିଟା ବି ଗାଁ ଛାଡି ନଥାନ୍ତେ କି ଗାଦି ବିଚାର ଅମାନ୍ୟ କରି ନଥାନ୍ତେ ! ଅମାନ୍ୟ କରିକି କଣ ଖଲାସ ପାଇଗଲେ ? ଯେତେବେଳେ ଫରେଷ୍ଟର ଆସୁଛି ସେତେବେଳେ ତାକୁ କିଛି କିଛି ସଲାମି ଦେଉଛନ୍ତି ।

ଗୋତ୍ର ବଧ କରି କେତେ ଦିନ ରହିବେ ? କୋଉଁଠି ଝିଅ ଦେବେ, କୋଉଠୁ ଝିଅ ନେବେ, ଦେଖିଦେବି ନି !

'ପାୟସ୍' ନାଆଁଟା ଖିରସ୍ତାନମାନେ ଦେଇଛନ୍ତି । ସେମାନେ ଚାହୁଁଥିଲେ ସେ ଖିରସ୍ତାନ ହୋଇ ରହିବ । ଗୀର୍ଜାରେ କାମ କରିବ । ପଡାର ବେହେରା ବା କର୍ତ୍ତାର ପୁଅକୁ ଖିରସ୍ତାନ କରି ପାରିଲେ ସାରା ଇଲାକାରେ ସେମାନଙ୍କ ରୁଆବ ବଢିଯିବ ।

ପାୟସର ବାପା ବାଧ ହୋଇ ପାଦ୍ରୀକୁ ଡାକିଥିଲେ । ଛୁଆଟି ବେଳେ ଦେହ ଏତେ ବେଶି ଖରାପ ହୋଇଗଲା ଯେ ଖରିଆ ସମାଜର ତୁଟ୍‌କା କି ମନ୍ତ୍ର କାମ ଦେଲା ନାହିଁ । ଲୁଥେରାନ୍ ପାଦ୍ରୀ ଆସି ଯୀଶୁଙ୍କ ନାମରେ ତାକୁ ଆରୋଗ୍ୟ କରିଦେଲେ । ପାଣି ଛିଞ୍ଚି ନୂଆ ଜୀବନ ଦେଲେ । ଖିରସ୍ତାନ ନ ହେଲେ ପୁଣି ଦେହ ଖରାପ ହୋଇଯିବ । ଖିରସ୍ତାନ ସନ୍ତକ ହେଲା ତାର ନାଁ, ପାୟସ୍ ।

ପାୟସ୍ ବଡ ହୋଇଗଲାରୁ ତା ନାଁ ର କାରଣ ବୁଝି ପାରିଲା, କିନ୍ତୁ ନାଁ ବଦଳାଇଲା ନାହିଁ, କି ଖିରସ୍ତାନ ହେଲା ନାହିଁ । କାହିଁକି ବା ସେ ଖିରସ୍ତାନ ହେବ ?  ବାପ ପଡାର କର୍ତ୍ତା ହୋଇ କେତେ ରୁଆବ ଦେଖାଉଥିଲା, ବର୍ଷ ସାରା କେତେ ଭେଟି ତାକୁ ମିଳୁଥିଲା, ଖରିଆମାନଙ୍କ ଯାବତୀୟ ବାଦ ବିବାଦରେ ତା କଥା ହିଁ ରହୁଥିଲା - ଏ ସବୁ ଦେଖି ଦେଖି ପାୟସ୍ ଠିକ୍ କରିନେଲା ସେ ଖରିଆ ହୋଇ ରହିବ । ସାରା ଜାତିକୁ ନିଜ ଅକ୍ତିଆରରେ ରଖିବ । ବାପା ଅନ୍ତେ ସେ ହେଉଛି ଏହି ଛ ଖଣ୍ଡ ଗାଁ ର ପ୍ରଧାନ ।

ଆଜିକାଲି ପଞ୍ଚାୟତରାଜ ବହୁତ ଆଗେଇଲାଣି । ଗାଁ ମେମ୍ବର, ପଞ୍ଚାୟତ ସମିତି ମେମ୍ବର, ସରପଞ୍ଚ ଆଦି ଅଧିକାରୀମାନଙ୍କ ଆଧିପତ୍ୟ ବଢିଗଲାଣି । ସେଗୁଡାକ ଦୁର୍ଦ୍ଦାନ୍ତ ହୋଇ ପଡିଛନ୍ତି । ତଥାପି ଏହି ଛ ଖଣ୍ଡି ଗାଁ ରେ ଯାହା କିଛି ଘଟେ, ସେମାନେ ପାୟସ୍ ଡୁଙ୍ଗ୍‌ଡୁଙ୍ଗ୍‌କୁ ପଚାରନ୍ତି । ସରକାରୀ ପଦପଦବିରେ ନଥାଇ ମଧ୍ୟ ସେ ପଡାର ରାଜା ।

ଗ୍ରାମ ସେବକଟା ଫୁଲରୀକୁ ଛାଡି ପଳାଇ ଯିବାର ଚେଷ୍ଟା କରିପାରେ । ସେଥିଲାଗି ପାୟସ୍ ତବାଦି ଗାଁଆର ସମସ୍ତଙ୍କୁ ତାଗିଦ୍ କରିଦେଇଛି । ସେହିଦିନଠାରୁ ସେମାନେ ଜଗି ରହିଛନ୍ତି ।

ଫୁଲରୀ ତବାଦି ଗାଆଁର ଝିଅ ।  କନ୍ୟାଶ୍ରମରେ ବଢିଛି ।  ବାପା ମା ରାଜି ନହେବାରୁ ସେ ତୃତୀୟ ଶ୍ରେଣୀରୁ ପଳାଇ ଆସିଛି । ଯେଉଁ କେତେ ବର୍ଷ କନ୍ୟାଶ୍ରମରେ ରହିଲା ତହିଁରେ ତାହାର ହାବ ଭାବ ବଦଳି ଗଲା । ତାର ଓଡିଆ ବ୍ୟବହାର ଦେଖି ତା ବାପା ମା ତାଜୁବ ହୋଇ ଗଲେ । ତାକୁ କୁଆଡେ ଛାଡିଲେ ନାହିଁ ।

କେନ୍ଦୁପତ୍ର ତୋଳା ସମୟରେ ସେ ପତ୍ର ତୋଳେ । ମହୁଲ ସମୟରେ ମହୁଲ ଗୋଟାଏ । ଶାଳମଞ୍ଜି ଗୋଟାଇବାରେ ତ ସେ ଚଉସ୍ତ । ସେ ଏକୁଟିଆ ତିନି ତିନି ଜଣଙ୍କର ତୋଳା କାମ କରି ପାରେ । ତାର ରୋଜଗାରରେ ବାପା ମା ବେଶ୍ ଖୁସି ।

ଫୁଲରୀର ବୟସ ହେଲା । ତବାଦି ଗାଁରେ ସେ ଅଲଗା ହୋଇପଡିଲା । ଅନ୍ୟ ଖରିଆ ଝିଅମାନେ ପାସଙ୍ଗରେ ପଡିଲେ ନାହିଁ । କଥାବାର୍ତ୍ତାରେ, ଢଙ୍ଗ ଢାଙ୍ଗରେ, ବେଶଭୂଷାରେ ।

ଡଉଲ ଡାଉଲ ଚେହେରା । ଚାଲି ଯାଉଥିଲେ ତାର ଦେହଟାଯାକ ହଲି ଯାଉଥିଲା । ସତେ ଯେପରି ପ୍ରତ୍ୟେକ ଅଙ୍ଗ ଅନ୍ୟ ଅଙ୍ଗ ସାଙ୍ଗରେ ଖୁବ୍ ଢିଲା ଢିଲା ଲାଖି ରହିଛି । ସେ ତ ଚାଲୁ ନାହିଁ, ନାଚୁଛି ।  କନ୍ୟାଶ୍ରମରୁ କେତେଟା ହିନ୍ଦୀ ସିନେମା ଗୀତ ଶିଖିଥିଲା । ତାକୁ ହିଁ ଗୁଣୁ ଗୁଣୁ କରି ଗାଉଛି ।

ଜଙ୍ଗଲରେ ସେ ବୁଲିଲେ ନିଆଁ ଛୁଟିଲା । ସମବୟସୀମାନେ ଯୁଟିଲେ, କେହି ତା ପାସଙ୍ଗରେ ପଡିଲେ ନାହିଁ । ବଡମାନେ କଥା ବାର୍ତ୍ତାରେ ପାରିଲେ ନାହିଁ । ତବାଦିର ଟୋକାମାନେ ତା ନଜରରେ ଅପରିଷ୍କାର, ଅସଭ୍ୟ । କମାଟୋଲିର ଭେଣ୍ଡିଆ ୱାର୍ଡ ମେମ୍ବର

ଫୁଲରୀକୁ ଚାହିଁଥିଲା । ଫୁଲରୀର ବାପା ଲାଟୁ ବି ରାଜି ଥିଲା । ଥରେ ଦି ଥରର କଥାବାର୍ତ୍ତାରେ ଫୁଲରୀ କହିଦେଲା, ସେ ମିଶିବ ନାହିଁ । ମେମ୍ବର ହେଲେ କଣ ହେଲା, ପାଠଶାଠ ନାହିଁ । ଆଜିକାଲିକାର ବେଶ ପୋଷାକ ନାହିଁ । ସଫାସୁତୁରା ରହୁନାହିଁ । ସମସ୍ତେ କହିଲେ ଫୁଲରୀ ଓଡିଆ ପାଲଟି ଯାଇଛି । ଝିଅକୁ କନ୍ୟାଶ୍ରମକୁ ପଠାଇ ଲାଟୁ ବଡ ଭୁଲ କରିଛି । ଏବେ ସେହି ଭୁଲର ପ୍ରାୟଶ୍ଚିତ କରିବ ଯେ ।

ଜଙ୍ଗଲୀ ଜିନିଷ ଗୋଟାଇ ଫୁଲରୀ ନିଜେ ହାଟ କରେ । ବାହାର ଲୋକେ ତା ସାଙ୍ଗରେ କଥା କହିବାକୁ ଉପରେ ପଡନ୍ତି । ସେ ବି ପସନ୍ଦ କରେ । ଗଳ ଗଳ ଓଡିଆ କହିବାରେ ତା ଇଲାକାର ଆଉ କୋଉ ଲୋକ ତା ସାଙ୍ଗେ ସମାନ ନୁହଁନ୍ତି ।

ଫୁଲରେ ସଜେଇ ହୋଇ ସାଣ୍ଢଣାରେ ଶାଢୀଟିଏ ପିନ୍ଧି ଫୁଲରୀ ଯେତେବେଳେ ବାହାରି ପଡେ, ଗାଁର କାହିଁକି, ପଡାଟାଯାକର ଅନ୍ୟ ଝିଅ ଓ ମାଇପି ମାନଙ୍କଠାରୁ ଅଲଗା ବାରି ହୋଇ ପଡେ । ସମସ୍ତଙ୍କ ଆଖି ତା ଉପରେ ପଡେ ।

ଏଇ କେତେ ଦିନ ତଳର କଥା । ବର୍ଷେ ବି ହୋଇନାହିଁ । ଗାଁ ବୁଢାବୁଢୀଙ୍କୁ ପେନସନି, ଜମି ଥିବା ଲୋକକୁ କୂଅ, ଘର ନଥିବା ଲୋକକୁ ଘର, ଏମିତି କେତେ କଣ ଦିଆଯିବ ବୋଲି ବ୍ଲକ୍‌ର ଲୋକ ଆସି କେତେ କଥା ବୁଝାଇଲେ । ସରକାରୀ ଲୋକଗୁଡାକ । ଆସିଲେ, ଚାଲି ଗଲେ । ଛାଡି ଦେଇଗଲେ ଗ୍ରାମ୍ ସେବକକୁ ।

ପାୟସ ଡୁଙ୍ଗ୍‌ଡୁଙ୍ଗ୍ ଭାବେ, ଯେଉଁଦିନ ଏ ଓଡିଆ ଗୁଡାକ ଗାଆଁ ଭିତରେ ପଶିଲେ ସେଇ ଦିନଠୁ ଖରିଆ ଜାତିର ନୋକସାନ ହେଲା । ଓଡିଆ ଗୁଡାକ ସବୁ ସାରିଦେଲେ । ଆଉ, ସେମାନଙ୍କୁ ନିଜ ପଡା ଭିତରର ମେଞ୍ଚାଏ ଲୋକ ସାହାଯ୍ୟ କଲେ ।

ମନକୁଦେର ଗ୍ରାମ ପଞ୍ଚାୟତ । କିନ୍ତୁ ଗ୍ରାମସେବକର ଘର ତବାଦି ଗାଁ ରେ । ଛଅଟା ଗାଆଁ ଭିତରେ ତବାଦି ସବୁଠୁ ବଡ ଗାଁ । ଗାଁ ମୁଣ୍ଡରେ ପକା ଘରଟିଏ । ଗ୍ରାମସେବକର ଘର । ନୂଆ ଗ୍ରାମସେବକ ଶ୍ରୀମନ୍ତ ରାଓ ପଟ୍ଟନାଏକ । ଆଗ ଗ୍ରାମସେବକ କାମ କଲା ନାହିଁ ବୋଲି ଏ ଆସିଛି । ତେଲୁଗୁ ଢାଞ୍ଚାରେ ତାର ଓଡିଆ କହିବା ଖରିଆମାନେ ବୁଝିପାରିଲେ ନାହିଁ । ଖରିଆଙ୍କ କିଛି ଓଡିଆ କିଛି ହିନ୍ଦି ମିଶା ଭାଷାରେ ସେ କହିପାରିଲା ନାହିଁ ।

ଆଖିରେ ପଡିଲା ଫୁଲରୀ । ଫୁଲରୀ ଦୋଭାଷୀ, ଖରିଆ ଝିଅ ବେଶ୍ ଓଡିଆ ବୁଝି ପାରୁଛି । ଗ୍ରାମ ସେବକଙ୍କର କଥା ଗାଁବାଲାଙ୍କୁ ଖରିଆ ବୋଲିରେ, ଆଉ ଗାଁବାଲାଙ୍କ ଖରିଆ ଶୁଣି ଗ୍ରାମସେବକକୁ ଓଡିଆରେ ବୁଝେଇ ପାରିଲା ।

ଫୁଲରୀର ବାପା ଲାଟୁ ଭାରି ଖୁସି । ସରକାରୀ ଲୋକ ଆସିଛି, ଖରିଆମାନେ କଣ କହୁଛନ୍ତି ବୁଝି ପାରୁନି । ଯଦି ଝିଅ ବୁଝାଇ ପାରିଲା ତାଠାରୁ ବଡ କଥା କଣ ଅଛି ? ପୁଣି ସରକାରୀ କାମରେ ଲାଗିଗଲେ ପଇସାପତ୍ର କିଛି ମିଳିବ । ତାହା ହିଁ ହେଲା । ଲୋକେ ସରକାରୀ ସୁବିଧା ପାଇଲେ । ପିଲାଙ୍କ ପାଇଁ ଗାଁରେ ଅଙ୍ଗନବାଡି ଖୋଲିଲା । ଶ୍ରୀମନ୍ତର

ସୁପାରିସରେ ବିଡିଓ ବାବୁ ଫୁଲରୀକୁ କାମଟୁଣୀ କରିଦେଲେ । ସେ ହେଲା ଅଙ୍ଗନବାଡିରେ ସହାୟିକା । ଅଙ୍ଗନବାଡି କାମ ଯୋଗୁଁ ଫୁଲରୀ ଷାଠିଏ ଟଙ୍କା ପାଇଲା । ଆଉ ଜଙ୍ଗଲକୁ ଯିବାକୁ ପଡିଲା ନାହିଁ । ଲାଟୁର ଖୁସି ମାପି ହେଲା ନାହିଁ । ଫୁଲରୀ ଦିନେ ଦିନେ ଡେରିରେ ଆସିଲେ ବି ଲାଟୁର ଚିନ୍ତା ନଥିଲା । ବରଂ ଲାଭ ହେଉଥିଲା । ଡେରିରେ ଆସିଲା ଦିନ ସେ କିଛି ନା କିଛି ଆଣୁଥିଲା । ଦରମା ନୁହେଁ । ଦରମା ତ ମାସକରେ ଥରେ । କୋଉଦିନ ଆଣୁଥିଲା କଦଳୀ ତ କୋଉଦିନ ସେଉ । ପୁଣି କୋଉଦିନ କିସ୍‌ମିସ୍ ତ କୋଉଦିନ ବିସ୍କୁଟ୍ ।

ଫୁଲରୀର ଲୁଗାପଟା ବେଶଭୂଷା ବି ବଦଳିଲା । ପଚାରିଲେ କହେ କାମକୁ ଟାହିଁ ବେଶ ଦରକାର । ସେଥିଲାଗି ସେ ଘରୁ କିଛି ନିଏ ନାହିଁ, ଚିନ୍ତା କଣ ? ଲାଟୁ ଥରେ ଥରେ ସନ୍ଦେହ କରେ, ପଚାରେ ଏ ଲୁଗା କେଉଁଠୁ ଆଣିଲୁ ? କିଏ କିଣିଦେଲା ? ଫୁଲରୀ କହେ, 'ମୋର କମେଇରୁ' । ଲାଟୁ ଏହା ପରେ କଣ ପଚାରିବ ଭାବିପାରେ ନାହିଁ; ଭାବିବାକୁ ବେଳ ବି ନ ଥାଏ ।

ସେଦିନ ତବାଦି ଗାଁଟା ହଲଚଲ ହୋଇଗଲା । ଫୁଲରୀ କଥା ଲୁଚାଇଛି । ଅଙ୍ଗନବାଡି ପଛରେ ଶିଆଳଗୁଡା ଖୋଳି ବାହାର କରିପକାଇଛନ୍ତି । ଲାଟୁ ଲାଜରେ ମୁହଁ ଟେକି ପାରିଲା ନାହିଁ । ସାରା ତବାଦି ଗାଁଟାରେ ବି ଲାଜର ବାଦଲ ଘୋଟିଗଲା । ଗାଁ ଟିରେ ଆଗରୁ ଏପରି ଗୋତ୍ରବଧ କେବେ ହୋଇ ନଥିଲା ।

ଗାଁ ପଞ୍ଚ ଆଗରେ ଫୁଲରୀ କହିଥିଲା, ଶ୍ରୀମନ୍ତର ଶିକ୍ଷାରେ ସେ ଏମିତି କରିଛି । ବିବାହ ହେବା ପୂର୍ବରୁ ଏମିତି ହେଲେ ତା ଘରେ ପସନ୍ଦ କରିବେ ନାହିଁ, ତେଣୁ ସେ ପଛଆଡେ ପୋତି ଦେଇଥିଲା । ଶିଆଳମାନେ ଉଠାଇ ନଥିଲେ କେହି ଜାଣି ନଥାଆନ୍ତେ । ତରତରରେ ପୋତିଥିଲା, ବେଶି ଖାଲ କରିପାରିଲା ନାହିଁ ।

ଗାଁ ପଞ୍ଚ କହିଲେ ତବାଦିର ଖରିଆ ସମ୍ପ୍ରଦାୟରେ ଏମିତି କେବେ ଘଟି ନଥିଲା, ଖରିଆମାନଙ୍କୁ ପାତକ ଲାଗିବ । ପରମେଶ୍ୱର ଛାଡ଼ି ଚାଲିଯିବ । ଜଣ ଜଣ କରି ବାହାର ଲୋକ ସାଙ୍ଗରେ ଯଦି ଖରିଆ ଝିଅ ଯିବ, ଦିନେ ତ ଜାତିଟା ଉଭେଇଯିବ । ଏହାଠାରୁ ବଡ ପାତକ ନାହିଁ । ଜାତିକୁ ନାଶ କରିବାର ମୂଳରେ ଫୁଲରୀର ବାପ ଲାଟୁ ଓ ତାର ପରିବାର । ସେ କାହିଁକି ଅଜଣା ଲୋକ ସାଙ୍ଗରେ ଝିଅକୁ ଛାଡିଲା ? ଗାଁ ପଞ୍ଚ ଲାଟୁ ଆଉ ତାର ପରିବାରକୁ ପାଣି ପବନ ବାସନ୍ଦ କଲେ । ଯଦି ଫୁଲରୀ ଗ୍ରାମସେବକ ସାଥୀରେ ସବୁଦିନେ ରହିବ, ତେବେ ବି ଲାଟୁକୁ ପ୍ରାୟଶ୍ଚିତ କରିବାକୁ ପଡିବ ।

ଲାଟୁ ବହୁତ ଅନୁନୟ ବିନୟ କରି କହିଥିଲା, ଦୋଷ ତାର ନୁହେଁ କି ତା ଝିଅର ନୁହେଁ, ଗ୍ରାମସେବକଟା ବଦମାସ୍ । ଦୋଷ ଯିଏ କଲା ତାକୁ ଦଣ୍ଡ ଦିଆଯାଉ ।

କିନ୍ତୁ ଜବାବ ସୁଆଲରେ ଶ୍ରୀମନ୍ତ ରାଓ ପଟ୍ଟନାୟକ ଗାଁ ପଞ୍ଚ ଆଗରେ ରୋକ୍‌ଠୋକ୍ ମନା କରିଦେଲା । ଫୁଲରୀ ତ ଉଡ଼ନ୍ତା ପ୍ରଜାପତି । କୁଆଡେ କୁଆଡେ ବୁଲୁଛି । ମୁଁ କାହିଁକି

ଦୋଷୀ ହେବି ? କିଏ ଦେଖିଛି ଯେ ସେ ମୋ ସାଙ୍ଗରେ ରୁହେ ? ଫୁଲରୀ ଆଉ କାହା ସାଙ୍ଗରେ ଥିବ, କେ ଜାଣେ ? ସେ ଫୁଲରୀକୁ ବାହାହେବ ନାହିଁ ।

ଗାଁ ପଞ୍ଚର ରାୟ ନ ମାନିବାରୁ କଥାଟା ପଡ଼ା କର୍ତ୍ତାଙ୍କଦ୍ୱାରା ବିଚାର ହେବ ବୋଲି ଠିକ୍ ହେଲା । ତେଣୁ ଗାଦି ବସୁଛି ।

କାଳେ ରାଓ ପଟ୍ଟନାୟକ ଗାଁ ଛାଡ଼ି ଚାଲିଯିବ ତାକୁ ପନ୍ଦରଦିନ ହେଲା ତବାଦି ଗାଁର ଲୋକେ ଜଗି ରହିଛନ୍ତି । ସେ ଆସିବାକୁ ବାଧ୍ୟ ।

ଶ୍ରୀମନ୍ତର ଦମ୍ଭ ଯେ ସେ ସରକାରୀ ଚାକିରିଆ । ଆଦିବାସୀ ଗୁଡା କଣ ଜାଣନ୍ତି ? ଗୁଡାଏ ଗାଳି ଦେବେ । ବାଡେଇ ଦେବେ, ମାରିଦେବେ ବୋଲି ଧମକ ଦେବେ । ଆଜି ଦିନଟା ବିତିଗଲେ ଚୁପ୍ ହୋଇଯିବେ । ଅସମ୍ଭାଳ ହେଲେ ପୋଲିସ୍‌ରେ ଖବର ଦେବ ବୋଲି ଶ୍ରୀମନ୍ତ ମନେ ମନେ ଠିକ୍ କରିଥିଲା । କଥାଟା ପ୍ରଘଟ ହୋଇ ବିଡିଓ, ଏସ୍‌ଡିଓଙ୍କ କାନକୁ ଯାଇଛି । ସେମାନଙ୍କ ଗୋଡ ହାତ ଧରି ସେ ନେହୁରା ହୋଇଛି । ରକ୍ଷା କରିବେ ବୋଲି ସେମାନେ ଆଶ୍ୱାସନା ଦେଇଛନ୍ତି ।

ଏତେ ବଡ ଲୋକ ଭିଡ ଦେଖି ଶ୍ରୀମନ୍ତ ଝାଉଁଳି ପଡିଲା । ଖସିବାର ଉପାୟ ଖୋଜିଲା । ସମସ୍ତେ ସାକ୍ଷୀ ଦେଲେ ତ ଦୋଷ ପ୍ରମାଣିତ ହୋଇଯିବ । ଫୁଲରୀର ବାପାକୁ ଯେତେ ସାକୁଲେଇଲେ ସେ ଶୁଣୁ ନାହିଁ । ଏଠୁ ବଦଳି ହେବାକୁ ତ କିଛି ଦିନ ଲାଗିବ । ଗାଁ ପଞ୍ଚ ତ ୱାର୍ଡମେମ୍ବର ଆଉ ସରପଞ୍ଚ ସମସ୍ତଙ୍କୁ ଧରିଛନ୍ତି, ବିଡିଓ ଓ ଏସ୍‌ଡିଓ ଉପରେ ଚାପ ପକାଉଛନ୍ତି ଯେ ଶ୍ରୀମନ୍ତ ଫୁଲରୀକୁ ବିବାହ କରୁ, ଖଇରା ସମାଜର ଇଜ୍ଜତ ରଖୁ ।

ଶ୍ରୀମନ୍ତ ନିଜକୁ ଖୁବ୍ ଧିକ୍କାର କଲା । କିମିତି ସେ ଫୁଲରୀ ପାଲରେ ପଡିଗଲା କେଜାଣି ? ପୁଣି ଭାବିଲା, ଫୁଲରୀକୁ ସେ ତ ନିଜେ ପାଲରେ ପକାଇଲା । ଝିଅଟାର ମନ କେଡେ ଖୋଲା ମ । ମିଛରେ ନିଜକୁ ଅଭିଆଡା କହିଛି । ଚିକିଟିରେ ସ୍ତ୍ରୀ ଅଛି, ଦୁଇ ବର୍ଷର ପୁଅଟିଏ ଅଛି । ଏ ସବୁ କଥା ସେ ଲୁଚାଇଛି । ଫୁଲରୀକୁ ଆହୁରି ଲୋଭ ଦେଖାଇଛି । ଫୁଲରୀକୁ କହିଛି ସେ ବିଭା ହେବ । ସବୁବେଳେ ଫୁଲରୀକୁ ତାଗିଦ୍ କରିଛି, ଏକଥା ସେ ବାହାରେ କାହାକୁ କହିବ ନାହିଁ । ଏଥର ଗାଁ କୁ ଗଲେ ସେ ବାପା ମାଆଙ୍କୁ ନେଇ ଆସିବ, ବାହା ଘର କଥା ଠିକ୍ କରିଦେବ ।

ଫୁଲରୀକୁ ଯିଏ ପଚାରେ ଫୁଲରୀ ଉତ୍ତର ଦିଏ, ଶ୍ରୀମନ୍ତ ତାକୁ ବିବାହ ହେବ ବୋଲି କଥା ଦେଇଛି । ବିବାହ ପୂର୍ବରୁ ପିଲା ହେଲେ ତା ସମାଜରେ ଘରକୁ ନେବେ ନାହିଁ ବୋଲି ଶ୍ରୀମନ୍ତ କହିଲା, ତେଣୁ ସେ ଗର୍ଭପାତ କରିଛି । ଶ୍ରୀମନ୍ତର ମନ କଥା ଫୁଲରୀ କାହିଁକି ଜାଣିବ ?

ସେ ଦିନ ପଞ୍ଚ ଆଗରେ ଶ୍ରୀମନ୍ତ ମନକଥା କହିଦେଲା, ସେ ବାହା ହୋଇ ପାରିବ ନାହିଁ, ତାର ସ୍ତ୍ରୀ ପିଲାଛୁଆ ଅଛି । ଏତକ କହିବା ପୂର୍ବରୁ ଶ୍ରୀମନ୍ତ ଚାରିଆଡେ ଅନେଇଥିଲା,

ଦେଖିଥିଲା ଫୁଲରୀ ନାହିଁ । ଗଛ ବୁଦା ଆଡେ ଭଲ କରି ଆଖି ବୁଲେଇ ଆଣିଥିଲା । ତଥାପି ପଞ୍ଚର ଜିଦ୍ ସେ ବିଭାହେବ । ସେ ତ ଝିଅଟାକୁ ଖରାପ କରିଛି, ସେ ବିବାହ କରିବ ନାହିଁ ତ ଆଉ କିଏ କରିବ ?

ଶ୍ରୀମନ୍ତର ମୁଣ୍ଡ ବୁଲେଇଦେଲା । କିଛି ଗୋଟାଏ ଉପାୟ ନ କଲେ ସେ ଏଠାରୁ ମୁକୁଳି ପାରିବ ନାହିଁ । ସେ କହିଲା, ଆପଣମାନେ ଯଦି ଏପରି ନିଷତ୍ତି ନେବେ, ମୋର କିଛି କହିବାର ନାହିଁ । କିନ୍ତୁ ମୋ ସ୍ତ୍ରୀ ଆପତ୍ତି କଲେ ମୋ ଚାକିରିରେ ବାଧା ଆସିବ । ଏ ବିଷୟରେ ଆପତ୍ତି କରିପାରେ ମୋ ସ୍ତ୍ରୀ । ତାକୁ ବୁଝାଇ ଶୁଝାଇ ରଖିବାକୁ ପଡିବ । ବାପା ମାଆଙ୍କୁ ମନେଇବାକୁ ପଡିବ ।

ଏମିତି କହି ଏ ଲୋକଟା ଖସିଯିବାକୁ ଚାହୁଁଛି । ପଞ୍ଚର କେତେକ ସଭ୍ୟ ଫୁସୁର ଫାସର ହେଲେ । ଶ୍ରୀମନ୍ତ କହିଲା, ଆପଣମାନେ ମୋତେ ଯଦି ବିଶ୍ୱାସ କରୁନାହାନ୍ତି, ମୁଁ ନାଚାର । ମୁଁ ଗାଁ କୁ ଯାଇ ପାରିବି ନାହିଁ କି ଫୁଲରୀ ସହ ବାହାଘର କଥା ସ୍ଥିର ହୋଇପାରିବ ନାହିଁ । ଜବରଦସ୍ତ ବାହା କଲେ କଣ ଫୁଲରୀ ଭଲରେ ରହିବ ?

ପଞ୍ଚ କଥାଟା ବୁଝିଲା ପରି ମନେ ହେଲା । ନିଷତ୍ତି ହେଲା, ଶ୍ରୀମନ୍ତ ଗାଁ କୁ ଯିବ, ବାପା ମାଆଙ୍କୁ ଆଣି ବିଭାଘର ଠିକ୍ କରିବ ।

ମନେହେଲା, ସମସ୍ତେ ମଞ୍ଜୁର କଲେ ।

ନିଜ ଖୁସିକୁ ଲୁଚାଇ ଶ୍ରୀମନ୍ତ ସିଧା ଛୁଟିଲା ବିଡିଓ ଅଫିସ୍‌କୁ । ତିନି ମାସର ଲମ୍ବା ଛୁଟି ମାଗି ଏକ ଦରଖାସ୍ତ ବିଡିଓ ଅଫିସ୍‌ରେ ପକାଇ ଦେଲା । ସେ ଦରଖାସ୍ତରେ ଛୁଟି କାଳରେ ସେ କେଉଁ ଠିକଣାରେ ଥିବ ଲେଖି ନ ଥିଲା ।

*****

## ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର

ଯେଉଁଦିନ ସତ୍ୟସାଇବାବାଙ୍କ ଦୈବୀଶକ୍ତି ବର୍ଣ୍ଣନା କରି ମଧ୍ୟ ସେ ସମବର୍ଗୀ କ୍ଷେତ୍ରବାସୀ ବାବୁଙ୍କୁ ଭକ୍ତ କରିପାରିଲେ ନାହିଁ ସେହି ଦିନଠାରୁ ତାଙ୍କ ଟେବୁଲ ଉପରେ ଏହି ଲେଖାଟି ରହିଛି । ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର । ଗୋଟିଏ ତ୍ରିଭୁଜାକାର କାଠ ଫଳକ । ପ୍ଲାଷ୍ଟିକ ଇମଲ୍‌ଜନ୍ ପେଣ୍ଟରେ ଲେଖା । କେହି ଲିଭାଇ ପାରିବେ ନାହିଁ ।

ଧର୍ମାନନ୍ଦବାବୁଙ୍କ ଜୀବନରେ ସତ୍ୟସାଇ ବାବା ଖୁବ୍ ସାହାଯ୍ୟ କରିଛନ୍ତି: ଏ କଥା ସେ ଖୋଲାଖୋଲି ସ୍ୱୀକାର କରନ୍ତି । ଜନସାଧାରଣରେ ସତ୍ୟସାଇ ବାବାଙ୍କ ଭଳି ଗଡ୍‌ମେନ୍‌ଙ୍କୁ ପ୍ରଶଂସା କଲେ କେତେ ଲାଭ ତାହା ସେ ଜାଣିଗଲା ପରେ ସେ ତାଙ୍କର ପରମ ଭକ୍ତ ହୋଇପଡିଛନ୍ତି । ଦିନେ ସେ ଲୋକ ଦେଖାଣିଆ ସାଇଭକ୍ତ ଥିଲେ, ସେ କାହାଣୀ ଶୁଣିଲେ କେହି ବିଶ୍ୱାସ କରିବ ନାହିଁ ଯେ ସେ କେବେ ଖାଣ୍ଟି ଭକ୍ତ ହୋଇଯାଇଥିବେ । ସେ ତାଙ୍କ ଆଦ୍ୟ କାହାଣୀ କାହାରିକୁ କହି ନାହାନ୍ତି ।

ଏବେ ତ ବର୍ଷରେ ଥରେ ପଟ୍ଟପୂର୍ତ୍ତି ନ ଗଲେ ଜୀବନ ଅସାର ହୋଇଗଲା ବୋଲି ସେ ଭାବନ୍ତି । ସତ୍ୟ ସାଇ ବାବାଙ୍କୁ ବର୍ଷରେ ଅନ୍ତତଃ ଥରେ ଦର୍ଶନ କରିଦେଲେ ସେ ଆଶ୍ୱସ୍ତି ଅନୁଭବ କରନ୍ତି । ପଟ୍ଟପୂର୍ତ୍ତି ସେ ଯେତେଥର ଯାଆନ୍ତି, ସେତେ ଥର ସେ ଦର୍ଶନି ଦିଅନ୍ତି, ଦଶ ହଜାର ଟଙ୍କାରୁ କମ୍ ନୁହେଁ ।

ଏତେ ଟଙ୍କା ସେ କୁଆଡୁ ଆଣନ୍ତି ଆମେ ପ୍ରଶ୍ନ କରିବା ଉଚିତ ନୁହେଁ । ପ୍ରଶ୍ନଟା ମନ ଭିତରେ ଥିଲେ ବି ଆମକୁ ଉତ୍ତର ମିଳିଯାଏ । ଧର୍ମାନନ୍ଦବାବୁ ନିଜେ ନିଜେ କହି ପକାନ୍ତି, ସତେ ଯେପରି ସେ କାହାକୁ ଉତ୍ତର ଦେଉଛନ୍ତି । ପ୍ରଶାସନିକ ଅଫିସର ତ କମ୍ ଉପୁରିବାଲା । ମୋଟା ଅଙ୍କ ପାଉଥିବା ଇଞ୍ଜିନିଅରମାନେ ପରିବାରର ବିଭିନ୍ନ ଲୋକଙ୍କ ନାମରେ, ଏପରିକି ବେନାମୀ, ଏତେ ବଡ ବଡ କୋଠାବାଡି ତୋଳିଲା ବେଳେ କେହି ତ କାହିଁକି ସେମାନଙ୍କୁ ଧରୁନାହାନ୍ତି ? ମାରିନେଉଥିବା ଲୋକଙ୍କ ସଂଖ୍ୟା ତୁଳନାରେ ଧରାହେଉଛନ୍ତି କେତେ ? ଏଆର୍‌କଣ୍ଡିସନ୍‌ଡ୍ କାର୍ କିଣିବା କଥା କହୁନାହିଁ । ସେ ତ ସାଧାରଣ ଲୋକେ ବି ରଖିଲେଣି । କେତେ ବଡ ବଡ କୋଠା କରି ଲୋକେ କଲେଜ ଖୋଲି ପକାଉଛନ୍ତି । ଏବେ ତ ବିଶ୍ୱବିଦ୍ୟାଳୟ ଗଢୁଛନ୍ତି । କଳା ଧନକୁ ଧଳା କଲାବେଳେ କୋଉ ଭିଜିଲାନ୍ସ ସେମାନଙ୍କୁ ଧରୁଛି ? ସେମାନେ ଏତେ ପଇସା କେଉଁଠୁ ଯୋଗାଡ କରନ୍ତି ? ବେଙ୍କ ଋଣ ସହଜରେ ମିଳୁଛି ବୋଲି କଣ ଆବଶ୍ୟକ ପରିମାଣର ଋଣ ମିଳେ ? ଏତେ ବୁଝାଇ ସାରିଲା ପରେ ଶେଷରେ ଧର୍ମାନନ୍ଦବାବୁ

ତାଙ୍କ ଦର୍ଶନ ଶୁଣାନ୍ତି । ଯଦି କିଛି ଉପୁରି ମିଳୁଛି, ଧର୍ମକାମରେ ଲଗାଇ ଦିଅ । ପାଖରେ ଥିବ ଯେ ଭିଜିଲାନ୍ସ ଧରି ପକାଇବ ! ସବୁଠୁ ବଡ ଭିଜିଲାନ୍ସକୁ ତ ପଇସା ଦେଲ, ଧରିବ କିଏ ?

ଧର୍ମାନନ୍ଦବାବୁ ଏମିତି ଆଉ କେତେଗୁଡିଏ ନିୟମ ତିଆରି କରିଛନ୍ତି । ଏଭଳି ନିୟମାନୁବର୍ତ୍ତୀ ଅଫିସର ଉପରୁ ଉପରକୁ ଉଠିବ ନାହିଁ ତ ଉଠିବ କିଏ ?

ସେ ପୁରାଣରେ କାହାଣୀ ପଢିଛନ୍ତି । ପୁରାକାଳରେ ରାଜାଙ୍କ ଦୂତମାନେ ଯୁଦ୍ଧକ୍ଷେତ୍ରରୁ ଖବର ଆଣୁଥିଲେ । ଯଦି ଦୂତ ସୁହାଇଲା ଭଳି ଖବର, ସୁ-ଖବର ନ ହେଉ, ଆଣିଲା, ସେ ପୁରସ୍କୃତ ହେଉଥିଲା । ମଣିମୁକ୍ତା, ସୁନାରୁପା ଥୋଡାଏ ପାଉଥିଲା । ଯେଉଁ ଦୂତ ଖରାପ ଖବର ଆଣୁଥିଲା, ରଜା ଗର୍ଜି ଉଠୁଥିଲେ, କିଏ ଅଛରେ ? ଯାର ମୁଣ୍ଡକୁ ଗଣ୍ଡିରୁ ଅଲଗା କରିଦିଅ ।

ଏବେ ବି ସେହି ରୀତି । ଖାଲି ରାଜା ବଦଳରେ ମନ୍ତ୍ରୀ; ଆଉ କିଛି କିଛି ପରିମାଣରେ ରାଜୁତା ଗୁଣକୁ ଅଭ୍ୟାସରେ ପକାଇଥିବା କେତେକ ଉପରିସ୍ଥ ଅଧିକାରୀ । ସେମାନେ ଯାହା ଚାହାନ୍ତି ବା ଚାହୁଁଛନ୍ତି ବୋଲି ଭାବନ୍ତି, ତାହା ଅଧସ୍ତନ କର୍ମଚାରୀମାନେ ପୂରଣ କରିବେ ବୋଲି ସେମାନେ ଆଶା କରନ୍ତି । ଯେଉଁ ଅଧସ୍ତନ କର୍ମଚାରୀ ପୂରଣ କରିପାରିଲା ସେ ହେଲା ସିକନ୍ଦର, ପାଇଲା ପଦୋନ୍ନତି, ପାଇଲା ଇନ୍‌କ୍ରିମେଣ୍ଟ, ବଢିଲା ତାର ଦରମା । ନଥିରେ ସୁହାଇବା ଭଳି ଟିପ୍ପଣୀ ଯିଏ ନ ଦେଇପାରିଲା ସେ ବେଶି ଦିନ ତିଷ୍ଠେ ନାହିଁ । ତାର ପଦଚ୍ୟୁତି ହୁଏ, ତାର ବଦଳି ହୁଏ । ସେ ପଇସାଥିବା ପଦବିରୁ ତଡାଖାଏ । ତାର ଉନ୍ନତି ନାହିଁ । କେତେକ କର୍ମଚାରୀଙ୍କ ପାଇଁ ପଇସା ଥିବା ପଦବିରୁ ତଡା ଖାଇବା ଏକ ପ୍ରକାରର ମୃତ୍ୟୁ । ଉପୁରିଥିବା ପଦବି କିଏ ଛାଡେ ? ଏ ଦିଗରେ ସାଇବାବା ଅନେକ ଭକ୍ତଙ୍କୁ ବେଶ୍ ସାହାଯ୍ୟ କରିଛନ୍ତି ବୋଲି ଧର୍ମାନନ୍ଦବାବୁ ଉଦାହରଣ ଦିଅନ୍ତି ।

ଧର୍ମାନନ୍ଦ ବାରିକ ଛାତ୍ର ଥିଲାବେଳେ ଗଡ୍‌ମେନ୍‌ଙ୍କ ବିରୋଧୀ ଥିଲା । ଚାକିରିର କିଛି ଦିନ ଭିତରେ ଧର୍ମାନନ୍ଦ 'ବାବୁ' ଡାକରେ 'ବାରିକ' ଉପାଧି ହଜାଇଦେଲା । ସର୍ବନାମ 'ତାର' ନ ହୋଇ 'ତାଙ୍କର' ହେଲା । ବାବୁ ଡାକ ବଜାୟ ରଖିବା ଲାଗି ସାଇବାବାଙ୍କ ପ୍ରତି ଶ୍ରଦ୍ଧା କିପରି କାମ କରେ ସେ ଚାକିରି ଆରମ୍ଭରେ ଜାଣିଗଲେ ।

୨୦ ବର୍ଷ ତଳର କଥା । ବାଲେଶ୍ୱର ଜିଲ୍ଲା ରେମୁଣା ପ୍ରଗଣାର ଶ୍ରୀକୋଣା ଗ୍ରାମରେ ବନ୍ଦୋବସ୍ତ ଶିବିର ପଡିଥାଏ । ସେଠାରେ ଶିକ୍ଷାନବୀଶ ଓଏଏସ୍ ଅଫିସର୍ ଭାବେ ଧର୍ମାନନ୍ଦ ବାରିକର ପୋଷ୍ଟିଂ । ତମ୍ବୁ ପକାହୋଇ ତଳେ ସତରଞ୍ଜି, ସେଇଟା ଅଫିସ୍ । ଯେଉଁ ଦିନୁ ସେ ତାଲିମ୍ ପାଇଁ ଏଠି ପହଞ୍ଚିଲାଣି ସେ ଦିନଠାରୁ ସେ ଲକ୍ଷ୍ୟ କରି ଆସିଛି; ଚେନ୍‌ମ୍ୟାନ୍‌ଠାରୁ ଆରମ୍ଭ କରି ଚାର୍ଯ ଅଫିସର୍ ପର୍ଯ୍ୟନ୍ତ ସମସ୍ତେ ତମ୍ବୁ ଭିତରଟାକୁ ସଜାଇବାରେ ବ୍ୟସ୍ତ ! ଦିନେ ତ ଧର୍ମାନନ୍ଦ ତାଙ୍କ ଉପର ହାକିମ ହେବ ! ସେତେବେଳେ ଏମାନେ ସୁଧ ମୂଳ ସବୁ ଉଠାଇ ପାରିବେ, ଏ ଆଶା ଏମାନେ ରଖିଛନ୍ତି ।

ସେତେବେଳେ ବନ୍ଦୋବସ୍ତ କାମ କରୁଥିବା ଅମିନ, ଚେନ୍‌ମାନ୍ ଆଦି ତଳିଆ କର୍ମଚାରୀମାନେ ମାସିକିଆ ବେତନ ପାଉ ନ ଥିଲେ, ପାଉଥିଲେ ମଜୁରି । ମାସକୁ କେତେ କାମ କରିବା କଥା, ଯଥା, ଅମିନ ଜଣେ ମାସକୁ କେତେ ପ୍ଲଟ୍ ସାରିପାରିବ, ତାର ମାନ ବା ୟାର୍ଡଷ୍ଟିକ୍‌ରେ ମାସର ମଜୁରି ମିଳୁଥିଲା । ମାନ ଅନୁସାରେ କାମ ଶତକଡା ଯେତେ କମ୍ ହେବ ମଜୁରି ସେତିକି କମୁଥିଲା । ପାରିଶ୍ରମିକ ଯେ ପରିବାର ଭରଣ ପୋଷଣ ପାଇଁ ଯଥେଷ୍ଟ ହେଉ ନ ଥିଲା, କହିବା ବାହୁଲ୍ୟ ମାତ୍ର । ଜମିବାଡିର କାଗଜାତ ଗଣ୍ଡଗୋଳିଆ ଥିଲେ ଲୋକେ ସହଜରେ ହାତଗୁଞ୍ଜା ଦେବେ, ଏ ସତ୍ୟ ବନ୍ଦୋବସ୍ତ କର୍ମଚାରୀଙ୍କଠାରୁ ବେଶି କିଏ ଜାଣେ ? ପ୍ରକାରାନ୍ତରେ କାହାଠାରୁ ଆଦାୟ କରିବାର ଥିଲେ ତା କାଗଜ ପତ୍ରକୁ ଗଣ୍ଡଗୋଳିଆ କରି ଦିଅନ୍ତି ।

ସେ ସମୟରେ ଅଭିଯୋଗ ହେଲା ଯେ ଶ୍ରୀକୋଣାର ବନ୍ଦୋବସ୍ତ ଶିବିରରେ ବ୍ୟାପକ ଜାଲିଆତି ଓ ଲାଞ୍ଚ କାରବାର ହୋଇଛି । ଖବରକାଗଜରେ ବଡ ବଡ ଅକ୍ଷରରେ ଶିରୋନାମା ଥାଇ ସମ୍ବାଦ ବାହାରିଲା । ସେ ଦିଗରେ ଧର୍ମାନନ୍ଦର ଧ୍ୟାନ ନ ଥିଲା । ଏମିତି କଣ ମାମୁଲି ଘଟଣା ଘଟୁଛି ବୋଲି ସେ ଜାଣେ ଏବଂ ବନ୍ଦୋବସ୍ତ କାମରେ ଲାଞ୍ଚମିଛ ଲୋକଙ୍କ ଅସ୍ଥିମଜ୍ଜାଗତ ହୋଇଯାଇଛି ବୋଲି ଭାବିଥାଏ ।

ଲାଗ ଲାଗ ଖବରକାଗଜରେ ବାହାରିଲା । ଧର୍ମାନନ୍ଦକୁ ବଡ ଖରାପ ଲାଗିଲା । କେତେଟା ଖରାପ ଚେନ୍‌ମାନ୍ କି ଅମିନ ବାହାର କରନ୍ତୁ ବୋଲି ଚାର୍ଯ ଅଫିସର୍‌ଙ୍କୁ ଥରେ ଦି ଥର କହିଥିଲା । ଏମିତି ନିତିଦିନିଆ କାରବାର ଭିତରେ ଦିନେ ଧର୍ମାନନ୍ଦ ଦେଖେ ଯେ ଶିବିର ଭିତରେ ଗୋଟିଏ ନୂଆ ଚେଆର୍ ପଡିଲାଣି । ତା ଉପରେ ସାଇବାବାଙ୍କ ଫଟୋ ରଖା ହୋଇଛି, ସମସ୍ତେ ଶିବିରରେ ପହଞ୍ଚିଲାକ୍ଷଣି ଧୂପ ଦୀପ ଦେଇ ପୂଜା କରୁଛନ୍ତି ।

ଧର୍ମାନନ୍ଦ ଆଶ୍ଚର୍ଯ୍ୟ ହେଲା । କଥା କଣ ବୋଲି ପଚାରିଦେଲା । ତା ପ୍ରଶ୍ନ ସମସ୍ତଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା । କିନ୍ତୁ ଉତ୍ତର ଦେବାକୁ କେହି ଚାହୁଁ ନ ଥିଲେ କିମ୍ବା କାହାର ଯେପରି ସମୟ ନ ଥିଲା । ଧର୍ମାନନ୍ଦକୁ ସେବା କରୁଥିବା ଚେନ୍‌ମାନ୍ ଟି ତା କାନ ପାଖରେ ମୁହଁ ଗେଞ୍ଜି ଫୁସ୍‌ଫୁସ୍ କରି କହିଲା, ସାର୍, ଆପଣ କାହିଁକି ତା ଭିତରେ ମୁଣ୍ଡ ପୂରୋଉଛନ୍ତି ?

କିରେ ଏ ସବୁ କଣ କରୁଛ ? ଆଉ ଥରେ ସେ ଅମିନ ଦୁହିଁଙ୍କୁ ପ୍ରଶ୍ନ କଲା । ପ୍ରଥମ ଅମିନଟି ପୋଖତ ଲୋକ, ସେ କିଛି ନ ଶୁଣିଲା ପରି ରହିଗଲା । ନୂଆ ଅମିନଟି କହିଲା, ଆଜି ଉପରବେଳା ଏସୋ ସାର୍ ଆସିବେ ପରା ।

ସେଟଲ୍‌ମେଣ୍ଟ ଅଫିସରକୁ ଦୀର୍ଘ କରି ଏସ୍‌ଓ କହିବା ପରିବର୍ତ୍ତେ ସେ ସହଜରେ ଏସୋ କହିଥାଏ । ସେଟା ବୁଝିଥିଲେ ବି ଧର୍ମାନନ୍ଦ ସାଇବାବା ପୂଜାର କାରଣ ବୁଝି ପାରିଲା ନାହିଁ । ଏସ୍‌ଓ ଆସିବେ ତ ଚାର୍ଯ ଅଫିସର୍ ସତ୍ୟ ସାଇ ବାବା ଫଟୋକୁ ହଠାତ୍ ଶିବିରରେ କାହିଁକି ସ୍ଥାପନ କଲେ ? ଅଫିସ୍ ଭିତରେ ପୂଜା କରିବା କଣ ଦରକାର ?

ଚାର୍ଯ ଅଫିସର୍ ଏ ପୂଜାର ବନ୍ଦୋବସ୍ତ କରିଛନ୍ତି ଏବଂ କହିଛନ୍ତି ଏ କ୍ୟାମ୍ପର ସବୁ କର୍ମଚାରୀ ସାଇ ବାବାଙ୍କ ପୂଜାରେ ଯୋଗଦେବେ । ଏ ପ୍ରକାରର ଉତ୍ତରରେ ଧର୍ମାନନ୍ଦ ଚୁପ୍ ।

ସେଟଲ୍‌ମେଣ୍ଟ ଅଫିସର୍ ଅପରାହ୍ଣରେ ପରିଦର୍ଶନ କରିବେ, ଚାର୍ଯ ଅଫିସର୍ ସମସ୍ତଙ୍କୁ ଜଣାଇଦେଲେ । ଧର୍ମାନନ୍ଦ ସତ୍ୟସାଇ ବାବାଙ୍କ ବିଷୟରେ ଶୁଣିଥିଲେ ହେଁ ଏତେ ଆଗ୍ରହ ଦେଖାଇ ନ ଥିଲା । ବିଭିନ୍ନ କର୍ମଚାରୀଙ୍କ ଭିତରେ ବଡ ଉତ୍ସାହ ଦେଖି ସେ ଅଭିଭୂତ ହୋଇପଡିଲା । ଜାଣିଲା, ଖୋଦ୍ ଏସ୍‌ଓ ସାଇବାବାଙ୍କ ଭକ୍ତ । ବର୍ଷରେ ଅନ୍ତତଃ ଥରେ ସେ ପୁଟ୍ଟପର୍ତ୍ତି ଯାଆନ୍ତି, ସାଇବାବାଙ୍କ ବିଭୂତି ଘେନି ଫେରନ୍ତି । ସାଇବାବାଙ୍କ ପାଦସ୍ପର୍ଶରେ ସେ ଧନ୍ୟ ହୁଅନ୍ତି । ସେଟଲ୍‌ମେଣ୍ଟ କ୍ୟାମ୍ପରେ ସାଇବାବା ବିଜେ ହୋଇଛନ୍ତି ଦେଖିଲେ ସେ କେତେ ଖୁସି ନ ହେବେ !

ଧର୍ମାନନ୍ଦର ଉତ୍ସୁକତା ବଢିଗଲା । ସେ ସାଇବାବାଙ୍କ ଫଟୋ ଆଡେ ସବୁବେଳେ ଚାହିଁ ରହିଲା । ସାଇବାବା କିପରି ବିଜେ କରୁଛନ୍ତି ଜାଣିବା ତାର ଉଦ୍ଦେଶ୍ୟ ହୋଇଗଲା ।

ସାଇବାବାଙ୍କ ଆଶୀର୍ବାଦ ପାଇବାର ସବୁଠୁ ବଡ ଚିହ୍ନ ହେଉଛି ବାବାଙ୍କ ଫଟୋରୁ ଶୂନ୍ୟେ ଶୂନ୍ୟେ ବିଭୂତି ଝରିବା । ଶୁଦ୍ଧ ଭକ୍ତି ନ ଥିଲେ ଏ ଅଦ୍ଭୁତ ଘଟଣା ଘଟେ ନାହିଁ, ସମସ୍ତେ ଏକା ସ୍ୱରରେ କହିଲେ ।

ସେ ଲକ୍ଷ୍ୟ କଲା, ଚାର୍ଯ ଅଫିସର ସାଇବାବାଙ୍କ ପୂଜା ଅର୍ଚ୍ଚନାରେ ଅନଭିଜ୍ଞ । ସକାଳୁ ସକାଳୁ ସେ ବାଲେଶ୍ୱରର ଜଣାଶୁଣା ସାଇଭକ୍ତ ପ୍ରଫୁଲ୍ଲ ସାମନ୍ତରାୟଙ୍କୁ ଡକାଇ ସାରିଛନ୍ତି । ତାଙ୍କ ତତ୍ତ୍ୱାବଧାନରେ ସାଇବାବାଙ୍କ ଫଟୋ ସ୍ଥାପନ କରାଗଲା । ସାଇବାବାଙ୍କ ପୂଜା କିପରି ହୁଏ ଧର୍ମାନନ୍ଦ କେବେ ଦେଖି ନ ଥିଲା । ସାଇବାବାଙ୍କ ପୂଜା ଅର୍ଚ୍ଚନାରେ ଚାର୍ଯ ଅଫିସରଙ୍କ ତତ୍ପରତାର ଏକମାତ୍ର କାରଣ ଥିଲା, ସେଟଲମେଣ୍ଟ୍ ଅଫିସର୍ ଖୁସିହେବେ । ଉପରିସ୍ଥ ଅଧିକାରୀ ଖୁସିହେଲେ କେବଳ ଦୋଷତ୍ରୁଟି ମାର୍ଜନା ହୋଇଯାଏ ନାହିଁ, ଚରିତ୍ର ପଞ୍ଜିକା ଉତ୍ତମ ହୋଇ ଉପରକୁ ଉଠିବାର ମାର୍ଗ ସଫା ହୋଇଯାଏ । ଏ କଥା ଧର୍ମାନନ୍ଦ ସେ ଦିନ ଏତେ ଭଲ ବୁଝି ନଥିଲା, ୨୦ ବର୍ଷ ଚାକିରି ଭିତରେ ବୁଝିଗଲାଣି ।

ଧର୍ମାନନ୍ଦ କଣ ଦେଖୁଛି ନ ଜଣାଇ ପରୋକ୍ଷରେ ବାଲେଶ୍ୱରରୁ ଆସିଥିବା, ସାଇଭକ୍ତ ଭାବେ ପ୍ରସିଦ୍ଧି ଲାଭ କରିଥିବା, ଶ୍ରୀ ସାମନ୍ତରାୟ ନାମକ ବ୍ୟକ୍ତିଟି କଣ କରୁଛନ୍ତି ତା ପ୍ରତି ଲକ୍ଷ୍ୟ ରଖୁଥିଲା ।

ଶ୍ରୀ ସାମନ୍ତରାୟ ବେଶ୍ ବୟସ୍କ । ଅନ୍ୟମାନଙ୍କ କଥାବାର୍ତ୍ତାରୁ ତାଙ୍କ ପରିଚୟ ପାଇଗଲା । ତିନି ବର୍ଷ ତଳେ ସେ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ଭାବେ ଅବସର ନେଇଛନ୍ତି । ଫଟୋକୁ ସଜାଇବାରେ ସେ ବେଶ୍ କିଛି ସମୟ ନେଲେ । ଧର୍ମାନନ୍ଦର ମନେ ହେଲା ସେ କାହାକୁ ପାଖରେ ରଖାଇ ଦେଉ ନାହାନ୍ତି । ଏଣୁ ତେଣୁ କାମ ଦେଇ ପଠାଇ ଦେଉଛନ୍ତି ।

ତେଣେ ଫଟୋ ସାଙ୍ଗରେ କାରବାର କରୁଛନ୍ତି । ଫଟୋର ଆଗ ପଛ ଉଭୟ ପାଖରେ ଶୁଦ୍ଧ ଗୁଆ ଘିଅ ବୋଳିଲେ । ଅଳ୍ପ କିଛି ମହୁ ଛିଟିକା ପକାଇ ତା ଉପରେ କିଛି ପାଉଁଶ ଛିଞ୍ଚିଲେ । ଫଟୋକୁ ଗୋଟିଏ ନାଲି କନାରେ ଗୁଡାଇ ଦେଲେ । ସାଇବାବା ଆଉ ନଗ୍ନ ହୋଇ ରହିଲେ ନାହିଁ, ଏ ସତ୍ୟ ଜଣାଇବା ଲାଗି ।

ଭଲ ବାସନାବାଲା ଧୂପ ବତି କେତୋଟି ଜଳାଇ ଆଳତି କଲେ । ସବୁ କର୍ମଚାରୀଙ୍କୁ ଡାକି ସାଇବାବାଙ୍କ ପ୍ରାର୍ଥନା କିପରି କରାଯାଏ ବୁଝାଇଦେଲେ । ସାଙ୍ଗେ ସାଙ୍ଗେ ରିହର୍ସାଲ୍ ବି କରାଇଦେଲେ । ମୁଖସ୍ଥ ନ ଥିବା ଗୀତଟିକୁ ଗାଇବାରେ ଧର୍ମାନନ୍ଦ କାହିଁକି ବା ପଛରେ ପଡିବ ! ସେ ପାଟି ପାକୁ ପାକୁ କରି ସମସ୍ତଙ୍କ ସାଙ୍ଗରେ ତାଳ ଦେଇଥିଲା ।

ସେ ଦିନ ଅପରାହ୍ନ ଚାରିଟାରେ ସେଟ୍‌ଲମେଣ୍ଟ ଅଫିସର ରେବତୀ ରଞ୍ଜନ ପଟ୍ଟନାୟକ ଶ୍ରୀକୋଣା କେମ୍ପରେ ପହଞ୍ଚିଲେ । ରାସ୍ତା ଉପରୁ ଚାର୍ଯ ଅଫିସର ବେହେରା ବାବୁ ତାଙ୍କୁ ପାଛୋଟି ଆଣିଲେ । ସଡକରୁ ତମ୍ବୁ ପର୍ଯ୍ୟନ୍ତ ଗୋଟିଏ ଛୋଟ ରାସ୍ତା କରା ହୋଇଥାଏ, ତା ଦୁଇପଟେ ଧଳା ଚୂନ ପକାଇ ରାସ୍ତାର ଚିହ୍ନଟ କରାଯାଇଥାଏ । ଧଳା ଗାର ଉପରେ ବାଉଁଶ ପାତିଆ ପୋତି ସେଗୁଡିକୁ ସୂତା ବାନ୍ଧି ବାଡ ଭଳି କରାହୋଇଥାଏ । ପ୍ରତି ପାତିଆ ଖୁଣ୍ଟରେ କାଗଜ ପତାକା ଉଡୁଥାଏ । ସେ ରାସ୍ତାରେ ସେଟ୍‌ଲମେଣ୍ଟ ଅଫିସର ଗଲାବେଳେ ବେଶ୍ ଖୁସି ଜଣାଯାଉଥାନ୍ତି । ତମ୍ବୁ ଭିତରେ ପଶିଛନ୍ତି କି ନାହିଁ ଚାର୍ଯ ଅଫିସର୍ ପ୍ରଥମେ ତାଙ୍କୁ ପରିଚୟ କରାଇଦେଲେ ଶ୍ରୀ ସାମନ୍ତରାୟଙ୍କ ସହିତ । ଅତି ସାଙ୍ଗ ଭଳି ସେଟ୍‌ଲମେଣ୍ଟ ଅଫିସର୍ ସାଇସାଧକଙ୍କୁ କୁଣ୍ଢାଇ ପକାଇଲେ । ସତେ ଯେପରି ବହୁ ଦିନର ହଜିଲା ସାଙ୍ଗକୁ ଏବେ ଚିହ୍ନି ପାରିଛନ୍ତି । ବେଶ୍ କିଛି ସମୟ ଆଲିଙ୍ଗନରେ କଟିଗଲା । ବନ୍ଧନର ନିବିଡତା ଓ ଅବଧି ଲକ୍ଷ୍ୟ କରି ଚାର୍ଯ ଅଫିସର ବେଶ୍ ଉଲ୍ଲସିତ ହୋଇ ପଡିଲେ । ଏହାହିଁ ସଫଳତାର ମୂଳ ବୋଲି ପରେ ଧର୍ମାନନ୍ଦକୁ ଚାର୍ଯ ଅଫିସର କହିଥିଲେ ।

କିନ୍ତୁ ସେଦିନ ସେଟ୍‌ଲମେଣ୍ଟ ଅଫିସର୍ କୌଣସି ସରକାରୀ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସାଇବାବାଙ୍କ ଫଟୋ ଆଗରେ ପ୍ରାର୍ଥନା ସଭାରେ ବସିଗଲେ । ପ୍ରାର୍ଥନା ସରିଲା । ଶ୍ରୀ ସାମନ୍ତରାୟଙ୍କ ପୂଜା କରିବାର ଢାଞ୍ଚା ତାଙ୍କ ନିଷ୍ଠାର ପରିଚୟ ଦେଉଥିଲା । ଧର୍ମାନନ୍ଦର ମନେ ହେଲା ଏଭଳି ତନ୍ମୟ ହୋଇ ପୂଜା କଲେ ଯେ କୌଣସି ବ୍ୟକ୍ତି ଫଳ ପାଇବ ।

ସମସ୍ତେ ପ୍ରାର୍ଥନାର ପ୍ରଥମ କେତୋଟି ବାକ୍ୟକୁ ଦୋହରାଇବାରେ ଲାଗିଗଲେ । ଏକାଥରକେ ଗୋଛାଏ ଅଗରବତି ଲଗାଇ ଶ୍ରୀ ସାମନ୍ତରାୟଙ୍କ ଆଳତି କଲେ, ଆଳତିର ଶିଖା ସବୁବେଳେ ଫଟୋର ତଳ ଅଂଶରେ ରହିଲା । ଆଳତି ଉପରକୁ ନ ଉଠି ଫଟୋର ତଳ ଧାରରେ ବୁଲିଲା । ସେ ଯେତେ ଶୀଘ୍ର ଶୀଘ୍ର ଆଳତି ବୁଲାଉଥାନ୍ତି କର୍ମଚାରୀମାନେ ସେତେ ଉଚ୍ଚ ସ୍ୱରରେ ଏବଂ ସେତେ ଶୀଘ୍ର ଶୀଘ୍ର ପ୍ରାର୍ଥନାଗୀତ ଗାଉଥାଆନ୍ତି ।

ଧୂପ କାଠି ଜଳି ଜଳି ସରି ଆସିବା ବେଳକୁ ଫଟୋ ତଳେ ଶ୍ରୀ ସାମନ୍ତରାୟଙ୍କ

ହାତ ଲମ୍ବିଗଲା, ତାଙ୍କ ହାତରେ ଟୋପା ଟୋପା ବୋହୁଥିବା ବିଭୂତି ପଡିଲା, ଟିକିଏ ଟିକିଏ ବାଣ୍ଟି ନେବାକୁ ଆଖି ବୁଲାଇ ସମସ୍ତଙ୍କୁ ଇଙ୍ଗିତ ଦେଲେ ।

ସେ ଦିନ ସେଟଲ୍‌ମେଣ୍ଟ ଅଫିସର୍ ଯାହା ଅଫିସ୍ କାମ କଲେ ତାହା ତାଙ୍କ ହେଡ୍‌କ୍ୱାର୍ଟର୍ସ ବାରିପଦାରେ ଥାଇ କରିପାରିଥାନ୍ତେ । କେମ୍ପର ଖାତା ପତ୍ର ଦେଖିଲେ । ଚାର୍ଯ ଅଫିସର୍ ଡକାଇ ଆଣିଥିବା ତିନି ଚାରି ଜଣ ଲୋକଙ୍କ ଆପତ୍ତିର କାଗଜାତ ଯାଞ୍ଚ ପରତାଳ କଲେ । ତାଙ୍କ ଆଗରେ ଥାଳିରେ ଛେନା, କଦଳି, କାଜୁବାଦାମ, ସିଙ୍ଗଡା ଥୁଆ ହେଲା । ସେ ଧୀରେ ଧୀରେ ସେଗୁଡିକୁ ସାରିଦେଲେ । ଗତ ମାସକର ଯାହା କିଛି କାମ ହୋଇଛି ତାର ଏକ ରିପୋର୍ଟ ମାଗିନେଲେ ।

ଧର୍ମାନନ୍ଦ ଖବର ନେଲା, ଶ୍ରୀକୋଣା କେମ୍ପରେ ଜାଲିଆତି ଓ ଲାଞ୍ଚ କାରବାରର ପ୍ରମାଣ ମିଳିଲା ନାହିଁ । ସେହି ମର୍ମରେ ସେଟ୍‌ଲ୍‌ମେଣ୍ଟ୍ ଅଫିସର୍ ବୋର୍ଡ ଅଫ୍ ରେଭେନ୍ୟୁକୁ ରିପୋର୍ଟ ଦେଇଥିଲେ ।

ସେ ଦିନ ଧର୍ମାନନ୍ଦ ଗୁଡାଏ ଧୂପର ତାପରେ ଫଟୋରେ ଲେପା ହୋଇଥିବା ଘିଅ ମହୁ ତରଳିଥିବା ଓ ତହିଁରେ ମିଶିଥିବା ପାଉଁଶ ବୋହି ଆସିଥିବା ଦେଖିଥିଲା । କିନ୍ତୁ ସେ ବେଶି ପ୍ରଭାବିତ ହୋଇଥିଲା ସାଇବାବା କେମ୍ପର ଅନୁଗାମୀ ହେବାର ଫଳ ଦ୍ୱାରା । ଗତ କୋଡିଏ ବର୍ଷର ଅଭିଜ୍ଞତା ଧର୍ମାନନ୍ଦ ବାରିକ ବନାମ ଧର୍ମାନନ୍ଦ ବାବୁଙ୍କ ସାଇଭକ୍ତିକୁ ଏପରି ବେଶ୍ ବଢାଇ ଦେଇଛି ଯେ ସେ କାହାରି ଅବିଶ୍ୱାସକୁ ଖାତିର କରନ୍ତି ନାହିଁ । ଅଙ୍ଗୁଳି ଦେଖାଇ ଦିଅନ୍ତି ତାଙ୍କ ଟେବୁଲ ଉପରେ ରଖା ହୋଇଥିବା ତ୍ରିଭୁଜାକାର ପଟିରେ ଲେଖାକୁ: ବିଶ୍ୱାସେ ମିଳଇ ହରି ତର୍କେ ବହୁ ଦୂର ।

*****



ଜ୍ଞାନଯୁଗ ପବ୍ଲିକେଶନ
ଭୁବନେଶ୍ୱର

ISBN 81 87781 61 0
9788187781615